# ଧରିତ୍ରୀ
DHARITRI

ରବିବାର, ଏପ୍ରିଲ ୧୨/୨୦୨୦ (୧୬ ପୃଷ୍ଠା) | Sunday, April 12/2020

୪୬ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପୁଣି ଟ୍ରୋଲ୍ ହେଲେ ଉର୍ବଶୀ**

ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲା ସୋସିଆଲ ମିଡିଆ ଆକାଉଣ୍ଟରେ ସିଦ୍ଧାର୍ଥ ମାଲହୋତ୍ରାଙ୍କ ବାର୍ତ୍ତାର ଅବିକଳ କପି କରି ଟ୍ରୋଲ ହୋଇଛନ୍ତି।

୦୭

୧୬

**ନୂଆ ଭୂମିକାରେ ଫୁଟ୍‌ବଲର ଭିନିଥ୍**

କୋଭିଡ୍-୧୯ ବିରୋଧରେ ଚାଲିଥିବା ଲଢ଼େଇରେ ନିଜକୁ ସାମିଲ କରିଛନ୍ତି ଫୁଟ୍‌ବଲର ସି.ଏସ୍. ଭିନିଥ୍।



## ଆଉ ୪ କରୋନା ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର,୧୧।୪**

ରାଜ୍ୟରେ ଶନିବାର ରାତିରେ ଆଉ ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହିତ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୪ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରୁ ୧୨ଜଣ ଆରୋଗ୍ୟ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲରେ ୪୧ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩୫ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଶନିବାର ଚିହ୍ନଟ ୪ ସଂକ୍ରମିତଙ୍କ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ତେବେ ବିଭାଗ ୱେବ୍‌ସାଇଟ୍‌ରେ ପ୍ରଥମେ ତାରିଖକୁ ନେଇ ଦ୍ୱନ୍ଦ୍ୱ ଉଠିଥିଲା। ଏଥିରେ ଏପ୍ରିଲ ୧୧ର ତଥ୍ୟ ବଦଳରେ ୧୦ ତାରିଖ ବୋଲି ଉଲ୍ଲେଖ ହୋଇଥିଲା। କିଛି ସମୟ ପରେ ଏହାକୁ ବୈଷୟିକ ତ୍ରୁଟି ଦର୍ଶାଇ ସଂଶୋଧନ କରାଯାଇଥିବା ବିଭାଗ ପକ୍ଷରୁ ଟୁଇଟ୍ କରି କୁହାଯାଇଥିଲା।

## ବିଶୋଧିତ ହେଲା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ



ଅଗ୍ନିଶମ ବାହିନୀ କର୍ମଚାରୀମାନେ ଶନିବାର ଶ୍ରୀମନ୍ଦିରର ସିଂହଦ୍ୱାର ସମ୍ମୁଖକୁ ବିଶୋଧନ କରୁଛନ୍ତି।

**ପୁରୀ ଅଫିସ,୧୧।୪**

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। କିପରି ଏହି ମାରାତ୍ମକ ଭୂତାଣୁ ନ ବ୍ୟାପିବ ସେଥିଲାଗି ସାମାଜିକ ଦୂରତା ଏବଂ ବିଶୋଧୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ପୂର୍ବରୁ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ସାନିଟାଇଜ କରାଯାଇଥିବାବେଳେ ଶନିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ସିଂହଦ୍ୱାର ସମ୍ମୁଖ ରାସ୍ତା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ଗଛ ଆଦିକୁ ବିଶୋଧନ କରାଯାଇଛି। ସିଂହଦ୍ୱାରଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାକୁ ମଧ୍ୟ ବିଶୋଧୀକରଣ କରାଯାଇଛି। ସକାଳେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ୨ଟି ଦମକଳ ଗାଡ଼ିରେ ଏହିସବୁ ଅଞ୍ଚଳରେ ସୋଡିୟମ ହାଇପୋକ୍ଲୋରାଇଟ୍ କେମିକାଲଯୁକ୍ତ ସ୍ପ୍ରେ କରିଛନ୍ତି। ଜିଲା ଅଗ୍ନିଶମ କେନ୍ଦ୍ର ଏବଂ ସିଂହଦ୍ୱାର ଅଗ୍ନିଶମ ବାହିନୀର ପ୍ରାୟ ୨୦ଜଣ କର୍ମଚାରୀ ଏଥିରେ ସାମିଲ ଥିଲେ। ଜିଲା ଅଗ୍ନିଶମ କେନ୍ଦ୍ରର ପ୍ରଦୀପ କୁମାର ରାଉତ ଏବଂ ସିଂହଦ୍ୱାର ଅଗ୍ନିଶମ ବାହିନୀର ମନୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏହି ବିଶୋଧନ କରାଯାଇଥିଲା।

# ଲକ୍‌ଡାଉନ ବଢ଼ାଇବାକୁ ସହମତି

## ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

**ନୂଆଦିଲ୍ଲୀ,୧୧।୪(ପି.ଟି.)**

ଦେଶରେ କରୋନା ସଂକ୍ରମଣ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ଏହି ଅବସରରେ ଦେଶବ୍ୟାପୀ ଲକ୍‌ଡାଉନ ସମୟସୀମା ଆଉ ୨ ସପ୍ତାହ ବଢ଼ାଇବା ଲାଗି ସହମତି ପ୍ରକାଶ ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏନେଇ କେନ୍ଦ୍ର ସରକାର ବିଚାର କରୁଛନ୍ତି। ସ୍ୱାସ୍ଥ୍ୟ ଓ ଦେଶର ସମୃଦ୍ଧି ଦିଗରେ ଅଧିକ ଧ୍ୟାନ ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀମାନେ ଗୁରୁତ୍ୱାରୋପ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଲକ୍‌ଡାଉନ ବଢ଼ିବା ସହିତ ଆର୍ଥିକ କାର୍ଯ୍ୟକଳାପ ବଢ଼ାଇବା ଲାଗି ନିୟମରେ କୋହଳ କରାଯିବ। କମ୍ ସଂକ୍ରମିତ ଅଞ୍ଚଳରେ କଟକଣା କୋହଳ କରିବା ପ୍ରସ୍ତାବକୁ ମଧ୍ୟ ବିଚାର କରାଯାଉଥିବା ଜଣାପଡ଼ିଛି। ଆଗାମୀ ୨ ସପ୍ତାହ ଲକ୍‌ଡାଉନ ପୂର୍ବାପେକ୍ଷା ଭିନ୍ନ ହେବ ବୋଲି କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଲକ୍‌ଡାଉନ ବଢ଼ାଇବା ଅନିବାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିବାବେଳେ ଏନେଇ ଦୁଇଦିନ ମଧ୍ୟରେ ଗାଇଡଲାଇନ୍ସ ଜାରି ହେବ ବୋଲି ଜଣାପଡ଼ିଛି।

ଭିଡିଓ କନ୍‌ଫରେନ୍ସ ବେଳେ ପ୍ରଧାନମନ୍ତ୍ରୀ ଧଳା ରଙ୍ଗର ଘରତିଆରି ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଭାରତର ଉଜ୍ଜ୍ୱଳ ଭବିଷ୍ୟତ ତଥା ସମୃଦ୍ଧି ଓ ସୁସ୍ଥ ଭାରତ ଲାଗି 'ଜାନ୍ ଭି, ଜହାଁ ଭି' ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ କହିଥିଲେ। ଗତ ମାସରେ ଲକ୍‌ଡାଉନ ଘୋଷଣା କଲାବେଳେ ପ୍ରଧାନମନ୍ତ୍ରୀ କହିଥିଲେ, 'ଜାନ ହୈ ତୋ ଜହାଁ ହୈ'। ଏବେ ଦେଶର ଭବିଷ୍ୟତ ପାଇଁ ସେ ତାଙ୍କ ମତ ବଦଳାଇଛନ୍ତି। ଯଦି ପ୍ରତ୍ୟେକ ନାଗରିକ ଉଭୟ ଚିନ୍ତାଧାରାକୁ ମନରେ ରଖି ସରକାରଙ୍କ ନିୟମ ପାଳନ କରନ୍ତି ଏହା କରୋନା ବିରୋଧୀ ଲଢ଼େଇକୁ ଆହୁରି ସୁଦୃଢ଼ କରିବ। ଅତ୍ୟାବଶ୍ୟକ କାର୍ଯ୍ୟ ଚଳାଇବା ଲାଗି କୃଷକ ଓ ଶିଳ୍ପସଂସ୍ଥାଗୁଡ଼ିକ ଲକ୍‌ଡାଉନ ନିୟମରେ କୋହଳ ଚାହିଁଛନ୍ତି।

☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଆର୍ଥିକ କାରବାର ବଢ଼ାଇବା ଲାଗି କୋହଳ ହୋଇପାରେ ନିୟମ

## ମୁକାବିଲା ନେଇ ଭାରତୀୟ ଆଶାବାଦୀ

### ମହିଳାମାନେ ସବୁଠୁ ଆଗରେ: ସର୍ଭେ

**ନୂଆଦିଲ୍ଲୀ, ୧୧।୪**

କରୋନା ଭୂତାଣୁ ସଂକ୍ରମଣକୁ ସୀମିତ ସ୍ତରରେ ରଖିବାରେ ଭାରତ ସକାରାତ୍ମକ ପଦକ୍ଷେପ ନେଇଛି। ଫଳରେ ଏହା 'ଉଚ୍ଚ ଆଶାବାଦୀ ସୂଚକାଙ୍କ' ସୋସାଇଟିରେ ରହିବାରେ ସକ୍ଷମ ହୋଇଛି। ଆଇଏଏନ୍‌ଏସ୍ ସି-ଭୋଟର ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ଦୁଇ ତୃତୀୟାଂଶ ଭାରତୀୟ ବିଶ୍ୱାସ କରୁଛନ୍ତି ଯେ ଅତ୍ୟନ୍ତ ଖରାପ ପରିସ୍ଥିତି ଅତିକ୍ରମ ହେବାକୁ ଯାଉଛି ଓ ବର୍ତ୍ତମାନ କରୋନାଜନିତ ସଂକ୍ରମଣ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିଛି। ଏପ୍ରିଲ ୪ରୁ ୬ ମଧ୍ୟରେ ନିଆଯାଇଥିବା ଏକ ସାମ୍ପୁଲରେ ଦେଶର ସବୁ ରାଜ୍ୟରୁ ୧,୧୧୪ ଜଣଙ୍କ ମତାମତକୁ ନେଇ

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଲକ୍‌ଡାଉନ୍‌ର ଉଦ୍ଦେଶ୍ୟ

**ଆଜିର ମନ୍ତବ୍ୟ**

"ଲକ୍‌ଡାଉନ ବେଳେ ରାଜ୍ୟଗୁଡ଼ିକୁ ସୀମା ମଧ୍ୟରେ ଅର୍ଥନୈତିକ କାର୍ଯ୍ୟ ଲାଗି ଅନୁମତି ମିଳୁ।

-ଭୂପେଶ ବାଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ

## ୩୦ ଯାଏ ଜାରି ରହୁ

### ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ପରାମର୍ଶ



**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ସାମାଜିକ ଦୂରତା ନିୟମ ଅନୁପାଳନ ହେବା ଆବଶ୍ୟକ। ଏଥିପାଇଁ ଲକ୍‌ଡାଉନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ କରୋନା ଭୂତାଣୁ ସଂକ୍ରମଣ ଓ ଏହାର କୁପ୍ରଭାବକୁ ହ୍ରାସ କରିବା ପାଇଁ ଲକ୍‌ଡାଉନ ଅବଧି ବୃଦ୍ଧି କରାଯିବାର ଆବଶ୍ୟକ। ରାଜ୍ୟସ୍ତରରେ ଲକ୍‌ଡାଉନ ବୃଦ୍ଧି ନେଇ କ୍ୟାବିନେଟ୍‌ରେ ନିଷ୍ପତ୍ତି ନେବା ପରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ମୁଖରେ ଉପରୋକ୍ତ ଦାବି ଉପସ୍ଥାପନ କରିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୩୦ ଯାଏ ଓଡ଼ିଶାରେ ଲକ୍‌ଡାଉନ ବଳବତ୍ତର ରହିବ।

ଏତଦ୍‌ବ୍ୟତୀତ ୩୦ ଯାଏ ଜାତୀୟସ୍ତରରେ ଲକ୍‌ଡାଉନ ସହ ଉଭୟ ରେଳପଥ ଏବଂ ବିମାନ ସେବା ବନ୍ଦ ରଖିବାକୁ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଲକ୍‌ଡାଉନ ଦ୍ୱାରା ତୃଣମୂଳରେ ଥିବା ସାଧାରଣ ଜନତା ବହୁଳ ପ୍ରଭାବିତ ହେଉଛନ୍ତି। ତେଣୁ ସାମାଜିକ ଦୂରତା ରକ୍ଷାକରି କିଛି ପରିମାଣରେ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ମହାତ୍ମା ଗାନ୍ଧୀ ଗ୍ରାମୀଣ

☞ପୃଷ୍ଠା-୪

## ଲକ୍‌ଡାଉନ୍ ମିଆଦ ବୃଦ୍ଧି ନେଇ କେଜ୍‌ରିୱାଲଙ୍କ ଟୁଇଟ

**ନୂଆଦିଲ୍ଲୀ,୧୧।୪**

ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରିଥିବା ବେଳେ ଅଧିକାଂଶ ରାଜ୍ୟ ଲକ୍‌ଡାଉନ୍ ସମୟ ବୃଦ୍ଧିକରିବା ଲାଗି ମତ ଦେଇଥିଲେ। ଏନେଇ ସରକାର ଲକ୍‌ଡାଉନ୍ ସମୟ ବୃଦ୍ଧି ନେଇ ବିଚାର କରୁଥିବା ବେଳେ ବୈଠକ ପରେ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ହଠାତ୍ ଟୁଇଟ କରି ପ୍ରଧାନମନ୍ତ୍ରୀ ଏହି ମିଆଦ ବୃଦ୍ଧିକରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଭୂତାଣୁ କବଳରୁ ଦେଶକୁ ରକ୍ଷାକରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସେ ସମର୍ଥନ କରୁଥିବା କହିଥିଲେ। ପୂର୍ବରୁ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ଭାରତର ସ୍ଥିତି ଏବେ ଭଲ ରହିଛି। ଲକ୍‌ଡାଉନ୍ ସମୟ ବୃଦ୍ଧି କରା ନ ଗଲେ ପରିସ୍ଥିତି ଅତି ଖରାପ ହୋଇଯିବ ବୋଲି କେଜ୍‌ରିୱାଲ କହିଥିଲେ। ତେବେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନିକ ମୁଖ୍ୟଙ୍କ ଅନୁରୋଧକ୍ରମେ ପ୍ରଧାନମନ୍ତ୍ରୀ ଲକ୍‌ଡାଉନ୍ ସମୟ ବୃଦ୍ଧି ନେଇ ବିଚାର କରୁଥିବା କେନ୍ଦ୍ର ସରକାରଙ୍କ ମୁଖ୍ୟ ମୁଖପାତ୍ର ଓ ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।



# ତାଲାବନ୍ଦ ସଂଘର୍ଷରେ ୪ କୋଟି ଶିଶୁ

- ଖାଦ୍ୟ ପାଇଁ ହାହାକାର ବହୁ ଅସହାୟ ପିଲା
- ସଂକ୍ରମଣରୁ ବର୍ତ୍ତିବାକୁ ଚଳାଇଛନ୍ତି ସଂଗ୍ରାମ

**ନୂଆଦିଲ୍ଲୀ, ୧୧।୪**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଭାରତରେ ଗତ ମାର୍ଚ୍ଚ ୨୫ରୁ ହଠାତ୍ ୨୧ ଦିନିଆ ଲକ୍‌ଡାଉନ୍ ଲାଗୁ ହେବା ପରେ ଲକ୍ଷାଧିକ ପିଲାଙ୍କ ଜୀବନ ବିଶୃଙ୍ଖଳା ମଧ୍ୟକୁ ଠେଲି ହୋଇଯାଇଛି। ଏହି ମହାମାରୀକୁ ମୁକାବିଲା ପାଇଁ ସାରା ଦେଶ ବନ୍ଦ ଥିବାରୁ ହଜାର ହଜାର ଲୋକ ଅସହାୟ ହୋଇପଡ଼ିଛନ୍ତି। ସେହିପରି ବହୁସଂଖ୍ୟକ ଲୋକ ଭୋକଉପାସରେ ରହୁଛନ୍ତି। ଭାରତରେ ୪୭୨ ନିୟୁତ ପିଲା ରହିଛନ୍ତି, ଯାହା ବିଶ୍ୱରେ ସବୁଠୁ ଅଧିକ। ହେଲେ ଗରିବ ପରିବାରର ୪୦ ନିୟୁତ (୪ କୋଟି) ପିଲା ଲକ୍‌ଡାଉନ୍ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏଥିମଧ୍ୟରେ ଗ୍ରାମାଞ୍ଚଳର ଚାଷଜମି, କ୍ଷେତରେ କାର୍ଯ୍ୟ କରୁଥିବା ଏବଂ ସହରରେ ଆବର୍ଜନା ଉଠାଉଥିବା କିମ୍ବା ଟ୍ରାଫିକ ଲାଇଟ୍ ତଳେ ବେଲୁନ, କଲମ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ପିଲାମାନେ ଅନ୍ତର୍ଭୁକ୍ତ।

ଶିଶୁଶ୍ରମିକ ଏବଂ ରାସ୍ତାଘାଟରେ ଜୀବନ ବିତାଉଥିବା ପିଲାମାନଙ୍କ



ସେବାକାର୍ଯ୍ୟ କରୁଥିବା ଦିଲ୍ଲୀର ଦାତବ୍ୟ ସଂସ୍ଥା 'ଚେତନା'ର ନିର୍ଦ୍ଦେଶକ ସଞ୍ଜୟ ଗୁପ୍ତା କହିଛନ୍ତି ଯେ, ରାସ୍ତାରେ, ଫ୍ଲାଏଓଭର ତଳେ, ସଂକୀର୍ଣ୍ଣ ଗଳିରେ ରହୁଥିବା ଲକ୍ଷ ଲକ୍ଷ ବାସହୀନ ଶିଶୁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ଲକ୍‌ଡାଉନ୍ ସମୟରେ ସମସ୍ତଙ୍କୁ ଘରେ ରହିବାକୁ କୁହାଯାଇଛି। କିନ୍ତୁ ରାସ୍ତାଘାଟର ପିଲାମାନେ ଏହି ସମୟରେ କେଉଁଠି ଓ କିଭଳି ରହିବେ ତାହା ପ୍ରଶ୍ନବାଚୀ ହୋଇଛି।

ଏକ ଆକଳନ ଅନୁଯାୟୀ, ଦିଲ୍ଲୀର ରାସ୍ତାଘାଟରେ ୭୦,୦୦୦ରୁ ଊର୍ଦ୍ଧ୍ୱ ପିଲା ଜୀବନ କାଟୁଛନ୍ତି। କିନ୍ତୁ ଏହି ସଂଖ୍ୟା ପ୍ରକୃତରେ ବହୁତ ଅଧିକ ବୋଲି ଗୁପ୍ତା କହିଛନ୍ତି। ସେମାନେ ପ୍ରାୟତଃ ଏକାକୀ ଜିଉଥିବାବେଳେ ନିଜେ ନିଜର ବଞ୍ଚିବାର ମାଧ୍ୟମ ଖୋଜନ୍ତି। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଦୃଷ୍ଟିରୁ ସେମାନେ ପ୍ରଥମ କରି ସହାୟତା ଚାହୁଁଛନ୍ତି। ସେମାନେ କୌଣସି ବ୍ୟବସ୍ଥା ସହ ଯୋଡ଼ିହୋଇ ନ ଥିବାରୁ ଏବେକାର ସ୍ଥିତିରେ ସେମାନଙ୍କ ପାଖରେ ପହଞ୍ଚିବା ସହଜ ନୁହେଁ। କର୍ଫ୍ୟୁ ପାସ୍ ବିନା ଆମ ସ୍ୱେଚ୍ଛାସେବୀମାନେ ବୁଲାବୁଲି କରିପାରୁନାହାନ୍ତି। ପାସ୍ ପାଇବା ମଧ୍ୟ କାଠିକର ପାଠ। କାରଣ ଚେତନା ଭଳି ଦାତବ୍ୟ ସଂସ୍ଥାର କାର୍ଯ୍ୟକୁ ଅତ୍ୟାବଶ୍ୟକ ସେବା ଭାବେ ବିବେଚନା କରାଯାଉନାହିଁ। ତେଣୁ ପିଲାମାନଙ୍କ ସହ ସମ୍ପର୍କ ରଖିବା ପାଇଁ ଅଭିନବ ଉପାୟ ବ୍ୟବହାର କରାଯାଉଛି ବୋଲି ଗୁପ୍ତା କହିଛନ୍ତି। ଏହି ପିଲାମାନଙ୍କ ମଧ୍ୟରୁ ଅନେକଙ୍କର ମୋବାଇଲ ଫୋନ ଅଛି

☞ପୃଷ୍ଠା-୪

## ମହାକାଶରେ ବିରଳ ଦୃଶ୍ୟ

### ଏକତ୍ର ଦେଖାଦେବେ ବୃହସ୍ପତି, ଶନି, ମଙ୍ଗଳ ଓ ଚନ୍ଦ୍ର



**ୱାଶିଂଟନ, ୧୧।୪**

ମହାମାରୀ କରୋନା ଭାଇରସ୍ ସଂକ୍ରମଣ ସାରା ବିଶ୍ୱରେ ଆତଙ୍କ ଖେଳାଇଦେଇଛି। ଏହାର ମୁକାବିଲା ଲାଗି ଏବେ ଅନେକ ଦେଶରେ ଲକ୍‌ଡାଉନ ଜାରି ରହିଛି। ସଂକ୍ରମଣ କଥା ଯାହା ହେଉନା କାହିଁକି ପୃଥିବୀରୁ ପ୍ରଦୂଷଣର ମାତ୍ରା ଆଶାତୀତ ଭାବେ ହ୍ରାସପାଇଛି। ଫଳରେ ଲୋକଙ୍କୁ ପ୍ରଦୂଷଣମୁକ୍ତ ବାୟୁ ମିଳିପାରୁଛି। ଅପରପକ୍ଷରେ ବହୁବର୍ଷ ପରେ ଗ୍ରହ, ଉପଗ୍ରହଙ୍କୁ ଏକତ୍ର ଦେଖିବାର ବିରଳ ସୁଯୋଗ ଆସିଛି। ଗ୍ରହ, ଉପଗ୍ରହଙ୍କ ଏଭଳି ମିଳନକୁ ରାତି ଆକାଶରେ ବିନା ଟେଲିସ୍କୋପ କିମ୍ବା ବାଇନାକୁଲାର ସାହାଯ୍ୟରେ ଦେଖିହେବ। ନିକଟରେ ବିରଳ ଉଜ୍ଜ୍ୱଳ ଚନ୍ଦ୍ର ବା ସୁପର ମୁନ୍‌ର ଦୃଶ୍ୟ ଅନେକେ ଉପଭୋଗ କରିଥିବେ। ପୁଣି ଏଇମାସ ୧୪,୧୫ ଓ ୧୬ ତାରିଖ ରାତିରେ ଆକାଶରେ ଏକତ୍ର ଦୃଶ୍ୟମାନ ହେବେ ବୃହସ୍ପତି,ଶନି, ମଙ୍ଗଳ ଓ ଚନ୍ଦ୍ର। ବୃହସ୍ପତି, ଶନି ଓ ମଙ୍ଗଳ ଗ୍ରହକୁ ପ୍ରାତଃ ସମୟରେ ସହଜରେ ଚିହ୍ନଟ କରିହେବ।

☞ପୃଷ୍ଠା-୪

**କୁଏତ୍‌କୁ ରାପିଡ୍ ରେସ୍ପନ୍ସ ଟିମ୍ ପଠାଇଲା ଭାରତ**

କରୋନା ବିରୋଧୀ ଲଢ଼େଇରେ ସହାୟତା ପାଇଁ ଭାରତ ସରକାର କୁଏତ୍‌କୁ ରାପିଡ୍ ରେସ୍ପନ୍ସ ଟିମ୍ ପଠାଇଛନ୍ତି। କୁଏତ୍‌ରେ ପହଞ୍ଚିଥିବା ଏହି ଟିମ୍ ଚିକିତ୍ସା ସହାୟତା ଯୋଗାଇଦେବା ସହ କରୋନା ବିରୋଧୀ ଲଢ଼େଇ ଲାଗି ପ୍ରଶିକ୍ଷଣ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୁଏତ୍ ପ୍ରତିପକ୍ଷ ଶେଖ୍ ସବାହ ଅଲ୍-ଖଲେଦ୍ ଅଲ୍‌ହମାଦ ଅଲ୍ ସବାବ ସହାୟତା ପାଇଁ ଅନୁରୋଧ କରିଥିଲେ।



ହାଇଦ୍ରାବାଦ୍‌ର ମୋଘାଲଓ୍ୱରା ଏକ୍ସ ରୋଡ୍‌ରେ ସଚେତନତା ପାଇଁ କରୋନା ପ୍ରତିକୃତି।


ଚେନ୍ନାଇରେ ଲକ୍‌ଡାଉନ୍ ବେଳେ ପୋଲିସ ଜଣେ ବାଇକ୍ ଆରୋହୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।


ମୁମ୍ବାଇର କୁର୍ଲା ଅଞ୍ଚଳରେ ଜଣେ ସ୍ୱାସ୍ଥ୍ୟକର୍ମୀ ପରୀକ୍ଷା ଲାଗି ଯୁବକଙ୍କଠାରୁ ସ୍ୱାବ୍ ନମୁନା ସଂଗ୍ରହ କରୁଛନ୍ତି।

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୧,୭୬୧ | ୧,୪୬୩ | ୧୮୮ | ୧୧୦ |
| ତାମିଲନାଡୁ | ୯୬୯ | ୯୧୫ | ୪୪ | ୧୦ |
| ଦିଲ୍ଲୀ | ୧,୦୬୯ | ୧,୦୨୩ | ୨୭ | ୧୯ |
| ତେଲଙ୍ଗାନା | ୪୮୭ | ୪୩୦ | ୪୫ | ୧୨ |
| କେରଳ | ୩୭୩ | ୨୨୮ | ୧୪୩ | ୨ |
| ଉତ୍ତରପ୍ରଦେଶ | ୪୫୨ | ୪୦୨ | ୪୫ | ୫ |
| ଆନ୍ଧ୍ରପ୍ରଦେଶ | ୪୦୫ | ୩୮୯ | ୧୦ | ୬ |
| ରାଜସ୍ଥାନ | ୬୭୮ | ୫୫୯ | ୧୧୬ | ୩ |
| ମଧ୍ୟପ୍ରଦେଶ | ୪୫୧ | ୩୭୩ | ୩୯ | ୩୯ |
| କର୍ନାଟକ | ୨୧୫ | ୧୭୦ | ୩୯ | ୬ |
| ଗୁଜରାଟ | ୪୬୮ | ୪୦୨ | ୪୪ | ୨୨ |
| ହରିୟାଣା | ୧୭୯ | ୧୪୧ | ୩୬ | ୨ |
| ଜମ୍ମୁ-କଶ୍ମୀର | ୨୨୪ | ୨୧୪ | ୬ | ୪ |
| ପଶ୍ଚିମବଙ୍ଗ | ୧୨୬ | ୧୦୫ | ୧୬ | ୫ |
| ପଞ୍ଜାବ | ୧୫୮ | ୧୨୬ | ୨୦ | ୧୨ |
| ଓଡ଼ିଶା | ୫୦ | ୩୭ | ୧୨ | ୧ |
| ବିହାର | ୬୧ | ୪୫ | ୧୫ | ୧ |
| ଉତ୍ତରାଖଣ୍ଡ | ୩୫ | ୩୦ | ୫ | - |
| ଆସାମ | ୨୯ | ୨୮ | - | ୧ |
| ଚଣ୍ଡିଗଡ଼ | ୧୯ | ୧୨ | ୭ | - |
| ଲଦାଖ | ୧୫ | ୪ | ୧୧ | - |
| ହିମାଚଳ ପ୍ରଦେଶ | ୩୨ | ୨୪ | ୬ | ୨ |
| ଆଣ୍ଡାମାନ ଓ ନିକୋବର | ୧୧ | ୧ | ୧୦ | - |
| ଛତିଶଗଡ଼ | ୧୮ | ୯ | ୯ | - |
| ଗୋଆ | ୭ | ୬ | ୧ | - |
| ପୁଡୁଚେରୀ | ୭ | ୬ | ୧ | - |
| ଝାଡ଼ଖଣ୍ଡ | ୧୭ | ୧୬ | - | ୧ |
| ମଣିପୁର | ୨ | ୧ | ୧ | - |
| ଅରୁଣାଚଳ ପ୍ରଦେଶ | ୧ | ୧ | - | - |
| ଦାଦ୍ରା ଓ ନଗର ହାବେଳି | ୧ | ୧ | - | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୨ | ୨ | - | - |
| ମୋଟ | ୮,୩୨୩ | ୭,୧୬୪ | ୮୯୬ | ୨୬୩ |

https://www.covid19india.org ତଥ୍ୟ ଅନୁଯାୟୀ (ଶନିବାର ରାତି ୯.୩୦ସୁଦ୍ଧା)

# ଆଖି ବୁଜିଲେଣି ୨୬୩ ଆକ୍ରାନ୍ତ

- ଭାରତରେ ୮,୩୨୩ ସଂକ୍ରମିତ
- ୨୪ ଘଣ୍ଟାରେ ୭୨୫ ଆକ୍ରାନ୍ତ
- ମହାରାଷ୍ଟ୍ର, ଦିଲ୍ଲୀ ସ୍ଥିତି ଅସମ୍ଭାଳ

**ନୂଆଦିଲ୍ଲୀ,୧୧।୪**

ଭାରତରେ ସ୍ଥିତି ଜଟିଳ ହେବାରେ ଲାଗିଛି। ଲକ୍‌ଡାଉନ୍ ସତ୍ତ୍ୱେ କରୋନା ଭୂତାଣୁକୁ ରୋକାଯାଇପାରୁନି। ସଂକ୍ରମଣର ମାତ୍ରା ବଢ଼ି ବଢ଼ି ଚାଲିଛି। ଶନିବାର ସୁଦ୍ଧା ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ୮,୩୨୩ରେ ପହଞ୍ଚି ଥିବାବେଳେ ମୋଟ ୨୬୩ ଜୀବନ ଗଲାଣି। କେବଳ ଶନିବାର ୧୪ ମୁଣ୍ଡ ଗଡ଼ିଥିବା ବେଳେ ୭୨୫ ଜଣ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସବୁଠାରୁ ପ୍ରଭାବିତ ହୋଇଛି ମହାରାଷ୍ଟ୍ର। ଏଠାରେ ଅଦ୍ୟାବଧି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧,୭୬୧ରେ ପହଞ୍ଚିଛି। ରାଜ୍ୟରେ ଭୂତାଣୁ ୧୧୦ ମୁଣ୍ଡ ନେଇଥିବା ବେଳେ ୨୪ ଘଣ୍ଟାରେ ୧୮୭ ଆକ୍ରାନ୍ତ ହୋଇଥିବା ପ୍ରକାଶ। ତାମିଲନାଡୁ ଓ ରାଜଧାନୀ ଦିଲ୍ଲୀରେ ମଧ୍ୟ ସମାନ ସ୍ଥିତି। ତାମିଲନାଡୁରେ ଭୂତାଣୁ ୧୦ ମୁଣ୍ଡ ନେଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୯୬୯ରେ ପହଞ୍ଚିଛି। ଦିଲ୍ଲୀରେ ୧୯ ଜୀବନ ଯାଇଥିବା ବେଳେ ୧,୦୬୯ ଜଣ ଭୂତାଣୁ ଆକ୍ରାନ୍ତ ହୋଇଛନ୍ତି। ତେଲଙ୍ଗାନାରେ ୧୨, କେରଳରେ ୨, ଉତ୍ତରପ୍ରଦେଶରେ ୫, ଆନ୍ଧ୍ରପ୍ରଦେଶରେ ୬, ମଧ୍ୟପ୍ରଦେଶରେ ୩୯, ଗୁଜରାଟରେ ୨୨, ପଞ୍ଜାବରେ ୧୨, ଜମ୍ମୁ-କଶ୍ମୀରରେ ୪, ପଶ୍ଚିମବଙ୍ଗରେ ୫, କର୍ନାଟକରେ ୬, ରାଜସ୍ଥାନରେ ୩, କେରଳ ଓ ହରିୟାଣାରେ ୨ ଲେଖାଏ ଜୀବନ ନେଇଛି ଏହି ମହାମାରୀ ଭୂତାଣୁ। ବିଭିନ୍ନ ରାଜ୍ୟରେ ସଂକ୍ରମଣ ସଂଖ୍ୟା ବଢ଼ିଚାଲିଛି। ଲକ୍‌ଡାଉନ୍‌କୁ ମାନି ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି। କ୍ରମଶଃ ଭାରତର ସ୍ଥିତି ଜଟିଳ ହେବାରେ ଲାଗିଛି। ପରିସ୍ଥିତିକୁ ଦେଖି ଦେଶରେ ଲକ୍‌ଡାଉନ୍ ସମୟ ବୃଦ୍ଧିକରିବା ଲାଗି ସହମତିପ୍ରକାଶ ପାଇଛି।


ଗୁଆହାଟୀରେ ଜଣେ ମହିଳା ଆସାମର ପାରମ୍ପରିକ ଡିଜାଇନ୍‌ର ମାସ୍କ ତିଆରି କରୁଛନ୍ତି।

# ସୋମବାରରୁ କାର୍ଯ୍ୟରେ ଯୋଗଦେବେ ମନ୍ତ୍ରୀ

**ନୂଆଦିଲ୍ଲୀ,୧୧।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟର ସମସ୍ତ ମନ୍ତ୍ରୀ ସୋମବାରଠାରୁ ସେମାନଙ୍କ ମନ୍ତ୍ରଣାଳୟରେ କାର୍ଯ୍ୟରେ ଯୋଗଦେବେ। ସେହିପରି ଯୁଗ୍ମ ସଚିବଙ୍କଠାରୁ ଉପର ପାହ୍ୟାର ବରିଷ୍ଠ ଅଧିକାରୀମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ସମସ୍ତ ଜରୁରୀ କର୍ମଚାରୀଙ୍କ ଏକତୃତୀୟାଂଶ ସୋମବାରଠାରୁ କାମରେ ଯୋଗଦେବାକୁ ଥିବାବେଳେ ଜୁନିୟର ଅଫିସରମାନଙ୍କୁ ପାଳି କରି କାମ କରିବାକୁ କୁହାଯାଇଛି। ଲକ୍‌ଡାଉନ ପରବର୍ତ୍ତୀ ସ୍ଥିତିର ମୁକାବିଲା ଓ ଆର୍ଥିକ କାରବାର ଆରମ୍ଭ ଲାଗି ଯୋଜନା ପ୍ରସ୍ତୁତ କରି ଆସିବାକୁ ମନ୍ତ୍ରଣାଳୟଗୁଡ଼ିକୁ କୁହାଯାଇଛି। ଅଫିସ୍ କାର୍ଯ୍ୟ ସମୟରେ ସାମାଜିକ ଦୂରତ୍ୱ ନିୟମ ପାଳନ କରାବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। କରୋନା ସଂକ୍ରମଣ ଲାଗି ମନ୍ତ୍ରୀମାନେ ଘରେ ରହି କାର୍ଯ୍ୟ କରୁଥିଲେ।

# ମହାରାଷ୍ଟ୍ର, କର୍ନାଟକରେ ବଢ଼ିଲା ଲକ୍‌ଡାଉନ

**ମୁମ୍ବାଇ/ ବେଙ୍ଗାଲୁରୁ, ୧୧।୪:** ମହାରାଷ୍ଟ୍ର ଓ କର୍ନାଟକରେ ଲକ୍‌ଡାଉନ୍ ସମୟ ସୀମା ବୃଦ୍ଧି କରାଯାଇଛି। ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ସରକାର ଲକ୍‌ଡାଉନ ସମୟସୀମା ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଲୋକମାନେ ସହଯୋଗ ନ କଲେ ଏହାକୁ ଆହୁରି ବଢ଼ାଯାଇପାରେ ବୋଲି ମୁଖ୍ୟମନ୍ତ୍ରୀ ଠାକ୍‌ରେ ସୂଚନା ଦେଇଛନ୍ତି। ଲକ୍‌ଡାଉନ ସମୟସୀମା ବଢ଼ାଇବାରେ ଓଡ଼ିଶା, ପଞ୍ଜାବ ପରେ ମହାରାଷ୍ଟ୍ର ତୃତୀୟ ରାଜ୍ୟ। ପୂର୍ବରୁ ଓଡ଼ିଶା ସରକାର ଏପ୍ରିଲ ୩୦ ଯାଏ ଏବଂ ପଞ୍ଜାବ ମେ' ୧ତାରିଖ ଯାଏ ଲକ୍‌ଡାଉନ ବଢ଼ାଇଥିଲେ।

କର୍ନାଟକ ସରକାର ଲକ୍‌ଡାଉନ ସମୟସୀମା ଆଉ ଦୁଇସପ୍ତାହ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ୧୪ ପରେ ରାଜ୍ୟରେ ଲକ୍‌ଡାଉନ ଆଉ ଦୁଇସପ୍ତାହ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଶନିବାର ଘୋଷଣା କରିଛନ୍ତି। ତେବେ କୃଷି ଓ ଶିଳ୍ପ ସେକ୍ଟର ପ୍ରତି ଲକ୍‌ଡାଉନ କଟକଣା କୋହଳ କରାଯାଇଛି। ଏହି ସମୟରେ ସରକାରୀ କାର୍ଯ୍ୟାଳୟଗୁଡ଼ିକ କମ୍ କର୍ମଚାରୀରେ ଚାଲିବ। ଲକ୍‌ଡାଉନ ସମୟସୀମା ବଢ଼ାଇବାରେ କର୍ନାଟକ ପ୍ରଥମ ଭାଜପା ଶାସିତ ରାଜ୍ୟ। ଲକ୍‌ଡାଉନକୁ କଡ଼ାକଡ଼ି ପାଳନ କରିବା ଲାଗି ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଆହ୍ୱାନ ଦେଇଛନ୍ତି।

# ଭେଣ୍ଟିଲେଟର ଯୋଗାଣ ବିଳମ୍ବରୁ ଚାଇନାରେ ବଢ଼ିଥିଲା ମୃତ୍ୟୁସଂଖ୍ୟା

**ବେଜିଂ,୧୧।୪(ପି.ଟି.):** ଚାଇନାରେ ଉପଯୁକ୍ତ ସମୟରେ ଯଥେଷ୍ଟ ଭେଣ୍ଟିଲେଟର ଯୋଗାଣ ହୋଇଥିଲେ କରୋନାଜନିତ ମୃତ୍ୟୁସଂଖ୍ୟାକୁ ହ୍ରାସ କରାଯାଇ ପାରିଥାନ୍ତା ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ସେଠାରେ କରୋନାରେ ଯେତିକି ଲୋକଙ୍କ ମୃତ୍ୟୁ ଘଟିଛି ସେଥିରୁ ୨୦ ପ୍ରତିଶତଙ୍କୁ ଯାନ୍ତ୍ରିକ ଭେଣ୍ଟିଲେଟର ଓ ରେସ୍ପିରେଟୋରି ସହାୟତା ମୃତ୍ୟୁ ପୂର୍ବରୁ ମିଳିଥିଲା। ଉହାନର ୨୧ଟି ହସ୍ପିଟାଲରୁ ତଥ୍ୟ ସଂଗ୍ରହ କରାଯାଇ ଆମେରିକାନ ମେଡିକାଲ ଆସୋସିଏଶନର ଏକ ପତ୍ରିକାରେ ଏହି ଗବେଷଣାତ୍ମକ ରିପୋର୍ଟ ପ୍ରକାଶ ପାଇଛି। ଜାନୁୟାରୀ ୨୧ରୁ ୩୦ ମଧ୍ୟରେ ସେଠାରେ କରୋନାରେ ପ୍ରାଣ ହରାଇଥିବା ୧୬୮ ଜଣଙ୍କୁ ରେସ୍ପିରେଟୋରି ସହାୟତା ମିଳିଥିଲା। ସେହିପରି ଝୋଙ୍ଗଡା ହସ୍ପିଟାଲରେ ସବୁ ରୋଗୀଙ୍କୁ ଅକ୍ସିଜେନ୍ ମିଳିଥିଲେ ହେଁ ମାତ୍ର ୪୬ ଜଣଙ୍କୁ ମୃତ୍ୟୁ ପୂର୍ବରୁ ନାଜାଲ କିମ୍ବା ଫେସ୍‌ମାସ୍କ ଅକ୍ସିଜେନ୍ ସପୋର୍ଟ ମିଳିଥିଲା। ଅଧ୍ୟୟନରୁ ଜଣାପଡିଛି ରୋଗୀଙ୍କ ରକ୍ତରେ ଅକ୍ସିଜେନ୍ ସ୍ତର ଯଥେଷ୍ଟ କମ୍ ଥିବାବେଳେ ଅନ୍ୟ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ରୋଗୀଙ୍କୁ ବଞ୍ଚାଇବା ଲାଗି ମେକାନିକାଲ ଭେଣ୍ଟିଲେଟର ଅତି ଜରୁରୀ ଥିଲା ବୋଲି ଗବେଷକମାନେ କହିଛନ୍ତି।

# ପଶ୍ଚିମବଙ୍ଗରେ ଲକ୍‌ଡାଉନ ଉଲ୍ଲଂଘନ


କୋଲକାତାରେ ଲକ୍‌ଡାଉନ୍ ବେଳେ ଖୋଲା ଅଟୋରେ ଯାତ୍ରୀ ପରିବହନ।

**ପ୍ରତିବାଦ ଜଣାଇଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ**

**ନୂଆଦିଲ୍ଲୀ,୧୧।୪(ପି.ଟି.):** ପଶ୍ଚିମବଙ୍ଗରେ ଲକ୍‌ଡାଉନ କଟକଣା ଧୀରେ ଧୀରେ କୋହଳ ହେଉଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତିବାଦ ଜଣାଇଛି। ଅଣଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବା ଲାଗି ସେଠାରେ ଅନୁମତି ମିଳିଥିବାବେଳେ ଧର୍ମୀୟ ସମାବେଶକୁ ପୋଲିସ ଅନୁମତି ଦେଉଥିବା ଖବର ମିଳିଛି। ଏହାର ପ୍ରତିବାଦରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛି। ପନିପରିବା ଓ ମାଛ ମାଂସ ବଜାରରେ ସାମାଜିକ ଦୂରତ୍ୱର ଉଲ୍ଲଂଘନ ହେଉଥିବା ଏଥିରେ କୁହାଯାଇଛି। ଏହା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମାର ଉଲ୍ଲଂଘନ। ଫଳରେ ନରକେଲ ଦାଙ୍ଗ ଭଳି ଅଞ୍ଚଳରେ କୋଭିଡ୍-୧୯ ମାମଲା ବୃଦ୍ଧି ପାଉଛି। ଲକ୍‌ଡାଉନ ନିୟମକୁ କଡ଼ାକଡ଼ି ପାଳନ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁରୋଧ କରିଛି।

# ଲକ୍‌ଡାଉନ ହୋଇ ନ ଥିଲେ ୮.୨ ଲକ୍ଷରେ ପହଞ୍ଚିଥାନ୍ତା ସଂକ୍ରମଣ

**ନୂଆଦିଲ୍ଲୀ,୧୧।୪(ଆଇଏଏନ୍‌ଏସ୍)**

ଲକ୍‌ଡାଉନ ଓ ଅନ୍ୟାନ୍ୟ ପ୍ରତିକାରମୂଳକ ପଦକ୍ଷେପ ଯୋଗୁ ଭାରତରେ କରୋନା ସଂକ୍ରମଣ ହାର ଯଥେଷ୍ଟ କମ୍ ରହିଛି। ତାହା ହୋଇ ନ ଥିଲେ ଏପ୍ରିଲ ୧୫ ସୁଦ୍ଧା ଦେଶରେ ସଂକ୍ରମଣ ସଂଖ୍ୟା ୮.୨ ଲକ୍ଷରେ ପହଞ୍ଚିଥାନ୍ତା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଲକ୍‌ଡାଉନ ନ ହୋଇ କେବଳ ପ୍ରତିକାରମୂଳକ ପଦକ୍ଷେପ ନେଇଥିଲେ ଏହି ସଂଖ୍ୟା ୧.୨ ଲକ୍ଷ ହୋଇଥାନ୍ତା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ୍ ଅଗ୍ରଓ୍ୱାଲ କହିଛନ୍ତି।

ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୧୦୩୫ ନୂଆ ମାମଲା ଓ ୪୦ ଜଣଙ୍କ ମୃତ୍ୟୁ ସହ ମୋଟ ସଂକ୍ରମଣ ସଂଖ୍ୟା ୭୪୪୭ ଏବଂ ମୃତ୍ୟୁସଂଖ୍ୟା ୨୩୯ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୬୪୨ ଜଣ ସୁସ୍ଥ ହେଲେଣି। ଦେଶରେ କରୋନା ରୋଗୀଙ୍କ ଲାଗି ୧ ଲକ୍ଷ ଆଇସୋଲେଶନ ବେଡ୍ ଏବଂ ୧୧,୫୦୦ ଆଇସିୟୁ ବେଡ୍ ସଂରକ୍ଷିତ ରହିଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ୫୮୭ଟି କୋଭିଡ୍-୧୯ ହସ୍ପିଟାଲ କାର୍ଯ୍ୟ କରୁଛନ୍ତି। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୧,୭୧,୭୧୮ ନମୁନା ପରୀକ୍ଷା କରାଯାଇଛି। ଉଭୟ ସରକାରୀ ଓ ବେସରକାରୀ ଲାବ୍‌ରେ ଶୁକ୍ରବାର ୧୬,୫୬୪ଟି ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଆମେରିକାରେ ୪୦ ଭାରତୀୟଙ୍କ ମୃତ୍ୟୁ ହେଲାଣି

**ଓ୍ୱାଶିଂଟନ,୧୧।୪:** ଆମେରିକା କୋଭିଡ୍-୧୯ ସଂକ୍ରମଣର ବିଶ୍ୱ ହଟ୍‌ସ୍ପଟରେ ପରିଣତ ହୋଇଛି। ଏଠାରେ କରୋନା ସଂକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକ ତଥା ଭାରତୀୟ-ଆମେରିକୀୟଙ୍କର ମୃତ୍ୟୁ ଘଟିଲାଣି। ଏହି ଘାତକ ଭୂତାଣୁ ଦ୍ୱାରା ସେଠାରେ ୧୫୦୦ରୁ ଅଧିକ ଭାରତୀୟ ସଂକ୍ରମିତ ହୋଇଥିବା ଜଣାପଡିଛି। ଆମେରିକାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫ ଲକ୍ଷ ଅତିକ୍ରମ କରିଥିବାବେଳେ ଗତ ୨୪ ଘଣ୍ଟାରେ ୨୧୦୮ ଜଣଙ୍କ ମୃତ୍ୟୁ ଘଟିଲାଣି। ନ୍ୟୁୟର୍କ ଓ ନ୍ୟୁଜର୍ସିରେ ସଂକ୍ରମଣ ମାତ୍ରା ସର୍ବାଧିକ ରହିଛି। ଆମେରିକାରେ କେରଳର ୧୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗୁଜରାଟରୁ ୧୦, ପଞ୍ଜାବରୁ ୪, ଆନ୍ଧ୍ରପ୍ରଦେଶରୁ ୨ ଏବଂ ଓଡ଼ିଶାରୁ ଜଣକର ମୃତ୍ୟୁ ଘଟିଛି। ଅଧିକାଂଶ ମୃତକଙ୍କ ବୟସ ୬୦ ବର୍ଷରୁ ଅଧିକ।

# ଇନ୍ଦୋର କରୋନା ସଂକ୍ରମଣର ହଟ୍‌ସ୍ପଟ

**ଇନ୍ଦୋର,୧୧।୪:** ବାଣିଜ୍ୟିକ, ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସର୍ବଦା ଜଡ଼ିତ ରହିଆସିଥିବା ଇନ୍ଦୋର ସହର ମଧ୍ୟପ୍ରଦେଶରେ କରୋନା ସଂକ୍ରମଣର ହଟ୍‌ସ୍ପଟ ପାଲଟିଛି। ରାଜ୍ୟରେ ମୋଟ ୩୬ କରୋନା ମୃତକଙ୍କ ମଧ୍ୟରୁ ଇନ୍ଦୋରରୁ ୨୭ ଜଣ ରହିଛନ୍ତି। ଏହି ସହରରେ କରୋନା ଜନିତ ମୃତ୍ୟୁହାର ଜାତୀୟ ହାରର ୩ ଗୁଣ ରହିଛି। ମଧ୍ୟପ୍ରଦେଶରେ କୋଭିଡ୍-୧୯ ମାମଲା ୪୫୧ ରହିଥିବାବେଳେ ସେଥିରୁ ଅର୍ଦ୍ଧାଧିକ ହେଉଛି ଇନ୍ଦୋରର। ସୂଚନାଯୋଗ୍ୟ, କ୍ରମାଗତ ତୃତୀୟ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ସର୍ଭେରେ ଇନ୍ଦୋରକୁ ସବୁଠୁ ସ୍ୱଚ୍ଛ ସହର ମାନ୍ୟତା ମିଳିଥିଲା। ମୁସଲମାନ ବହୁଳ ଖଜ୍ରାନା, ଚନ୍ଦନନଗର, ରାଣୀପୁରା, ଟାଟପଟ୍ଟି ବଖାଲ ଏବଂ ସିଲାଓ୍ୱତପୁରା ଅଞ୍ଚଳରେ କରୋନା ସଂକ୍ରମଣ ସଂଖ୍ୟା ସର୍ବାଧିକ ରହିଛି।

# କେତେ ସଫଳ ହେବ ଆଣ୍ଟିବଡି ପରୀକ୍ଷା

**ଓ୍ୱାଶିଂଟନ,୧୧।୪:** କୋଭିଡ୍-୧୯ ସଂକ୍ରମଣକୁ ନେଇ ଅଧିକାଂଶ ଦେଶ ଲକ୍‌ଡାଉନ ରହିଛି। କେବେ ଜୀବନଯାତ୍ରା ସ୍ୱାଭାବିକ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କରୋନା ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି ଆମେରିକା। ଏବେ ବଡ଼ ପ୍ରଶ୍ନ ଉଠୁଛି, ଆମେରିକୀୟମାନେ କେବେ ଓ କିପରି ସ୍କୁଲ ଓ କାର୍ଯ୍ୟସ୍ଥଳ ଭଳି ସର୍ବସାଧାରଣ ସ୍ଥାନକୁ ଫେରିବେ। ଏହା ଆଣ୍ଟିବଡି ପରୀକ୍ଷା ଉପରେ ନିର୍ଭର କରୁଥିବା କୁହାଯାଉଛି। ଜଣେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ କି ନାହିଁ ତାହା ଏହି ପରୀକ୍ଷାରୁ ଜଣାପଡିବ। ଯେଉଁମାନଙ୍କଠାରେ ପ୍ରତିରୋଧ ଶକ୍ତି ଥିବା ବିଶ୍ୱାସ କରାଯିବ, ସେମାନେ ନିରାପଦରେ କାର୍ଯ୍ୟସ୍ଥଳକୁ ଫେରିପାରିବେ। କେଉଁ ସ୍ୱାସ୍ଥ୍ୟସେବା କର୍ମଚାରୀ ସଂକ୍ରମିତ ହେବାରୁ ସୁରକ୍ଷିତ ଓ ରୋଗୀଙ୍କ ଚିକିତ୍ସା ଜାରି ରଖିପାରିବେ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। ଜନସଂଖ୍ୟାର କେତେଭାଗ ସଂକ୍ରମିତ ହୋଇଛନ୍ତି ତାହା ଦେଖିବା ଲାଗି ଆଣ୍ଟିବଡି ପରୀକ୍ଷା ଆରମ୍ଭ ହୋଇଥିବା ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ଆଣ୍ଟିବଡି ଉପସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଦେଶର ୧୦,୦୦୦ ସୁସ୍ଥ ସ୍ୱେଚ୍ଛାସେବୀଙ୍କ ପରୀକ୍ଷା କରାଯିବ ବୋଲି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ପକ୍ଷରୁ ଘୋଷଣା କରାଯାଇଛି। ସପ୍ତାହେ ମଧ୍ୟରେ ବହୁସଂଖ୍ୟାରେ ପରୀକ୍ଷା ଉପଲବ୍ଧ ହୋଇପାରିବ ବୋଲି ସଂକ୍ରାମକ ରୋଗ ବିଶେଷଜ୍ଞ ଡ. ଆଣ୍ଟୋନୀ ଏସ୍. ଫୌସି କହିଛନ୍ତି। ସମାଜକୁ ଭୂତାଣୁ କେତେ କବଳିତ କରିଛି ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। କେତେକ ସ୍ଥିତିରେ ଇମ୍ୟୁନିଟି ସାର୍ଟିଫିକେଟର ଗୁରୁତ୍ୱ ରହିଛି। ବ୍ରିଟେନ, ଇଟାଲୀ ସମେତ ବିଭିନ୍ନ ଦେଶ କର୍ମଚାରୀଙ୍କୁ କାର୍ଯ୍ୟସ୍ଥଳକୁ ଫେରିବା ଲାଗି ଅନୁମତି ଦେବା ନିମନ୍ତେ ଇମ୍ୟୁନିଟି ପ୍ରମାଣ ଯୋଗାଇଦେବା କଥା ଚିନ୍ତା କରୁଛନ୍ତି। ଅଧିକାଂଶ ପରୀକ୍ଷା ଠିକ୍ ହେଉ ନ ଥିବାରୁ ଏହାର ସଠିକତାକୁ ନେଇ ସମସ୍ୟା ରହିଛି।

ସେରୋଲୋଜି ବା ଆଣ୍ଟିବଡି ପରୀକ୍ଷାରୁ କରୋନା ଭୂତାଣୁ ପ୍ରତି ଶରୀରର ପ୍ରତିଷେଧକ କ୍ଷମତା କେତେ ତାହା ଜଣାପଡିଥାଏ। ଆପଣଙ୍କ ଶରୀର ଉକ୍ତ ଭୂତାଣୁକୁ ପ୍ରତିରୋଧ କଲେ, ଏହି ଆଣ୍ଟିବଡିକୁ ଚିହ୍ନଟ କରିବା ଓ ପ୍ରତିଷେଧକ ପ୍ରତିକ୍ରିୟା ବଢ଼ାଇବା ଲାଗି କିଛି ସମୟ ଲାଗିବ। ଉକ୍ତ ପ୍ରତିଷେଧକ ଅଣୁଗୁଡ଼ିକୁ ଆଣ୍ଟିବଡ଼ି କୁହାଯାଇଥାଏ। ପ୍ରଥମ ପ୍ରକାର ଆଣ୍ଟିବଡି ହେଲା ଇମ୍ୟୁନୋଗ୍ଲୋବୁଲିନ୍ ଏମ୍ ବା ଆଇଜିଏମ୍। ସଂକ୍ରମଣର କିଛିଦିନ ମଧ୍ୟରେ ଏହାର ସ୍ତର ବୃଦ୍ଧି ପାଇଥାଏ। ଏହା ଏକ ଜେନେରିକ୍ ଯୋଦ୍ଧା। ନିର୍ଦ୍ଦିଷ୍ଟ ଭୂତାଣୁକୁ ଧ୍ୱଂସ କରିବାରେ ଶରୀର ଏହାକୁ ଦ୍ୱିତୀୟ ପ୍ରକାର ଆଣ୍ଟିବଡି ଇମ୍ୟୁନୋଗ୍ଲୋବୁଲିନ୍ ଜି ବା ଆଇଜିଜିରେ ପରିବର୍ତ୍ତନ କରିଥାଏ, ଯାହା ଭୂତାଣୁକୁ ଚିହ୍ନଟ କରିପାରେ। ସଂକ୍ରମଣ ଆରମ୍ଭ ହେବାରୁ ୨୮ ଦିନ ମଧ୍ୟରେ ଆଇଜିଜି ଯଥେଷ୍ଟ ବୃଦ୍ଧି ପାଇଥାଏ। ଏହାବ୍ୟତୀତ ଫୁସ୍‌ଫୁସ୍‌ର ଆଭ୍ୟନ୍ତରୀଣ ସ୍ତର ମୁକୋସାଲ ଟିସ୍ୟୁରେ ତୃତୀୟ ପ୍ରକାର ଆଣ୍ଟିବଡି ଆଇଜିଏ ରହିଛି। ଇନ୍‌ଫ୍ଲୁଏଞ୍ଜା ଭଳି ଶ୍ୱାସକ୍ରିୟାଜନିତ ସଂକ୍ରମଣକୁ ପ୍ରତିହତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ।

ତେବେ ଏହି ଆଣ୍ଟିବଡି ବହୁ ବିଳମ୍ବରେ ବିକଶିତ ହେଉଥିବାରୁ ସଂକ୍ରମଣକୁ ଆରମ୍ଭରୁ ଚିହ୍ନଟ କରିବାରେ ସହାୟକ ହୋଇ ନ ଥାଏ। ତେଣୁ ଡାଇଗ୍ନୋସିସ୍‌ରେ ଏହା କାମରେ ଆସି ନ ଥାଏ ବୋଲି ନ୍ୟୁୟର୍କର ଭାଇରୋଲୋଜିଷ୍ଟ ଡ. ଫ୍ଲୋରିଆନ୍ କ୍ରାମର କହିଛନ୍ତି। ତେବେ ୨୫ରୁ ୫୦ ପ୍ରତିଶତ ସଂକ୍ରମିତଙ୍କ ଠାରେ କୌଣସି ଲକ୍ଷଣ ଦେଖାଦେଉ ନ ଥିବାବେଳେ ଅନ୍ୟମାନଙ୍କଠାରେ ସାମାନ୍ୟ ଅସୁସ୍ଥତା ଦେଖାଦେଇଥାଏ। ସେରୋଲୋଜି ପରୀକ୍ଷାରୁ ସେହି ଲୋକମାନଙ୍କୁ ଚିହ୍ନଟ କରିହେବ ଓ କରୋନାରେ ମୃତ୍ୟୁହାର ଆକଳନ କରିବାରେ ସହାୟକ ହୋଇପାରିବ ବୋଲି କୁହାଯାଉଛି।



# ମାଛ ଉପରୁ ହଟିଲା ଲକ୍‌ଡାଉନ କଟକଣା

ଭୁବନେଶ୍ୱର,୧୧।୪(ବ୍ୟୁରୋ)



- ମାଛ ବ୍ୟବସାୟୀ, ମତ୍ସ୍ୟଜୀବୀଙ୍କୁ ହଇରାଣ ନ କରିବାକୁ କେନ୍ଦ୍ରର ପରାମର୍ଶ
- ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ଗୁରୁତ୍ୱ
- ଉପକୃତ ହେବେ ରାଜ୍ୟର ୧.୧୪ଲକ୍ଷ ମତ୍ସ୍ୟଜୀବୀ ପରିବାର

କୋଭିଡ-୧୯ ସଂକ୍ରମଣ ଆଶଙ୍କାକୁ ଦେଖି କେନ୍ଦ୍ର ସରକାର ସମଗ୍ର ଦେଶରେ ଲକ୍‌ଡାଉନ ଜାରି କରିଛନ୍ତି। ଏଥିଯୋଗୁ ମତ୍ସ୍ୟ ଉତ୍ପାଦନ ଓ ବ୍ୟବସାୟ ଗଭୀର ଭାବେ ପ୍ରଭାବିତ ହୋଇଛି। ମତ୍ସ୍ୟଜୀବୀଙ୍କ ଜୀବିକା ଉଜୁଡି ଯାଇଛି। ଅନ୍ୟରାଜ୍ୟରୁ ଓଡ଼ିଶାକୁ ମାଛ ଆମଦାନୀ ବନ୍ଦ ହୋଇଯାଇଛି। ରାଜ୍ୟ ଭିତରେ ମଧ୍ୟ ଉତ୍ପାଦନ ହ୍ରାସ ପାଇଛି। ଲକ୍‌ଡାଉନ ଯୋଗୁ ପୂର୍ବଭଳି ବଜାରରେ ମାଛ ଉପଲବ୍ଧ ହେଉ ନାହିଁ। କେବଳ ମଧୁର ମାଛ ନୁହେଁ ସାମୁଦ୍ରିକ ମାଛ ଉତ୍ପାଦନ ମଧ୍ୟ ଅତି ମାତ୍ରାରେ ପ୍ରଭାବିତ ହୋଇଛି। ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ବିଭାଗର ୨୦୧୭-୧୮ବାର୍ଷିକ ରିପୋର୍ଟ ତଥ୍ୟ ଅନୁଯାୟୀ ରାଜ୍ୟରେ ବାର୍ଷିକ ୬.୮୩ଲକ୍ଷ ମେଟ୍ରିକ ଟନ୍ ମାଛର ଉତ୍ପାଦନ ହେଉଛି। ଦୈନିକ ପ୍ରାୟ ୨ହଜାର ମେଟ୍ରିକ ଟନ୍ ମାଛର ଆବଶ୍ୟକତା ରହିଛି। ରାଜ୍ୟରେ ମୋଟ ୧ଲକ୍ଷ ୧୪ହଜାର ୨୩୮ମତ୍ସ୍ୟଜୀବୀ ପରିବାର ଅଛନ୍ତି। ସେମାନଙ୍କ ମଧ୍ୟରୁ ୬ଲକ୍ଷ ୫ହଜାର ୫୧୪ଜଣ ସାମୁଦ୍ରିକ ମାଛ ଉପରେ ନିର୍ଭର କରୁଥିବାବେଳେ ମଧୁର ଜଳ ମାଛ ବ୍ୟବସାୟ ଉପରେ ୯ଲକ୍ଷ ୯ହଜାର ୯୨୬ଜଣ ନିର୍ଭର କରନ୍ତି। ଲକ୍‌ଡାଉନ କଟକଣା ଓ ମାଛ ବ୍ୟବସାୟ ମାନ୍ଦା ଯୋଗୁ ମତ୍ସ୍ୟଜୀବୀମାନେ ଜୀବିକା ହରାଇ ଘରେ ବସି ରହିଛନ୍ତି। ସେମାନେ ସମୁଦ୍ରରୁ ମାଛ ଧରିଲେ ମଧ୍ୟ ତାହା ବିକ୍ରି ହେଉ ନାହିଁ। ବଜାରରେ ମାଛ ଆବଶ୍ୟକତା ଅନୁଯାୟୀ ଉପଲବ୍ଧ ହେଉ ନ ଥିବାରୁ ଦର ମଧ୍ୟ ବଢି ଯାଇଛି। ଏହି ଅତ୍ୟାବଶ୍ୟକ ସାମଗ୍ରୀକୁ ଲକ୍‌ଡାଉନ କଟକଣା ମୁକ୍ତ କରାଯାଇଛି। ମତ୍ସ୍ୟ ସମ୍ବନ୍ଧୀୟ ସମସ୍ତ କଟକଣାକୁ ହଟାଇ ଦେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛି। ଲକ୍‌ଡାଉନ କଟକଣାରୁ ସମୁଦ୍ରରୁ ମାଛ ଧରିବା, ମାଛ ଜାଆଁଳ ଶିଳ୍ପ, ମାଛ ମାରିବା, ବଢ଼ାଇବା ଓ ସେମାନଙ୍କୁ ଦାନା ଦେବା ଆଦି ଜରୁରୀ କାର୍ଯ୍ୟକୁ କଟକଣା ମୁକ୍ତ କରିବା ସହ ମାଛ, ମାଛ ଖାଦ୍ୟ, ଜାଆଁଳ ନେଇ ଯାଉଥିବା ଯାନ ବାହାନକୁ ନ ଅଟକାଇବାକୁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଏଥିରେ ନିୟୋଜିତ କମଚାରୀଙ୍କୁ ହଇରାଣ ହରକତ ନ କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ ପରାମର୍ଶ ଦିଆଯାଇଛି। ତେବେ ଏହିକାର୍ଯ୍ୟରେ ନିୟୋଜିତ ସଂସ୍ଥା କିମ୍ବା ଅନୁଷ୍ଠାନ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ ଯେପରି ପାଳନ କରିବେ ସେ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି।

## ତାସ୍ ନ ଖେଳିବାକୁ ବାଗ୍‌ଚୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୧।୪(ବ୍ୟୁରୋ)




କରୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତ୍ୱ ହେଉଛି ବଡ଼ ଅସ୍ତ୍ର। ରାଜ୍ୟ ସରକାର ବାରମ୍ବାର ଏହାକୁ ଗୁରୁତ୍ୱ ଦେଉଥିବାବେଳେ ଅନେକ ପାଳନ କରୁନାହାନ୍ତି। ଲକ୍‌ଡାଉନ୍ ସମୟରେ ବିଶେଷକରି ଗ୍ରାମାଞ୍ଚଳରେ ତାସ୍ ଖେଳ ଆସର ଜମିଥିବା ଖବର ସରକାରଙ୍କ ଦୃଷ୍ଟିଗୋଚର ହୋଇଛି। ତାସ୍, ପଶାପାଲି ଖେଳରେ ସାମାଜିକ ଦୂରତ୍ୱ ଭଙ୍ଗ ହେଉଛି। ତେଣୁ ଏଥିରୁ ନିବୃତ୍ତ ରହିବା ପାଇଁ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଶନିବାର ଗଣମାଧ୍ୟମକୁ ସୂଚନା ଦେବା ସମୟରେ ବାଗ୍‌ଚୀ ଜନସାଧାରଣଙ୍କୁ ଏହି ପରାମର୍ଶ ଦେବାସହ କାଶ, ଛିଙ୍କରୁ କିପରି କୋଭିଡ୍-୧୯ ଭୂତାଣୁ ବ୍ୟାପିପାରେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସାଙ୍ଗସାଥୀ ମେଳରେ ଯେବେ ତାସ୍ ପସରା ଖୋଲିଥାଏ ସେତେବେଳେ ଆମେ ସାମାଜିକ ଦୂରତାକୁ ଭୁଲି ଯାଇଥାଉ। ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ଆପଣଙ୍କୁ କିମ୍ବା ଆପଣଙ୍କ ସାଙ୍ଗଙ୍କୁ କାଶ, ଛିଙ୍କ ହୋଇଥାଏ ତେବେ ଏହା ଅନ୍ୟମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। କାଶିଲେ ଏହାର ଗୋଟିଏ କଣିକା ୧୯ ଫୁଟ୍ ପର୍ଯ୍ୟନ୍ତ ଗତି କରିପାରେ। ଆଉ ଛିଙ୍କିଲେ ୨୯ ଫୁଟ୍ ପର୍ଯ୍ୟନ୍ତ କଣିକା ଯାଇପାରେ। ତେଣୁ ବର୍ତ୍ତମାନର ସଂକଟ ସମୟ ଟଳିଯିବା ପର୍ଯ୍ୟନ୍ତ ତାସ୍, ପଶାଖେଳ ଖେଳନ୍ତୁ ନାହିଁ ବୋଲି ବାଗ୍‌ଚୀ ଅନୁରୋଧ କରିଛନ୍ତି।

# ହିତାଧିକାରୀଙ୍କୁ ମାଗଣାରେ ଡାଲି, ଚାଉଳ ସହାୟତା

ଭୁବନେଶ୍ୱର,୧୧।୪(ବ୍ୟୁରୋ)

**କରୋନା ମୁକାବିଲା**
- ୩ ମାସ ପାଇଁ ମୁଣ୍ଡପିଛା ମାସକୁ ୫ କିଗ୍ରା ଚାଉଳ
- ପରିବାର ପିଛା ମାସକୁ ୧ କେଜି ହରଡ଼ ଡାଲି

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଓଡ଼ିଶା ସମେତ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କୁ ମାସକୁ ମୁଣ୍ଡପିଛା ୫ କେଜି ଲେଖାଏ ଚାଉଳ ବିନାମୂଲ୍ୟରେ ତିନି ମାସ ପାଇଁ ଦିଆଯିବ। ଏପ୍ରିଲ୍, ମେ ଓ ଜୁନ୍ ମାସ ପାଇଁ ଏହି ଚାଉଳ ବଣ୍ଟନ କରାଯିବ। ଚାଉଳ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ହିତାଧିକାରୀଙ୍କୁ ଏହି ତିନି ମାସର ଚାଉଳ ସହିତ ପରିବାର ପିଛା ମାସକୁ ଏକ କିଲୋ ହରଡ଼ ଡାଲି ୩ ମାସ ପାଇଁ ବିନାମୂଲ୍ୟରେ ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏଥିନିମନ୍ତେ ତୁରନ୍ତ ଚାଉଳ ଓ ଡାଲି ଉଠାଣ ଓ ପରିବହନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନାରେ ରାଜ୍ୟର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୧ ଲକ୍ଷ ୧୬ ହଜାର ୭ ପରିବାରର ପ୍ରାୟ ୩ ଲକ୍ଷ ୭୮ ହଜାର ୮୨୯ ଜଣ ହିତାଧିକାରୀ ଉପକୃତ ହେବେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ୮୦ ଲକ୍ଷ ୨୬ ହଜାର ୩୭୫ଟି ପରିବାରର ପ୍ରାୟ ୨ କୋଟି ୮୬ ଲକ୍ଷ ୬ ହଜାର ୨୩୯ ଜଣ ହିତାଧିକାରୀ ଉପକୃତ ହେବେ। ସେହିଭଳି ଅନ୍ତ୍ୟୋଦୟ ଅନ୍ନ ଯୋଜନାର ୧୨ ଲକ୍ଷ ୫୯ ହଜାର ୧୮୧ ପରିବାରର ୩୮ ଲକ୍ଷ ୬୪ ହଜାର ୨୬୦ ଜଣ ହିତାଧିକାରୀ ଉପକୃତ ହେବେ। ହିତାଧିକାରୀଙ୍କୁ ମାସକୁ ମୁଣ୍ଡପିଛା ୫ କି.ଗ୍ରା ଲେଖାଏ ଚାଉଳ ତିନି ମାସ ପାଇଁ ବିନା ମୂଲ୍ୟରେ ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗ୍ୟ ରାଶନକାର୍ଡଧାରୀମାନଙ୍କୁ ୩ ମାସ ପାଇଁ ଯୋଗାଇ ଦିଆଯାଉଥିବା ଚାଉଳ ସହିତ ଅତିରିକ୍ତ ଭାବେ ଏହି ଚାଉଳ ଓ ଡାଲି ମାଗଣାରେ ଦିଆଯିବ।



ଲକ୍‌ଡାଉନ୍ ବେଳେ ପୁରୁଣା ଦିଲ୍ଲୀସ୍ଥିତ ଚୌରି ବଜାରରେ ବିଶ୍ରାମ ନେଇଛନ୍ତି ଜଣେ ଯୁବକ।

# ପୁନଃ ନିର୍ଦ୍ଦେଶନାମା ଜାରି କଲା ସାଧାରଣ ପ୍ରଶାସନ ବିଭାଗ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

**କୋଭିଡ୍-୧୯ ମହାମାରୀ ମୁକାବିଲା**
- କ୍ରିଟିକାଲ ବିଭାଗରେ ୫୦%, ପାର୍ସିଆଲି କ୍ରିଟିକାଲ ବିଭାଗରେ ୧୦% କର୍ମଚାରୀ କାର୍ଯ୍ୟାଳୟ ଆସିବେ
- ଅନ୍ୟ ବିଭାଗ କାର୍ମଚାରୀ ଘରୁ ରହି କାମ କରିବେ

କରୋନା(କୋଭିଡ୍-୧୯)ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିଛନ୍ତି। ପୂର୍ବରୁ ସମସ୍ତ ବିଭାଗକୁ ୩ଟି ବର୍ଗ(କ୍ରିଟିକାଲ, ପାର୍ସିଆଲି କ୍ରିଟିକାଲ ଏବଂ ନନ୍ କ୍ରିଟିକାଲ)ରେ ବିଭକ୍ତ କରିଥିଲେ। କ୍ରିଟିକାଲ ବର୍ଗରେ ଆସୁଥିବା ବିଭାଗର କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିବା ବାଧ୍ୟତାମୂଳକ ଥିବାବେଳେ ପାର୍ସିଆଲି କ୍ରିଟିକାଲ ବିଭାଗର କେଉଁ କର୍ମଚାରୀ କାର୍ଯ୍ୟାଳୟକୁ ଆସିବେ ସେନେଇ ବିଭାଗୀୟ ସଚିବ ସ୍ଥିର କରିବେ ବୋଲି ନିର୍ଦ୍ଦେଶ ରହିଥିଲା। ନନ୍ କ୍ରିଟିକାଲ ବିଭାଗର କର୍ମଚାରୀମାନେ କାର୍ଯ୍ୟାଳୟକୁ ନ ଆସିବାକୁ ନିର୍ଦ୍ଦେଶ ରହିଥିଲା। ଏପରି କି ସେମାନେ ଘରେ ରହି ଫୋନ ସହିତ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଇତିମଧ୍ୟରେ ରାଜ୍ୟ ସରକାର ଲକ୍‌ଡାଉନ ଅବଧିକୁ ଏପ୍ରିଲ ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଜଟିଳ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ପୂର୍ବ ନିର୍ଦ୍ଦେଶକୁ ବାତିଲ କରି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପୁଣି ଥରେ ସମସ୍ତ ବିଭାଗକୁ ୩ଟି ବର୍ଗରେ ବିଭକ୍ତ କରିଛନ୍ତି। ସେଗୁଡିକ ମଧ୍ୟରୁ ୧୧ଟି କ୍ରିଟିକାଲ ବିଭାଗ, ୧୩ଟି ପାର୍ସିଆଲି କ୍ରିଟିକାଲ ଏବଂ ୧୭ଟି ନନ୍ କ୍ରିଟିକାଲ ବିଭାଗ ଭାବେ ଘୋଷଣା କରାଯାଇଛି। ଏ ନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କ୍ରିଟିକାଲ ବର୍ଗରେ କୃଷି ଓ କୃଷକ ସଶକ୍ତୀକରଣ, ସମବାୟ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାଧାରଣ ପ୍ରଶାସନ, ଗୃହ ଓ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, ପଚାୟତିରାଜ ଓ ପାନୀୟ ଜଳ ଯୋଗାଣ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ରହିଛି। କଟକ ଓ ଭୁବନେଶ୍ୱର ସହରାଞ୍ଚଳରେ ଥିବା ଉକ୍ତ କାର୍ଯ୍ୟାଳୟଗୁଡ଼ିକରେ ୫୦ପ୍ରତିଶତ କର୍ମଚାରୀ ଉପସ୍ଥିତ ରହିବେ। କ୍ଷେତ୍ରସ୍ତରରେ କେଉଁ କାର୍ଯ୍ୟାଳୟ ଖୋଲାଯିବ ସେନେଇ ପ୍ରଶାସନିକ ବିଭାଗ ନିଷ୍ପତ୍ତି ନେବ। ସେହିପରି ପାର୍ସିଆଲି କ୍ରିଟିକାଲ ବର୍ଗରେ ବାଣିଜ୍ୟ ଓ ପରିବହନ, ଇଲେକ୍ଟ୍ରୋନିକ ଏବଂ ସୂଚନା ପ୍ରଯୁକ୍ତି, ଶକ୍ତି, ଅର୍ଥ, ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକ ସମ୍ପର୍କ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜସ୍ୱ, ଏସ୍‌ସି/ଏସ୍‌ଟି ଉନ୍ନୟନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଇସ୍ପାତ ଓ ଖଣି, ପୂର୍ତ୍ତ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ରହିଛି। ଏହି ବିଭାଗର ସମସ୍ତ କାର୍ଯ୍ୟାଳୟରେ ଅତି କମ୍‌ରେ ୧୦ପ୍ରତିଶତ କର୍ମଚାରୀ ଉପସ୍ଥିତ ରହିବେ। ସେହି ବିଭାଗଗୁଡ଼ିକର ପ୍ରଶାସନିକ ବିଭାଗ କ୍ଷେତ୍ରସ୍ଥଳର କାର୍ଯ୍ୟାଳୟଗୁଡ଼ିକ ଖୋଲିବା ନେଇ ନିଷ୍ପତ୍ତି ନେବେ। ଏହାଛଡ଼ା ଅବଶିଷ୍ଟ ୧୭ଟି ବିଭାଗର କୌଣସି କର୍ମଚାରୀ ଅଫିସକୁ ନ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସେହି ବିଭାଗର କର୍ମଚାରୀମାନେ ଫୋନ ମାଧ୍ୟମରେ ନିଜ ନିଜ ବିଭାଗର କାର୍ଯ୍ୟକୁ ତଦାରଖ କରିବେ। ଅଫିସ୍‌କୁ ଆସୁନଥିବା କର୍ମଚାରୀମାନେ ଘରେ ରହି କାର୍ଯ୍ୟ କରିବା ସହ ସୂଚନା ଦେବାମାତ୍ରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିନା ଲକ୍ଷଣରେ ବି ରହିପାରେ ଭୂତାଣୁ

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

- ୩୫ ଆକ୍ରାନ୍ତ ପାଖରେ ଦେଖାଯାଉନି ସାଧାରଣ ଲକ୍ଷଣ
- ଖୁବ୍‌ଶୀଘ୍ର ସୁସ୍ଥ ହୋଇ ଫେରିବେ ଆଉ କେତେଜଣ ଆକ୍ରାନ୍ତ
- ଲକ୍‌ଡାଉନ୍ ପାଇଁ ମିଳିଛି ସଫଳତା

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ଏହାକୁ ନେଇ ଚିନ୍ତା ବଢ଼ିଥିଲେ ମଧ୍ୟ ଇତିମଧ୍ୟରେ ୧୨ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିବା ଖବର ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ୫୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ପ୍ରଥମେ ଦୁଇଜଣ ଓ ଶୁକ୍ରବାର ଆଉ ୧୦ଜଣ ରୋଗୀ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ୩୭ଜଣ ଏବେ କୋଭିଡ୍-୧୯ ହସ୍ପିଟାଲରେ ରହିଛନ୍ତି। ୨ଜଣଙ୍କୁ ଡାକ୍ତରଙ୍କ ଚିକିତ୍ସା ଆବଶ୍ୟକ ରହିଥିବାବେଳେ ୩୫ଜଣ ଆକ୍ରାନ୍ତ ପାଖରେ କରୋନାର ସାଧାରଣ ଲକ୍ଷଣ ନାହିଁ। ସେମାନଙ୍କ ପାଖରେ ଜ୍ୱର, ଥଣ୍ଡା, କାଶ, ଛିଙ୍କ ଆଦି ଦେଖାଯାଉନାହିଁ। କିଛିଦିନ ପରେ ଆଉ କେତେଜଣ ମଧ୍ୟ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଆଶା କରାଯାଉଥିବା ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି। ଶନିବାର ସେ କହିଛନ୍ତି, ରାଜ୍ୟର ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୮୦ ପ୍ରତିଶତଙ୍କ ପାଖରେ କୌଣସି ଲକ୍ଷଣ ନ ଥିଲା। ତେଣୁ ବିନା ଲକ୍ଷଣରେ ମଧ୍ୟ କରୋନା ଭୂତାଣୁ ରହିପାରେ ବୋଲି ଶାଳିନୀ ସତର୍କ କରାଇଛନ୍ତି।




### ଓଡ଼ିଶାରେ ଯୁବ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ

ସାରା ବିଶ୍ୱରେ ୬୦ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ କରୋନା ଅଧିକ ସଂକ୍ରମିତ ହେଉଛି। କିନ୍ତୁ ଓଡ଼ିଶାରେ ମାତ୍ର ୮% ଅର୍ଥାତ ୪ଜଣ ଆକ୍ରାନ୍ତ ୬୦ବର୍ଷରୁ ଅଧିକ ରହିଛନ୍ତି। ଏହା ଓଡ଼ିଶା ପାଇଁ ଭଲ ଲକ୍ଷଣ। ଯେଉଁମାନେ ରିସ୍କ ଫାକ୍ଟରରେ ଅଛନ୍ତି, ସେମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହା ଲକ୍‌ଡାଉନ୍, ସାମାଜିକ ଦୂରତ୍ୱ ଭଳି ପଦକ୍ଷେପ ନିଆଯିବାରୁ ସମ୍ଭବ ହୋଇପାରିଛି ବୋଲି ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି। ରାଜ୍ୟର ଆକ୍ରାନ୍ତଙ୍କ ମଧ୍ୟରୁ ସର୍ବାଧିକ ୨୬ଜଣ (୫୨%) ୧୫ରୁ ୪୦ ବର୍ଷ ମଧ୍ୟରେ, ୧୨ଜଣ(୨୪%) ୪୧ରୁ ୬୦ବର୍ଷ, ୮ଜଣ(୧୬%) ୦ରୁ ୧୪ବର୍ଷ ମଧ୍ୟରେ ରହିଥିବା ସେ ସୂଚନା ଦେଇଛନ୍ତି।

# ଦୁଇ ନୂଆ କରୋନା ଆକ୍ରାନ୍ତଙ୍କ ତଥ୍ୟ ଜାରି

**ଭୁବନେଶ୍ୱର, ୧୧।୪(ବ୍ୟୁରୋ):** କରୋନା ଆକ୍ରାନ୍ତଙ୍କ ସମ୍ପର୍କରେ ଜାଣିବା ପାଇଁ ଲୋକଙ୍କ ଉତ୍କଣ୍ଠା ରହୁଛି। ଏହାଦ୍ୱାରା ସେମାନେ ସତର୍କ ଓ ସଚେତନ ରହୁଛନ୍ତି। ଶୁକ୍ରବାର ରାଜ୍ୟରେ ଆଉ ଦୁଇଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ନେଇ ରାତିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଶନିବାର ସେମାନଙ୍କ ତଥ୍ୟ ପ୍ରକାଶ ପାଇଛି। ଏମାନେ ଭୁବନେଶ୍ୱରର ହୋଇଥିବାବେଳେ ଜଣେ ହେଲେ ୩୫ବର୍ଷୀୟା ମହିଳା (କେସ୍ ନଂ.୪୯) ଓ ଅନ୍ୟଜଣେ ୨୩ବର୍ଷର ଯୁବକ (କେସ୍ ନଂ.୫୦)। ଦୁହେଁ ଭୁବନେଶ୍ୱରର ୟୁନିଟ୍-୪ ମଧୁସୂଦନ ନଗରରୁ ଚିହ୍ନଟ ଆକ୍ରାନ୍ତ ନଂ.୪୧ଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଇଛି। ଏଥିସହ ଏହି ଦୁଇଜଣଙ୍କ ଭ୍ରମଣ ତଥ୍ୟ ମଧ୍ୟ ଦିଆଯାଇଛି। ଆକ୍ରାନ୍ତ ମହିଳା ଜଣକ ମାର୍ଚ୍ଚ ୨୦ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ମଧୁସୂଦନନଗରସ୍ଥିତ ଘରେ ରହିଥିଲେ। ୪ରେ ରେଡ୍‌କ୍ରସ ଭବନ ଅଞ୍ଚଳରେ ବୁଲାବୁଲି ପରେ ୬ ତାରିଖରେ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ତାଙ୍କର ନମୁନା ସଂଗ୍ରହ କରାଯାଇଥିଲା। ୧୦ ତାରିଖରେ ରିପୋର୍ଟ ପଜିଟିଭ୍ ଆସିବା ପରେ ୧୧ ତାରିଖରେ କିମ୍ସ କୋଭିଡ୍-୧୯ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି।



କରୋନା ଭାଇରସ୍ ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ୍ ଚାଲିଥିବାବେଳେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ମେଣ୍ଢାପଲକୁ ଚରାଇବାକୁ ନେଉଛନ୍ତି ଜଣେ ଯାଯାବର।

# ସୁରଟରେ ଫସିଥିବା ଶ୍ରମିକଙ୍କ ବିକ୍ଷୋଭ

ଅହମ୍ମଦାବାଦ,୧୧।୪



ଅଗ୍ନୀଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

- ଭିଟାମାଟିକୁ ଫେରିବାକୁ କଲେ ଦାବି
- ବ୍ୟାପକ ଭଙ୍ଗାରୁଜା ସହ ନିଆଁ ଲଗାଇଲେ

ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ସୁରଟ ଲସ୍କନା ଅଞ୍ଚଳରେ ବିଭିନ୍ନ ରାଜ୍ୟର ହଜାର ହଜାର ଶ୍ରମିକ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶାର। କାମଧନ୍ଦା ଅଭାବରୁ ଏବେ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ଯେଉଁ କମ୍ପାନୀରେ କାର୍ଯ୍ୟ କରୁଥିଲେ ତାହା ଲକ୍‌ଡାଉନ ଯୋଗୁ ବନ୍ଦ ଥିବାରୁ ସେମାନଙ୍କୁ ଦରମା ମଧ୍ୟ ମଳିପାରୁ ନାହିଁ। ଏପରି କି ଟ୍ରେନ୍, ବସ୍ ଚଳାଚଳ ବନ୍ଦ ଥିବାରୁ ସେମାନେ ନିଜ ଘରକୁ ମଧ୍ୟ ଫେରି ପାରୁନାହାନ୍ତି। ଫଳରେ ଭୋକ ଉପାସରେ ଦିନ କାଟୁଛନ୍ତି। ଏଭଳିସ୍ଥିତିରେ ଭିଟାମାଟିକୁ ଫେରିବା ଏବଂ ଦରମା ଦାବିରେ କିଛି ଶ୍ରମିକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଶୁକ୍ରବାର ରାତିରେ ଶତାଧିକ ଲୋକ ରାସ୍ତାପାର୍ଶ୍ୱରେ ଥିବା ଡଜନରୁ ଊର୍ଦ୍ଧ୍ୱ ପରିବା ବୋଝେଇ ଠେଲାଗାଡ଼ି ଏବଂ କିଛି ଦୋକାନରେ ଭଙ୍ଗାରୁଜା କରିଛନ୍ତି। ଏପରି କି କିଛି ପରିବା ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଏକ ମାମଲା ରୁଜୁ କରି ୭୦ଜଣଙ୍କୁ ଅଟକ ରଖିଛି।

ମିଳିଥିବା ସୂଚନାନୁସାରେ ବିକ୍ଷୋଭ କରିଥିବା ଶ୍ରମିକମାନେ ଲାସ୍କଣା ଅଞ୍ଚଳରେ ରୁହନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସୂତାକଳରେ କାମ କରିଥାନ୍ତି। ଲକ୍‌ଡାଉନ ଯୋଗୁ ସବୁ କାରଖାନା ବନ୍ଦ ଥିବାରୁ ସେମାନଙ୍କୁ କାମଧନ୍ଦା ମିଳୁନାହିଁ। ଏପରି କି ସେମାନଙ୍କୁ ଖାଦ୍ୟ ମଧ୍ୟ ମିଳୁ ନାହିଁ। ଭୋକ ଉପାସରେ ଆଉଟୁ ପାଉଟୁ ହେଉଥିବାବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମଧ୍ୟ ମିଳୁ ନାହିଁ। ତେଣୁ ସେମାନେ ପ୍ରତିକ୍ରିୟାଶୀଳ ହୋଇ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବିପୁଲନଗର ପରିବା ବଜାରକୁ ଆସି ବିକ୍ଷୋଭ କରିବା ସହ ଭଙ୍ଗାରୁଜା କରିଥିଲେ। ସାର୍ଥନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଘଉଡ଼ାଇଥିଲା। ରାସ୍ତା ପାର୍ଶ୍ୱରେ ଥିବା ପରିବା ବୋଝେଇ ଠେଲାଗାଡ଼ି ଏବଂ ବିଭିନ୍ନ ଆସବାବପତ୍ର ଭଙ୍ଗାରୁଜା ସହ ନିଆଁ ଲଗାଇବା ଅଭିଯୋଗରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅପରପକ୍ଷରେ ଗୁଜରାଟ ସରକାର ସୁରଟରେ ଫସିଥିବା ବାହାର ରାଜ୍ୟର ଶ୍ରମିକମାନଙ୍କୁ ନିରାଶ କରୁଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଟୁଇଟ ଜରିଆରେ ଉଲ୍ଲେଖ କରିଛନ୍ତି।

## ସାଙ୍ଗ ବ୍ୟାଟ୍ ମାଡ଼ରେ ନାବାଳକଙ୍କ ମୃତ୍ୟୁ

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଥାନା ଖରିଡ଼ା ଗ୍ରାମରେ ଶନିବାର ପୂର୍ବାହ୍ନରେ କ୍ରିକେଟ ଖେଳରୁ ହତ୍ୟାକାଣ୍ଡ ଘଟିଛି। ସାଙ୍ଗଙ୍କ ବ୍ୟାଟ ମାଡରେ ବିଭୁ ସେଠୀ (୧୪) ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ପିଲାମାନେ ଗାଁ ପଡ଼ିଆରେ କ୍ରିକେଟ ଖେଳୁଥିବାବେଳେ ବିଭୁଙ୍କ ସହ ଅନ୍ୟ ଜଣେ ନାବାଳକଙ୍କର କୌଣସି କାରଣରୁ ବଚସା ହୋଇଥିଲା। ଫଳରେ ସେ ବ୍ୟାଟରେ ବିଭୁଙ୍କ କାନମୁଣ୍ଡକୁ ପିଟି ଦେଇଥିଲେ। ସେହିଠାରେ ହିଁ ବିଭୂ ଟଳି ପଡିଥିଲେ। ବିଭୂଙ୍କ ଜେଜେବାପାଙ୍କ ଏତଲାକ୍ରମେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଛି।



ଲକ୍‌ଡାଉନ୍ ଚାଲିଥିବାବେଳେ ମୁମ୍ବାଇର ଏକ ରାସ୍ତାରେ ଚିତ୍ରକରମାନେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କରୋନା ଭାଇରସ୍ ପେଣ୍ଟିଂ କରୁଛନ୍ତି।

# 'ମୁକାବିଲା ପାଇଁ ସଚେତନତାକୁ ଗୁରୁତ୍ୱ'

ଭୁବନେଶ୍ୱର,୧୧।୪(ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ଏବଂ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି। ଏଥିପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଅବଗତ କରାଇବା ପାଇଁ ଗତ ମାର୍ଚ୍ଚ ୧୯, ୨୦ ଓ ୨୧ ତାରିଖରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲା ପରିଷଦ ସଦସ୍ୟମାନଙ୍କ ପାଇଁ ସଚେତନତା ସଭା କରାଯାଇଛି।

କୋଭିଡ୍-୧୯ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୬୭୯୮ ଗ୍ରାମପଞ୍ଚାୟତରେ ୧,୬୨,୧୪୨ ଶଯ୍ୟାବିଶିଷ୍ଟ ମୋଟ ୬୯୩୯ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଛି। ଗ୍ରାମପଞ୍ଚାୟତ ପାଣ୍ଠିରୁ କୋଭିଡ୍-୧୯ ସ୍ୱତନ୍ତ୍ର ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ପ୍ରସ୍ତୁତି ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ମୌଳିକ ସୁବିଧାସୁଯୋଗ ଏବଂ ପରିମଳ ବ୍ୟବସ୍ଥା ସହ ପ୍ରସ୍ତୁତ ରହିବା ନିମନ୍ତେ ଯଥାକ୍ରମେ ୧୦ ଲକ୍ଷ ଟଙ୍କା ଏବଂ ୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ସମସ୍ତ ଗ୍ରାମପଞ୍ଚାୟତରେ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ପେନ୍‌ସନ୍, ରାଶନ ସାମଗ୍ରୀ ଓ ସ୍ୱତନ୍ତ୍ର ଖାଦ୍ୟ ସୁରକ୍ଷା ଭତ୍ତା ବଣ୍ଟନ କରାଯାଇଛି। ସାମାଜିକ ଦୂରତ୍ୱ ପାଳନ କରି ୬୯୯୬ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମାର୍ଚ୍ଚ ୨୯ ତାରିଖରୁ ନିରନ୍ତର ଭାବରେ ରନ୍ଧାଖାଦ୍ୟ ପ୍ରସ୍ତୁତିରେ ନିୟୋଜିତ ହୋଇ ଏପ୍ରିଲ୍ ୧୦ ତାରିଖ ସୁଦ୍ଧା ୩୫,୦୮,୦୯୬ ଜଣଙ୍କୁ ବିନାମୂଲ୍ୟରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ନିଜକୁ ନିୟୋଜିତ କରି ବିଶ୍ରାମହୀନ କାମ କରିବାକୁ ପଡିପାରେ । ଗାଡି, ମୋଟର, ପରିବହନ, ପ୍ରଶାସନିକ ସ୍ତରରେ ଆଲୋଚନା, ତଥା ଭ୍ରମଣହେତୁକ ଖୁସୀ ରହିବ । ଭାଇଭାଇ, ସାହିପଡୋଶୀ,ବନ୍ଧୁବାନ୍ଧବ କିମ୍ବା ସହକର୍ମୀଙ୍କ ସହ କଳହ ଲାଗିପାରେ ।

**ବୃଷ** ମାନସିକ ଅସ୍ଥିରତା ସୃଷ୍ଟିହେଲେ ମଧ୍ୟ ବନ୍ଧୁଙ୍କ ଆଦର, ସୁହାଗ ପାଇ ସବକିଛି ଭୁଲିଯିବେ । ଘରେ ଅସାବଧାନତାବଶତଃ ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ । ଆତ୍ମୀୟଙ୍କ ସହ ଖୁସୀ ଗପ କରିପାରନ୍ତି । ଅଯାଚିତ ଭାବରେ ପାଖ,ପଡୋଶୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ ।

**ମିଥୁନ** ପରୋକ୍ଷଭାବରେ ବନ୍ଧୁମିଳନ ସଙ୍ଗକୁ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଖୁରାକ ମଧ୍ୟ ପାଇବେ । ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଏବଂ ଅବଶ୍ୟ ତାହା କାର୍ଯ୍ୟକାରୀ ହୋଇପାରିବ । ଗତକାଲିର କୌଣସି ଘଟଣା ସକାଶେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିପାରେ ।

**କର୍କଟ** କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ । ଚେଷ୍ଟାସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ । ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତାକରିପାରନ୍ତି । ପରିବାର ସହ ହସ,ଖୁସୀ ଓ ମଜାମଉଜ ମଧ୍ୟରେ ଆଜିର ସମୟ ଅତିବାହିତ ହେବ ।

**ସିଂହ** ଆପଣ ପରିଜନଙ୍କ ମନଧରି କାମ କଲେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ହୋଇପାରେ । ନିକଟସ୍ଥ ବ୍ୟକ୍ତିବିଶେଷମାନେ ନିଜର ଦୋଷଦର୍ଶିତା ଗୁଣ ହେତୁ ସମାଲୋଚନା କରିପାରନ୍ତି । ତରବରିଆ କାମରେ ସତର୍କ ନ ରହିଲେ ଗୋଡରେ ଆଘାତ ଲାଗିପାରେ । ଅଧ୍ୟାପନାରେ ଉନ୍ନତି କରିବେ ଏବଂ ପରିଭ୍ରମଣ ପାଇଁ ଦିନଟି ମନ୍ଦ ନୁହେଁ ।

**କନ୍ୟା** ବନ୍ଧୁଙ୍କ ଉପରେ ସନ୍ଦେହ ଜାଗ୍ରତହେବା କାରଣରୁ ସହଜରେ ବିଶ୍ୱାସ କରିପାରିବେ ନାହିଁ । ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ଜଣେ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ନିଶ୍ଚିତ ପାଇପାରିବେ । ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ । ଚିନ୍ତା କରନ୍ତୁ ନାହିଁ, ସ୍ଥଗିତ କାମ କାଲି ସମ୍ପନ୍ନ କରିପାରିବେ ।

**ତୁଳା** ନବମସ୍ଥ ରାହୁ ନିକଟ ସମ୍ପର୍କୀୟମାନଙ୍କ ସହ କଳହର କାରଣ ହୋଇପାରେ । କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍ସନ ଲାଗିରହିବ । ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ।

**ବିଛା** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, କୌଣସି କାମ ଅଟକିବ ନାହିଁ । ଅନ୍ୟକୁ ସାହାଯ୍ୟ କରିବା ଦିଗରେ ଉତ୍ସୁକତା ପ୍ରକାଶ କରିବେ କିନ୍ତୁ ଆପଣଙ୍କ ଦରକାର ସମୟରେ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡିବ । ରୋଗ, ଋଣରୁ ରକ୍ଷା ପାଇବାର ପରିକଳ୍ପନା କରିପାରନ୍ତି ।

**ଧନୁ** ପାରିବାରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାରର ସମସ୍ୟା ହେତୁ ମନ ବିଚଳିତ ରହିପାରେ । ନିକଟସ୍ଥ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ । ଉତ୍ତରାଷାଢା ନକ୍ଷତ୍ରର ବିଳାସବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ । ନିଜ ସହ ଅନ୍ୟମାନଙ୍କୁ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି ।

**ମକର** ଅଭିଳାଷ ପୂରଣ ନ ହେବାର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ । ପୂର୍ବରାଗକୁ ଶୁଖାଇବାକୁ ଯାଇ ବିନା କାରଣରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି ।

**କୁମ୍ଭ** ଆଜି ଯାହା କରନ୍ତୁନା କାହିଁକି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ । ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ । ଜଣେ ବନ୍ଧୁ ଆଜି ସାହାଯ୍ୟର ପ୍ରତିଶ୍ରୁତି ଦେବେ, ଯାହା କି ମନକୁ ଖୁସୀ କରିଦେଇପାରେ ।

**ମୀନ** ଦୀର୍ଘଦିନର ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ । ପାରିବାରିକ ସ୍ତରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ । ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହା କି ସମସ୍ୟାର କାରଣ ହୋଇପାରେ । ନିକଟ ସମ୍ପର୍କୀୟଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି ।

ଆଜି ବୈଶାଖ କୃଷ୍ଣ ୫ମୀ ରବିବାର, ମାସାନ୍ତ, ବର୍ଷାନ୍ତ, ଇଷ୍ଟର ରବିବାର, ଏପ୍ରିଲ ୧୨ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା । ବିଛା ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ସକାଳ ଘ.୦୬.୨୪ମି.ଗତେ ଘ.୦୯.୪୩ମି.ମଧ୍ୟେ, ସନ୍ଧ୍ୟା ଘ.୦୭.୩୩ମି.ଗତେ ଘ.୦୯.୦୫ମି.ମଧ୍ୟେ ଅମୃତ ବେଳା । ପ୍ରାତଃ ଘ.୦୫.୩୪ମି.ଗତେ ଘ.୦୬.୨୪ମି.ମଧ୍ୟେ, ଘ.୦୧.୦୨ମି.ଗତେ ଘ.୦୧.୫୧ମି.ମଧ୍ୟେ,ସନ୍ଧ୍ୟା ଘ.୦୬.୪୬ମି.ଗତେ ଘ.୦୭.୩୩ମି.ମଧ୍ୟେ, ରାତ୍ରି ଘ.୧୨.୧୦ମି. ଗତେ ଘ.୦୩.୧୫ମି.ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ଣ ଘ.୦୪.୨୭ମି.ଗତେ ଘ.୦୬.୦୦ମି.ମଧ୍ୟେ ରାହୁକାଳ ।

## କେନ୍ଦ୍ରୀୟ ସହାୟତା ଲୋଡ଼ିଲା ରାଜ୍ୟ

■ ଲକ୍‌ଡାଉନ ଯୋଗୁ ଏମ୍‌ଏସ୍‌ଏମ୍‌ଇ ପ୍ରଭାବିତ

ଭୁବନେଶ୍ୱର,୧୧।୪(ବ୍ୟୁରୋ): ବିଶ୍ୱବ୍ୟାପୀ କରୋନାଜନିତ ଭୟାବହତାକୁ ନେଇ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)କ୍ଷେତ୍ର ପ୍ରାୟତଃ ବନ୍ଦ ହୋଇ ପଡ଼ିଥିବା ଯୋଗୁ ଏ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଏ ନେଇ ଶନିବାର ବିଭାଗୀୟ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରସାୟନ ଓ ସାର ମନ୍ତ୍ରୀ ସଦାନନ୍ଦ ଗୌଡ଼ା ଏବଂ କେନ୍ଦ୍ରମନ୍ତ୍ରୀ ଫଗନ୍ ସିଂ କୁଲସ୍ତେଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି । ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଲକ୍‌ଡାଉନ୍ ପାଇଁ ବିଶେଷ ପ୍ରଭାବିତ ହୋଇଛି । ଶ୍ରମିକମାନେ ତାଙ୍କର ରୋଜଗାର ହରାଇ ହାତ ବାନ୍ଧି ବସିବାକୁ ବାଧ୍ୟ ହୋଇଛନ୍ତି । ଶ୍ରମଜୀବୀମାନେ ବେରୋଜଗାର ହୋଇଥିବାରୁ ଏହି କ୍ଷେତ୍ରରେ ଜୀବିକା ଉପାର୍ଜନ କରୁଥିବା ବୃହତ୍ ବର୍ଗଙ୍କ ଅର୍ଥନୀତି ଦିଗ ହରାଇଛି। କରୋନା ପରେ ଅବସ୍ଥା ସ୍ୱାଭାବିକ ହେଲେ ଏହି କ୍ଷେତ୍ରକୁ କିପରି ପୁଣିଥରେ ସଚଳ କରାଯାଇପାରିବ ସେଥିପାଇଁ କେନ୍ଦ୍ରୀୟ ସହଯୋଗର ସୁଯୋଗ ସୃଷ୍ଟି କରିବାକୁ ଦିବ୍ୟଶଙ୍କର କେନ୍ଦ୍ର ମନ୍ତ୍ରୀମାନଙ୍କୁ ଅନୁରୋଧ କରିଥିଲେ । ଦେଶର ଅର୍ଥନୀତିରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଯୋଗଦାନର ଅଧିକ ଗୁରୁତ୍ୱ ରହିଛି । ତେଣୁ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ ସେ ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଥିବା ଗଣମାଧ୍ୟମକୁ ଜଣାଇଛନ୍ତି ।

# ଡରାଉଛି ଭୂତାଣୁ ଭୂତ

■ ଦିନକରେ ୩୬ ହଜାର ଆକ୍ରାନ୍ତ
■ ଗଡ଼ିଲାଣି ୧.୦୬ ଲକ୍ଷ ମୁଣ୍ଡ
■ ସଂକ୍ରମିତଙ୍କ ସଂଖ୍ୟା ୧୮ ଲକ୍ଷ
■ ଆମେରିକାରେ ଦୟନୀୟ ସ୍ଥିତି
■ ବ୍ରିଟେନରେ ଦିନକରେ ଗଲା ୯୦୦ ଜୀବନ

ୱାଶିଂଟନ/ରୋମ୍/ଲଣ୍ଡନ,୧୧।୪

ଚାରିଆଡ଼େ ଗମ୍ଭୀର ସ୍ଥିତି। କରୋନା ଭୂତାଣୁ ଯୋଗୁ ସାରାବିଶ୍ୱ ଛଟପଟ। ଏହି ମହାମାରୀ ଭୂତାଣୁ ୨୧୦ ଦେଶରେ କୋକୁଆ ଭୟ ସୃଷ୍ଟିକରିଛି। ଭୟ ଓ ଆତଙ୍କ ମଧ୍ୟକୁ ଠେଲି ହୋଇଯାଇଛି ପୃଥିବୀ। ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଭୂତାଣୁ ଭୂତ ସମସ୍ତଙ୍କୁ ଡରାଉଛି। ଅଦ୍ୟାବଧି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୮ ଲକ୍ଷ ଛୁଇଁଥିବା ବେଳେ ବିଶ୍ୱବ୍ୟାପୀ ୧ଲକ୍ଷ ୬ ହଜାର ମୁଣ୍ଡ ଗଡ଼ିଲାଣି। ଗୋଟିଏ ଦିନରେ ୩୬ ଲକ୍ଷରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩,୮୭୪ ଜୀବନ ଯାଇଛି। ଆମେରିକାରେ ଦୟନୀୟ ସ୍ଥିତି ସୃଷ୍ଟିହୋଇଛି। ଏଠାରେ ବିଶ୍ୱର ସର୍ବାଧିକ ବ୍ୟକ୍ତି ଭୂତାଣୁ ସଂକ୍ରମଣରେ ପ୍ରାଣ ହରାଇଛନ୍ତି। ମୃତ୍ୟୁସଂଖ୍ୟା ଏଠି ୧୯, ୮୨୭ ରହିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୫ ଲକ୍ଷ ୬ ହଜାର ଉପରେ ରହିଛି। ସ୍ପେନ୍‌ରେ ୧.୬୧ ଲକ୍ଷ ଭୂତାଣୁ ସଂକ୍ରମିତ ହୋଇଥିବା ବେଳେ ୧୬,୩୫୩ ଜୀବନ ଗଲାଣି। ଇଟାଲୀରେ ୧.୫୨ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ଥିବା ଜଣାପଡ଼ିଛି। ଏଠାରେ ୧୯,୪୬୮ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଫ୍ରାନ୍ସରେ ୧୩ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୧. ୨୫ ଲକ୍ଷରେ ପହଞ୍ଚିଛି। ଜର୍ମାନୀରେ ୧.୨୩ ଲକ୍ଷ ମାମଲା ରହିଥିବା ବେଳେ ମୃତ୍ୟୁସଂଖ୍ୟା ୨,୭୩୬ ରହିଛି। ଚାଇନାରେ ସ୍ଥିତି ସୁଧୁରିଥିଲେ ହେଁ ଆକ୍ରାନ୍ତଙ୍କ ସଂଖ୍ୟା ୮୧,୯୫୩ ରହିଛି। ଏଠାରେ ମୃତ୍ୟୁସଂଖ୍ୟା ୩,୩୩୯। ବ୍ରିଟେନରେ ଅହେତୁକ ଭାବେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। କେବଳ ଶନିବାର ଏଠାରେ ହଜାରେରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ପ୍ରାୟ ୭୯ ହଜାର ରୋଗୀ ଏଠାରେ ରହିଛନ୍ତି। ୯,୮୭୫ ଲୋକଙ୍କ ଏପର୍ଯ୍ୟନ୍ତ ଏଠାରେ ମୃତ୍ୟୁ ଘଟିଥିବା ପ୍ରକାଶ। ଇରାନରେ ୭୦ ହଜାରରୁ ଅଧିକ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ୪,୩୫୭ରେ ପହଞ୍ଚିଛି। ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ତୁର୍କୀରେ ୧,୦୦୬, ବେଲଜିୟମରେ ୩,୩୪୬, ନେଦରଲାଣ୍ଡ୍ସରେ ୨,୬୪୩, ସୁଇଜରଲାଣ୍ଡରେ ୧୦୧୫, ବ୍ରାଜିଲରେ ୧,୦୭୫, ସ୍ୱିଡେନରେ ୮୮୭, ଇଣ୍ଡୋନେସିଆରେ ୩୨୭ ଜୀବନ ଯାଇଛି। ଯଦିଓ ବିଶ୍ୱବ୍ୟାପୀ ୩ ଲକ୍ଷ ୯୦ ହଜାରରୁ ଊର୍ଦ୍ଧ୍ୱ ରୋଗୀ ସୁସ୍ଥହୋଇ ଘରକୁ ଫେରିଛନ୍ତି, ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ତା'ଠାରୁ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ତେଣୁ ଏନେଇ ସାଧାରଣରେ ଆତଙ୍କ ଦେଖାଦେଇଛି।

| ଦେଶ | ମୋଟ ସଂକ୍ରମିତ | ଶନିବାର ସଂକ୍ରମିତ | ମୋଟ ମୃତ୍ୟୁ | ଶନିବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୫୦୮,୧୨୬ | ୬,୨୫୦ | ୧୯,୮୨୭ | ୧,୦୮୦ | ୨୮,୨୨୪ | ୪,୬୦,୦୭୫ |
| ସ୍ପେନ | ୧,୬୧,୫୫୨ | ୩,୫୬୯ | ୧୬,୩୫୩ | ୨୭୨ | ୫୯,୧୦୯ | ୮୬,୩୯୦ |
| ଇଟାଲୀ | ୧,୫୨,୨୭୧ | ୪,୬୯୪ | ୧୯,୪୬୮ | ୬୧୯ | ୩୨,୫୩୪ | ୧୦୦,୨୬୯ |
| ଜର୍ମାନୀ | ୧୦୯,୩୨୯ | ୧,୬୬୬ | ୨୦୯୬ | ୮୦ | ୩୬,୦୮୧ | ୭୧,୧୫୨ |
| ଫ୍ରାନ୍ସ | ୧୨୪,୮୬୯ | | ୧୩,୧୯୭ | | ୨୪,୯୩୨ | ୮୬,୭୪୦ |
| ଚାଇନା | ୮୧,୯୫୩ | ୪୬ | ୩,୩୩୯ | ୩ | ୭୭,୫୨୫ | ୧,୦୮୯ |
| ଇରାନ | ୭୦,୦୨୯ | ୧,୮୩୭ | ୪,୩୫୭ | ୧୨୫ | ୪୧,୯୪୭ | ୨୩,୭୨୫ |
| ବ୍ରିଟେନ | ୭୮,୯୯୧ | ୫,୨୩୩ | ୯,୮୭୫ | ୯୧୭ | ୩୪୪ | ୬୮,୭୭୨ |
| ଭାରତ | ୮,୩୨୩ | ୪୦୭ | ୨୬୩ | ୬ | ୮୭୩ | ୭,୮୮୦ |
| ପାକିସ୍ତାନ | ୪,୯୭୦ | ୨୭୫ | ୭୭ | ୧୧ | ୭୬୨ | ୪,୧୩୧ |
| ସାରା ବିଶ୍ୱ | ୧୭,୩୫,୭୦୯ | ୩୬,୮୮୪ | ୧୦୬,୫୫୮ | ୩,୮୭୪ | ୩,୯୨,୯୦୦ | ୧୨, ୩୬,୨୬୦ |

* ଶନିବାର ରାତି ୧୦ଟା ସୁଦ୍ଧା ତଥ୍ୟ

# ରାଜଧାନୀର ୫ ସ୍କୁଲରେ ନମୁନା ସଂଗ୍ରହ ଆରମ୍ଭ



ନୟାପଲ୍ଲୀ ମମତାଜ ଅଲୀ ହାଇସ୍କୁଲରେ ନମୁନା ସଂଗ୍ରହ କରୁଛନ୍ତି ଡାକ୍ତରୀ ଟିମ୍ ।

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

କରୋନା ଭାଇରସ୍ କୋଭିଡ୍-୧୯ ପରୀକ୍ଷଣ ପାଇଁ ଭୁବନେଶ୍ୱରର ୫ ସ୍କୁଲରେ ନମୁନା ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ଖାରପଡ଼ା ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର ସରକାରୀ ହାଇସ୍କୁଲ, ଶହୀଦନଗର ସରକାରୀ ହାଇସ୍କୁଲ, ଗଣ୍ଡମୁଣ୍ଡା ୟୁଜି ହାଇସ୍କୁଲ ଓ ନୟାପଲ୍ଲୀ ମମତାଜ ଅଲୀ ହାଇସ୍କୁଲରେ ଏଥିପାଇଁ ବ୍ୟବସ୍ଥା କରାଯାଇଛି। ଶୁକ୍ରବାରଠାରୁ ଏସବୁ ସ୍ଥାନରେ ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ସନ୍ଦିଗ୍ଧଙ୍କଠାରୁ ନମୁନା ସଂଗ୍ରହ ଆରମ୍ଭ କରିଛନ୍ତି। ସଂଗୃହୀତ ନମୁନାକୁ ସ୍ୱତନ୍ତ୍ର ଭାବେ ପ୍ୟାକ୍ କରାଯାଇ ପରୀକ୍ଷଣ କେନ୍ଦ୍ରକୁ ନିଆଯିବ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ସକାଳ ୯ରୁ ମଧ୍ୟାହ୍ନ ୧୨ ଓ ଅପରାହ୍ନ ୩ରୁ ୫ଟା ପର୍ଯ୍ୟନ୍ତ ଏପରି ନମୁନା ସଂଗ୍ରହ ପ୍ରକ୍ରିୟା ଚାଲିବ। ଏହି ସମୟରେ ସମ୍ପୃକ୍ତ ସ୍କୁଲରେ ଦୁଇଜଣ ଶିକ୍ଷକ, ଜଣେ ଝାଡୁଦାର ଓ ଜଣେ ୱାଚ୍‌ମ୍ୟାନ ଉପସ୍ଥିତ ରହିବାକୁ କୁହାଯାଇଛି। ଏନେଇ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି।

# 'ସପ୍ତାହକୁ ୩ ଦିନ ତୋଳାହେଉ କେନ୍ଦୁପତ୍ର'

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ସାରା ଦେଶରେ କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଜାରି ରହିଛି। ଓଡ଼ିଶାରେ ମଧ୍ୟ ଚଳିତ ମାସ ୩୦ତାରିଖ ଯାଏ ଲକ୍‌ଡାଉନ ଅବଧିକୁ ବୃଦ୍ଧି କରାଯାଇଛି। ଏଥିଯୋଗୁ କେନ୍ଦୁପତ୍ର ସଂଗ୍ରହ, ବିକ୍ରୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସାମାଜିକ ଦୂରତା ରକ୍ଷାକରି ଯଦି ଏହି କାର୍ଯ୍ୟ ଆରମ୍ଭ କରାଯାଇପାରନ୍ତା, ତେବେ ଏକ ବଡ଼ ବର୍ଗ ଉପକୃତ ହୁଅନ୍ତେ। ରାଜ୍ୟ ସରକାର କୃଷି କାର୍ଯ୍ୟ ଯଥାରୀତି ଚାଲୁ କରିବା ପାଇଁ ମଧ୍ୟ ମତ ରଖିଛନ୍ତି। ତେଣୁ ତୁରନ୍ତ କେନ୍ଦୁପତ୍ର ତଥା ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହା ସହ ଜଡିତ ଥିବା ବ୍ୟକ୍ତିବିଶେଷ ମତ ରଖିଛନ୍ତି। କେନ୍ଦୁଝର, କନ୍ଧମାଳ, ବଲାଙ୍ଗୀର, ଅନୁଗୋଳ, ସମ୍ବଲପୁର,କୋରାପୁଟ ଏବଂ ମୟୂରଭଞ୍ଜ ଜିଲାରେ କେନ୍ଦୁପତ୍ର ତୋଳାଯାଇଥାଏ।



ଏହିସବୁ ଜିଲାର ପ୍ରାୟ ୬ ଲକ୍ଷ ହେକ୍ଟର ଜାଗାରୁ କେନ୍ଦୁପତ୍ର ଉତ୍ପାଦନ ହୁଏ। ୩ରୁ ୪ ମାସ ମଧ୍ୟରେ ଲକ୍ଷ ଲକ୍ଷ ଶ୍ରମଦିବସ ସୃଷ୍ଟି କରିବାର କ୍ଷମତା ଏହି କେନ୍ଦୁପତ୍ର ପ୍ରଦାନ କରିଥାଏ। ରାଜ୍ୟର ବାର୍ଷିକ ୫ ଲକ୍ଷ କୁଇଣ୍ଟାଲ କେନ୍ଦୁପତ୍ର ଉତ୍ପାଦିତ ହୋଇଥାଏ। ମଧ୍ୟପ୍ରଦେଶ ଓ ଛତିଶଗଡ଼ ପରେ ସର୍ବାଧିକ କେନ୍ଦୁପତ୍ର ଓଡ଼ିଶାରେ ଉତ୍ପାଦିତ ହୋଇଥାଏ। ଦେଶର ମୋଟ ଉତ୍ପାଦନର ୨୦% ରାଜ୍ୟରେ ଉତ୍ପାଦିତ ହୁଏ। ଏକଦା ରାଜ୍ୟରେ ୯ ଲକ୍ଷ ପଞ୍ଜୀକୃତ କେନ୍ଦୁପତ୍ର ତୋଳାଳି ଥିବାବେଳେ ଏହି ସଂଖ୍ୟା ଏବେ ସାଢ଼େ ସାତ ଲକ୍ଷରେ ପହଞ୍ଚିଛି। ସେହିଭଳି ପ୍ରାୟ ୨୬,୦୦୦ କେନ୍ଦୁପତ୍ର ବନ୍ଧାଳି ମଧ୍ୟ ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ଋତୁକାଳୀନ ଭାବେ ୬ ହଜାର ଏବଂ ପରୋକ୍ଷ ଭାବେ ପ୍ରାୟ ଏକ ଲକ୍ଷ ବ୍ୟକ୍ତିବିଶେଷ କେନ୍ଦୁପତ୍ର ସଂଗ୍ରହ, ବିକ୍ରୟ ସହ ଜଡିତ ରହିଆନ୍ତି। କେନ୍ଦୁପତ୍ର ସଂଗ୍ରହ ଏବଂ ବିପଣନ ସହ ଜଡିତ ଥିବା କେତେକ ବ୍ୟକ୍ତିବିଶେଷଙ୍କ କହିବାନୁଯାୟୀ, ରାଜ୍ୟରେ ୧୯ ଗୋଟି କେନ୍ଦୁପତ୍ର ତୋଳିବା କେନ୍ଦ୍ର ରହିଛି। ଏହାକୁ ପୂର୍ବଭଳି ତୋଳାଯାଉ। କରୋନାକୁ ଦୃଷ୍ଟିରେ ରଖି ଅତିକମ୍‌ରେ ସପ୍ତାହକୁ ୩ ଦିନ କେନ୍ଦୁପତ୍ର ତୋଳିବା ପାଇଁ ଦାବି ଉଠିଛି। ଏଥିରେ ଜଡିତ ହେଉଥିବା ଶ୍ରମଜୀବୀଙ୍କୁ ତୁରନ୍ତ ଅନ୍‌ଲାଇନ୍ ପାରିଶ୍ରମିକ ପ୍ରଦାନ କରାଯାଉ। ଏପରିକି ତୋଳିବା ପୂର୍ବରୁ ହାତକୁ ସାନିଟାଇଜ୍ କରିବା, ତୋଳା ସରିଲେ ହାତକୁ ଭଲ ଭାବେ ଧୋଇ ପୁନର୍ବାର ସାନିଟାଇଜ ହେବା ଜରୁରୀ। ଅନୁରୂପ ଭାବେ ବନ୍ଧାଳି ଏବଂ ସଂଗ୍ରହକାରୀମାନେ ମଧ୍ୟ ସାନିଟାଇଜ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାରୁ...

### ମହାକାଶରେ ବିରଳ ...

ଏପ୍ରିଲ ମାସର ମଧ୍ୟଭାଗରେ ଏହି ଗ୍ରହଗୁଡିକ ସାଧାରଣତଃ ଏକ ସରଳରେଖାରେ ଥାଆନ୍ତି। ତେବେ ଉକ୍ତ ୩ ଦିନ ଏହି ଗ୍ରହଗୁଡିକୁ ଚନ୍ଦ୍ର ନିକଟରେ ଖାଲି ଆଖିରେ ଦେଖିହେବ। ସୂଚନାଯୋଗ୍ୟ, ମାର୍ଚ୍ଚ ମାସର ପ୍ରତ୍ୟେକ ରାତିରେ ଏହି ତିନି ଗ୍ରହ ଦେଖାଯାଉଥିଲେ। ଏପ୍ରିଲ ମାସରେ ମଙ୍ଗଳ ବୃହସ୍ପତି ଓ ଶନିଙ୍କଠାରୁ ଦୂରକୁ ଚାଲିଯାଇଥାଏ। ମାତ୍ର ଚଳିତମାସ ଏହି ତିନି ରାତିରେ ଗ୍ରହଗୁଡିକ ଚନ୍ଦ୍ର ନିକଟରେ ଏକତ୍ର ଦୃଶ୍ୟମାନ ହେବେ।

### ମୁକାବିଲା ନେଇ ଭାରତୀୟ...

ଏଭଳି ରିପୋର୍ଟ ପ୍ରକାଶ ପାଇଛି। ସି-ଭୋଟର ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଯଶୱନ୍ତ ଦେଶମୁଖ କହିଛନ୍ତି, ମହିଳାମାନେ ସବୁଠାରୁ ଅଧିକ ଆଶାବାଦୀ ଥିବା ସର୍ଭେରୁ ଜଣାପଡ଼ିଛି। ଏପରି କି ବୟସ୍କ ବ୍ୟକ୍ତିଙ୍କ ମନୋବଳ ଦୃଢ଼ ରହିଛି ଯେ, ସେମାନେ କରୋନା ସଙ୍କଟକୁ ସହଜରେ ଅତିକ୍ରମ କରିପାରିବେ। ଏଥିସହିତ ସମାଜର ଆର୍ଥିକ ସ୍ତରରେ ଦୁର୍ବଳ ଥିବା ବ୍ୟକ୍ତି ମଧ୍ୟ ମାନସିକ ସ୍ତରରେ ଶକ୍ତିଶାଳୀ ଥିବା କହିଛନ୍ତି। କିନ୍ତୁ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଆଶାବାଦୀଙ୍କ ସଂଖ୍ୟା କମ୍ ରହିଛି। ସର୍ଭେରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଲକ୍‌ଡାଉନ୍ ହେବାର ପ୍ରଥମ ସପ୍ତାହରେ ଲୋକେ ସେଭଳି ପ୍ରସ୍ତୁତ ହୋଇପାରି ନ ଥିବା ବେଳେ ଦ୍ୱିତୀୟ ସପ୍ତାହରେ ନିଜକୁ ଭଲ ଭାବେ ପରିସ୍ଥିତିର ମୁକାବିଲା ପାଇଁ ଜାଗତିଆର ହୋଇଥିଲେ।

### ଲକ୍‌ଡାଉନ ବଢ଼ାଇବାକୁ ..

କରୋନା ସଂକ୍ରମଣ ରୋକିବା ଦିଗରେ ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁସବୁ ପଦକ୍ଷେପ ନିଆଯାଇଛି, ତାହାର ପ୍ରଭାବ ଜାଣିବା ଲାଗି ଆଗାମୀ ୩-୪ ସପ୍ତାହ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆଗାମୀ ଲକ୍‌ଡାଉନ ନିୟମକୁ କଡ଼ାକଡ଼ି ପାଳନ କରିବା ଲାଗି ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। କରୋନା ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଯଥେଷ୍ଟ ସୁରକ୍ଷା ଉପକରଣ ଯୋଗାଣ ହୋଇପାରୁ ନ ଥିବା ଖବର ପ୍ରକାଶ ପାଇଛି। ତେବେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯଥେଷ୍ଟ ପରିମାଣରେ ଉପଲବ୍ଧ କରାଇବା ଲାଗି ପଦକ୍ଷେପ ନିଆଯାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଆଲୋଚନାବେଳେ ମୁଖ୍ୟମନ୍ତ୍ରୀମାନେ କେନ୍ଦ୍ରଠାରୁ ଆର୍ଥିକ ସହାୟତା ଦାବି କରିଥିଲେ। ଲକ୍‌ଡାଉନ ଯୋଗୁ ଆର୍ଥିକ କାରବାର ଠପ୍ ହୋଇଯାଇଥିବାରୁ କେନ୍ଦ୍ର ସରକାର ସହାୟତା ପ୍ୟାକେଜ ଯୋଗାଇଦେବା ଆବଶ୍ୟକ ବୋଲି ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ କହିଥିଲେ। ଭିଡିଓ କନ୍‌ଫରେନ୍ସ ବେଳେ ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ୩୦ ଯାଏ ଜାରି ...

ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଅଧୀନରେ କାର୍ଯ୍ୟ ଆରମ୍ଭ ପାଇଁ କୁହାଯାଇଛି। କରୋନା ମୁକାବିଲା କରିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପରେ ରାଜ୍ୟ ପକ୍ଷରୁ ସହଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିଭଳି ଓଡ଼ିଶାରେ ଲକ୍‌ଡାଉନ ଫସିରହିଥିବା ଯୋଗୁ ଅନ୍ୟ ରାଜ୍ୟର ଶ୍ରମିକ, ସାଧାରଣ ଜନତାଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବା ନେଇ ରାଜ୍ୟ ପକ୍ଷରୁ କୁହାଯାଇଛି।

### ତାଲାବନ୍ଦ ସଂଘର୍ଷରେ ...

ଏବଂ ସେମାନେ ସାଧାରଣତଃ ଗୋଷ୍ଠୀରେ ରହିଥିବାରୁ ଆମେ ସେମାନଙ୍କୁ କିପରି ସୁରକ୍ଷିତ ରହିବେ ଏବଂ କେଉଁ ସତର୍କତା ଅବଲମ୍ବନ କରିବେ ସେନେଇ ବାର୍ତ୍ତା କିମ୍ବା ଟିକ୍‌ଟିକ୍ ଭିଡିଓ ପଠାଉଛୁ। ପ୍ରତିବଦଳରେ ଭିଡିଓ ବାର୍ତ୍ତା ମଧ୍ୟ ପାଉଛୁ, ଯେଉଁଥିରୁ ଭୟ ଓ ଅନିଶ୍ଚିତତା ସେମାନଙ୍କ ଜୀବନକୁ ଜାବୁଡ଼ି ଧରିଛି ତାହା ଜଣାପଡୁଛି। ଚିନ୍ତିତ ପିଲାମାନେ ସେମାନଙ୍କ ପିତାମାତା, ଜୀବିକା ହରାଇବା ବିଷୟରେ କଥାବାର୍ତ୍ତା କରୁଛନ୍ତି। ଏପରି କି ସେମାନେ ବର୍ତ୍ତମାନ ଭଡ଼ା କିପରି ଦେବେ କିମ୍ବା ରାଶନ କିଣିବା ପାଇଁ ଟଙ୍କା କେଉଁଠୁ ପାଇବେ ବୋଲି ଭାବୁଛନ୍ତି। ଏକ ଭିଡିଓ ବାର୍ତ୍ତାରେ ଜଣେ ଅସହାୟ କହିଛନ୍ତି ଯେ, ବେଳେବେଳେ ଲୋକମାନେ ଆସି ଖାଦ୍ୟ ବଣ୍ଟନ କରନ୍ତି। କିନ୍ତୁ ତାହା ବହୁତ କମ୍। ଦୁଇ/ତିନି ଦିନରେ ଥରେ ଖାଇବାକୁ ମିଳିଥାଏ। ଲକ୍‌ଡାଉନ୍ ଯୋଗୁ ପାଣି କିମ୍ବା କାଠ ଆଣିବାକୁ ମଧ୍ୟ ଅନୁମତି ନାହିଁ। ଏଭଳି କିପରି ବଞ୍ଚିହେବ ଜଣାନାହିଁ। ସରକାର ସାହାଯ୍ୟ କରିବା ଜରୁରୀ ବୋଲି ସେ କହିଛନ୍ତି।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଦିଲ୍ଲୀର ଶିଶୁ ଅଧିକାର ଆୟୋଗ ରାସ୍ତାଘାଟର ପିଲା ଏବଂ ଅସୁରକ୍ଷିତ ପରିବାରକୁ ଖାଦ୍ୟ ବଣ୍ଟନ କରୁଛି। ଅନ୍ୟାନ୍ୟ ସହରରେ ମଧ୍ୟ ସ୍ଥାନୀୟ ସରକାର ଏବଂ ଦାତବ୍ୟ ସଂସ୍ଥା ପକ୍ଷରୁ ଶିଶୁ ଓ ବାସହୀନ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି। କିନ୍ତୁ ଗୁପ୍ତା କହିଛନ୍ତି ଯେ, ଏହିସମୟରେ ସରକାରଙ୍କ ପକ୍ଷରୁ ପିଲାମାନଙ୍କୁ ଦିନକୁ ତିନିଥର ଖାଦ୍ୟ ବଣ୍ଟନ ନିଶ୍ଚିତ ହେବା ଆବଶ୍ୟକ। ଏହାଛଡ଼ା ମୁଖ୍ୟ ସଡ଼କଠାରୁ ଦୂରରେ ହଜାର ହଜାର ପିଲା ରହୁଛନ୍ତି। ଆମେ ଏପର୍ଯ୍ୟନ୍ତ ସେମାନଙ୍କ ନିକଟରେ ପହଞ୍ଚି ନାହୁଁ ବୋଲି ଗୁପ୍ତା କହିଛନ୍ତି ।

ପିଲାମାନଙ୍କ ପାଇଁ ଭାରତ ସରକାରଙ୍କ ପକ୍ଷରୁ ୨୪ ଘଣ୍ଟିଆ ହେଲ୍ପଲାଇନ ଖୋଲାଯାଇଛି। ଲକ୍‌ଡାଉନ୍ ଆରମ୍ଭ ହେବା ଦିନଠାରୁ ପ୍ରତ୍ୟହ କଲ୍ ସଂଖ୍ୟାରେ ଏକ ବଡ଼ଧରଣର ବୃଦ୍ଧି ଘଟିଛି। ଲକ୍‌ଡାଉନ୍‌ର ପ୍ରଥମ ସାତ ଦିନରେ, ଚାଇଲ୍ଡଲାଇନ ଇଣ୍ଡିଆ ଫାଉଣ୍ଡେଶନର ଟୋଲ୍‌ଫ୍ରି ନମ୍ବର(୧୦୯୮) ସପ୍ତାହକୁ ହାରାହାରି ୨ ଲକ୍ଷ ତୁଳନାରେ ପ୍ରାୟ ୩ ଲକ୍ଷ କଲ୍ ଗ୍ରହଣ କରିଛି। ବର୍ତ୍ତମାନ କରୋନା ସଂକ୍ରମଣକୁ ନେଇ ପ୍ରତିଦିନ ଶହ ଶହ କଲ୍ ଆସୁଥିବା ଜଣେ ଅଧିକାରୀ କହିଛନ୍ତି। ନିଜେ ପିଲାମାନେ କିମ୍ବା ସେମାନଙ୍କ ପକ୍ଷରୁ କେହି ବୟସ୍କ ବ୍ୟକ୍ତି କଲ୍ କରି ଖାଦ୍ୟ ମାଗୁଛନ୍ତି। ଏହାସହିତ ଏହି ମହାମାରୀର ଲକ୍ଷଣ ଏବଂ ସଂକ୍ରମିତ ହେଲେ ସେମାନେ କେଉଁଠାରେ ଚିକିତ୍ସା ସହାୟତା ପାଇପାରିବେ ବୋଲି ପଚାରୁଥିବା ଅଧିକାରୀ ଜଣକ କହିଛନ୍ତି।

## ଦ୍ୱୈତନଗରୀରେ ୧୦୯୧ ଗାଡ଼ି ଜବତ

ଭୁବନେଶ୍ୱର ୧୧।୪(ବ୍ୟୁରୋ)- ପୋଲିସର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଅମାନିଆ ଗାଡ଼ି ଧରି ରାସ୍ତାକୁ ବାହାରୁଛନ୍ତି। ଶନିବାର କଟକ ଓ ଭୁବନେଶ୍ୱରରେ ଲକ୍‌ଡାଉନ୍ ନିୟମ ଉଲଂଘନ କରୁଥିବା ୧୦୯୧ ଗାଡ଼ିକୁ କମିଶନରେଟ ପୋଲିସ ଜବତ କରିଛି। ଭୁବନେଶ୍ୱର ପୋଲିସ ଥାନା ଅଞ୍ଚଳରେ ୪୪୨ ଓ କଟକରେ ୬୪୯ଟି ବାଇକ ସମେତ କାର ଜବତ କରାଯାଇଛି। ଏଥିସହ ନିୟମ ଉଲଂଘନକାରୀଙ୍କ ନିକଟରୁ ୫ ଶହ ଟଙ୍କାରୁ ୨ ହଜାର ପର୍ଯ୍ୟନ୍ତ ଜରିମନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## 'ଭାରତ ପଢ଼େ ଅନ୍‌ଲାଇନ୍': କୁଳପତି, ଅଧ୍ୟକ୍ଷଙ୍କ ପରାମର୍ଶ ଲୋଡ଼ିଲା ୟୁଜିସି

**ଭୁବନେଶ୍ୱର, ୧୧।୪(ବ୍ୟୁରୋ):** କରୋନା ସଂକ୍ରମଣ ଏଡ଼ାଇବା ପାଇଁ ଲକ୍‌ଡାଉନ୍ ଜାରି ରହିଛି। ଏଥିଯୋଗୁ ସ୍କୁଲ୍ ଓ ପାଠପଢ଼ା ବନ୍ଦ ରହିଛି। ଏହା ପିଲାଙ୍କ ଭବିଷ୍ୟତ ପ୍ରସଙ୍ଗ ହୋଇଥିବାରୁ ଅନ୍‌ଲାଇନ୍ ପାଠ ପଢ଼ିବା ନିମନ୍ତେ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ପ୍ରୟାସ ଆରମ୍ଭ କରିଛି। ଏଥିପାଇଁ ଦେଶରୁ ସବୁ ବିଶ୍ୱବିଦ୍ୟାଳୟ କୁଳପତି ଓ କଲେଜ ଅଧ୍ୟକ୍ଷଙ୍କୁ ୟୁଜିସି ଅଧ୍ୟକ୍ଷ ପ୍ରଫେସର ଡି.ପି. ସିଂହ ଚିଠି ଲେଖି ପରାମର୍ଶ ମାଗିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ମାନବ ସମ୍ବଳ ବିକାଶ ମନ୍ତ୍ରୀ ପୋଖରୀଆଲ ନିଶଙ୍କ 'ଭାରତ ପଢ଼େ ଅନ୍‌ଲାଇନ୍' କ୍ୟାମ୍ପେନ ଆରମ୍ଭ କରିଛନ୍ତି। ଏହାର ରୂପରେଖ ପ୍ରସ୍ତୁତ ଲାଗି କୁଳପତି, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରଙ୍କଠାରୁ ପରାମର୍ଶ ଲୋଡ଼ାଯାଇଛି। ଆସନ୍ତା ୧୭ ତାରିଖ ମଧ୍ୟରେ ନିଜ ନିଜ ପରାମର୍ଶ ଟୁଇଟର ଜରିଆରେ #Bharat-PadheOnline ଲେଖି ୟୁଜିସି ଓ ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଟ୍ୟାଗ୍ କରିପାରିବେ। ସେହିପରି bharatpadheonline.mhrd.gmail.comକୁ ଇମେଲ ଜରିଆରେ ମଧ୍ୟ ମତାମତ ପଠାଇପାରିବେ।

## ଆଶଙ୍କାରେ ଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା

**ପୁରୁଣା ଭୁବନେଶ୍ୱର,୧୧।୪(ଡି.ଏନ୍.ଏ.):** ଆସନ୍ତା ୨୬ତାରିଖରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା। ୨୨ଦିନିଆ ଶ୍ରୀ ଜିଉଙ୍କ ଏହି ଚନ୍ଦନ ଯାତ୍ରା ବନ୍ଦ ହେବା ନିଶ୍ଚିତ୍ତ ଲାଗୁଛି। କରୋନା ଭୟବହତାକୁ ଏଡ଼ାଇବାକୁ ରାଜ୍ୟ ସରକାର ଲକଡାଉନକୁ ୩୦ ଏପ୍ରିଲ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଯେଉଁ କାରଣରୁ ଠାକୁରଙ୍କ ଚନ୍ଦନ ଯାତ୍ରା ଭଳି ପରମ୍ପରା ଭଙ୍ଗ ହେବା ଆଶଙ୍କା ଦେଖାଦେଇଛି। ୨୨ଦିନ ଧରି ବିମାନ ଓ ପାଲିଙ୍କିରେ ଶ୍ରୀ ଜିଉମାନେ ବାଜା, ବାଣ, ମଶାଲ ଶୋଭାଯାତ୍ରାରେ ବିନ୍ଦୁ ସାଗର ଯାତ୍ରା କରି ସେଠାରେ ଜଳକ୍ରୀଡ଼ା କରି ପଶ୍ଚିମଘାଟ ଦେଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ପୂର୍ବରୁ ରୁକୁଣା ରଥଯାତ୍ରାକୁ ମଧ୍ୟ କରୋନା ଯୋଗୁ ବନ୍ଦ କରାଯାଇଥିଲା ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କାଲୁ ଦାଶ କହିଛନ୍ତି।

## କରୋନା ଚିକିତ୍ସା ନିମନ୍ତେ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ତାଲିମ ଦୃଢ଼ୀଭୂତ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ):** କରୋନା ଚିକିତ୍ସା ଓ ପ୍ରତିରୋଧ ନିମନ୍ତେ ନିୟୋଜିତ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ତାଲିମକୁ ଦୃଢ଼ୀଭୂତ କରାଯାଇଛି। କଟକ ଏସ୍‌ସିବିର ୪୧୬ଜଣ ଓ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ୭୨ଜଣ ଅଧ୍ୟାପକ ତଥା କର୍ମଚାରୀଙ୍କୁ କୋଭିଡ୍-୧୯ କ୍ରିଟିକାଲ୍ କେୟାର ତାଲିମ ଦିଆଯାଇଛି। ସେହିପରି ଆୟୁଷ ନିର୍ଦ୍ଦେଶାଳୟର ପ୍ରାୟ ୧୬୦୦ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀ ଏହି ତାଲିମ ନେଇଛନ୍ତି। ରାଜ୍ୟର ୪ଟି ଦନ୍ତ ଚିକିତ୍ସା ମହାବିଦ୍ୟାଳୟର ଅଧ୍ୟାପକ ତଥା ତୃତୀୟ ଓ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ମିଶାଇ ୯୦୬ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ଶନିବାର ୧,୧୭,୨୭୯ ଜଣ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କୁ କୋଭିଡ୍-୧୯ ସମ୍ପର୍କିତ ମୌଳିକ ତାଲିମ ପ୍ରଦାନ କରାଯାଇଛି। କୋଭିଡ୍ ହସ୍ପିଟାଲ୍‌ଗୁଡ଼ିକରେ କାର୍ଯ୍ୟରତ ଚିକିତ୍ସାଧିକାରୀ ଏବଂ ନର୍ସମାନଙ୍କ ପାଇଁ ସ୍ୱତନ୍ତ୍ର ଜୁମ୍ ଟ୍ରେନିଂ ପ୍ରଦାନ କରାଯାଉଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଦାନ କଲେ ଡାକ୍ତର

**ନିମାପଡ଼ା,୧୧।୪(ଡି.ଏନ୍.ଏ.):** ମହାମାରୀ କରୋନା ଭୂତାଣୁର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ନିମାପଡ଼ାର ଜଣାଶୁଣା ହୋମିଓପାଥିକ ଡା. ନେତାନନ୍ଦ ଭୋଇ। ସେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଡା. ଭୋଇ ଲକ୍ଷେ ଟଙ୍କାର ଏହି ଚେକ୍ ନିମାପଡ଼ା ବ୍ଲକ ବିଡିଓ ମନୋଜ କୁମାର ବେହେରାଙ୍କୁ ବ୍ଲକ କାର୍ଯ୍ୟାଳୟଠାରେ ପ୍ରଦାନ କରିଥିବା ବିଡିଓ ବେହେରା ସୂଚନା ଦେଇଛନ୍ତି। ପରେ ବିଡିଓ ଏହି ଚେକ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପୁରୀ ଜିଲାପାଳଙ୍କ ନିକଟକୁ ପଠାଇ ଦେଇଛନ୍ତି।

# ଶିକ୍ଷକଙ୍କ ଘରକୁ ଯିବ ନବମ ପରୀକ୍ଷା ଖାତା

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

**ସ୍କୁଲ୍‌ରୁ ଅଭିଭାବକ ଘରକୁ ନେବେ ବହି**

କରୋନା ପାଇଁ ସବୁ କ୍ଷେତ୍ର ପ୍ରଭାବିତ ହୋଇଛି। ଏଥିଯୋଗୁ ସ୍କୁଲ୍, କଲେଜ ବନ୍ଦ ରହିଥିବାରୁ ପିଲାଙ୍କ ପାଠପଢ଼ା ଓ ପରୀକ୍ଷା ଗୁରୁତର ବାଧାପ୍ରାପ୍ତ ହୋଇଛି। ଅନେକ ପରୀକ୍ଷାକୁ ବନ୍ଦ କରାଯିବା ସହିତ କିଛି ପରୀକ୍ଷାକୁ ସ୍ଥଗିତ ମଧ୍ୟ ରଖାଯାଇଛି। ଲକ୍‌ଡାଉନ୍ ଅବଧିକୁ ୩୦ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବାପରେ ଚିନ୍ତା ବଢ଼ିଛି। ନବମ ଶ୍ରେଣୀର ବାକିଥିବା ଇତିହାସ-ଭୂଗୋଳ ବିଷୟ ପରୀକ୍ଷାକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇସାରିଛି। ତେବେ ଯେଉଁସବୁ ବିଷୟଗୁଡ଼ିକର ପରୀକ୍ଷା ସରିଛି ସେସବୁ ଖାତା କିପରି ଦେଖାହେବ ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଜନା କରୁଛି। ଘରେ ରହି ଶିକ୍ଷକମାନେ ଖାତା ଦେଖିବେ। ଆସନ୍ତା ୩୦ତାରିଖ ଭିତରେ ସେମାନଙ୍କ ଘରକୁ ପରୀକ୍ଷା ଖାତା ପଠାଇବାକୁ ନିଷ୍ପତ୍ତି ନେଇଛି ଗଣଶିକ୍ଷା ବିଭାଗ।

ସୂଚନାଯୋଗ୍ୟ, ନବମ ଶ୍ରେଣୀ ପରୀକ୍ଷା ଚାଲୁଥିବା ସମୟରେ ରାଜ୍ୟରେ କରୋନାର ପ୍ରଭାବ ଦେଖିବାକୁ ମିଳିଥିଲା। ତେଣୁ ବାକିଥିବା ଇତିହାସ-ଭୂଗୋଳ ପରୀକ୍ଷାକୁ ପ୍ରଥମେ ସ୍ଥଗିତ ରଖାଯାଇଥିଲା। ଲକ୍‌ଡାଉନ୍ ହଟିବା ପରେ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ଥିବା ଲକ୍‌ଡାଉନ୍ ଅବଧିକୁ ପୁଣି ବୃଦ୍ଧି କରାଯିବା ପରେ ଏହି ପରୀକ୍ଷା ନ କରିବା ପାଇଁ ବିଭାଗ ନିଷ୍ପତ୍ତି ନେଇଥିଲା। ସେପଟେ ଯେଉଁ ବିଷୟଗୁଡ଼ିକର ପରୀକ୍ଷା ଶେଷ ହୋଇଛି ତା'ର କିପରି ଖାତା ଦେଖାହେବ ତାହାକୁ ନେଇ ସରକାରଙ୍କ ଚିନ୍ତା ବଢ଼ି ଯାଇଥିଲା। କାରଣ ନବମ ଶ୍ରେଣୀ ପିଲା ପାସ୍ ହେଲେ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ପାଠପଢ଼ିବେ। ସେଥିପାଇଁ ଉକ୍ତ ପରୀକ୍ଷା ଖାତା କିପରି ଶୀଘ୍ର ଦେଖାଯାଇପାରିବ ସେ ନେଇ ବିଭାଗ ପକ୍ଷରୁ ଆଲୋଚନା ହୋଇଥିଲା। ଘରେ ରହି ଶିକ୍ଷକ ଖାତା ଦେଖିବେ। ତେଣୁ ଶିକ୍ଷକଙ୍କ ଘରକୁ ଖାତା ପଠାଯିବ ବୋଲି ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। ଏନେଇ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ, ବିଭାଗୀୟ ସଚିବ ଚିତ୍ରା ଅରୁମୁଗମଙ୍କ ସହିତ ଆଲୋଚନା ହୋଇସାରିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ସେପଟେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ କିପରି ବହି ଦିଆଯିବ ସେଥିପାଇଁ ବିଭାଗ ପକ୍ଷରୁ ଯୋଜନା ଚାଲିଛି। ପୂର୍ବରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତେ ପାସ୍ ବୋଲି ମନ୍ତ୍ରୀ କହିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ବହି ଦେବା ପାଇଁ ସବୁଠି ବହି ପହଞ୍ଚି ଯାଇଥିଲେ ମଧ୍ୟ ଲକ୍‌ଡାଉନ୍ ଯୋଗୁ ପିଲାମାନଙ୍କୁ ବଣ୍ଟନ କରାଯାଇପାରିନି। ପିଲାଙ୍କୁ କିପରି ବହି ଦିଆଯିବ ସେନେଇ ଶନିବାର ବିଭାଗ ପକ୍ଷରୁ ଏକ ବୈଠକ ହୋଇଥିଲା। ସ୍କୁଲରେ ବହି ବଣ୍ଟନ କରାଯିବ। ତେବେ ପିଲାମାନେ ନୁହେଁ, ଅଭିଭାବକଙ୍କ ଜରିଆରେ ପିଲାଙ୍କୁ ବହି ଦିଆଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।




ଶନିବାର ରାଜଧାନୀର ବିଭିନ୍ନ ଥାନା ପୋଲିସ ୫ ହଜାର ମାସ୍କ ବାଣ୍ଟିଥିବା ଜଣାପଡିଛି। ନୟାପଲ୍ଲୀ ସାଲିଆସାହି, ଆଇଡି ମାର୍କେଟ, ୟୁନିଟ୍-୧ ପଡ଼ିଆରେ ବସିଥିବା ହାଟରେ ପୋଲିସ ମାସ୍କ ବାଣ୍ଟିବା ସହ ହାତଧୁଆ କୌଶଳ ଓ ସାମାଜିକ ଦୂରତ୍ୱ ଉପରେ ଲୋକଙ୍କୁ ବୁଝାଇଥିଲା। ଏଥିସହ ଫସି ରହିଥିବା ଦିନ ମଜୁରିଆ ଓ ଅସହାୟଙ୍କୁ ମଧ୍ୟ ମାସ୍କ ଓ ଖାଦ୍ୟପୁଡିଆ ପ୍ରଦାନ କରାଯାଇଥିଲା।

## କରୋନାରେ ଶ୍ରମିକଙ୍କ ମୃତ୍ୟୁ ସନ୍ଦେହ, ୨ ଗାଁ ମଧ୍ୟରେ ମାରପିଟ

**ଖୁଣ୍ଟୁଣୀ,୧୧।୪(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା କୃଷ୍ଣପୁର ପଞ୍ଚାୟତ ସଡ଼କ ସାହିର ଜଣେ ଠିକା ଶ୍ରମିକଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଥିଲା। କରୋନାରେ ମୃତ୍ୟୁ ହୋଇଥିବା ସନ୍ଦେହ କରି କୃଷ୍ଣପୁର ଗ୍ରାମବାସୀ ତାଙ୍କ ପରିବାରଙ୍କୁ ଗାଳିଗୁଲଜ କରିଥିଲେ। ମୃତଦେହ ସତ୍କାର ନ ହୋଇ ପଡ଼ିରହିବାରୁ ସଡ଼କ ସାହିର ଲୋକେ ଉତ୍ତ୍ୟକ୍ତ ହୋଇ ମାରଣାସ୍ତ୍ରରେ କୃଷ୍ଣପୁର ଗ୍ରାମବାସୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ କୃଷ୍ଣପୁରର ରଘୁ ଜେନାଙ୍କ ହାତ କଟି ରକ୍ତାକ୍ତ ହେବାରୁ ସେମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ସଡ଼କ ସାହିର ଭାବ ନାଏକ, ଲକ୍ଷ୍ମୀଧର ନାଏକ ଓ ଏଣ୍ଟୁଅ ନାଏକ ଆହତ ହୋଇଥିବାବେଳେ କୃଷ୍ଣପୁରର ମଧ୍ୟ ୪ଜଣ ଆହତ ହୋଇଥିଲେ। ଖୁଣ୍ଟୁଣୀ ଥାନାଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ, ଚୌଦ୍ୱାରା ଏସଡିପିଓ ପ୍ରଶାନ୍ତ ମଲ୍ଲ, ଆଠଗଡ଼ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ ପହଞ୍ଚି ଉଭୟ ଗ୍ରାମକୁ ସିଲ କରିଥିଲେ। ଗୁରୁତର ରଘୁ ଜେନା ଓ କୃଷ୍ଣପୁରର ୩ଜଣଙ୍କୁ ଆଠଗଡ଼ ଡାକ୍ତରଖାନା ପଠାଯାଇଥିଲା। କିନ୍ତୁ ରଘୁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଉଭୟ ଗ୍ରାମରେ ଫୋର୍ସ ମୁତୟନ ରହିଛି।

# ହ୍ୱାଟ୍ସଆପ୍‌ରେ ବରିଷ୍ଠଙ୍କ କଥା ବୁଝିବେ ପୋଲିସ

## ଭିଡିଓ କନ୍‌ଫରେନ୍ସରେ ସମୀକ୍ଷା କଲେ ପୋଲିସ କମିଶନର

**ଭୁବନେଶ୍ୱର,୧୧।୪ (ବ୍ୟୁରୋ):** କମିଶନରେଟ ପୋଲିସକୁ ଏବେ ଘାରିଛି ବରିଷ୍ଠ ନାଗରିକଙ୍କ ଚିନ୍ତା। କାରଣ ଏମାନଙ୍କୁ କରୋନା ଭୂତାଣୁ ସଂକ୍ରମଣ କରିବାର ଅଧିକ ଆଶଙ୍କା ରହୁଛି। ଯଦିଓ ଓଡ଼ିଶାରେ ଏପରି ସ୍ଥିତିର ନଜିର ନାହିଁ, ତଥାପି ସମ୍ଭାବନାକୁ ଦୃଷ୍ଟିରେ ରଖି ତତ୍ପରତା ପ୍ରକାଶ କରିଛି ପୋଲିସ। ସେମାନେ ଯେପରି ଘରୁ ନ ବାହାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ଆବଶ୍ୟକ ସାମଗ୍ରୀ ସେମାନଙ୍କୁ ଯୋଗାଇ ଦେବା ସହ ସମସ୍ୟା ବୁଝିବାକୁ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ। ଏନେଇ ଶନିବାର ଷଡ଼ଙ୍ଗୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଡିସିପି ଅନୁପ ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ, ଡିସିପି (ସିକ୍ୟୁରିଟି)ନିର୍ମଳ ଶତପଥୀ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଏନେଇ ହ୍ୱାଟ୍ସ ଆପ୍ ଗ୍ରୁପ୍ ଖୋଲିବାକୁ ସବୁ ଥାନାର ନୋଡାଲ ଅଫିସରଙ୍କୁ କୁହାଯାଇଛି। ଉକ୍ତ ଗ୍ରୁପ୍‌ରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଯୋଡ଼ିବା ସହ ନୋଡାଲ ଅଫିସରମାନେ ନିୟମିତ ସେମାନଙ୍କ ସମ୍ପର୍କରେ ରହିବେ। ବରିଷ୍ଠ ନାଗରିକମାନେ ଯାହା ଆବଶ୍ୟକ କରୁଥିଲେ ଉକ୍ତ ଗ୍ରୁପ୍‌ରେ ମେସେଜ୍ କରି ଜଣାଇବେ। ଏହାପରେ ନୋଡାଲ ଅଫିସର ଜଣକ ଥାନାରୁ ଜଣେ ପୋଲିସ କର୍ମଚାରୀ ପଠାଇ ଉକ୍ତ ବରିଷ୍ଠ ନାଗରିକଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବା ସହ ସମସ୍ୟାର ସମାଧାନ କରିବେ।

**ଲକ୍‌ଡାଉନ୍‌କୁ ୧୯ ଦିନ**






# ଡରାଉଛି ସହରର ଶୂନ୍ୟତା

**କଟକ ଅଫିସ,୧୧।୪**

ଗହଳଚହଳ ଭିତରେ ଦିନରାତି କଟେ। ସେତେବେଳେ ଚୋର, ତସ୍କରଙ୍କ ଭୟ ରହୁଥିଲା। ସେଥିପାଇଁ ସବୁବେଳେ ସଜାଗ ରହୁଥିଲୁ। ମନରେ ଏତେଟା ଡର ନ ଥିଲା। ଏବେ ଯେଉଁ ଆଡେ ଚାହିଁବ ସିଆଡ଼େ ପୋଲିସ। ମାଳମାଳ ଖାକି ପୋଷାକଙ୍କ ଭିଡ଼ ଯୋଗୁ ଚୋରିର ପ୍ରଶ୍ନ ଉଠୁନି। ହେଲେ ଏବେ ସହରର ଶୂନଶାନ ରାସ୍ତାଘାଟ ବେଶୀ ଡରାଉଛି। ମନକୁ ଏକ ଅଜଣା ଭୟ ମାଡ଼ି ବସୁଛି। ପୁଣି ସବୁକିଛି ଶୀଘ୍ର ସ୍ୱାଭାବିକ ହୋଇଯାଉ ଏହା ହିଁ ସବୁବେଳେ ଠାକୁରଙ୍କୁ ପ୍ରାର୍ଥନା କରୁଛି ବୋଲି କହିଛନ୍ତି ଲିଙ୍କରୋଡ ନିକଟରେ ଥିବା ଏକ ଶୋ' ରୁମ୍‌ର ସିକ୍ୟୁରିଟି ଗାର୍ଡ ପ୍ରଶାନ୍ତ ବେହେରା। ପେଟ ପୋଷିବା ପାଇଁ ଏହି ସହରକୁ ଆଶ୍ରା କରିଥିବା ପ୍ରଶାନ୍ତଙ୍କୁ କିନ୍ତୁ ସହରର ଶୂନ୍ୟତା ଆଦୌ ଭଲ ଲାଗୁନି ବୋଲି କହିଛନ୍ତି।

ପ୍ରଶାନ୍ତଙ୍କ ଘର ବୈୟାଳିଶମୌଜା ଅନ୍ତର୍ଗତ ବେଣ୍ଟକାର ଗ୍ରାମରେ। କିଛି ବର୍ଷ ହେବ ସେ ଏକ ସିକ୍ୟୁରିଟି ସଂସ୍ଥାରେ କାମ କରି ପରିବାର ପୋଷୁଛନ୍ତି। ଏବେ ଲିଙ୍କରୋଡ -ବାଦାମବାଡ଼ି ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଗାଡ଼ି ଶୋ' ରୁମ୍‌ରେ ସେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ପରିବାର କହିଲେ, ସ୍ତ୍ରୀ ଆଉ ଦୁଇ ଝିଅ। ସକାଳ ହେଲେ ବେଣ୍ଟକାରରୁ କର୍ତ୍ତବ୍ୟସ୍ଥଳକୁ ଆସନ୍ତି। ଘରୁ ବାହାରିବା ମାତ୍ରେ ଦୁଇ ଝିଅ ସାନିଟାଇଜର ଓ ମାସ୍କ ନେବା ପାଇଁ ବାଧ୍ୟ କରନ୍ତି। କାହା ସହିତ ମିଶିବନି, ଅଜଣା ଲୋକଙ୍କୁ ଛୁଇଁବନି, ନିୟମିତ ବ୍ୟବଧାନରେ ହାତକୁ ଧୋଇବ ବୋଲି ବୁଝାନ୍ତି। ଫୋନ କରି ମଧ୍ୟ ଏହି କଥା ବାରମ୍ବାର ମନେ ପକାଇ ଦିଅନ୍ତି। ଘର ପାଇଁ ସେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ, ମାସ୍କ ଓ ସାନିଟାଇଜର କିଣି ନେଇଛନ୍ତି ବୋଲି ପ୍ରଶାନ୍ତ କହିଥିଲେ। ପ୍ରଶାନ୍ତ କହିଛନ୍ତି, ତାଙ୍କ କାନ୍ଧ ଉପରେ ପରିବାରର ବୋଝ ଲଦି ହୋଇଛି। ସିକ୍ୟୁରିଟି ସଂସ୍ଥା ପକ୍ଷରୁ ମାସିକ ଦରମା ମଧ୍ୟ ଠିକ ସମୟରେ ମିଳୁଛି। ତେଣୁ ଏଭଳି ଭୟାନକ ପରିସ୍ଥିତିରେ ମଧ୍ୟ ସେ ଚାକିରି ଛାଡ଼ି ପାରୁନାହାନ୍ତି। ପ୍ରତିଦିନ ଶହ ଶହ ଲୋକ ଆସନ୍ତି। ପାଖରେ ବସି କଥା ହୁଅନ୍ତି। ହେଲେ ଏବେ ଚୁପଚାପ ବସିବାକୁ ପଡୁଛି। ଯାହା ଫଳରେ ମାନସିକ ଭାବେ ମଧ୍ୟ ଭାରାକ୍ରାନ୍ତ ଲାଗୁଛି। ପରିସ୍ଥିତି ତୁରନ୍ତ ସୁଧୁରିଯିବା ସେ ଚାହାନ୍ତି ବୋଲି ପ୍ରଶାନ୍ତ କହିଛନ୍ତି।



କଟକ

# କରୋନା ସହାୟତାରୁ ବଞ୍ଚିତ ୧୧ ହଜାର ଉଠାଦୋକାନୀ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍‌ଡାଉନ୍ ପାଇଁ ପ୍ରତ୍ୟେକ ଉଠାଦୋକାନୀଙ୍କୁ ୩ ହଜାର ଟଙ୍କା ଲେଖାଏ କରୋନା ସହାୟତା ଦେବାକୁ ଘୋଷଣା କରିଛନ୍ତି। ଏବେ ସୁଦ୍ଧା ରାଜଧାନୀ ଭୁବନେଶ୍ୱରର ୧୧ ହଜାରରୁ ଊର୍ଦ୍ଧ୍ୱ ଉଠା ଦୋକାନୀଙ୍କୁ ସହାୟତା ବଣ୍ଟନ ହୋଇଥିବାବେଳେ ଆହୁରି ୧୧ ହଜାର ବ୍ୟବସାୟୀ ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ସଭାପତି ସୁର ଜେନା ଶନିବାର ଏକ ପ୍ରେସ୍ ବିବୃତ୍ତିରେ ଏହି ଅଭିଯୋଗ ଆଣିଛନ୍ତି। ସଭାପତି ଜେନା କହିଛନ୍ତି, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୨୦୧୫ରେ ଏକ ସର୍ଭେ କରି ଭୁବନେଶ୍ୱରରେ ୨୨ ହଜାର ୮ ଶହ ଉଠାଦୋକାନୀଙ୍କୁ ଚିହ୍ନଟ କରିଥିଲେ। ମାତ୍ର ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ଉଠାଦୋକାନୀଙ୍କୁ କରୋନା ସହାୟତା ପ୍ରଦାନ କରାଯାଇଛି। ବାକି ୧୧ହଜାର ଉଠା ଦୋକାନୀଙ୍କୁ ବାତ୍ୟା 'ଫନୀ' ସମୟରେ ମଧ୍ୟ ବିଏମ୍‌ସି ସହାୟତାରୁ ବଞ୍ଚିତ କରାଯାଇଥିଲା। ଏହି ପକ୍ଷପାତିତା ଓ ବାଛବିଚାର ବର୍ତ୍ତମାନ ସମୟରେ ଘୋର ଅନ୍ୟାୟ ବୋଲି ଜେନା ମତବ୍ୟକ୍ତ କରିବା ସହ ଅନ୍ୟମାନଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାର ଏବଂ ବିଏମ୍‌ସି ନିକଟରେ ଦାବି ଜଣାଇଛନ୍ତି।

# ୫୯୧ ଦୋକାନରେ ଉପଲବ୍ଧ ଅତ୍ୟାବଶ୍ୟକ ସାମଗ୍ରୀ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

**ବିଏମ୍‌ସି**

ଭୁବନେଶ୍ୱରର ୩ ଜୋନ୍ ଦକ୍ଷିଣ ପୂର୍ବ, ଦକ୍ଷିଣ ପଶ୍ଚିମ ଓ ଉତ୍ତର ଜୋନ୍‌ରେ ୫୯୧ ଅତ୍ୟାବଶ୍ୟକ ଦୋକାନ ଖୋଲା ରହିଛି। ସମ୍ପୃକ୍ତ ଦୋକାନରୁ ରାଶନ, କ୍ଷୀର ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ଉପଲବ୍ଧ କରାଯାଇଛି। ସମ୍ପୃକ୍ତ ବ୍ୟବସାୟୀଙ୍କ ଟ୍ରେଡ୍‌ଲାଇସେନ୍ସ ଯାଞ୍ଚ ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସେମାନଙ୍କ ଦୋକାନ ତଦାରଖ କରି ଖୋଲିବାକୁ ଅନୁମତି ଦେଇଛି ବୋଲି ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଘର ପାଖ ତଥା ପାଦ ଚଲା ବାଟରେ ଲୋକଙ୍କ ପାଇଁ ସମସ୍ତ ସେବା ଯୋଗାଇବା ପାଇଁ ବିଏମ୍‌ସି ଏପରି କାର୍ଯ୍ୟ ହାତକୁ ନେଇଥିବା କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୬୮ଟି ଅସ୍ଥାୟୀ ହାଟ ଓ ବଜାର ସମେତ ସ୍ଥାନୀୟ ଅଞ୍ଚଳଗୁଡ଼ିକରେ ସେବା ଯୋଗାଉଥିବା ବିଭିନ୍ନ ଅତ୍ୟାବଶ୍ୟକ ଦୋକାନଗୁଡିକୁ ମଧ୍ୟ ଖୋଲାଯାଇଛି। ତେଣୁ ଲୋକେ ଜରୁରୀ ଆବଶ୍ୟକ ନ ଥିଲେ ଘରୁ ନ ବାହାରି କୋଭିଡ୍-୧୯ ମୁକାବିଲାରେ ସହଯୋଗ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ସମସ୍ତ ଦୋକାନର ତଥ୍ୟ ବିଏମ୍‌ସି ୱେବ୍ ସାଇଟ୍‌ରେ ରହିଛି। ଆବଶ୍ୟକସ୍ଥଳେ ଭୁବନେଶ୍ୱରବାସୀ ଏହାର ସହଯୋଗ ନେବାକୁ କମିଶନର ଅନୁରୋଧ କରିଛନ୍ତି।

**ପ୍ରେସ ଇସ୍ତାହାର ବିଜ୍ଞପ୍ତି** ତା: ୧୦/୪/୨୦୨୦

କୋଭିଡ-୧୯ ମହାମାରୀ ଯୋଗୁଁ ଲକଡାଉନ୍ ସ୍ଥିତି ଏବଂ ସେଥିପାଇଁ ସୃଷ୍ଟି ହୋଇଥିବା ଆର୍ଥିକ ଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍‌ସର ପରିଚାଳନା କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ୨୦୨୦, ଏପ୍ରିଲ ଓ ମେ' ମାସର ଟିଉସନ୍ ଫି' ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଭିଭାବକମାନେ ଏଥିପାଇଁ ଆଦୌ ଚାପ ଅନୁଭବ ନ କରି ଏହି ଦେୟକୁ ଜୁନ୍ ମାସରେ ଦାଖଲ କରି ପାରିବେ। ଅନଲାଇନ୍ କ୍ଲାସ୍ ଏବଂ ସ୍କୁଲ୍ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଶିକ୍ଷା ସଂପର୍କିତ ସହାୟତା ଜାରି ରହିବ। ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କ ପାଇଁ ଯେ କୌଣସି ସହାୟତା ସଂପର୍କରେ ସ୍କୁଲ ସହ ଆଲୋଚନା ଅଥବା ଯୋଗାଯୋଗ କରି ପାରିବେ।

ଡକ୍ଟର ପି. ସି. ମହାନ୍ତି
ନିର୍ଦ୍ଦେଶକ, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍‌ସ

# ଜୋମାଟୋରୁ ଖାଦ୍ୟ ଅର୍ଡର କରି ଗାଳି ଶୁଣିଲେ ଡାକ୍ତର

**ଭୁବନେଶ୍ୱର,୧୧।୪ (ବ୍ୟୁରୋ)**

**ଥାନାରେ ଏତଲା**

କରୋନା ଲଢ଼େଇ ପାଇଁ ସମସ୍ତେ ଅଣ୍ଟା ଭିଡିଛନ୍ତି। ବିଶେଷକରି ଏହି ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ। ସେମାନଙ୍କୁ ଦୁର୍ବ୍ୟବହାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଲକ୍‌ଡାଉନ୍ ସମୟରେ ବହୁ ଡାକ୍ତର ଖାଇବା ପିଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କାରଣ ଡାକ୍ତର ଓ ହସ୍ପିଟାଲ କର୍ମଚାରୀ ନାଁ ଶୁଣିଲେ ଲୋକେ ପାଖ ମାଡୁନାହାନ୍ତି। ଏପରି ଜଣେ ଡାକ୍ତର ଘରୋଇ ସଂସ୍ଥା ଜୋମାଟୋରୁ ଖାଦ୍ୟ ଅର୍ଡର କରି କର୍ମଚାରୀଙ୍କଠାରୁ ଗାଳି ଶୁଣିଛନ୍ତି। ଏପରି କି କର୍ମଚାରୀ ଜଣକ ତାଙ୍କୁ ଧମକ ମଧ୍ୟ ଦେଇଥିବା ନେଇ ନୟାପଲ୍ଲୀ ଥାନାରେ ଶନିବାର ଅଭିଯୋଗ ହୋଇଛି। ସୂଚନାନୁସାରେ, ଏହି ଥାନା ଅନ୍ତର୍ଗତ ଅଇଆର୍‌ସି ଭିଲେଜ ଏନ-୫ରେ ରହୁଥିବା ଡା. ଅମ୍ରିତ ପାଟଯୋଶୀ। ଶନିବାର ସେ ଜୋମାଟୋରୁ ଖାଦ୍ୟ ଅର୍ଡର ଥିଲେ। ଦିନ ୩ଟା ବେଳକୁ ଜୋମାଟୋର କର୍ମଚାରୀ ଶଙ୍କର ଖାଦ୍ୟ ଡେଲିଭରୀ ଦେବାକୁ ଡ଼ା.ଅମ୍ରିତଙ୍କୁ ଠିକଣା ପଚାରିଥିଲେ। ବାରମ୍ବା ଠିକଣା କହିଥିଲେ ମଧ୍ୟ କର୍ମଚାରୀ ଜଣକ ବିଭିନ୍ନ ବାହାନା ଦେଖାଇଥିଲେ। ଶେଷରେ ଘର ପାଉ ନ ଥିବା ଦର୍ଶାଇ ଅର୍ଡର କ୍ୟାନସଲ କରିବାକୁ କହି ଡ଼ା ଅମ୍ରିତଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ଓ ହତ୍ୟା ଧମକ ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଖୋର୍ଦ୍ଧା: ଦୈନିକ ୫୦ ସ୍ୱାବ ସଂଗ୍ରହ କରାଯିବ

ଖୋର୍ଦ୍ଧା ଅଫିସ, ୧୧।୪

## ଆରମ୍ଭ ହେବ ଟେଲି ମେଡିସିନ୍ ସେବା

ଭୁବନେଶ୍ୱରକୁ ବାଦ୍‌ଦେଇ ଖୋର୍ଦ୍ଧା ଜିଲାରେ ଦୈନିକ ୫୦ କୋଭିଡ୍-୧୯ ସ୍ୱାବ ନମୁନା ସଂଗ୍ରହ ହେବ। ଶନିବାର ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଜିଲାର ୧୯୦ ପଞ୍ଚାୟତରେ ଅସ୍ଥାୟୀ ମେଡିକାଲ କେନ୍ଦ୍ର (ଟିଏମ୍‌ସି) ଖୋଲାଯାଇଛି। ଏଥିରେ ନିୟୋଜିତ ଥିବା ସମସ୍ତ ମେଡିକାଲ ଅଫିସର, ଡାକ୍ତର, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ଲାଗି ଆକ୍ସନ ପ୍ଲାନ ପ୍ରସ୍ତୁତ କରି ସରକାରଙ୍କ ପାଖକୁ ପଠାଇବା ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଟେଲି ମେଡିସିନ ସେବା ଆରମ୍ଭ ହେବ। ଏଥିପାଇଁ ଡାକ୍ତରଙ୍କ ଏକ ପ୍ୟାନେଲ ପ୍ରସ୍ତୁତ କରିବାକୁ ଜିଲାପାଳ ରାଉତ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ କହିଛନ୍ତି, ସାମାନ୍ୟ ଥଣ୍ଡା, କାଶ, ଜ୍ୱର ହେଲେ ଲୋକେ ଚିକିତ୍ସାଳୟକୁ ଆସି ଭିଡ଼ ଜମାଉଛନ୍ତି। ଏହାଦ୍ୱାରା ଗୋଷ୍ଠୀ ସଂକ୍ରମଣର ଆଶଙ୍କା ରହୁଛି। ଏହାକୁ ଏଡାଇବା ଲାଗି ଜିଲାରେ ଟେଲି ମେଡିସିନ ବ୍ୟବସ୍ଥା ଆରମ୍ଭ କରାଯିବ। ଲୋକେ ଘରେ ରହି ଡାକ୍ତରଙ୍କ ସହ ନିଜ ରୋଗ ସମ୍ପର୍କରେ ଆଲୋଚନା କରିପାରିବେ। ଅତି ଆବଶ୍ୟକ ଥିଲେ ଡାକ୍ତରଖାନା ଆସିବାକୁ ପରାମର୍ଶ ଦିଆଯିବ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାତ୍ରୀ, ସିଡିଏମ୍‌ଓ ବିଶ୍ୱରଞ୍ଜନ ପତିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। -ଶ୍ରୀଅରବିନ୍ଦ



# ଲକ୍‌ଡାଉନ୍‌ର ଉଦ୍ଦେଶ୍ୟ



ଆକାର ପଟେଲ

ଭାରତ ବିଶ୍ୱରେ ସବୁଠୁ ଅଧିକ ଦିନ ଲକ୍‌ଡାଉନରେ ରହିବାକୁ ଯାଉଛି। ଲକ୍‌ଡାଉନ ସମ୍ପର୍କରେ ଲୋକମାନଙ୍କୁ ସବୁଠୁ କମ୍ ସୂଚନା ଦେଇ ଓ ସବୁଠୁ କମ୍ ପ୍ରସ୍ତୁତି ସହ ସରକାର ଏହା କରିବାକୁ ଯାଉଛନ୍ତି। ଅନେକ ରାଜ୍ୟ ଏପ୍ରିଲ ଶେଷ ଯାଏ ଲକ୍‌ଡାଉନ ଅବଧି ବୃଦ୍ଧି କରିବାକୁ ଚାହୁଁଛନ୍ତି । ଏହା ସମ୍ଭବ ଯେ, ଯଦି କିଛି ରାଜ୍ୟ ଏହା ନ କରନ୍ତି ତେବେ ଭାରତର ଅଧିକାଂଶ ରାଜ୍ୟ ଏହାକୁ ଲାଗୁ କରିବେ।

ଲକ୍‌ଡାଉନର ଅର୍ଥ କ'ଣ ଥିଲା ? ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ସ୍ପଷ୍ଟ ଭାବେ କିଛି କହି ନ ଥିଲେ। କିନ୍ତୁ ବିଶ୍ୱରେ ଏହା ଦୁଇଟି ଉଦ୍ଦେଶ୍ୟ ପାଇଁ ଲାଗୁ ହୁଏ ବୋଲି ବୁଝାଯାଏ। ପ୍ରଥମତଃ ଲକ୍‌ଡାଉନ ସମୟରେ ରାଜ୍ୟ ତା ସାମର୍ଥ୍ୟ କ୍ଷମତା ବଢାଏ। ମୁଖ୍ୟତଃ ଭେଣ୍ଟିଲେଟର ଓ ଇଣ୍ଟେନ୍‌ସିଭ କେୟାର ୟୁନିଟ୍ସ(ଆଇସିୟୁ) ବୃଦ୍ଧି କରିଥାଏ। ଦ୍ୱିତୀୟ କାରଣଟି ହେଉଛି ଲକ୍‌ଡାଉନ ଭାଇରସ୍ ସଂକ୍ରମଣକୁ ଧିମା କରିଦିଏ। ଯେଉଁମାନଙ୍କୁ ଭାଇରସ ସଂକ୍ରମିତ ହୋଇଥାଏ ସେମାନଙ୍କଠାରେ ଏହା ବୃଦ୍ଧିପାଏ ଏବଂ ସେମାନଙ୍କୁ ଚିହ୍ନଟ କରାଯାଇ ଅଲଗା ରଖାଯାଏ। ଏହି ଦୁଇଟି ଉଦ୍ଦେଶ୍ୟକୁ ଦେଖିଲେ ଭାରତରେ ଲକ୍‌ଡାଉନ ଉପଯୋଗୀ ହୋଇପାରିଛି କି? ଏହାର ପ୍ରଥମ ଉତ୍ତରଟି ହେଉଛି ଆମେ ଏହି ସମୟରେ ସାମର୍ଥ୍ୟ ଯୋଗାଡ କରିପାରିନାହୁଁ। ୧୧ ଏପ୍ରିଲ, ଗୁରୁବାର 'ହିନ୍ଦୁ'ରେ ପ୍ରକାଶ ପାଇଛି ଯେ, 'ଆସନ୍ତା ସପ୍ତାହରେ ଦେଶ ସାରା ଔଷଧ ଓ ଚିକିତ୍ସା ଉପକରଣର ଅଭାବ ଦେଖାଦେବ। ଡିପାର୍ଟମେଣ୍ଟ ଅଫ୍ ଫାର୍ମାସ୍ୟୁଟିକାଲ୍ସ ଏ ସମ୍ପର୍କରେ ଗୃହ ବିଭାଗକୁ ସତର୍କ କରିଦେଇଛି ଓ ଏବେ ଲାଗୁ କରାଯାଇଥିବା ଲକ୍‌ଡାଉନ ସମୟରେ ଉତ୍ପାଦନ ଆରମ୍ଭ କରିବା ପାଇଁ ଔଷଧ ନିର୍ମାତାମାନଙ୍କୁ ସାହାଯ୍ୟ ଯୋଗାଇ ଦେବା ଲାଗି ଜରୁରୀ ପଦକ୍ଷେପ ଗ୍ରହଣ କରିବାକୁ ଏହା ଦାବି କରିଛି। ଔଷଧ ଓ ଚିକିତ୍ସା ଉପକରଣ ନିର୍ମାତାମାନେ ଏହି ଲକ୍‌ଡାଉନ ସମୟରେ ହାରାହାରି ୨୦ରୁ ୩୦ ପ୍ରତିଶତ କାର୍ଯ୍ୟ କରୁଛନ୍ତି ବୋଲି ବିଭିନ୍ନ ଉଦ୍ୟୋଗ ପକ୍ଷରୁ ପ୍ରାପ୍ତ ସୂଚନାକୁ ଆଧାର କରି ୯ ଏପ୍ରିଲରେ ଫାର୍ମାସ୍ୟୁଟିକାଲ ଡିପାର୍ଟମେଣ୍ଟର ସଚିବ ପି. ଡି. ବାଘେଲା ଗୃହ ସଚିବ ଅଜୟ ଭାଲ୍ଲାଙ୍କୁ ଏକ ସରକାରୀ ରିପୋର୍ଟ ପ୍ରଦାନ କରିଛନ୍ତି। ସରକାର ଏହା ସୁନିଶ୍ଚିତ କରିବା ପାଇଁ କାହିଁକି ବିଶେଷ ପ୍ରୟାସ କଲେନି ତାହା ସ୍ପଷ୍ଟ ହେଲାନାହିଁ। ଅନ୍ୟ ଏକ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ଭାରତରେ ଏବେ ଉପଲବ୍ଧ ୪୦ ହଜାର ଭେଣ୍ଟିଲେଟର ମଧ୍ୟରୁ ସ୍ପେୟାର ପାର୍ଟସ୍ ଅଭାବରୁ ଅଧା ସମ୍ଭବତଃ କାମ କରୁନଥିଲା ବୋଲି ସରକାରୀ ଅଧିକାରୀମାନଙ୍କର ଏକ ବୈଠକରେ ପ୍ରକାଶ କରାଯାଇଥିବା ଏଥିରେ କୁହାଯାଇଛି। ତୃତୀୟ ରିପୋର୍ଟଟି ୨୪ ମାର୍ଚ୍ଚରେ ଇକୋନୋମିକ ଟାଇମ୍ସରେ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଭେଣ୍ଟିଲେଟର ନିର୍ମାତାମାନେ ଲକ୍‌ଡାଉନ ସମୟରେ ହାତ ବାନ୍ଧି ବସିଲେ ଓ ଉତ୍ପାଦନ କରିବାକୁ ଅସମର୍ଥ ହେଲେ। ମୋଟ ଉପରେ ଆମେ ଅନୁମାନ କରିପାରିଛୁ ଯେ, ଏହି ଲକ୍‌ଡାଉନରେ ସରକାର ସାମର୍ଥ୍ୟ ବଢାଇବାକୁ ସକ୍ଷମ ହୋଇପାରିନାହାନ୍ତି।

ଦ୍ୱିତୀୟ କାରଣଟି ହେଉଛି, ଲକ୍‌ଡାଉନ ସମୟରେ ଭାଇରସ ସଂକ୍ରମଣର ଗତିକୁ ମନ୍ଥର କରିବା। ଆମେ ଏଥିରେ ସଫଳ ହୋଇଛେ କି? ଲକ୍‌ଡାଉନ ଘୋଷଣା କରାଯିବାବେଳେ ୫୦୦ ସଂକ୍ରମିତ ଥିଲେ। ଏବେ ଏହା ୭୦୦୦କୁ ଟପିଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦୦୦ ଜଣ ନୂଆ ସଂକ୍ରମିତ ବଢିଛନ୍ତି ଏବଂ ଏହି ସଂକ୍ରମଣ ବୃଦ୍ଧି କେବଳ କେରଳକୁ ବାଦ୍‌ଦେଲେ ଅନ୍ୟ ରାଜ୍ୟରେ ସ୍ଥିର ରହିଛି। ଏହାକୁ ହୁଏତ ସଫଳ କିମ୍ବା ଅସଫଳ ଭାବେ ବିବେଚନା କରାଯାଇପାରେ, କିନ୍ତୁ ବାସ୍ତବ ସ୍ଥିତି ହେଉଛି, ସଂକ୍ରମଣ ବଢିଛି କି କମିଛି ତାହା ଆମେ ଜାଣିନାହୁଁ। ଆମେ ବହୁ ଲୋକଙ୍କୁ ପରୀକ୍ଷା କରୁ ନ ଥିବାରୁ ଏହା ହେଉଛି। ଅନ୍ୟ ଦେଶ ତୁଳନାରେ ଭାରତରେ ପରୀକ୍ଷା ହାର ସବୁଠୁ କମ୍। ଶୁକ୍ରବାର ଆମେ ଲକ୍ଷେରୁ ସାମାନ୍ୟ ଅଧିକ ଲୋକଙ୍କର ପରୀକ୍ଷା ଶେଷ କଲୁ। ଜର୍ମାନୀର ଜନସଂଖ୍ୟା ଭାରତ ଜନସଂଖ୍ୟାର ୧୫ ଭାଗରୁ ଭାଗେ । କିନ୍ତୁ ଜର୍ମାନୀରେ ଏହି ସମୟ ସୁଦ୍ଧା ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପରୀକ୍ଷା କରାଯାଇଥିଲା। ଆଉ ଏକ ସୂଚକ ହେଉଛି ଶନିବାର ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ । ଏହା ଅନୁସାରେ ପରୀକ୍ଷା ହାର ମୃତ୍ୟୁହାର ମଧ୍ୟରେ ଅନ୍ତର ରହିଛି । କେରଳଠାରୁ ଏହା ମଧ୍ୟପ୍ରଦେଶରେ ୧୦ଗୁଣ ଅଧିକ । ଅର୍ଥାତ ବିନା ପରୀକ୍ଷାରେ ମଧ୍ୟ ଲୋକମାନଙ୍କର ମୃତ୍ୟୁ ଘଟୁଛି ଓ ମୃତ୍ୟୁ ପୂର୍ବରୁ ଅନ୍ୟମାନଙ୍କୁ ସଂକ୍ରମିତ କରୁଛନ୍ତି। ମୁଁ ଜାଣିଛି ଯେ ଭାରତରେ ବହୁଳ ଭାବେ ପରୀକ୍ଷା କରା ନଯିବାର ଅନେକ କାରଣ ରହିଛି। ଭାରତ ଗରିବ ରାଷ୍ଟ୍ର ହୋଇଥିବା କାରଣରୁ ସ୍ୱାସ୍ଥ୍ୟସେବା ଉପରେ ଅଧିକ ଧ୍ୟାନ ଦେଇପାରିନାହୁଁ ଏବଂ ପରୀକ୍ଷା ପାଇଁ ଜର୍ମାନୀ ଭଳି ବ୍ୟୟ କରିବାକୁ ଆମ ପାଖରେ ଟଙ୍କା ନାହିଁ। କିନ୍ତୁ ଏଠାରେ କଥା ସେୟା ନୁହେଁ। ଯାହା ଆବଶ୍ୟକ ସେଭଳି ଠିକ୍ ବାଟରେ ଲକ୍‌ଡାଉନକୁ ଉପଯୋଗ କରାଯାଇଥାଉ କି ନଥାଉ ତଥାପି ଆମେ ହାସଲ କରିବାକୁ ପ୍ରୟାସ ଜାରି ରଖିଛୁ।

ଏବେ ବିପର୍ଯ୍ୟୟରେ ପଡିଥିବା କୋଟି କୋଟି ଭାରତୀୟଙ୍କୁ ଦୃଷ୍ଟିରେ ରଖି ଏକ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ରଖାଯିବା ଉଚିତ। ଆମେ ଜାଣିଶୁଣି ଅର୍ଥନୀତିକୁ ଦୁର୍ବଳ କରିବାର ଏକ କାରଣ ବି ଥାଇପାରେ । ମୋ ମତରେ ଏହି ଦୁଇଟି କାରଣ ପାଇଁ କିଛି କରିପାରିନାହୁଁ। ଲକ୍‌ଡାଉନ ସମୟରେ ଆଉ କ'ଣ ଉଦ୍ଦେଶ୍ୟ ରହିଛି? ଆମେ ନିଶ୍ଚିତ ନୋହୁଁ। ଏହି ସପ୍ତାହରେ ସୁରଟ୍‌ରେ ଅଟକି ରହିଥିବା ଦାଦନମାନେ ଘରକୁ ଫେରିଯିବାକୁ ଦାବି କରି ଗଣ୍ଡଗୋଳ ସୃଷ୍ଟି କଲେ। କୌଣସି ବିକଳ୍ପ ଓ ସହାୟତା ନ ଥାଇ ଅଟକି ରହିଥିବା ଲୋକଙ୍କ ରିପୋର୍ଟ ଆସିବା ତ ସାଧାରଣ କଥା। ଏହା ଯୋଜନା,ରଣନୀତି ଓ କାର୍ଯ୍ୟକାରିତା ଅଭାବକୁ ସୂଚାଉଛି। ଏହା ହିଁ ଖରାପ ଶାସନ। କିନ୍ତୁ ପୂର୍ବରୁ ଚାଲିଆସୁଥିବା ରାଜନୀତିକୁ ଏହା ବନ୍ଦ କରିପାରିନି। ଶନିବାର ବିଜ୍‌ନେସ ଷ୍ଟାଣ୍ଡାର୍ଡରେ ଟି.ଏନ୍. ନିନାନ୍ ଉଲ୍ଲେଖ କରିଛନ୍ତି ଯେ,'ମୋଦିଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷକୁ ରକ୍ଷା କରିବାକୁ ଠିକ୍ ସମୟରେ କୋଭିଡ-୧୯ ସଂକ୍ରମଣ ଆସିଛି। ଅର୍ଥନୀତିର ଅଣ ସରକାର ଅଂଶର ଅଭିବୃଦ୍ଧି ଡିସେମ୍ବର ଯାଏ ଦୁଇଟି ତ୍ରୈମାସିକରେ ହ୍ରାସ ପାଇ ୩ ପ୍ରତିଶତରୁ ସାମାନ୍ୟ ଉପରେ ରହିଥିଲା। ନାଗରିକତ୍ୱ ସଂଶୋଧନ ଆଇନରେ ମୋଦି ସରକାରଙ୍କ ରାଜନୀତିର ରାସ୍ତା ବନ୍ଦ ହୋଇଯାଇଥିଲା । ଲୋକମାନେ ପ୍ରତିବାଦ ଓ ଧାରଣା ବଢାଇ ଦେଇଥିଲେ। ରାଜ୍ୟ ସରକାରମାନେ ଅସନ୍ତୋଷ ପ୍ରକାଶ କରି ଏହାକୁ ପ୍ରତ୍ୟାହର କରିବା ପାଇଁ ଚାପ ସୃଷ୍ଟି କରୁଥିଲେ। କିନ୍ତୁ ପ୍ରଦର୍ଶନକାରୀ ଲକ୍‌ଡାଉନ ଦ୍ୱାରା ଏପାଖସେପାଖ ହୋଇଯାଇଛନ୍ତି। ରାଜ୍ୟ ସରକାରମାନ ଜରୁରୀ ଆର୍ଥିକ ସହାୟତା ଲାଗି ଧାଡି ଲଗାଉଛନ୍ତି। ସବୁ ଅର୍ଥନୈତିକ ସମସ୍ୟା ବି କୋଭିଡ-୧୯ର ଦ୍ୱାରଦେଶରେ ଅଟକି ଯାଇପାରେ। କେତେକ ଗୁରୁତ୍ୱପୂର୍ଣ୍ଣ ଡିବେଟରେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ଦେଖା ନ ଦେଇ ବିନା ସୂଚନାରେ ବିମୁଦ୍ରୀକରଣ ଷ୍ଟାଇଲ୍‌ରେ ଲକ୍‌ଡାଉନ ଲାଗୁ କରି ଏବେ ଦୈନିକ ଟେଲିଭିଜନରେ ଉପଦେଶ ଦେଉଛନ୍ତି। ଇତି ମଧ୍ୟରେ ମୁସଲମାନମାନଙ୍କୁ ଏଭଳି ବ୍ୟବହାର କରାଯାଉଛି, ଯେଉଁଥିରେ ସେମାନଙ୍କର କୌଣସି ଗୁରୁତ୍ୱ ନ ଥିବା ଅନୁଭବ କରିବା ଦ୍ୱାରା ଆଉ ଏକ ଜନ ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି ବୋଲି ସେ ଅନୁମାନ କରିଛନ୍ତି।

# ଅର୍ଥନୀତି ଭୁଶୁଡ଼ିବ: ସରକାର ପକେଟ ନୁହେଁ, ପେଡ଼ି ଖୋଲନ୍ତୁ



ତର୍କ ଓ ତଥ୍ୟ

ବିମଳ ପାଣ୍ଡିଆ

ରାଜନୈତିକ, ଆର୍ଥିକ ଓ ସାମରିକ ମାମଲାରେ ଆମେରିକା ପୃଥିବୀର ସବୁଠାରୁ ପ୍ରଭାବଶାଳୀ ଓ ଶକ୍ତିଶାଳୀ ଦେଶ। ଏବେ ସେହି ଦେଶରେ ସବୁଠାରୁ ଅଧିକ 'କରୋନା' ରୋଗୀ। କରୋନା ତ ଦାଉ ସାଧୁଛି, କିନ୍ତୁ ତାହାଠୁ ବଳେଇ ଗଲାଣି ଅର୍ଥନୀତି ଭୁଶୁଡି ପଡ଼ିବାର ଚିନ୍ତା। ଦୋକାନ, କାରଖାନା, ବ୍ୟବସାୟ ବନ୍ଦ ହୋଇଯାଇଛି। ଆମେରିକାରେ ପ୍ରତିମାସ ରୋଜଗାର ରିପୋର୍ଟ ଆସେ। ଏପ୍ରିଲ ୩ ତାରିଖରେ ଆମେରିକା ସରକାରଙ୍କ 'ବ୍ୟୁରୋ ଅଫ୍ ଲେବର ଷ୍ଟାଟିଷ୍ଟିକ୍ସ' ସଦ୍ୟତମ ରିପୋର୍ଟ ଜାରି କରିଛନ୍ତି। ମାର୍ଚ୍ଚ ମାସରେ ଆମେରିକାରେ ବେରୋଜଗାର ହାର ୪.୪%କୁ ବୃଦ୍ଧିପାଇଛି, ଯାହା ୫୦ ବର୍ଷରେ ସର୍ବାଧିକ। ଏପ୍ରିଲ ମାସରେ ବେରୋଜଗାର ଆହୁରି ବଢ଼ିବାର ଆଶଙ୍କା ଅଛି। ଆମେରିକାରେ ବେରୋଜଗାର ଲୋକଙ୍କୁ ବେକାରି ଭତ୍ତା ମିଳେ। ଭାରତରେ ବେକାରିର ସେମିତି ହିସାବ ହୁଏ ନାହିଁ କି ଭତ୍ତା ମିଳେ ନାହିଁ। ତେଣୁ ଆମେରିକା ଭଳି ହିସାବ ଦେଇ ହେବନି। କିନ୍ତୁ ଚାଲିଚାଲି ବା ଯେ କୌଣସି ଉପାୟରେ ଶହଶହ କିଲୋମିଟର ଦୂରରେ ଥିବା ନିଜର ଗାଁ ଘରକୁ ଫେରିବାର ଉଦ୍‌ଗ୍ରୀବତାର ଦୃଶ୍ୟ ଯିଏ ଦେଖିଛି, ସେ ବିନା ଦ୍ୱିଧାରେ ଠଉରାଇ ନେବ ଯେ ଭାରତର ସ୍ଥିତି କେତେ ବିକଟାଳ, ଆମେରିକା ବା ଅନ୍ୟ କୌଣସି ଦେଶଠାରୁ ଭାରତର ଅର୍ଥନୈତିକ ସ୍ଥିତି କେତେ ଗୁଣା ଅଧିକ ଭଙ୍ଗୁର।

କରୋନାକୁ ଏବେ ଯୁଝୁଛନ୍ତି ବିଶ୍ୱର ପ୍ରାୟ ସମସ୍ତ ଦେଶ। ଏହି 'ମହାମାରୀ'ରେ ମୃତ୍ୟୁହାର ଅନ୍ୟ ମହାମାରୀ ତୁଳନାରେ ଅନେକ କମ୍ ସତ, କିନ୍ତୁ ଅର୍ଥନୀତି ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ସମସ୍ତ ସରକାରଙ୍କୁ ଭୀଷଣ ଚିନ୍ତିତ କଲାଣି। କୋଟିକୋଟି ଲୋକଙ୍କର ବଢିଚାଲିଥିବା ଦୈନ୍ୟତା ଓ ଦୁର୍ଦ୍ଦଶାର ଖବର କିଛି କମ୍ ନ ଥିବା ବେଳେ ଭବିଷ୍ୟତରେ ସ୍ଥିତିକୁ ସୁଧାରିବାର ଚିନ୍ତା ବିକଟ ହେବାରେ ଲାଗିଛି। ଏହି ସ୍ତମ୍ଭର ପୂର୍ବ ଆଲେଖ୍ୟରେ ଆମେରିକା କେମିତି ଏକ ବଡ ଆର୍ଥିକ 'ପ୍ୟାକେଜ' ଆଣିବାକୁ ଯାଉଛି ତାହାର ସୂଚନା ଥିଲା। ଏହାମଧ୍ୟରେ ଆମେରିକା ସରକାର ୨.୨ ଟ୍ରିଲିୟନ ଡଲାରର ପ୍ୟାକେଜ ଆଣିସାରିଛନ୍ତି। ୨୦୧୬ ମସିହାରେ ଭାରତର ମୋଟ ସମୁଦାୟ ବାର୍ଷିକ ଆୟ ବା ଜିଡିପି ସହିତ ଏହା ପ୍ରାୟ ସମାନ। ସହଜ ଭାବରେ କହିଲେ ଭାରତରେ ସେହି ବର୍ଷ ସମସ୍ତ ସୂତ୍ରରୁ ସମସ୍ତ ସରକାରୀ, ବେସରକାରୀ ଓ ବ୍ୟକ୍ତିଗତ ଆୟ ଓ ଉତ୍ପାଦନକୁ ମିଶାଇଲେ ଯାହା ହେବ, ଆମେରିକାର କରୋନା ଆର୍ଥିକ ପ୍ୟାକେଜ ପ୍ରାୟ ସେତେ ବଡ। ଆଉ ଗୋଟେ ହିସାବ ଦେଉଛି। କରୋନା ଆକ୍ରାନ୍ତ ଆମେରିକାର ଆର୍ଥିକ ପ୍ୟାକେଜଟି ଭାରତ ସରକାର ୨୦୨୦-୨୧ର ସମୁଦାୟ ବର୍ଷ ପାଇଁ ଆଣିଥିବା ଦେଶର ବଜେଟଠାରୁ ପ୍ରାୟ ସାଢେ ପାଞ୍ଚଗୁଣ ବଡ। ଭାରତ ସରକାର ମାର୍ଚ୍ଚ ୨୭ ତାରିଖରେ ଘୋଷଣା କରିଥିବା ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ପ୍ୟାକେଜଟି ଆମେରିକାର ଆର୍ଥିକ ପ୍ୟାକେଜର ୯୭ ଭାଗର ଭାଗେରୁ ମଧ୍ୟ କମ୍। ଗରିବଙ୍କୁ ରିହାତି ଦେବାକୁ ମାଗଣା ବଣ୍ଟା ବା 'ଫ୍ରିବିଜ୍' ଓ ଅର୍ଥନୀତି ପାଇଁ ଘୋର କ୍ଷତିକାରକ ବୋଲି ରଡିଛାଡୁଥିବା ବଡ଼ବଡ଼ ଅର୍ଥନୀତିଜ୍ଞ ଏବେ ଧନାଢ୍ୟ ଆମେରିକାର ପ୍ୟାକେଜ ଦେଖି ତାଟକା ହୋଇଯାଇଥିବେ ନିଶ୍ଚୟ। ସେଥିରେ 'ଫ୍ରିବିଜ୍' ଭରିକି ରହିଛି। ବର୍ଷରେ ୫୬ଲକ୍ଷ ଟଙ୍କା ଯାଏ ଆୟ କରୁଥିବା ବ୍ୟକ୍ତିଙ୍କୁ ପ୍ରାୟ ୯୦ ହଜାର ଟଙ୍କା ତଥା ୧କୋଟି ୧୨ଲକ୍ଷ ଟଙ୍କା ରୋଜଗାର କରୁଥିବା ପରିବାରକୁ ୧ଲକ୍ଷ ୮୦ହଜାର ଟଙ୍କାର 'ଫ୍ରିବିଜ୍' ତୁରନ୍ତ ପ୍ରଦାନ କରାଯିବ। ପ୍ରତି ସନ୍ତାନ ପାଇଁ ଅତିରିକ୍ତ ପ୍ରାୟ ୩୭,୫୦୦ ଟଙ୍କା ଦିଆଯିବ। ବର୍ଷକୁ ୭୫ ଲକ୍ଷ ଟଙ୍କା ଯାଏ ଆୟ କରୁଥିବା ବ୍ୟକ୍ତିଙ୍କୁ ଏହି ସହାୟତା ମିଳିବ। ଏତିକିରେ 'ଫ୍ରିବିଜ୍' ସରିନାହିଁ। ବେରୋଜଗାରଙ୍କୁ ପ୍ରତି ସପ୍ତାହରେ ପ୍ରାୟ ୪୫,୦୦୦ ଟଙ୍କା ଦିଆଯିବ। ଚାକିରି ହରାଇଥିବା ବ୍ୟକ୍ତିଙ୍କୁ ଚାରିମାସ ଯାଏ ସେମାନେ ପାଉଥିବା ପୂର୍ଣ୍ଣ ଦରମା ପ୍ରଦାନ କରାଯିବ। କେବଳ ଚାକିରି ହରାଇଥିବା ବ୍ୟକ୍ତି ନୁହନ୍ତି, କଣ୍ଟ୍ରାକ୍ଟର ଓ ସ୍ୱରୋଜଗାରୀ ମଧ୍ୟ ସେମାନଙ୍କର କରୋନା ପୂର୍ବର ଯାହା ଆୟ ଥିଲା ସେତିକି ଚାରିମାସ ଯାଏ ପାଇବେ। ଏହା ବାଦ୍, ଛୋଟ ବ୍ୟବସାୟୀଙ୍କୁ ୨୭.୫ ଲକ୍ଷ କୋଟି ଟଙ୍କା ଋଣ, ବଡ଼ବଡ଼ କମ୍ପାନୀଙ୍କୁ ୩୭.୫ ଲକ୍ଷ କୋଟି ଟଙ୍କାର ଋଣ, ହସ୍ପିଟାଲ ପାଇଁ ୯.୭୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ମାର୍ଚ୍ଚ ୨୫ ତାରିଖରେ ଜର୍ମାନୀର ପାର୍ଲାମେଣ୍ଟ ମଧ୍ୟ ପ୍ରାୟ ୬୧ ଲକ୍ଷ ୮୭ ହଜାର କୋଟି ଟଙ୍କାର ପ୍ୟାକେଜ ପାଇଁ ସରକାରୀ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ତାହା ବି 'ଫ୍ରିବିଜ୍' ମୟ। ପ୍ୟାକେଜର ସ୍ଲୋଗାନ ରହିଛି 'ଆମେ କାହାକୁ ଏକେଲା ଛାଡ଼ିବୁନି, ସାଙ୍ଗରେ ରହିବୁ'। ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶ ଲୋକଙ୍କ ପାଖରେ ତୁରନ୍ତ ପଇସା ପହଞ୍ଚାଇବା ଓ ଅର୍ଥନୀତିକୁ ସମ୍ଭାଳିବା ପାଇଁ ବିଶାଳ ପ୍ୟାକେଜମାନ ଆଣିଛନ୍ତି। ବିଶାଳ ପ୍ୟାକେଜ ଆଣିବା ପୂର୍ବରୁ ଲୋକଙ୍କୁ ସହାୟତା ଦେବା ପାଇଁ ଅନେକ ଛୋଟଛୋଟ ପ୍ୟାକେଜ ଆଣିସାରିଛନ୍ତି।

ଚାକିରି, ଆୟ ଓ ବେଉସା ହରାଇବା ତଥା ଲକ୍‌ଡାଉନ୍ କାରଣରୁ ଭୀଷଣ ଦୁରବସ୍ଥାରେ ଥିବା ଲୋକଙ୍କ ପାଇଁ ଆର୍ଥିକ ସହାୟତା ଦେବାରେ ଘୋର ପଛରେ ପଡି ଭାରତ ସରକାର ମାର୍ଚ୍ଚ ୨୭ ତାରିଖରେ ଘୋଷଣା କରିଥିବା ପ୍ୟାକେଜରେ ରହିଛି: ପ୍ରାୟ ୮ କୋଟି ୭୦ ଲକ୍ଷ କୃଷକଙ୍କୁ ତୁରନ୍ତ ୨,୦୦୦ ଟଙ୍କା; ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ତିନି ମାସ ଯାଏ ମାଗଣାରେ ଗ୍ୟାସ ସିଲିଣ୍ଡର; ୨୦ କୋଟି ଜନଧନ ଆକାଉଣ୍ଟଧାରୀ ମହିଳାଙ୍କୁ ତିନି ମାସ ପାଇଁ ୫୦୦ ଲେଖାଏ ଟଙ୍କା; ମହିଳା ଏସ୍‌ଏଚ୍‌ଜିଙ୍କୁ ୨୦ ଲକ୍ଷ ଟଙ୍କା ଯାଏ ବିନା ବନ୍ଧକରେ ଋଣ; ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଗରିବ ପରିବାରକୁ ଆସନ୍ତା ତିନି ମାସ ପାଇଁ ମାଗଣାରେ ମୁଣ୍ଡପିଛା ୫ କିଲୋ ଚାଉଳ ବା ଅଟା ଓ କିଲେ ଡାଲି; ଏବଂ ନରେଗା ଯୋଜନାରେ ଦୈନିକ ମଜୁରିକୁ ୨୦ ଟଙ୍କା ବୃଦ୍ଧି କରିବାର ଘୋଷଣା। ଏହା ସହିତ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ପାଇଁ ପୂର୍ବରୁ ଥିବା ୩୧,୦୦୦ କୋଟି ଟଙ୍କାର କଲ୍ୟାଣ ପାଣ୍ଠିରୁ ପ୍ରାୟ ୩ କୋଟି ୫୦ ଲକ୍ଷ ପଞ୍ଜିକୃତ ଆର୍ଥିକ ସାହାଯ୍ୟ ଦେବାପାଇଁ ରାଜ୍ୟ ସରକାରମାନଙ୍କୁ କୁହାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ।

ଭାରତର ପ୍ୟାକେଜଟି 'ଦେର୍'ରେ ଆସିଲା ସତ, କିନ୍ତୁ ଆଦୌ 'ଦୁରୁସ୍ତ' ହେଲାନି। ପିଏମ୍-କିଷାନ ଯୋଜନାରେ ବର୍ଷକୁ ୨,୦୦୦ ଟଙ୍କାର ତିନିଟି କିସ୍ତିରେ କୃଷକଙ୍କୁ ୬,୦୦୦ ଟଙ୍କା ଦିଆଯାଏ। ତେଣୁ ପ୍ୟାକେଜରେ କୃଷକଙ୍କ ପାଇଁ ଘୋଷଣା କରାଯାଇଥିବା ୨,୦୦୦ଟଙ୍କା ସେମିତି ବି ଦିଆଯାଇଥାନ୍ତା। ନରେଗା ଯୋଜନାରେ ମଜୁରି ହାର ଯେମିତି ହେଉ ବଢ଼ିଥାନ୍ତା। ଇପିଏଫ୍‌ରୁ ଟଙ୍କା ଉଠାଇବାରେ ରିହାତି ଦେଇଛନ୍ତି କିନ୍ତୁ ଦେଖିବାକୁ ଗଲେ ସେହି ଟଙ୍କା ହେଉଛି ଇପିଏଫ୍ ଆକାଉଣ୍ଟଧାରୀଙ୍କ। ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ କେତେ ଟଙ୍କା କେତେ ଦିନ ଭିତରେ ଦିଆଯିବ ତାହାର କିଛି ସୂଚନା ଏଯାଏ ନାହିଁ। ଅବଶ୍ୟ ମାଗଣାରେ ଗ୍ୟାସ, ଚାଉଳ ଓ ଡାଲି ଗରିବ ଲୋକଙ୍କୁ କିଛି ସାହାଯ୍ୟ ଦେବ ନିଶ୍ଚୟ। କିନ୍ତୁ, ଏହି ବାସ୍ତବତାକୁ ବି ମାନିବାକୁ ପଡିବ ଯେ କେନ୍ଦ୍ର ସରକାରଙ୍କ ପ୍ୟାକେଜଟି ଆବଶ୍ୟକତା ତୁଳନାରେ ନିହାତି କ୍ଷୁଦ୍ର। ଆମେରିକା, ଜର୍ମାନୀ ଭଳି ଧନୀ ରାଷ୍ଟ୍ରର ସରକାର ଲୋକଙ୍କ ପାଇଁ ସହାୟତାର ପୂରା ପେଡି ଖୋଲିଦେଇଛନ୍ତି କିନ୍ତୁ ଭାରତ ଆର୍ଥିକ ସମସ୍ୟାରେ ଜର୍ଜରିତ ନିଜ ଲୋକଙ୍କ ପାଇଁ ବଡ କଷ୍ଟରେ ପକେଟରୁ ମୁଠାଏ ବାହାର କରିଛି। ରାଜ୍ୟ ସରକାରମାନେ ଅବଶ୍ୟ ବିଭିନ୍ନ ପ୍ରକାର ସହାୟତା ଦେଉଛନ୍ତି କିନ୍ତୁ ତାହା ବି ସୀମିତ। କରୋନା କାରଣରୁ ବ୍ୟକ୍ତିଗତ ଆର୍ଥିକ ସ୍ଥିତି ସଂକଟଗ୍ରସ୍ତ ହେବାସହ ଦେଶ ଓ ବିଶ୍ୱର ଅର୍ଥନୀତି ଦୋହଲି ଗଲାଣି। କେମିତି ଓ କେବେ ସୁଧୁରିବ ଜଣାନାହିଁ। ଦେଶକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲକ୍‌ଡାଉନ୍ ସ୍ଥିତିରେ ରଖିହେବ ନାହିଁ। ଲୋକ ପେଟ ବିକଳରେ ନିଶ୍ଚୟ ବାହାରକୁ ବାହାରିବେ। ତେଣୁ ୨୧ ଦିନିଆ ଲକ୍‌ଡାଉନ ପରେ ସ୍ଥିତିକୁ କେମିତି ସମ୍ଭାଳି ହେବ ତାହା ସରକାରମାନଙ୍କ ଧ୍ୟେୟ ହେବା ଜରୁରୀ ହେଲାଣି।

# କୋଭିଡ୍-୧୯ ବିଶେଷଜ୍ଞ

ବ୍ୟକ୍ତିତ୍ୱ



ଡାକ୍ତର ଦିଗମ୍ବର ବେହେରା

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ସମଗ୍ର ବିଶ୍ୱରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଲାଣି। ଭାରତରେ ଅଦ୍ୟାବଧି ୨୬୩ ଜଣଙ୍କ ମୃତ୍ୟୁ ଘଟିଛି। ଭାଇରସ୍ ଯେଭଳି ଅଧିକ ଲୋକଙ୍କୁ ସଂକ୍ରମିତ ନ ହେବ ସେଥିଲାଗି ଦେଶବ୍ୟାପୀ ଲକ୍‌ଡାଉନ କରାଯାଇଛି। କୋଭିଡ୍-୧୯ ଯୋଗୁ ହେଉଥିବା ରୋଗ ଲାଗି କୌଣସି ଔଷଧ ବାହାରିପାରି ନ ଥିବାରୁ ପ୍ରତ୍ୟେକ ଦେଶ ତା'ର ଗବେଷଣା ଓ ବିକାଶ ବିଭାଗକୁ ଏଥିଲାଗି ଜାଗତିଆର କରିଦେଇଛନ୍ତି। ଏହି କ୍ରମରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ ଏକ ଜାତୀୟସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟାସ୍କଫୋର୍ସ ଏକ କ୍ଲିନିକାଲ୍ ରିସର୍ଚ୍ଚ ଗ୍ରୁପ୍‌କୁ ମନୋନୀତ କରିଛି। ନୂଆଦିଲ୍ଲୀସ୍ଥିତ ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆଙ୍କ ଅଧ୍ୟକ୍ଷତାରେ ଗଠିତ ୬ ଜଣିଆ ଟିମ୍‌ରେ ଓଡ଼ିଆ ଡାକ୍ତର ଦିଗମ୍ବର ବେହେରା ସ୍ଥାନ ପାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଓଡ଼ିଶାବାସୀ ଜାଣିବାକୁ ଆଗ୍ରହ ରଖିବା ସ୍ୱାଭାବିକ।

୧୯୫୩ ମସିହାରେ ଡାକ୍ତର ଦିଗମ୍ବର ବେହେରା ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ। ୧୯୭୮ ମସିହାରେ ସେ କଟକର ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ ଅର୍ଜନ କରିଥିଲେ। ପରେ ସେ ପିଜିଆଇ ଚଣ୍ଡିଗଡ଼ରେ ଜୁନିୟର ରେସିଡେଣ୍ଟ ଭାବେ ଯୋଗ ଦେଇଥିଲେ। ୧୯୮୧ରେ ପିଜିଆଇ ଚଣ୍ଡିଗଡ଼ରୁ ଏମ୍‌ଡି ଡିଗ୍ରୀ ହାସଲ କରିଥିବା ଦିଗମ୍ବର ଫୁସ୍‌ଫୁସ୍ ସମ୍ବନ୍ଧୀୟ ମେଡିସିନ୍‌ର ବିଶେଷଜ୍ଞ ଭାବେ ଡାକ୍ତରୀ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ଲଙ୍ଗ୍ କ୍ୟାନ୍‌ସର କେମୋଥେରାପିରେ ପାଓନିୟର ବା ଆଗଧାଡ଼ିର ଡାକ୍ତର ଭାବେ ତାଙ୍କ ନାମ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ରହିଆସିଛି। ଇଣ୍ଡିଆନ୍ ଷ୍ଟଡି ଫର୍ ଦି ଷ୍ଟଡି ଅଫ୍ ଲଙ୍ଗ୍ କ୍ୟାନ୍‌ସରର ସେ ପ୍ରତିଷ୍ଠାତା ସଭାପତି ରହିଆସିଛନ୍ତି। ତାଙ୍କର ୫୫୦ ଡାକ୍ତରୀ ଗବେଷଣା ପ୍ରବନ୍ଧ ପ୍ରକାଶ ପାଇଥିବା ବେଳେ ସେ ୯ଟି ପୁସ୍ତକ ରଚନା କରିଛନ୍ତି। ସେଥିପାଇଁ ସେ ଦେଶ ବିଦେଶରେ ଅଜସ୍ର ପ୍ରଶଂସା ସାଉଁଟିଛନ୍ତି। ଯକ୍ଷ୍ମା ଦୂରୀକରଣ ଓ ଫୁସ୍‌ଫୁସ୍ କର୍କଟ ଚିକିତ୍ସାରେ ସେ ସିଦ୍ଧହସ୍ତ। ଇଣ୍ଡିଆନ୍ କଲେଜ ଅଫ୍ ଫିଜିସିଆନ୍, ଇଣ୍ଟରନ୍ୟାଶନାଲ କଲେଜ ଅଫ୍ ଏଞ୍ଜିଓଲୋଜି, ଇଣ୍ଡିଆନ୍ ଚେଷ୍ଟ ସୋସାଇଟି ଏବଂ ଇଣ୍ଡିଆନ୍ ସୋସାଇଟି ଅଫ୍ ଅଙ୍କଲୋଜିର ଫେଲୋ ଭାବେ ସେ ଜଣାଶୁଣା। ଯକ୍ଷ୍ମା, କର୍କଟ ଚିକିତ୍ସା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଭାରତ ସରକାରଙ୍କ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ଭୂଷିତ କରାଯାଇଛି। ଏକ ସାଧାରଣ ପରିବାରରୁ ଆସିଥିବା ଡାକ୍ତର ଦିଗମ୍ବର ପିଜିଆଇଏମ୍ଇଆର୍‌ର ଡିପାର୍ଟମେଣ୍ଟ ଅଫ୍ ପୁଲ୍‌ମୋନାରି ମେଡିସିନ୍‌ର ମୁଖ୍ୟ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ଏଥିସହିତ ସେ ୨୦୦୬ରୁ ୨୦୧୨ ଯାଏ ଏଲ୍ଆର୍‌ଏସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ୟୁବରକ୍ୟୁଲୋସିସ୍ ଆଣ୍ଡ ରେସ୍‌ପିରେଟୋରି ଡିଜିଜେସ୍‌ର ନିର୍ଦ୍ଦେଶକ ମଧ୍ୟ ଥିଲେ। ଇଣ୍ଡିଆନ୍ ଜର୍ନାଲ ଅଫ୍ ଟ୍ୟୁବରକ୍ୟୁଲୋସିସ୍ ଆଣ୍ଡ ଦି ଇଣ୍ଡିଆନ୍ ଜର୍ନାଲ ଅଫ୍ ଚେଷ୍ଟ ଡିଜିଜେସ୍ ଆଣ୍ଡ ଆଲାଏଡ୍ ସାଇନ୍‌ସେସ୍ ସମେତ ବିଭିନ୍ନ ବୈଜ୍ଞାନିକ ପତ୍ରିକାର ସମ୍ପାଦନମଣ୍ଡଳୀ ସଦସ୍ୟ ରହିଛନ୍ତି।

ଏଭଳି ଜଣେ ବିଶେଷଜ୍ଞ କେବଳ ନିଜ ଡାକ୍ତରୀ ପରିମଣ୍ଡଳରେ ପରିଚିତ ନ ହୋଇ ଏବେ ସମଗ୍ର ଦେଶରେ ନିଜର ଦକ୍ଷତା ପାଇଁ ନାମ କମାଇଲେଣି। କରୋନା ଭୂତାଣୁ ଫୁସ୍‌ଫୁସ୍ ସଂକ୍ରମଣଠାରୁ ଆରମ୍ଭକରି ଶ୍ୱାସପ୍ରଶ୍ୱାସଜନିତ ରୋଗ ସହ ସମ୍ବନ୍ଧ ଥିବାରୁ ଡାକ୍ତର ବେହେରାଙ୍କୁ ଜାତୀୟସ୍ତରୀୟ ଟାସ୍କଫୋର୍ସ ଦ୍ୱାରା ଗଠିତ କ୍ଲିନିକାଲ୍ ରିସର୍ଚ୍ଚ ଗ୍ରୁପ୍‌କୁ ମନୋନୀତ କରାଯିବା ଉପଯୁକ୍ତ ଚୟନ ବୋଲି କୁହାଯାଇପାରେ। ୬ ଜଣିଆ ସଦସ୍ୟ ବିଶିଷ୍ଟ ଟିମ୍‌ରେ ତାଙ୍କ ନାମ ସ୍ଥାନ ପାଇବା ପରେ ଡାକ୍ତର ଦିଗମ୍ବର କହିଛନ୍ତି ଯେ, ସେମାନେ ଖୁବ୍‌ଶୀଘ୍ର ଏକ ବୈଠକରେ ବସି କରୋନା ଭୂତାଣୁ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରି ତାହା ଉପରେ ତର୍ଜମା କରିବେ। ବିଭିନ୍ନ ଦେଶରେ ଏହି ରୋଗ କିଭଳି ଭିନ୍ନ ଭିନ୍ନ ଲକ୍ଷଣ ଦେଖାଇ ଲୋକଙ୍କୁ ସଂକ୍ରମଣ କରୁଛି, ତାହା ଉପରେ ବିସ୍ତୃତ ଆଲୋଚନା କରିବେ। ଏଥିସହିତ ଭାରତ ଲାଗି କିଭଳି କ୍ଲିନିକାଲ ପ୍ରାକ୍ଟିସ୍ କରାଯିବ ଏବଂ କୋଭିଡ୍-୧୯ ସକାଶେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ କେଉଁଭଳି ଭାବେ ଉପାଦେୟ ହୋଇପାରିବ ସେଥିନେଇ ମଧ୍ୟ ବିଚାର କରାଯିବ ବୋଲି ଡାକ୍ତର ଦିଗମ୍ବର କହିଛନ୍ତି। ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତରେ କୋଭିଡ୍-୧୯ଜନିତ ମୃତ୍ୟୁସଂଖ୍ୟା ଅତ୍ୟନ୍ତ ନଗଣ୍ୟ ଥିବାରୁ ସଂକ୍ରମଣ ହାରକୁ କିଭଳି ହ୍ରାସ କରାଯାଇପାରିବ, ତାହା ଉପରେ ଉକ୍ତ ଟିମ୍ ଗଠନ କରାଯିବା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହଯାଇପାରେ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତରେ ମାନବ ଚାଲାଣ ଭଳି ଏକ ଉତ୍କଟ ସମସ୍ୟାକୁ ପ୍ରତିହତ କରିବା ଲାଗି ବାପ ଓ ଝିଅଙ୍କ ପ୍ରୟାସ ସଭିଙ୍କ ପାଇଁ ପ୍ରେରଣାଦାୟକ। ସୁନ୍ଦରବନ ଜିଲା ଗୋରାଁବୋଷ ଗାଁର ବାସିନ୍ଦା ନୀହାର ରପ୍ତାନ ଏବଂ ତାଙ୍କ ଝିଅ ଶୁଭଶ୍ରୀ ପ୍ରାୟ ୨,୫୦୦ ନାବାଳିକା ଓ ମହିଳାଙ୍କୁ ଉଦ୍ଧାର କରିସାରିଲେଣି। 'ଗ୍ରାମ ବିକାଶ କେନ୍ଦ୍ର' ଏନଜିଓ ମାଧ୍ୟମରେ ସେମାନେ ମହିଳାମାନଙ୍କୁ ଉଦ୍ଧାର କରୁଛନ୍ତି। ସୁନ୍ଦରବନ ଜିଲାରେ ପ୍ରଳୟଙ୍କରୀ ବାତ୍ୟା ପରେ ଗରିବ ଝିଅମାନଙ୍କ ଚାଲାଣ ରୋକିବା ଲାଗି ୧୯୮୫ରେ ଏହି ଏନ୍‌ଜିଓ ପ୍ରତିଷ୍ଠା କରିଥିଲେ । ଶୁଭଶ୍ରୀଙ୍କୁ ୧୯ ବର୍ଷ ହୋଇଥିଲାବେଳେ ସେ ପ୍ରଥମେ ଏକ ମାନବ ଚାଲାଣ ମାମଲାର ସମାଧାନ କରିଥିଲେ। ୨୦୧୩ରେ ଶୁଭଶ୍ରୀ କଲେଜରେ ପଢିବା ସମୟରେ ଜଣେ ନାବାଳିକାକୁ ତାଙ୍କ ଭିଣୋଇ ଦେହ ବ୍ୟବସାୟ ପାଇଁ ବାଧ୍ୟ କରିବା ଖବର ପାଇବା ପରେ ଝିଅଟିକୁ ଉଦ୍ଧାର କରିଥିଲେ। ଏଥିପାଇଁ ସେ ତାଙ୍କ ବାପାଙ୍କ ସହଯୋଗ ନେଇ ସ୍ଥାନୀୟ ପୋଲିସ ନିକଟରେ ଏଫ୍ଆଇଆର୍ ଦାୟର କରିଥିଲେ ଏବଂ ସେହି ଝିଅକୁ ଏକ ଆଶ୍ରୟସ୍ଥଳୀରେ ରହିବାର ବ୍ୟବସ୍ଥା କରିଥିଲେ। ଏହି ଘଟଣା ପରେ ଶୁଭଶ୍ରୀଙ୍କ ମନୋବଳ ବଢିଯାଇଥିଲା ଓ ସେ ତାଙ୍କ ଆଖପାଖ ଅଞ୍ଚଳରେ ଘଟୁଥିବା ମାନବ ଚାଲାଣକୁ ରୋକିବା ଲାଗି ବାହାରିପଡିଥିଲେ। ଏବେ ସେ ଏହି ସମସ୍ୟା ଉପରେ ଗାଁ, ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ କର୍ମଶାଳାମାନ ଆୟୋଜନ କରୁଛନ୍ତି। ଶୁଭଶ୍ରୀ ଇଲିଂଶରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ମାନବ ଚାଲାଣ ବିରୋଧରେ ସଂଗ୍ରାମ ଚାଲୁ ରଖିବା ପାଇଁ ଏ ସମ୍ପର୍କରେ ଟିଆଇଏସ୍‌ଏସ୍ ମୁମ୍ବାଇ ଓ ଏନଆଇପିସିସିଡି,ଆସାମରୁ ଶିକ୍ଷା ଲାଭ କରିଛନ୍ତି। ଚାକିରି ନ କରି ସେ ଭାରତର ବିଭିନ୍ନ ଅଞ୍ଚଳରେ ଚାଲୁଥିବା ମାନବ ଚାଲାଣ ରୋକିବା ଲାଗି କାର୍ଯ୍ୟ କରିବେ ବୋଲି କହିଛନ୍ତି ଶୁଭଶ୍ରୀ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୯୫

- ରୁଷିଆ ବହୁମୁଖୀ ଅସ୍ତ୍ରଶସ୍ତ୍ର ଯୋଗାଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଉତ୍ତରକୋରିଆକୁ ୨ଟି ହାଲୁକା ଜଳ ରିଆକ୍ଟର ବିକ୍ରି କରିବା ସଂକ୍ରାନ୍ତ ବାଣିଜ୍ୟିକ ଚୁକ୍ତି ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଛି।
- ସିଓଲରେ ଏକ ଯାତ୍ରୀବାହୀ ବସ୍ ଓ ଟ୍ରେନ୍ ମଧ୍ୟରେ ଧକ୍କା ଲାଗିବା ଫଳରେ ବସ୍ ଯାତ୍ରୀଙ୍କ ମଧ୍ୟରୁ ୧୮ ଜଣ ମୃତ୍ୟୁବରଣ କରିଛନ୍ତି।

## ଚିରନ୍ତନୀ

ହଳିଆ ଲେଉଟେ ସୁଖେ, ଶୁଭେ ତା'ର ଗାନ<br>
ପ୍ରେୟସୀ ସଜାଡ଼ି ବସିଥିବ ଜଳପାନ,<br>
ପୁତ୍ର କନ୍ୟା ତା'ର<br>
ଫେରିବା ପଥକୁ ଚାହିଁ ଜଗିଥିବେ ଦ୍ୱାର! (ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | 4 | 0 | C | | | | | | | | 8 |
| | | E | 8 | | B | A | | | | 5 | C | | | 6 |
| | 7 | 8 | | | E | | | | | D | | | 1 | |
| D | A | | | 7 | C | | | | 6 | | 0 | | | 3 |
| 6 | 2 | | 1 | | | D | | | | | | | 0 | B |
| | | 1 | 5 | C | | 3 | 6 | | | | E | | 4 | |
| | | C | | A | | | | | | 0 | | | | |
| | | A | 0 | | 8 | | | B | | 2 | | | | |
| | | | | 9 | | | | 2 | | | | D | 7 | |
| 9 | 3 | | 4 | E | | 5 | | | | | | D | 1 | B |
| | 0 | | | | 4 | B | | | 8 | 9 | | | | |
| | | 9 | | | | | 7 | | | A | | B | | |
| E | | 6 | 2 | | A | | | | | | | 8 | | |
| 4 | | D | | | | | 1 | | | | | 9 | 3 | 2 |
| A | 8 | | | 5 | | | | | 0 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 0 | 5 | 7 | 9 | 1 | 2 | 8 | 6 | D | C | 3 | B | E |
| 6 | 8 | E | 2 | C | B | 4 | A | 0 | 3 | 7 | 1 | 9 | 5 | D |
| 9 | D | 2 | 0 | 1 | 6 | E | 5 | 3 | 8 | B | 4 | A | 7 | C |
| 3 | 7 | 5 | 8 | D | E | C | B | 6 | 0 | 9 | A | 2 | 1 | 4 |
| C | 1 | B | A | 3 | 4 | 9 | D | 7 | E | 2 | 5 | 6 | 8 | 0 |
| D | 0 | 1 | 9 | 2 | 7 | B | 3 | 4 | C | E | 8 | 5 | 6 | A |
| 2 | C | 8 | D | B | A | 5 | 6 | 9 | 1 | 4 | 7 | 0 | E | 3 |
| E | 5 | 3 | 4 | 0 | 8 | D | 7 | C | A | 6 | B | 1 | 2 | 9 |
| A | 6 | 4 | C | E | 3 | 8 | 0 | 1 | 9 | 5 | 2 | 7 | D | B |
| 7 | B | 9 | 1 | 6 | 5 | A | E | 2 | D | 0 | 3 | 4 | C | 8 |
| B | 4 | A | 3 | 5 | 0 | 7 | C | E | 2 | 8 | 6 | D | 9 | 1 |
| 8 | 3 | 6 | E | 4 | 1 | 0 | 9 | 5 | 7 | C | D | B | A | 2 |
| 5 | 9 | 7 | B | 8 | D | 2 | 1 | A | 4 | 3 | E | C | 0 | 6 |
| 0 | 2 | D | 6 | A | C | 3 | 8 | B | 5 | 1 | 9 | E | 4 | 7 |
| 1 | E | C | 7 | 9 | 2 | 6 | 4 | D | B | A | 0 | 8 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାଠପଢ଼ାରେ ଅବହେଳା

ମହାଶୟ,

ଧରିତ୍ରୀ (୧୯।୩)ରେ ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ 'ପରୀକ୍ଷା କବଳିତ ଶିକ୍ଷା' ଏକ ମାର୍ମିକ ଆଲେଖ୍ୟ । ପିଲାମାନେ ଯାହା ସବୁ ପାଠ ବିଦ୍ୟାଳୟରେ ଅଧ୍ୟନ କରନ୍ତି, ତାହାର ମାନ ତ୍ରୟମାସିକ ଓ ଷଡ଼ ମାସିକ ପରୀକ୍ଷା କରାଯାଇଥାଏ। ଏହା ବ୍ୟତୀତ ଶ୍ରେଣୀ ପରୀକ୍ଷା ମଝିରେ ମଝିରେ କରାଯାଏ। ତେବେ ପିଲାମାନେ ବିଦ୍ୟାଳୟରେ ପାଠ ପଢ଼ିଲେ ସିନା ସେମାନଙ୍କର ପାଠର ମାନ ପରୀକ୍ଷା କରିବା କଥା। ପ୍ରକୃତ ପକ୍ଷେ ସରକାର ପିଲାଙ୍କ ପାଠ ପଢ଼ା ପ୍ରତି ବିଶେଷ ଗୁରୁତ୍ୱ ଦେଉ ନ ଥିବା ଭଳି ମନେହୁଏ। କେବଳ ପିଲାଙ୍କ ପାଇଁ ପୋଷାକ ପତ୍ର, ବହିପତ୍ର ଓ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇ ନିଜର ଦାୟିତ୍ୱ ସରିଗଲା ବୋଲି ସରକାର ଭାବୁଛନ୍ତି। ଅନେକ ସମସ୍ୟା ଅଛି- ଯାହା କି ପିଲାଙ୍କ ପାଠ ପଢ଼ାରେ ବାଧକ ସାଜୁଛି। ପ୍ରଥମ କଥା ହେଲା- କେଉଁଠି ଘର ନ ଥିବାରୁ ପିଲାଏ ଖୋଲା ଆକାଶ, ଗଛ ମୂଳେ ପାଠ ପଢୁଛନ୍ତି। ଅନ୍ୟ କେଉଁଠି ଘର ଅଛି- ମାତ୍ର ସେଠାରେ କମ୍ ସଂଖ୍ୟକ ପିଲା ପାଠ ପଢୁଛନ୍ତି। ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଯଥେଷ୍ଟ ଶିକ୍ଷକ ନାହାନ୍ତି। ଠିକଣା ସମୟରେ ପିଲାଏ ପାଠ୍ୟ ପୁସ୍ତକ ପାଉନାହାନ୍ତି। ତାହା ଅଧିକାଂଶ କାରଣରୁ ବିଦ୍ୟାଳୟଗୁଡ଼ିକ ଛୁଟି ଘୋଷଣା ହୋଇ ବନ୍ଦ ରହୁଛି। ମୋଟ ଉପରେ କହିବାକୁ ଗଲେ ପିଲା ଜନ୍ମ ନ ହେଉଣୁ ତା' ନାମ ଗୋପାଳିଆ ରଖିବା ଭଳି କଥା। ପିଲାଙ୍କ ପଢ଼ା ପ୍ରତି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ ନ କରି ବାର୍ଷିକ ପରୀକ୍ଷା ପାଇଁ ତତ୍ପରତା ପ୍ରକାଶ କରିବା କେଉଁ ଆଡକୁ ପାଏ। ତେଣୁ ସରକାରଙ୍କ ବିଭାଗୀୟ ଅଧିକାରୀଙ୍କୁ ବିଶେଷ ଅନୁରୋଧ କି, ପିଲାଙ୍କ ପାଠପଢ଼ା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଲେ ପାଠପଢ଼ାରେ ଅବହେଳା ହଟିଯିବ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ନିରାମୟ ଔଷଧର ଗୁଣାତ୍ମକ ମାନ ହ୍ରାସ

ସରକାର '୫ଟି' ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗର ବିକାଶ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱଆରୋପ କରୁଥିବାବେଳେ ରୋଗୀମାନଙ୍କ ପାଇଁ ଡାକ୍ତରଖାନାସ୍ଥିତ ନିରାମୟରୁ ମିଳୁଥିବା ଔଷଧର ଗୁଣାତ୍ମକ ହ୍ରାସ ଘଟୁଥିବାର ଜଣାପଡୁଛି। ଡାକ୍ତରଙ୍କ ପ୍ରେସ୍‌କ୍ରିପସନ୍ ଅନୁଯାୟୀ ଔଷଧ ବାହାରୁ କିଣିବାକୁ ମନା କରୁଥିବାବେଳେ ନିରାମୟରୁ ମିଳୁଥିବା ଔଷଧକୁ ସେବନ କଲେ ତାହା ଠିକ୍ ଭାବେ କାମ କରୁନି। କିନ୍ତୁ ସେହି ଔଷଧ ବାହାରୁ କିଣି ରୋଗୀ ସେବନ କରି ଆରୋଗ୍ୟ ଲାଭ କରୁଛନ୍ତି। ଉଦାହରଣସ୍ୱରୂପ ଔଷଧ ଗୁଡିକ ହେଲା- ଟେଲମିସିଟାନ୍,ଆମୋଲଡ଼ିପାଇନ ଓ ଆଟୋରାଭେଷ୍ଟିନ। ଯେଉଁ କମ୍ପାନୀଗୁଡିକ ଉନ୍ନତ ତଥା ଗୁଣାତ୍ମକମାନର ଔଷଧ ଯୋଗାଇ ଦେଇପାରିବେ, ସେହିଭଳି କମ୍ପାନୀଠାରୁ ପରୀକ୍ଷା କରି ଔଷଧ କିଣିବାର ବ୍ୟବସ୍ଥା ହେଲେ ରୋଗୀ ସମୂହ ଉପକୃତ ହୋଇପାରନ୍ତେ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କରୋନା ବିରୋଧରେ ଲଢ଼େଇ କରିବା ଲାଗି ଭାରତ ଅଣ୍ଟା ଭିଡ଼ିଛି। କରୋନା ଭୂତାଣୁର ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ତେବେ ଲକ୍‌ଡାଉନ୍ ସମୟରେ ଶିଶୁ ନିର୍ଯାତନା ମାମଲାରେ ବୃଦ୍ଧି ଘଟିଥିବା ଚାଇଲ୍ଡ ଲାଇନ୍ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଲକ୍‌ଡାଉନ୍‌ର ପ୍ରଥମ ସପ୍ତାହଠାରୁ ଏଭଳି ଘଟଣା ଧୀରେଧୀରେ ବୃଦ୍ଧି ପାଇଛି। ଲକ୍‌ଡାଉନ୍ ସମୟରେ ଏଭଳି ନିର୍ଯାତନା ମାମଲା ୫୦ ପ୍ରତିଶତ ବଢ଼ିଥିବା ସେ କହିଛନ୍ତି।

# ପୁଣି ଟ୍ରୋଲ୍ ହେଲେ ଉର୍ବଶୀ


ଉର୍ବଶୀ ରୌତେଲା

**ମୁମ୍ବାଇ:** ବଲିଉଡ୍‌ର କେତେଜଣ ନାୟିକା ବୋଲ୍ଡନେସ୍ ପାଇଁ ବେଶ୍ ପରିଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଉର୍ବଶୀ ରୌତେଲା ଅନ୍ୟତମ। ଏହି ଅଭିନେତ୍ରୀ ମଧ୍ୟ ଅନେକ ସମୟରେ ବିବାଦକୁ ଆସି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। କେବଳ ସେତିକି ନୁହେଁ, ଟ୍ରୋଲ ହେବାରେ ମଧ୍ୟ ଉର୍ବଶୀ ବହୁ ଆଗରେ। ଅନେକ ସମୟରେ ସେ କିଛି ନା କିଛି ଟୁଇଟ କରି ଆସିଥାନ୍ତି ଚର୍ଚ୍ଚାକୁ। ଥରେ କି ଦୁଇଥର ନୁହେଁ ବହୁବାର ସେ କଣ୍ଟେଣ୍ଟ କପି ପେଷ୍ଟ କରି ଟ୍ରୋଲ ହୋଇଥିବା ଦେଖାଯାଇଛି। କିଛିଦିନ ପୂର୍ବରୁ ଉର୍ବଶୀ ଜଣେ ବିଦେଶୀ ଲେଖକଙ୍କ କଣ୍ଟେଣ୍ଟ ଚୋରି କରିବାର ଅଭିଯୋଗ ଆସିଥିଲା। ଏହାର ସଫେଇ ଦେବାକୁ ଯାଇ ସେ କହିଥିଲେ, ତାଙ୍କ ସୋସିଆଲ ମିଡିଆ ଟିମ୍ ଏପରି କରିଥାଇପାରନ୍ତି। ଏବେ କିନ୍ତୁ ଉର୍ବଶୀ ଆଉ ଏକ ନୂଆ ବିବାଦ ମଧ୍ୟକୁ ଚାଲି ଆସିଛନ୍ତି। କରୋନା ଭାଇରସ୍‌କୁ ହରାଇବା ଲାଗି ନିଜ ଜୀବନକୁ ବାଜିଲାଗାଇ ପୋଲିସମାନେ ସେମାନଙ୍କ କର୍ତ୍ତବ୍ୟ କରି ଚାଲିଥିବା ବେଳେ ବଲିଉଡ୍ ସେଲିବ୍ରିଟିମାନେ ଟୁଇଟର ମାଧ୍ୟମରେ ସେମାନଙ୍କର ପ୍ରଶଂସା କରି ଚାଲିଛନ୍ତି। ନିକଟରେ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ମୁମ୍ବାଇ ପୋଲିସର ଏକ ଭିଡିଓ ଶେୟାର କରି ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହାସହ ସେ ଲେଖିଥିଲେ, ବର୍ତ୍ତମାନ ସମୟରେ ପୋଲିସକୁ ହୃଦୟରୁ ଧନ୍ୟବାଦ ଦେବାକଥା। ଯିଏ ଘର ପରିବାର ଛାଡି ନିଜ ଜୀବନକୁ ବାଜି ଲଗାଇ ଦିନରାତି ଲୋକଙ୍କୁ ସାହାଯ୍ୟ କରୁଛି, ସେ ହିଁ ଦେଶର ପ୍ରକୃତ ହିରୋ ବୋଲି ସିଦ୍ଧାର୍ଥ ଲେଖିଥିଲେ। ଏହାପରେ ଉର୍ବଶୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସିଦ୍ଧାର୍ଥଙ୍କର ବାର୍ତ୍ତାର ଅବିକଳ କପି ଇଂରାଜୀରେ କରାଯାଇଥିବାରୁ ପୁଣି ସୋସିଆଲ ମିଡିଆ ୟୁଜର୍ସ ଉର୍ବଶୀଙ୍କୁ ଟ୍ରୋଲ୍ କରିବା ଆରମ୍ଭ କରିଛନ୍ତି। ଏମିତିକି କେତେକ ୟୁଜର୍ସ ଉର୍ବଶୀଙ୍କୁ ଅଶିକ୍ଷିତ ବୋଲି ମଧ୍ୟ କହିବାକୁ ପଛାଇ ନାହାନ୍ତି।

# ଲକ୍‌ଡାଉନ ଉଠିବା ପରେ କ୍ରାସ୍ ହେଲା ମାଟ୍ରିମୋନିଆଲ ସାଇଟ୍



**ବେଜିଂ:** କରୋନା ଭାଇରସ ଯୋଗୁ ବେଶି ପ୍ରଭାବିତ ହୋଇଥିବା ଚାଇନାର ଉହାନ ସହରରେ ଦୀର୍ଘ ଅଢ଼େଇ ମାସର ଲକ୍‌ଡାଉନ ଉଠିବା ପରେ ଏବେ ସାଧାରଣ ଜୀବନଯାତ୍ରା ସ୍ୱାଭାବିକ ହେବାରେ ଲାଗିଛି। ଏବେ ସେଠାକାର ରାସ୍ତାରେ ଜନ ଗହଳି ଦେଖାଯାଇଛି। ହେଲେ ଲକ୍‌ଡାଉନ ଉଠିବା ପରେ ଲୋକଙ୍କ ମଧ୍ୟରେ ବିବାହକୁ ନେଇ ଯେମିତି ପ୍ରତିଯୋଗୀତା ଚାଲିଥିବା ଦେଖାଯାଇଛି। ମିଳିଥିବା ସୂଚନା ମୁତାବକ ପୂର୍ବାପେକ୍ଷା ୩ଶହ ପ୍ରତିଶତରୁ ଅଧିକ ଲୋକ ବିବାହ କରିବାକୁ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ କରିଥିବା କୁହାଯାଇଛି। ଫଳରେ ମାଟ୍ରିମୋନିଆଲ ୱେବସାଇଟ୍ କିଛି ସମୟ ପାଇଁ କ୍ରାସ୍ ହୋଇଯାଇଥିବା ସୂଚନା ମିଳିଛି। ଚାଇନା ପୋଷ୍ଟର ସୂଚନା ଅନୁଯାୟୀ, ଚାଇନାରେ ସବୁଠାରୁ ଅଧିକ ବ୍ୟବହାର କରାଯାଉଥିବା ପେମେଣ୍ଟ ପ୍ଲାଟଫର୍ମ ଅଲିପେ (Alipay) କହିଛି, ଲକ୍‌ଡାଉନ ଉଠିବା ପରେ ବିବାହ ରେଜିଷ୍ଟ୍ରେଶନରେ ଅହେତୁକ ବୃଦ୍ଧି ଘଟିଥିଲା। ଫଳରେ କେତେଗୁଡ଼ିଏ ୱେବସାଇଟ୍ କାମକରିବା ବନ୍ଦ କରିଦେଇଥିଲା। ସୂଚନାଯୋଗ୍ୟ, କରୋନା ଭାଇରସ୍ କାରଣରୁ ଫେବୃୟାରୀ ଓ ମାର୍ଚ୍ଚରେ ବିବାହ ରେଜିଷ୍ଟ୍ରେଶନ ବନ୍ଦ କରି ଦିଆଯାଇଥିଲା। ହେଲେ ଏହା ଖୋଲିବା ପରେ ଲୋକଙ୍କ ରେଜିଷ୍ଟ୍ରେଶନ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ହୋଇଥିବା ଦେଖାଯାଇଛି। ଏବେ ଅନେକେ ଯୋଡ଼ା ପ୍ରି ୱେଡିଂ ଫଟୋ ଶୁଟ୍‌ରେ ମଧ୍ୟ ବ୍ୟସ୍ତ ରହୁଥିବା କୁହାଯାଉଛି। ହେଲେ ଏମାନେ ଭିନ୍ନ ଭିନ୍ନ ଲୋକେଶନରେ ସତର୍କତା ଅବଲମ୍ବନ କରି ଫଟୋ ଶୁଟ୍ କରୁଥିବା ସୂଚନା ରହିଛି।

# ସ୍ୱାମୀଙ୍କୁ ଫେରାଇବା ଲାଗି ହେଲ୍‌ପଲାଇନ୍ ମାଧ୍ୟମ

**ବେଙ୍ଗାଲୁରୁ:** ବେଳେବେଳେ ହେଲ୍‌ପଲାଇନ୍‌କୁ ଫୋନକରି ଲୋକେ ଜରୁରୀ ସେବା ବଦଳରେ ଅଜବ ଅଭିଯୋଗ ସବୁ କରିଥାନ୍ତି। ଏମିତି ଏକ ଅଜବ ଅଭିଯୋଗ କରିଛନ୍ତି ବେଙ୍ଗାଲୁରୁର ଜଣେ ମହିଳା। ହେଲ୍‌ପଲାଇନ୍‌କୁ ଫୋନକରି ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଘରକୁ ପଠାଇବାକୁ କହିଛନ୍ତି। ପ୍ରକୃତ କଥା ହେଉଛି ବେଙ୍ଗାଲୁରୁର ୪୫ ବର୍ଷୀୟ ଜଣେ ଲୁଗା ବ୍ୟବସାୟୀ ଦୁଇଜଣଙ୍କୁ ବିବାହ କରିଥିଲେ। କିନ୍ତୁ ପ୍ରଥମ ସ୍ତ୍ରୀ ଏକଥା ଜାଣିବା ପରେ ନିଜର ୧୦ ବର୍ଷର ପୁଅକୁ ନେଇ ଅଲଗା ହେବାକୁ ଚାହିଁଥିଲେ। ମାତ୍ର ଘର ଲୋକଙ୍କ ହସ୍ତକ୍ଷେପ ପରେ ସେମାନଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିଲା ଏବଂ ବ୍ୟବସାୟୀ ଜଣକ ଦୁଇ ସ୍ତ୍ରୀଙ୍କ ଭରଣପୋଷଣ କରିବାକୁ ରାଜି ହୋଇଥିଲେ। ତେଣୁ ଚୁକ୍ତି ଅନୁସାରେ ସେ ପ୍ରଥମ ସ୍ତ୍ରୀଙ୍କ ପାଖରେ ଗୋଟିଏ ସପ୍ତାହ ରହିବା ପରେ ଦ୍ୱିତୀୟ ସ୍ତ୍ରୀଙ୍କ ପାଖରେ ଆଉ ଏକ ସପ୍ତାହ ରହିବେ। ମାତ୍ର ଲକ୍‌ଡାଉନ୍ ହେବା ପରେ ଏବେ ବ୍ୟବସାୟୀ ଜଣକ ପ୍ରଥମ ସ୍ତ୍ରୀଙ୍କ ପାଖକୁ ଆସିପାରୁ ନାହାନ୍ତି। ତେଣୁ ପ୍ରଥମ ସ୍ତ୍ରୀ ହେଲ୍‌ପଲାଇନ୍‌କୁ ଫୋନ କରି ତାଙ୍କ ସ୍ୱାମୀଙ୍କୁ ଘରେ ଆଣି ପହଞ୍ଚାଇ ଦେବା ପାଇଁ ନିବେଦନ କରିଛନ୍ତି। ତେବେ ହେଲ୍‌ପଲାଇନ୍ ପକ୍ଷରୁ ଏନେଇ ଅନୁସନ୍ଧାନ କରିବା ପରେ ଜଣାପଡ଼ିଛି ଯେ, ସମ୍ପୃକ୍ତ ବ୍ୟକ୍ତି ଜଣକ ପ୍ରଥମ ସ୍ତ୍ରୀଙ୍କ ପାଖକୁ ଆସି ପାରୁ ନ ଥିଲେ ବି ତାଙ୍କ ପାଇଁ ଗ୍ରୋସରୀ ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ପଠାଇ ଦେଇଛନ୍ତି।




# ଫଲ୍ସ ନେଗେଟିଭ୍ ଯୋଗୁ ସଂକ୍ରମଣ ଆଶଙ୍କା ଅଧିକ

**ନୂଆଦିଲ୍ଲୀ:** ସାରା ପୃଥିବୀରେ କରୋନା ସଂକ୍ରମଣ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ଦେଖାଦେଇଛି। କରୋନା ଭୂତାଣୁ ସଂକ୍ରମଣକୁ କିପରି ରୋକାଯିବ, ସେନେଇ ବହୁ ପରୀକ୍ଷା ନିରୀକ୍ଷା ଜାରି ରହିଛି। କରୋନା ଲକ୍ଷଣ ଦେଖାଦେଉଥିବା ଲୋକଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ତେବେ ସଂକ୍ରମଣ କ୍ଷେତ୍ରରେ ଲକ୍ଷଣ ପ୍ରକାଶ ପାଉ ନ ଥିବା ବ୍ୟକ୍ତି ଅର୍ଥାତ୍ ଫଲ୍ସ ନେଗେଟିଭ୍ ଆତଙ୍କ ସୃଷ୍ଟି କରିଛନ୍ତି। ସାରା ପୃଥିବୀରେ ଏଭଳି ଲୋକଙ୍କ ସଂଖ୍ୟା ୩୦ ପ୍ରତିଶତ ରହିଛି। ଏହାର ନିରାକରଣ ପାଇଁ ଘର ଘର ବୁଲି ନମୁନା ସଂଗ୍ରହ ଏକମାତ୍ର ବିକଳ୍ପ ବୋଲି କୁହାଯାଉଛି। ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ ଏଭଳି ବ୍ୟକ୍ତିଙ୍କ ଚିହ୍ନଟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହିତ ସେ କରୋନା ସଂକ୍ରମିତଙ୍କ ଚିକିତ୍ସା କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ସଂକ୍ରମଣ ଆଶଙ୍କା ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଫଲ୍ସ ନେଗେଟିଭ୍ ବ୍ୟକ୍ତିଙ୍କୁ ରାଜସ୍ଥାନର ଭୀଲୱାଡ଼ା ମଡେଲରେ ଅନୁସାରେ ଚିହ୍ନଟ କରିବା ସମ୍ଭବ ବୋଲି କୁହାଯାଉଛି।



# ଆବେଗ ଉପରେ କରୋନା ଲଗାମ

**ୱାଶିଂଟନ:** ସାରା ପୃଥିବୀରେ କରୋନା ସଙ୍କଟର ମୁକାବିଲା ଲାଗି ପ୍ରସ୍ତୁତି ଜାରି ରହିଛି। ଏପରିସ୍ଥଳେ କରୋନା ମହାମାରୀକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଛି। ମନର ଆବେଗ ଉପରେ କରୋନା ଏବେ ଲଗାମ ଲଗାଇଛି। ଏହାର ସଦ୍ୟତମ ଉଦାହରଣ ଆମେରିକାର ୱାଶିଂଟନରେ ଦେଖିବାକୁ ମିଳିଛି। ଏକମାସ ଧରି ଡ୍ୟୁଟିରେ ଥିବା ଜଣେ ନର୍ସ ଗୁରୁବାର ଘରକୁ ଫେରିଥିଲେ। ତାଙ୍କ ମା' ଖୁସିରେ ଝିଅଙ୍କୁ ଆଲିଙ୍ଗନ କରିବାକୁ ଦୌଡ଼ି ଆସିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ମା' ଝିଅଙ୍କ ଉପରେ ଏକ ଚାଦର ଗୁଡ଼ାଇ ପରେ ତାଙ୍କୁ କୁଣ୍ଢାଇ ଧରି କାନ୍ଦି ପକାଇଥିଲେ। ୨୮ ବର୍ଷ ବୟସ୍କା କେଲ୍ସି ଫେର ଆମେରିକା ଓହିଓ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି। ତେବେ କିଛି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ନେବା ପାଇଁ ସେ ଘରକୁ ଆସିଥିଲେ। ଏତେଦିନ ପରେ ଝିଅଙ୍କୁ ଦେଖି ମା' ଚେରିଲ୍ ନୋର୍ଟନ ଆନନ୍ଦରେ ଅଧିର ହୋଇ ପଡ଼ିଥିଲେ। କିନ୍ତୁ ସୁରକ୍ଷା ସଚେତନତାକୁ ସେ ଭୁଲି ନ ଥିଲେ। ତେଣୁ କେଲ୍ସିଙ୍କ ଉପରେ ଏକ ଚାଦର ଗୁଡ଼ାଇ ତାଙ୍କୁ ଆଲିଙ୍ଗନ କରିଥିଲେ। ଏବେ ମା-ଝିଅଙ୍କୁ ଆଲିଙ୍ଗନ କରୁଥିବାର ଫଟୋ ସୋସିଆଲ୍ ମିଡ଼ିଆର ଭାଇରାଲ ହେବାରେ ଲାଗିଛି।

ଡ୍ୟୁଟିରୁ ଫେରିଥିବା ଝିଅଙ୍କୁ ମା'ଙ୍କ ଆଲିଙ୍ଗନ



# ସ୍କୁଲ ପିଲାଙ୍କ ଲାଗି ଚାଲି ଚାଲି ୮ କି.ମି.

**ଲିସ୍‌ବନ:** ସ୍କୁଲ ପିଲାମାନଙ୍କୁ ଖାଦ୍ୟଦେବା ପାଇଁ ଜଣେ ଶିକ୍ଷକ ଖାଦ୍ୟ ପୁଡ଼ିଆ ଧରି ୮ କିଲୋମିଟର ଚାଲି ଚାଲି ଯାଉଛନ୍ତି। ବିଶ୍ୱାସ ହେଉ ନ ଥିଲେ ବି ଏହା ସତ୍ୟ। ପର୍ତ୍ତୁଗାଲର ଜଣେ ଶିକ୍ଷକଙ୍କ ଏପରି କାର୍ଯ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

କରୋନା ମାହାମାରୀ ପାଇଁ ଏବେ ସବୁ ଦେଶରେ ଲକ୍‌ଡାଉନ୍ ପାଳନ ହେଉଥିବାରୁ କାହାକୁ ବି ଘରୁ ବାହାରକୁ ଯିବାର ଅନୁମତି ନାହିଁ। କିନ୍ତୁ ଜେନ୍ ପାଉଲ ନାମକ ଏହି ପ୍ରାଇମେରୀ ସ୍କୁଲ ଶିକ୍ଷକ ସ୍କୁଲରେ ରହିଯାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ଖାଦ୍ୟ ଯୋଗାଇ ଦେବା ନିମନ୍ତେ ୮ କିଲୋମିଟର ରାସ୍ତା ଚାଲି ଚାଲି ଯାଉଛନ୍ତି। ବାହାରକୁ ଗାଡ଼ି ନେଇ ଯିବାର ଅନୁମତି ନ ଥିବାରୁ ସେ ନିଜେ ସବୁଖାଦ୍ୟକୁ ବ୍ୟାଗ୍‌ରେ ପୂରାଇ କାନ୍ଧରେ ବୋହିନେଇଥାନ୍ତି। ପିଲାମାନଙ୍କ ପାଇଁ ଖାଦ୍ୟ ମଧ୍ୟରେ ସାଣ୍ଡୱିଚ୍, ସେଓ, ବିସ୍କୁଟ ଓ ଚିପ୍ସ ରହିଥାଏ। ଜେନ୍ ପାଉଲ୍ ପିଲାମାନଙ୍କୁ ଖାଦ୍ୟଦେବା ସହିତ ସେମାନଙ୍କର ଅନ୍ୟାନ୍ୟ ସୁବିଧା ଅସୁବିଧା ସମ୍ପର୍କରେ ବୁଝିଥାନ୍ତି। ଲକ୍‌ଡାଉନ୍ ପାଳନ ହେଉଥିବାରୁ ସ୍କୁଲର କୌଣସି ପିଲା ଯେପରି ବାହାରକୁ ନ ଯିବେ ସେଥିପାଇଁ ସେ ସବୁ ବ୍ୟବସ୍ଥା କରିଥାନ୍ତି। ଜେନ୍ ପାଉଲଙ୍କର ଏଭଳି କାମ ପାଇଁ ଏବେ ସେ ସ୍ଥାନୀୟ ଅଞ୍ଚଳରେ ହିରୋ ପାଲଟି ଯାଇଛନ୍ତି। ସୋସିଆଲ୍ ମିଡିଆରେ ତାଙ୍କ ସମ୍ପର୍କରେ ଏହି ଖବର ବାହାରିବା ପରେ ଲୋକେ ତାଙ୍କୁ ବେଶ୍ ପ୍ରଶଂସା କରୁଛନ୍ତି।



# ପୁଣି ସହାୟତାର ହାତ ବଢ଼ାଇଲେ ଅକ୍ଷୟ

**ମୁମ୍ବାଇ:** କରୋନା ଭାଇରସକୁ ହରାଇବାକୁ ସମସ୍ତେ ଚେଷ୍ଟା ଚଳାଇଛନ୍ତି। ଏପରି ସ୍ଥଳେ ବଲିଉଡ୍ ମଧ୍ୟ ସର୍ବଦା ଆଗେଇ ଆସିଛି। ଅନେକ ନାମିଦାମୀ ଅଭିନେତା ଅଭିନେତ୍ରୀମାନେ ଗରିବ ନିରାଶ୍ରୟଙ୍କୁ ସହାୟତା କରିବା ଲାଗି ଆଗେଇ ଆସିଛନ୍ତି। କିଏ ଆର୍ଥିକ ସହାୟତା ଦେଉଛନ୍ତି ତ ଆଉ କିଏ ଖାଦ୍ୟ ପୁଡ଼ିଆ ବାଣ୍ଟୁଛନ୍ତି। ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ପୂର୍ବରୁ କରୋନା ସହ ଲଢ଼ିବାକୁ ସହାୟତାର ହାତ ବଢାଇଥିବା ବେଳେ ଏବେ ପୁଣିଥରେ ସେ ଆଗକୁ ଆସିଛନ୍ତି। କୋଭିଡ-୧୯ ମହାମାରୀ ବିରୋଧରେ ଲଢ଼ିବାକୁ ପର୍ସନାଲ ପ୍ରୋଟେକଟିଭ୍ ଇକ୍ୟୁପମେଣ୍ଟ(ପିପିଇ)ମାସ୍କ ଓ ର୍‍ୟାପିଡ ଟେଷ୍ଟିଙ୍ଗ କିଟ୍ ପ୍ରସ୍ତୁତ କରିବାକୁ ବୃହାନମୁମ୍ବାଇ ନଗର ନିଗମ(ବିଏମ୍‌ସି)କୁ ଅକ୍ଷୟ ୩ କୋଟି ଟଙ୍କା ସହାୟତା ଯୋଗାଇ ଦେଇଥିବା ଜଣାପଡିଛି। କରୋନା ଭାଇରସ ସହାୟତା ପାଇଁ ପୂର୍ବରୁ ଅକ୍ଷୟ ପିଏମ୍ କେୟାର୍ସ ଫଣ୍ଡକୁ ୨୫ କୋଟି ଟଙ୍କା ଦାନ କରିଥିଲେ। କରୋନା ସହ ଲଢୁଥିବା ମୁମ୍ବାଇ ପୋଲିସ ଓ ବିଏମ୍‌ସିକୁ ପୂର୍ବରୁ ଅକ୍ଷୟ ଟୁଇଟ୍ କରି ଶୁଭେଚ୍ଛା ଓ ଧନ୍ୟବାଦ ମଧ୍ୟ ଜଣାଇଥିଲେ। ଏଭଳି ସମୟରେ ସହଯୋଗ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।



## ଭ୍ରାମ୍ୟମାଣ ଏଟିଏମ୍ ସେବା ଆରମ୍ଭ

ଚୌଦ୍ୱାର,୧୧।୪(ଡି.ଏନ୍.ଏ): ଲକ୍ଡାଉନ ଯୋଗୁ ଟାଙ୍ଗି-ଚୌଦ୍ୱାର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଟିଏମ ସେବାର ବ୍ୟବସ୍ଥା ନାହିଁ। ଦୁଇଚକିଆ ଯାନ ଉପରେ କଟକଣା ଲାଗୁ ହୋଇଥିବାରୁ ଗ୍ରାମାଞ୍ଚଳର ଲୋକେ ଦୂର ଦୁରନ୍ତାରୁ ଚୌଦ୍ୱାର ସହରକୁ ଆସି ଟଙ୍କା ଉଠାଇବା ପାଇଁ ଉଚିତ୍ ମନେ କରୁନାହାନ୍ତି। ଏଭଳି ସ୍ଥିତିରେ ଚୌଦ୍ୱାର ଆଗ୍ରାହାଟସ୍ଥିତ ୟୁକୋ ବ୍ୟାଙ୍କ ତରଫରୁ ଗ୍ରାମାଞ୍ଚଳର ଲୋକମାନଙ୍କୁ ଘରପାଖରେ ଟଙ୍କା ଉଠାଣ ପାଇଁ ଭ୍ରାମ୍ୟମାଣ ଏଟିଏମ ସେବା ଆରମ୍ଭ କରିଛି। ଶନିବାର ସ୍ଥାନୀୟ ବରହମପୁର ପଞ୍ଚାୟତରୁ ଏହି ସେବା ଲୋକମାନଙ୍କୁ ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଏନ୍ଡିଆର୍ଏଫ୍ ପକ୍ଷରୁ ୨ୟ ପର୍ଯ୍ୟାୟ ସାନିଟାଇଜେଶନ

ନରାଜ,୧୧।୪(ଡି.ଏନ.ଏ.): କଟକ ମୁଣ୍ଡଳୀସ୍ଥିତ ୩ୟ ବାହିନୀ ଏନ୍ଡିଆରଏଫ୍ ପକ୍ଷରୁ ଶନିବାର ବାରଙ୍ଗ ବ୍ଲକ ଅଞ୍ଚଳରେ ୨ୟ ପର୍ଯ୍ୟାୟ ସାନିଟାଇଜେଶନ କରାଯାଇଛି। ଏଥିରେ ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଦାଢ଼ାପାଟଣା, ଶ୍ରୀବନ୍ତପୁର, ମଧୁପୁର, କୁହ୍ନେଇପଡା, ବେଲଗଛିଆ ଆଦି ପଞ୍ଚାୟତରେ ଥିବା ଅସ୍ଥାୟୀ କ୍ୱାରାଣ୍ଟାଇନ ପରିସରକୁ ସାନିଟାଇଜେଶନ କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ୍ ଜିଏସ୍ ପଟେଲଙ୍କ ତତ୍ତ୍ୱାବଧାନ ଓ ଇନ୍ସପେକ୍ଟର ଅମର ନାଥ ସିଂଙ୍କ ନେତୃତ୍ୱରେ ୨ ସବ୍ଇନ୍ସପେକ୍ଟରଙ୍କ ସମେତ ୮ ଜଣିଆ ସବ୍ଟିମ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ବ୍ରହ୍ମଗିରି ଅଞ୍ଚଳକୁ କରାଗଲା ସାନିଟାଇଜ୍

ବ୍ରହ୍ମଗିରି, ୧୧।୪(ଡି.ଏନ.ଏ): ବ୍ରହ୍ମଗିରି ଅଞ୍ଚଳକୁ ଶନିବାର ସାନିଟାଇଜ କରାଯାଇଅଛି। ମହାମାରୀ କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷାପାଇବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସାମାଜିକ ଦୂରତା, ସ୍ୱଚ୍ଛତା ଭଳି ପଦକ୍ଷେପକୁ ଆପଣାବା ସହ ଏଟିଏମ କାଉଣ୍ଟର, ବ୍ୟାଙ୍କ, ଥାନା ଭଳି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଜନସମାଗମ ହୋଇଥାଏ। ଏହି ସବୁ ସ୍ଥାନକୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ଶନିବାର ବ୍ରହ୍ମଗିରି ଅଗ୍ନି ବିଭାଗ ତରଫରୁ ବ୍ରହ୍ମଗିରି ଥାନା, ବ୍ୟାଙ୍କ, ଏଲପିଜି ଗୋଦାମ ଓ ୭ଟି ଏଟିଏମ କାଉଣ୍ଟରକୁ ସାନିଟାଇଜ କରାଯାଇଛି।

### ରିଲିଫ ଫଣ୍ଡକୁ ୧୫ହଜାର ଦାନ

କୃଷ୍ଣପ୍ରସାଦ,୧୧।୪(ଡି.ଏନ୍.ଏ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ପଞ୍ଚାୟତ ଉଦୟଗିରି ଗ୍ରାମର ସାମାଜିକ କର୍ମୀ ନିରାକାର ପଲେଇ (ଟୁକୁ) କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ହଜାରଟଙ୍କା ଏବଂ ପ୍ରଧାମମନ୍ତ୍ରୀଙ୍କ ରିଲିଫ ପାଣ୍ଠି ୫ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି। ସେ ଏହି ସହାୟତା ରାଶି ଚେକ କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝିଙ୍କୁ ପ୍ରଦାନ କରିଛନ୍ତି।

### ଗରିବଙ୍କୁ ଖାଦ୍ୟ ଦେଲେ ପୂର୍ବତନ କାଉନସିଲର

**କୋଣାର୍କ,୧୧।୪(ଡି.ଏନ୍.ଏ.):** କୋଣାର୍କ ଏନଏଏସି ଅଧିନସ୍ଥ ୧୦ନଂ ୱାର୍ଡର ପୂର୍ବତନ କାଉନସିଲର ପ୍ରତାପ ଚନ୍ଦ୍ର ଗୋଛାୟତ ଲକଡାଉନରେ ପୀଡ଼ିତ ନିରାଶ୍ରୟ, ଗରିବ ଓ ଦିନମଜୁରିଆଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏହି ଗରିବଙ୍କ ନିକଟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ରନ୍ଧା କିମ୍ବା ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉ ନ ଥିବାବେଳେ ସହାୟତାରେ ହାତ ବଢାଇଛନ୍ତି ପୂର୍ବତନ କାଉନସିଲର ଗୋଛାୟତ। ଏହି ୱାର୍ଡରେ ୧୦୦ରୁ ଊର୍ଦ୍ଧ୍ୱ ଗରିବ ଓ ଦିନମଜୁରିଆଙ୍କୁ ଚାଉଳ, ଡାଲି, ତେଲ, ଆଳୁ, ପିଆଜ, ବିସ୍କୁଟ ଆଦି ବଣ୍ଟନ କରିଛନ୍ତି। ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ପ୍ରଶଂସା କରିଥିବାବେଳ ଗରିବଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସହଯୋଗ କରିବା ପାଇଁ ଦାବି କରିଛନ୍ତି।

# କ୍ଷତି ସହୁଛନ୍ତି ପରିବା ଚାଷୀ




**ଲକ୍ଡାଉନ୍ ପ୍ରଭାବ**

କଟକ ଅଫିସ୍,୧୧।୪

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ଲକ୍ଡାଉନ୍ ଘୋଷଣା କରାଯାଇଛି। ଏହାର ପ୍ରଭାବ ଜନଜୀବନ ଉପରେ ଗଭୀର ଭାବେ ପଡ଼ିଛି। ବିଶେଷ ଭାବେ ପରିବା ଚାଷୀମାନେ ଏବେ ପ୍ରବଳ କ୍ଷତି ସହୁଛନ୍ତି। ଅମଳ ସମୟରେ ବିକ୍ରିକୁ ନେଇ ସେମାନେ ଚିନ୍ତାରେ ଅଛନ୍ତି।

ବିଶ୍ୱବାସୀଙ୍କ ଜୀବନଯାତ୍ରାକୁ କରୋନା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଛି। ଏହି ଦୁଃଖଦାୟକ ପରିସ୍ଥିତିରୁ ପରିବା ଚାଷୀ ବାଦ୍ ପଡ଼ି ନାହାନ୍ତି। ମାର୍ଚ୍ଚ ୨୨ ତାରିଖ ଜନତା କର୍ଫ୍ୟୁ ଓ ତାପରେ ଲକ୍ଡାଉନ ଘୋଷଣା ହେବା ଫଳରେ ପରିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେମାନେ ଘରୋଇ ହାତ ଉଧାରି ଓ ବେପାରୀମାନଙ୍କଠାରୁ ଋଣ ଆଣି ପରିବା ଚାଷରେ ବିନିଯୋଗ କରିଥିଲେ। ଫେବୃୟାରୀ ଓ ମାର୍ଚ୍ଚରେ ଅଦିନିଆ କୁଆପଥର ବର୍ଷା ଯୋଗୁ ଫସଲ ନଷ୍ଟ ହୋଇ ସେମାନଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ବର୍ତ୍ତମାନ ପରିବା ଅମଳ ସମୟ, ବିକ୍ରିବଟା ନ ଥିବାରୁ ଚାଷୀମାନଙ୍କୁ ନିରାଶ କରିଛି।

ସୂଚନାଯୋଗ୍ୟ, କଟକ ଜିଲାରେ ପ୍ରଚୁର ପରିମାଣରେ ପରିବା ଚାଷ ହୋଇଥାଏ। ଓଡ଼ିଶାକୁ ପରିବା ଯୋଗାଇବାରେ କଟକ ଅଗ୍ରଣୀ ଜିଲା ଭାବେ ପରିଚିତ। ବର୍ତ୍ତମାନ ବାଇଗଣ, ବିନ୍, ଝୁଡ଼ଙ୍ଗ, କଖାରୁ, ଭେଣ୍ଡି, ଜହ୍ନି, କଲରା, ପୋଟଳ, ବିଲାତି ଓ କାକୁଡ଼ି ଆଦି ପ୍ରଚୁର ପରିମାଣରେ ଅମଳ ହେଉଛି। ଲକ୍ଡ଼ାଉନ୍ ଘୋଷଣା ହେବାପରେ ବେପାରୀମାନେ ନିଜ ଅଞ୍ଚଳରୁ ବଜାରକୁ ଅଧିକ ପରିମାଣର ପରିବା ଆଣିବା ଉପରେ କଟକଣା ଜାରି ହୋଇଛି। ଦୋକାନ ବଜାର ଓ ଆଞ୍ଚଳିକ ହାଟଗୁଡ଼ିକୁ ମଧ୍ୟ ବନ୍ଦକରି ଦିଆଯାଇଛି। ଅନ୍ୟପଟେ ପୋଲିସ ଜୁଲମ ଭୟରେ ଚାଷୀମାନେ ବଜାରକୁ ବେପାର କରିବାକୁ ଯାଇପାରୁ ନାହାନ୍ତି। ଫଳରେ ସେମାନେ ପ୍ରବଳ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପରିବା ଚାଷୀଙ୍କ ହାତ ଉଧାରି ବେପାରୀ ଓ ସାର ଦୋକାନୀର ଟଙ୍କା ପରିଶୋଧ କରିବାର ଆଶା ମଉଳିଯାଇଛି। ପୂର୍ବ ଘୋଷିତ ୨୧ ଦିନର ଲକ୍ଡ଼ାଉନ୍କୁ ପୁନର୍ବାର ୧୬ ଦିନ ବୃଦ୍ଧି ହେବା ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଲକ୍ଡ଼ାଉନ୍ ସରିବା ବେଳକୁ ପରିବା ଅମଳ ହେବାର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟ ସରିଯାଇଥିବ। ଏ ପରିସ୍ଥିତିରେ ଚାଷୀମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ରାସ୍ତାକୁ ଆବୋରି ନେଇପାରନ୍ତି ବୋଲି ଏସ୍ୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ସରକାର ସମସ୍ତ ଚାଷୀ ପରିବାକୁ ଚିହ୍ନଟକରି ପ୍ରତ୍ୟେକଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବାକୁ ସେ ସରକାରଙ୍କ ପାଖରେ ଦାବି କରିଛନ୍ତି।

# ଏବେ ଘରକୁ ଅତିଥି ମନା

**ଦୁଆରେ ପୋଷ୍ଟର ଲଗାଇଲେ ମହିଳା**

କଟକ ଅଫିସ,୧୧।୪

ଅତିଥି ଦେବୋ ଭବଃ। ଭାରତୀୟ ସଂସ୍କୃତି ଅନୁଯାୟୀ କାହାରି ଘରକୁ କେହି ଅତିଥି ଆସିଲେ ତାଙ୍କୁ ଶ୍ରଦ୍ଧାର ସହ ସ୍ୱାଗତ କରାଯାଇଥାଏ। କିନ୍ତୁ ଏବେ କରୋନା ପାଇଁ ଚିତ୍ର ଭିନ୍ନ। ଘରେ ପ୍ରବେଶ ପାଇଁ ଅତିଥିଙ୍କୁ ବାରଣ କରାଯାଉଛି। ଏପରି କି, ଘର ଆଗରେ 'ଅତିଥିଙ୍କୁ ମନା' ବୋଲି ଉଲ୍ଲେଖ ଥାଇ ପୋଷ୍ଟର ଲଗାଯାଉଛି। ଏଭଳି ଦେଖିବାକୁ ମିଳିଛି କଟକ ରାଣୀହାଟ ଶଗଡିଆ ସାହିରେ। ମହାମାରୀ କରୋନା ଭୂତାଣୁ ସଂକ୍ରମଣରୁ ଦୂରେଇ ରହିବା ତଥା ସାମାଜିକ ଦୂରତା ରକ୍ଷା ନିମନ୍ତେ ଶଗଡ଼ିଆ ସାହିର ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ମହାପାତ୍ର ଓ ତାଙ୍କ ସାଥିମାନେ ଏଭଳି ନିଆରା ଉପାୟ ଆପଣାଇଛନ୍ତି।

ବିଜୟଲକ୍ଷ୍ମୀ କହିଛନ୍ତି, କରୋନା ନେଇ ସରକାରଙ୍କ ତରଫରୁ ବ୍ୟାପକ ସଚେତନତା କରାଯାଉଛି। ହେଲେ ଅନେକ ଲୋକ ଏଯାଏ ଚେତି ନାହାନ୍ତି। ଯେକୌଣସି ସମୟରେ ପାଖ ପଡ଼ୋଶୀଙ୍କ ଘରକୁ ଚାଲିଆସୁଛନ୍ତି। ସେମାନଙ୍କୁ ରୋକିବା ପାଇଁ ଆମେ ବାଧହୋଇ ଦ୍ୱାର ସମ୍ମୁଖରେ ହେଉ କି ଫାଟକରେ 'ଅତିଥିଙ୍କୁ ମନା' ପୋଷ୍ଟର ଲେଖି ଲଗାଇଦେଇଛୁ। ଏହି ପୋଷ୍ଟରରେ 'ଘରେ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ' ବାର୍ତ୍ତା ମଧ୍ୟ ଉଲ୍ଲେଖ ରହିଛି। ବିଜୟଲକ୍ଷ୍ମୀ ଓ ତାଙ୍କ ସାଥିମାନଙ୍କ ଏହି କାମ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।




ଶଗଡ଼ିଆ ସାହିର ଏକ ଘର ଆଗରେ ଲଗାଯାଇଥିବା ପୋଷ୍ଟର।

## ଅସୁସ୍ଥ ହାତୀର ଚିକିତ୍ସା କରାଇଲା ବନବିଭାଗ



**ବଡ଼ମ୍ବା,୧୧।୪(ଡି.ଏନ.ଏ.):** ବଡ଼ମ୍ବା ରେଞ୍ଜ ଗୋପପୁର ବିଟ୍ ଅନ୍ତର୍ଗତ ଗୁରୁଡିପାଳ ଗ୍ରାମ ନିକଟରେ ଏକ ମାଈ ହାତୀକୁ ଅସୁସ୍ଥ ଅବସ୍ଥାରେ ଠାବ କରାଯାଇଛି। ଏହାପରେ ହାତୀର ଚିକିତ୍ସା କରାଯାଉଛି। ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଖବର ପାଇ ଶନିବାର ବଡ଼ମ୍ବା ଭାରପ୍ରାପ୍ତ ରେଞ୍ଜର ସରୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନ୍ୟ ବନ କର୍ମଚାରୀ ଓ ଗୋପପୁର ପ୍ରାଣୀଧନ ଚିକିତ୍ସାଧିକାରୀ ସଞ୍ଜୟ ମହାପାତ୍ର ପହଞ୍ଚି ଚିକିତ୍ସା କରିଥିଲେ। ହାତୀର ବୟସ ପ୍ରାୟ ୪/୫ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ଚିକିତ୍ସା ପରେ ହାତୀର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଉଥିବା ଭାରପ୍ରାପ୍ତ ରେଞ୍ଜର ମହାନ୍ତି ସୂଚନା ଦେଇଛନ୍ତି।

## ଫସଲ ଉଜାଡ଼ିଲା ଦନ୍ତା ହାତୀ

ନରାଜ,୧୧।୪(ଡି.ଏନ.ଏ.)

ଶୁକ୍ରବାର ରାତିରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟରୁ ଏକ ଦନ୍ତାହାତୀ ଆସି ବାଆଁରା ଗ୍ରାମର ଚାଷୀ ମଣ୍ଟୁ ରାଉତଙ୍କ ଏକ ଏକରୁରୁ ଊର୍ଦ୍ଧ୍ୱ ମକା ଫସଲ ନଷ୍ଟ କରିଛି। ସେହିପରି ଗ୍ରାମର ଅନ୍ୟଜଣେ ଚାଷୀ ଅରବିନ୍ଦ ରାଉତଙ୍କ ଅମଳ ହେବାକୁ ଥିବା କିଛି ଧାନ ଫସଲକୁ ଦଳିଚକଟି ନଷ୍ଟକରି ପକାଇଛି। ଏହି ଦନ୍ତା ହାତୀ ମାରଣା ହୋଇଥିବାରୁ ଚାଷୀମାନେ ଭୟଭୀତ ହୋଇ ପଡ଼ିଛନ୍ତି। ଅଳ୍ପ ଦିନରେ ଧାନ ଫସଲ ଅମଳ ହେବାକୁ ଥିବାରୁ ବନ ବିଭାଗ ତୁରନ୍ତ ହାତୀକୁ ଘଉଡ଼ାଇବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।

# ପଞ୍ଚମ ପର୍ଯ୍ୟାୟ ରଥକାଠ ପହଞ୍ଚିଲା

ପୁରୀ ଅଫିସ,୧୧।୪

ଆସନ୍ତା ଜୁନ୍ ୨୩ରେ ରଥଯାତ୍ରା। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତିନିରଥ ନିର୍ମାଣ ଲାଗି ଶନିବାର ପୁରୀରେ ପହଞ୍ଚିଛି ପଞ୍ଚମ ପର୍ଯ୍ୟାୟ ରଥକାଠ। ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜରୁ ୨ଟି ଟ୍ରକ୍ ଯୋଗେ ୪୨ ଖଣ୍ଡ ଅସନ ଓ ଧଉରା କାଠ ଆସିଛି। ଏଥିରେ ୧୨ଫୁଟିଆ ଧଉରା ୧୧ଖଣ୍ଡ, ୨୦ ଫୁଟିଆ ଅସନ ୫ଖଣ୍ଡ ଓ ୨୦ ଫୁଟିଆ ଧଉରା ୨୬ଖଣ୍ଡ ରହିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ଆସିଥିବା କାଠ ମଧ୍ୟରୁ ୧୯୩ ଖଣ୍ଡ ବଳକା ରହିଛି। ଏଥର ୬୭୨ ଖଣ୍ଡ କାଠ ଆସିବ। ଏଥିମଧ୍ୟରୁ ୨୬୬ ଖଣ୍ଡ କାଠ କଟକ ଖପୁରିଆସ୍ଥିତ ଶ' ମିଲ୍କୁ ଏବଂ ୪୦୬ ଖଣ୍ଡ କାଠ ରଥଖଳାକୁ ଆସିବ। ପୂର୍ବରୁ ରଥଖଳାକୁ ୧୩୩ଖଣ୍ଡ କାଠ ଆସିଥିବାବେଳେ ଶନିବାର ୪୨ଖଣ୍ଡକୁ ମିଶାଇ ମୋଟ ୧୭୫ଖଣ୍ଡ କାଠ ପହଞ୍ଚିଛି। ଆସନ୍ତା ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।



ପୁରୀ ବଡ଼ଦାଣ୍ଡରେ ଆସି ପହଞ୍ଚିଥିବା ରଥକାଠ।

# କନିଷ୍ଠ ସହାୟକ ନିଲମ୍ବିତ

**ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ**

ପୁରୀ ଅଫିସ/ନିମାପଡ଼ା(ଡି.ଏନ.ଏ.),୧୧।୪

ନିମାପଡ଼ା ଏନ୍ଏସିରେ ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନ ହିତାଧିକାରୀଙ୍କୁ ୧ହଜାର ଟଙ୍କ ଲେଖାଏ ଆର୍ଥିକ ସହାୟତା ବଣ୍ଟନ ବେଳେ ସାମାଜିକ ଦୂରତ୍ୱ ରକ୍ଷା କରି ନଥିବାରୁ ଏନ୍ଏସି କାର୍ଯ୍ୟାଳୟର କନିଷ୍ଠ ସହାୟକ ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲାପାଳ ଶନିବାର ନିଲମ୍ବନ କରିଛନ୍ତି। ୱାର୍ଡ ନଂ. ୬ ଓ ୭ରେ ସହାୟତା ବଣ୍ଟନବେଳେ ସାମାଜିକ ଦୂରତ୍ୱ ପ୍ରତି ଥିବା ନିୟମ ଉଲ୍ଲଂଘନ କରିଥିବାରୁ ଅଭିଯୋଗ ଆସିବାପରେ ଜିଲାପାଳ ବଲୱନ୍ତ ସିଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ନିଲମ୍ବନ ପରେ ସାହୁଙ୍କୁ ମୁଖ୍ୟ କାର୍ଯ୍ୟାଳୟ ପୁରୀ ରଖାଯାଇଥିବା ବେଳେ ବିନା ଅନୁମତିରେ ମୁଖ୍ୟ କାର୍ଯ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଉକ୍ତ କାର୍ଯ୍ୟରେ ନିୟୋଜିତ ୩ଜଣ ଶିକ୍ଷକଙ୍କୁ ମଧ୍ୟ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ସେମାନେ ହେଲେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ସହାୟକ ଶିକ୍ଷକ ଜ୍ୟୋତିରଞ୍ଜନ ରଥ, ନିମାପଡ଼ା ବଜାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରକଳା ଦେବୀ ଏବଂ ଗୋପୀନାଥପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଳାସିନୀ ଦେଈ। ପତ୍ର ପାଇବାର ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ହରିଣ ମୃତଦେହ ଉଦ୍ଧାର

କୋଣାର୍କ, ୧୧।୪(ଡି. ଏନ. ଏ)

କୋଣାର୍କ ଭଗବତୀ କାଜୁ ଜଙ୍ଗଲ ନିକଟ ନବୋଦୟ ବିଦ୍ୟାଳୟ ଫାଟକ ସାମ୍ନାରେ ଶନିବାର ଏକ ହରିଣର ମୃତଦେହ ଉଦ୍ଧାର କରାଯାଇଛି। ବନବିଭାଗ କର୍ମଚାରୀମାନେ ଏହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ହରିଣଟି ବୁଲା କୁକୁରଙ୍କ ଆକ୍ରମଣରେ ପ୍ରାଣ ହରାଇଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

# ରିଟେଲରଙ୍କ ଲାଇସେନ୍ସ ବାତିଲ

**ପୁରୀ ଅଫିସ,୧୧।୪:** ବର୍ତ୍ତମାନ ଲକ୍ଡାଉନ୍ ସମୟରେ ଲୋକଙ୍କ ପାଖରେ ପିଡିଏସ୍ ସାମଗ୍ରୀ କିପରି ସୁବିଧାରେ ପହଞ୍ଚିପାରିବ ସେନେଇ ପୁରୀ ଜିଲା ପ୍ରଶାସନ ବ୍ୟବସ୍ଥା କରିଛି। କିନ୍ତୁ ଏଭଳି ଏକ ଦୁର୍ଦ୍ଦିନ ସମୟରେ କିଛି ଲୋକ ଅସାଧୁ ଉପାୟ ଅବଲମ୍ବନ କରିବାକୁ ମଧ୍ୟ ପଛାଉ ନାହାନ୍ତି। ପିଡିଏସ୍ ସାମଗ୍ରୀ ବଣ୍ଟନରେ ଅନିୟମିତତା କରିବା ଅଭିଯୋଗରେ ଶନିବାର ପୁରୀ ପୌରାଞ୍ଚଳ ୧୨ ନମ୍ବର ୱାର୍ଡର ରିଟେଲର ଦିଲୀପ ପାତ୍ରଙ୍କ ଲାଇସେନ୍ସ ବାତିଲ କରାଯାଇଛି। ଅନିୟମିତତା ଅଭିଯୋଗ ପାଇବା ପରେ ଉପଜିଲାପାଳ ଭବତାରଣ ସାହୁ ଏହାର ଅନୁଧ୍ୟାନ କରି ଏଭଳି ପଦକ୍ଷେପ ନେଇଛନ୍ତି। ସମ୍ପୃକ୍ତ ୱାର୍ଡରେ ପିଡିଏସ୍ ସାମଗ୍ରୀ କିପରି ସୁରୁଖୁରରେ ବଣ୍ଟାଯାଇ ପାରିବ ତାର ଦାୟିତ୍ୱ ଜିଲା ସହକାରୀ ଯୋଗାଣ ଅଧିକାରୀଙ୍କୁ ଦିଆଯାଇଛି। ସେ ଅନ୍ୟ ଜଣଙ୍କୁ ଚୟନ କରିବେ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି।

# ବସ୍ତି ଯାଏ ପହଞ୍ଚୁନି ସରକାରୀ ସହାୟତା

କଟକ ଅଫିସ,୧୧।୪

କରୋନା ଭୂତାଣୁ ପାଇଁ ଲକ୍ଡାଉନ୍ ଘୋଷଣା ହେବା ପରେ କଟକର ବସ୍ତି ବାସିନ୍ଦାମାନେ ଦୟନୀୟ ପରିସ୍ଥିତିରେ ରହିଛନ୍ତି। ରୋଜଗାର ହରାଇଥିବା ଲୋକମାନେ ଏବେ ଚଳିବା ପାଇଁ କଷ୍ଟ କରୁଛନ୍ତି। ସରକାର ଯେଉଁ ସବୁ ଘୋଷଣା କରିଛନ୍ତି, ତାହା ବସ୍ତି ବାସିନ୍ଦାଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏପରିକି ଦୁଇ ଓଳା ଖାଇବା ଯୋଗାଡ଼ା କରିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

ମଞ୍ଚ ତରଫରୁ କୁହାଯାଇଛି, ବସ୍ତିର ଅଧିକାଂଶ ବାସିନ୍ଦା ଦିନ ମଜୁରିଆ ଏବଂ ଶ୍ରମଜୀବୀ। ଲକ୍ଡାଉନ୍ ଯୋଗୁ ନିର୍ମାଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ବନ୍ଦ ରହିଛି। ଏଭଳି ସ୍ଥଳେ ସେମାନଙ୍କ ରୋଜଗାର ନାହିଁ। ପିଲାଛୁଆ ଖାଇବା ଏବଂ ବଞ୍ଚିବା ପାଇଁ ସର୍ବନିମ୍ନ ଆବଶ୍ୟକତା ପାଇବାକୁ ସେମାନେ ସଂଘର୍ଷ କରୁଛନ୍ତି। ବସ୍ତିରେ ଖାଦ୍ୟ ସାମଗ୍ରୀ ଅଭାବରୁ ହାହାକାର ପରିସ୍ଥିତି ଦେଖା ଦେଉଛି। ସମ୍ପୂର୍ଣ୍ଣ ଅସହାୟତା ଭିତରେ ମାନସିକ ଭାରସାମ୍ୟ ହରାଉଛନ୍ତି। ସରକାର ଏହାକୁ ଏଡେଇଯାଇ ବସ୍ତି ବାସିନ୍ଦାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରୟାସ କରୁଛନ୍ତି। ଶ୍ରମଜୀବୀମାନଙ୍କର ମୌଳିକ ଓ ମାନବିକ ଅଧିକାର ରକ୍ଷା ପାଇଁ ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଆବାହକ ଖଗେଶ୍ୱର ସେଠୀ ଏନେଇ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାଶନ୍କାର୍ଡ଼ଧାରୀଙ୍କୁ ୩ମାସ ପାଇଁ ସରକାରୀ ଘୋଷଣା ଅନୁଯାୟୀ, ଚାଉଳ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଯୋଗାଣ, ରାଶନ୍କାର୍ଡ଼ ନ ଥିଲେ ରନ୍ଧାଖାଦ୍ୟ ପ୍ରଦାନ ପାଇଁ ସେ ଦାବି କରିଛନ୍ତି। ଏଥି ସହ ଜୟ ମା' ମଙ୍ଗଳା ବସ୍ତିକୁ ରାଣୀହାଟ ମେଡିକାଲ ରୋଡରୁ ହଟାଇ ଜଗତପୁରରେ ରଖାଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଭିତରେ ସେମାନେ ଟେଣ୍ଟହାଉସ୍ରେ ରହୁଛନ୍ତି। ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ପାଇଁ ମଞ୍ଚ ଦାବି କରିଛି।

# ମେଡିକାଲ ଯାଉଥିବା ଦମ୍ପତିଙ୍କୁ ପିଟିଲା ପୋଲିସ

ଭୁବନେଶ୍ୱର,୧୧।୪(ବ୍ୟୁରୋ): କରୋନା ମୁକାବିଲା ପାଇଁ ଦେଶରେ ଜାରି ରହିଥିବା ଲକ୍ଡାଉନକୁ କଡ଼ାକଡ଼ି କରାଯାଇଛି। ଏହି ସମୟରେ ଅତି ଜରୁରୀ ନ ଥିଲେ ବାହାରକୁ ବାହାରିବା ପାଇଁ ମନା କରାଯାଇଛି। ତେବେ କେତେଜଣ ଅମାନିଆ ଏହାକୁ ଖାତିର କରୁ ନ ଥିବାରୁ ପୋଲିସ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ମାତ୍ର କେତେକ ସ୍ଥାନରେ ପୋଲିସ କର୍ମଚାରୀ ଲୋକଙ୍କ ସମସ୍ୟା ନ ବୁଝି ଯାହାକୁ ଦେଖୁଛନ୍ତି ତା'କୁ ମାଡ଼ ମାରୁଛନ୍ତି। ଏପରି ଏକ ଘଟଣା ଘଟିଛି କଟକ ଜିଲା ବାଙ୍କୀ ଥାନା ଅଞ୍ଚଳରେ। ଶନିବାର ଏକ ଦମ୍ପତି ମେଡିକାଲ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକକାଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଦମ୍ପତି ଗଣମାଧ୍ୟମ ଜରିଆରେ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ନିବେଦନ କରିଛନ୍ତି। ସୂଚନା ଅନୁସାରେ, ବାଙ୍କୀ ଥାନା ଅନ୍ତର୍ଗତ ହରିରାଜପୁର ଗ୍ରାମର ବସନ୍ତ ମହାନ୍ତିଙ୍କ ସ୍ତ୍ରୀ ପୁଷ୍ପଲତାଙ୍କ ଶନିବାର ସକାଳେ ହଠାତ୍ ଦେହ ଖରାପ ହୋଇ ପଡ଼ିଥିଲା। ବସନ୍ତ ତାଙ୍କୁ ବାଇକରେ ବସାଇ ମେଡିକାଲକୁ ଆସୁଥିବାବେଳେ ବାଙ୍କୀ କଚେରି ଛକରେ ଥିବା ପୋଲିସ କର୍ମଚାରୀମାନେ ତାଙ୍କୁ ଅଟକାଇଥିଲା। ବସନ୍ତ ମେଡିକାଲ ଯାଉଥିବା କହିବାରୁ ପୋଲିସ ଗାଡି ରଖି ଚାଲିଚାଲି ଯିବାକୁ କହିଥିଲା। ମାତ୍ର ସ୍ତ୍ରୀ ଚାଲିକି ଯିବାକୁ ଅକ୍ଷମ କହିବାରୁ ପୋଲିସ ଓ ବସନ୍ତଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏତିକିବେଳେ ସେଠାରେ କାର୍ଯ୍ୟରତ ପୋଲିସ ଉତ୍ତ୍ୟକ୍ତ ହୋଇ ବସନ୍ତଙ୍କୁ ମାଡ଼ ମାରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ହେଲେ ପୋଲିସ ତାଙ୍କୁ ଡାକ୍ତରଖାନା ପଠାଇବା ବଦଳରେ ଥାନାରେ ବସାଇ ତାଗିତ କରି ଛାଡ଼ି ଦେଇଥିଲା। ପରେ ବସନ୍ତ ହସ୍ପିଟାଲକୁ ଯାଇ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି ଗୁରୁତର ସହ ଗ୍ରହଣ କରି ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

# ମହିଳାଙ୍କୁ ସହଯୋଗର ହାତ ବଢ଼ାଇଲେ ପ୍ରଭାତ

**ଘରକୁ ଫେରିପାରୁ ନ ଥିଲେ ୩ ସନ୍ତାନ ଜନ୍ମ ଦେଇଥିବା ପ୍ରସୂତୀ**

କଟକ ଅଫିସ,୧୧।୪

ଏସ୍ସିବି ମେଡିକାଲରୁ ଡିସଚାର୍ଜ ହୋଇଥିଲେ ମଧ୍ୟ ଘରକୁ ଫେରି ପାରୁ ନ ଥିବା ଜଣେ ମହିଳାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ। ପ୍ରଭାତଙ୍କ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଜରିଆରେ ମହିଳା ଓ ତାଙ୍କ ୩ ନବଜାତକ ଶନିବାର ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଘରୋଇ ଆମ୍ବୁଲାନ୍ସଗୁଡ଼ିକର ଆକାଶଛୁଆଁ ଭଡ଼ା ଯୋଗୁ ଅନେକ ରୋଗୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ଅନ୍ତର୍ଗତ ବିଡ଼ାପଡ଼ା ଗ୍ରାମର ଶଶିରେଖା ସାହୁ ଏସ୍ସିବି ମେଡ଼ିକାଲରେ ୩ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ତାଙ୍କ ସ୍ୱାମୀ ବୁଲୁ ସାହୁ ମୁମ୍ବାଇରେ ଥିବାବେଳେ ଲକଡାଉନ ଯୋଗୁ ଓଡ଼ିଶା ଫେରି ପାରି ନ ଥିଲେ। ଶଶିରେଖା ୭ଦିନ ଏସ୍ସିବିରେ ରହିବା ପରେ ଶୁକ୍ରବାର ତାଙ୍କୁ ଡିସଚାର୍ଜ ଅର୍ଡର ମିଳିଥିଲା। ତେବେ କେମିତି ଘରକୁ ଫେରିବେ ସେଇ ଚିନ୍ତା ଘାରିଥିଲା। ଶଶୀରେଖାଙ୍କ ଭାଇ କହିବା ମୁତାବକ, ଘରୁ ସରକାରୀ ଆମ୍ବୁଲାନ୍ସରେ ଆସିଥିଲୁ। ଫେରିବା ପାଇଁ ଘରୋଇ ଆମ୍ବୁଲାନ୍ସ ଯୋଗାଡ଼ କରିଥିଲୁ। ହେଲେ ସେ ଯେଉଁ ଭଡ଼ା କହିଥିଲେ ତାହା ଦେବାକୁ ଆମ ପକ୍ଷେ ସକ୍ଷମ ନ ଥିଲା। ଏ ନେଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହିତ ଯୋଗାଯୋଗ କରିଥିଲୁ। ସେ ଆମ୍ବୁଲାନ୍ସ ପଠାଇବା ସହ କିଛି ଆର୍ଥିକ ସହାୟତା ମଧ୍ୟ କରିଥିଲେ।



୩ ଶିଶୁକନ୍ୟା ଜନ୍ମ ଦେଇଥିବା ଜଣେ ପ୍ରସୂତୀଙ୍କୁ ଆମ୍ବୁଲାନ୍ସ ଯୋଗେ ଘରକୁ ନିଆଯାଉଛି।

କରୋନା ବିରୋଧୀ ଲଢେଇରେ ସରକାରଙ୍କୁ ସହାୟତା କରିବା ଲାଗି ସରକାର ଯଦି ଡାକନ୍ତି ତେବେ ନିଶ୍ଚିତ ଯୋଗ ଦେବି।

– ରଘୁରାମ ରାଜନ, ପୂର୍ବତନ ଗଭର୍ନର, ରିଜର୍ଭ ବ୍ୟାଙ୍କ



ରିୟଲ ଇଷ୍ଟେଟ ଡେଭଲପରମାନେ ନିଜ ବ୍ୟାଙ୍କ ଆକାଉଣ୍ଟକୁ ଷ୍ଟାଣ୍ଡାର୍ଡ ରଖିବା ସହ ବାଣିଜ୍ୟ ମଡେଲ ନେଇ ମଧ ମନୋବୃତ୍ତି ବଦଳାଇବାକୁ ହେବ।

–ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



# ଗରିବଙ୍କୁ ୨୮ ହଜାର କୋଟିର ସହାୟତା

ନୂଆଦିଲ୍ଲୀ,୧୧।୪

କୋଭିଡ୍‌-୧୯ ଯୋଗୁ ସାରା ଦେଶରେ ଉପୁଜିଥିବା ଲକ୍‌ଡାଉନ ସ୍ଥିତିରେ ଏବେ ଲୋକମାନେ ହଇରାଣ ହେଉଛନ୍ତି। ବିଶେଷକରି ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ଏବଂ ଗରିବ ଲୋକମାନେ ଲକ୍‌ଡାଉନ ସମୟରେ ସମସ୍ୟା ସାମ୍ନା କରୁଛନ୍ତି। ଏହାକୁ ଧ୍ୟାନରେ ରଖି ସରକାର ଗରିବଙ୍କୁ ୨୮,୨୫୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଏହି ଅର୍ଥରାଶି ପ୍ରଦାନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ ଯୋଗେ ସୂଚନା ଦିଆଯାଇଛି।

କୋଭିଡ୍‌-୧୯ ପ୍ରଭାବକୁ କମ୍ କରିବା ଲାଗି ସରକାର ଲୋକଙ୍କ ଲାଗି ୧.୭ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଘୋଷଣା କରିଛନ୍ତି। ଏଥିରେ ମାଗଣା ଖାଦ୍ୟଶସ୍ୟ, ବରିଷ୍ଠ ନାଗରିକ, ମହିଳା ଏବଂ କୃଷକଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ଲକ୍‌ଡାଉନ ସମୟରେ ଗରିବ ଲୋକମାନେ ଯେଭଳି ହଇରାଣ ନ ହୁଅନ୍ତି ତାକୁ ଧ୍ୟାନରେ ରଖାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସରକାରଙ୍କ ଘୋଷଣା ମୁତାବକ ୩୦ କୋଟି ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କଖାତାରେ ସିଧାସଳଖ ଅର୍ଥ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାର



ପ୍ରଥମ କିସ୍ତି ଭାବେ ମୋଟ ୧୩,୮୫୫ କୋଟି ଟଙ୍କାର ଅର୍ଥ ସରକାର ପ୍ରଦାନ କରିଛନ୍ତି। ପ୍ରାୟ ୧୯.୯୬ କୋଟି ମହିଳାଙ୍କୁ ସେମାନଙ୍କ ବ୍ୟାଙ୍କ ଖାତାରେ ୫୦୦ ଟଙ୍କା ଲେଖାଏ ଦିଆଯାଇଛି। ଏହି ବାବଦକୁ ମୋଟ ୯୯୩୦ ଟଙ୍କା ଟଙ୍କା ହସ୍ତାନ୍ତର ହୋଇଛି।

ସେହିଭଳି ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ(ଏନ୍‌ଏସ୍‌ଏପି)ରେ ୨.୮୨ କୋଟି ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କୁ ୧୪୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥ ମହିଳା ଏବଂ

- ପିଏମ୍ କିଷାନରେ ୧୩,୮୮୫ କୋଟି
- ବ୍ୟାଙ୍କ ଖାତାରେ ମହିଳାଙ୍କୁ ୯୯୩୦ କୋଟି
- ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ୧୪୦୦ କୋଟି
- ନିର୍ମାଣ ଶ୍ରମିକଙ୍କୁ ୩୦୬୬ କୋଟି
- ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ

ଦିବ୍ୟାଙ୍ଗଙ୍କୁ ମଧ ପ୍ରଦାନ କରାଯାଇଛି। ପ୍ରତି ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲେଖାଏ ଏଥିରେ ଦିଆଯାଇଛି। ସେହିଭଳି ୨.୬ କୋଟି ନିର୍ମାଣ ଶ୍ରମିକଙ୍କୁ ବିଲ୍‌ଡିଂ ଆଣ୍ଡ କନ୍‌ଷ୍ଟ୍ରକଶନ ୱାର୍କର୍ସ ଫଣ୍ଡରୁ ୩୦୬୬ କୋଟି ଟଙ୍କା ଦିଆଯାଇଛି। ଏହି ଫଣ୍ଡ ସାଧାରଣତଃ ରାଜ୍ୟ ସରକାରଗୁଡିକ ପରିଚାଳନା କରିଥାନ୍ତି। ଏପ୍ରିଲରୁ ଜୁନ୍ ଅବଧିରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନ କେନ୍ଦ୍ର ସରକାର ୧୨ ନିୟୁତ ଟନ୍ ଖାଦ୍ୟଶସ୍ୟ ଯୋଗାଇଦେବେ। ଏହାଦ୍ୱାରା ୮୦ କୋଟି ଲୋକଙ୍କୁ ମାଗଣାରେ ମୁଣ୍ଡ ପିଛା ୫ କିଲୋ ଖାଦ୍ୟଶସ୍ୟ ପ୍ରଦାନ କରାଯିବ। ଏହାବାଦ ମାଗଣା ରାଶନ ୨ କୋଟି ହିତାଧିକାରୀଙ୍କ ନିକଟରେ ପହଞ୍ଚିଥିବା ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

## ନିରନ୍ତର ଏଲ୍‌ପିଜି ଯୋଗାଣ ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୧୧।୪

ବର୍ତ୍ତମାନର ଲକ୍‌ଡାଉନ ସମୟରେ ଲୋକଙ୍କ ନିକଟରେ ନିରନ୍ତର ଏଲ୍‌ପିଜି ଯୋଗାଣ ଦିଗରେ ଦେଶର ତୈଳ ବିପଣନ କମ୍ପାନୀଗୁଡ଼ିକ ଫୋକସ ରଖିଛନ୍ତି। ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରତିନିଧିଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଲ୍‌ପିଜି ଯୋଗାଣ ସାଧାରଣ ଭାବେ ଚାଲିଛି। ଏଲ୍‌ପିଜି ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ ଏହାକୁ ତାଲାବନ୍ଦରୁ ବାଦ୍ ଦିଆଯାଇଛି। ଘର ପାଖକୁ ନିରନ୍ତର ଏଲ୍‌ପିଜି ଯୋଗାଣ ଲାଗି କର୍ମଚାରୀମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଲକ୍‌ଡାଉନ ସମୟରେ ଯଥେଷ୍ଟ ପରିମାଣର ଏଲ୍‌ପିଜି ଉପଲବ୍ଧ ରହିଛି। ଏହାର କୌଣସି ଅଭାବ ନାହିଁ। ଏଣୁ ଏନେଇ କୌଣସି ଗୁଜବରେ ବିଶ୍ୱାସ ନ କରି ଆତଙ୍କିତ ହୋଇ କିଣିବାଠାରୁ ଦୂରେଇ ରହିବାକୁ କମ୍ପାନୀଗୁଡ଼ିକ ଉପଭୋକ୍ତାଙ୍କୁ ନିବେଦନ କରିଛନ୍ତି। ବିତରକଙ୍କ ପାଖରେ ଲୋକମାନେ ଆତଙ୍କିତ ହୋଇ ଗହଳି କରୁଥିବାର ଦେଖାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ସହାୟତା ପାଇବାକୁ ଥିବା ହିତାଧିକାରୀ ସାମାଜିକ ଦୂରତା ନିୟମକୁ ଭାଙ୍ଗି ବିତରକଙ୍କ ପାଖରେ ଭିଡ଼ ଜମାଉଛନ୍ତି। ବିତରକଙ୍କ ପାଖକୁ ନ ଆସି ଘରେ ଥାଇ ଏସ୍‌ଏମ୍‌ଏସ୍ କିମ୍ବା ଆଇଭିଆର୍‌ସି ମାଧ୍ୟମରେ ଲୋକମାନେ ବୁକିଂ କରିପାରିବେ ବୋଲି କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ଜଣେ ଉଜ୍ଜ୍ୱଳା ଉପଭୋକ୍ତା ମାସକୁ ଗୋଟିଏ ସିଲିଣ୍ଡର ପାଇପାରିବେ। ଗୋଟିଏ ରିଫିଲ୍ ପାଇବାର ୧୫ ଦିନ ପରେ ଅନ୍ୟଟିକୁ ରିଫିଲ୍ କରାଇପାରିବେ। ଉଜ୍ଜ୍ୱଳାରେ ୮ କୋଟି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏପ୍ରିଲ ୨୦୨୦ର ଆଗୁଆ ଖୁଚୁରା ବିକ୍ରି ଦର ସ୍ଥାନାନ୍ତର କରାଯିବ। ଏହା କେବଳ ଏଲ୍‌ପିଜି କିଣିବା ପାଇଁ ଉଦ୍ଦିଷ୍ଟ। ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ମାଗଣା ଗ୍ୟାସ୍ ପ୍ରଦାନ ନେଇ ସରକାର ଘୋଷଣା କରିଛନ୍ତି।

- ଆତଙ୍କିତ ହୋଇ ବୁକିଂ ନକରିବାକୁ ନିବେଦନ
- ଏଲ୍‌ପିଜିର ଅଭାବ ନାହିଁ
- ଘରେ ବସି ଏସ୍‌ଏମ୍‌ଏସ୍‌ରେ ବୁକିଂ କରିହେବ

## ଖିମ୍‌ଜୀର 'ପ୍ରୋକ୍ଟେକ୍ଟିଂ ଆୱାର ପ୍ରୋଟେକ୍ଟର୍ସ'



ଭୁବନେଶ୍ୱର,୧୧।୪

ଖିମଜୀ ଗ୍ରୁପ୍ ପକ୍ଷରୁ କୋଭିଡ୍‌-୧୯ ବିରୋଧୀ ଲଢ଼େଇରେ ଯୋଗଦାନ ରଖାଯାଇଛି। 'ପ୍ରୋକ୍ଟେକ୍ଟିଂ ଆୱାର ପ୍ରୋଟେକ୍ଟର୍ସ' ପଦକ୍ଷେପ ଅନ୍ତର୍ଗତ ଗ୍ରୁପ୍ ପକ୍ଷରୁ ପୋଲିସ ଫୋର୍ସଙ୍କୁ ୧୦୦ ହଜ୍‌ମତ କେମିକାଲ ପ୍ରୋକ୍ଟେସନ ସୁଟ୍ ପ୍ରଦାନ କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ କୋଭିଡ୍‌-୧୯ ବିରୋଧୀ ଲଢ଼େଇରେ ରହିଥିବା ପୋଲିସ ଫୋର୍ସଙ୍କୁ ଗ୍ରୁପ୍ ପକ୍ଷରୁ ସାଲ୍ୟୁଟ୍ କରାଯାଇଛି। ଭୁବନେଶ୍ୱରରେ ଏଭଳି ୨୦୦ ସୁଟ୍ ଏବଂ କଟକରେ ୧୦୦ ସୁଟ୍ ଯୋଗାଣ ନେଇ କମିଶନରେଟ ପୋଲିସ ପକ୍ଷରୁ ଯୋଜନା ରଖାଯାଇଛି। ଏଭଳି ସ୍ୱତନ୍ତ୍ର ସୁଟ୍ ବ୍ୟବହାର ଦ୍ୱାରା ପୋଲିସ ପ୍ରଭାବିତ କ୍ଷେତ୍ରଗୁଡିକୁ ସୁରକ୍ଷା ସହିତ ଯାଇପାରିବ। ପ୍ରଭାବିତ ଲୋକଙ୍କୁ ହସ୍ପିଟାଲ ଏବଂ କୋଭିଡ୍‌-୧୯ ସେଣ୍ଟର ନେବାକୁ ସକ୍ଷମ ହୋଇପାରିବ। ସେହିଭଳି ରୋଗୀଙ୍କ ସେବାରେ ନିୟୋଜିତ ଡାକ୍ତରଙ୍କ ଲାଗି ଏହି ସୁଟ୍‌ଗୁଡିକ ଉପାଦେୟ ହୋଇପାରିବ। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ସରକାରଙ୍କ କୋଭିଡ୍‌-୧୯ ଲଢ଼େଇରେ ଯୋଗଦାନ ସ୍ୱରୂପ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଖିମଜୀ ଗ୍ରୁପ୍ ମୁଖ୍ୟ ମିତେଶ ଖିମଜୀ ସୂଚନା ଦେଇଛନ୍ତି। ଗ୍ରୁପ୍ ପକ୍ଷରୁ ପୂର୍ବରୁ ଲୋକଙ୍କ ସହାୟତା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କ ଖରାପ ପରିସ୍ଥିତିରେ ସହାୟତା ଯୋଗାଣ ଧାରା ଜାରି ରହିବ ବୋଲି ଖିମଜୀ ମତ ପ୍ରକାଶ କରିଛନ୍ତି।

**ପୋଲିସଙ୍କୁ ପ୍ରଦାନକଲା ୧୦୦ କେମିକାଲ ପ୍ରୋଟେକ୍ସନ ସୁଟ୍**

## ନାଲ୍‌କୋ ସହାୟତାରେ ସ୍ୱତନ୍ତ୍ର କୋଭିଡ୍‌-୧୯ ହସ୍ପିଟାଲ

ଭୁବନେଶ୍ୱର,୧୧।୪

ନାଲ୍‌କୋ ପକ୍ଷରୁ ନବରଙ୍ଗପୁରଠାରେ ୨୦୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍‌-୧୯ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ, ଖ୍ରୀଷ୍ଟିଆନ ହସ୍ପିଟାଲ ଏବଂ ନାଲ୍‌କୋ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କୋଭିଡ୍‌-୧୯ ସଂକ୍ରମଣଜନିତ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସ୍ୱତନ୍ତ୍ର ସୁବିଧା ରହିଛି। ନବରଙ୍ଗପୁରର ହିର୍ଲିଂଠାରେ ଅବସ୍ଥିତ ବି.ଏଡ୍ କଲେଜ ପରିସରରେ ଏକ ସ୍ୱତନ୍ତ୍ର ଆଇସୋଲେଶନ କେନ୍ଦ୍ରର ସଞ୍ଚାଳନ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ମେଡିକାଲ ଦ୍ୱାରା ନବରଙ୍ଗପୁର ଜିଲାର ଲୋକମାନେ ଉପକୃତ ହେବା ସହ ଆଖପାଖ ଜିଲା ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ



କଳାହାଣ୍ଡି ଜିଲାର ଲୋକମାନେ ଉପକୃତ ହୋଇପାରିବେ। ଏହି କାର୍ଯ୍ୟ ପାଇଁ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର କୃତଜ୍ଞତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ନାଲ୍‌କୋ ବିପତ୍ତି ସମୟରେ ସବୁବେଳେ ରାଜ୍ୟର ଲୋକମାନଙ୍କ ସହ ଛିଡ଼ାହୋଇଛି। ବର୍ତ୍ତମାନର ବିପତ୍ତି ସମୟରେ ନାଲ୍‌କୋ ପୂର୍ଣ୍ଣମାତ୍ରାରେ ସାହାଯ୍ୟର ହାତ ବଢ଼ାଇବ ବୋଲି ପାତ୍ର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ନାଲ୍‌କୋ କର୍ମଚାରୀମାନେ ୨ ଦିନର ଦରମା ବାବଦକୁ ୫.୨ କୋଟି ଟଙ୍କା ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ଡିଲର ପରିବାରଙ୍କୁ ସହାୟତା

**ଭୁବନେଶ୍ୱର,୧୧।୪:** କରୋନା ପାଇଁ ସାରା ଦେଶରେ ଘୋଷଣା ହୋଇଛି। ଏହା ଏବେ ତୃତୀୟ ସପ୍ତାହରେ ପ୍ରବେଶ କରିଛି। ଏଭଳି ସ୍ଥିତିରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ରିଲିଫ ପଦକ୍ଷେପ ଘୋଷଣା କରାଯାଇଛି। କୋଭିଡ୍‌-୧୯ ଡିଲର ସହଯୋଗୀମାନଙ୍କ ବ୍ୟବସାୟକୁ ଗଭୀର ଭାବେ ପ୍ରଭାବିତ କରିଛି। ଦୀର୍ଘ ୧୬ ମାସ ଧରି ମାନ୍ଦାବସ୍ଥା ସାମ୍ନା କରିଥିବା ସ୍ଥିତି ଆହୁରି ବିଗିଡ଼ିଛି। ପଦକ୍ଷେପ ସଂକ୍ରାନ୍ତରେ ସୂଚନା ଦେଇ କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦ୍‌ବିନ୍ଦର ସିଂ ଗୁଲେରିଆ କହିଛନ୍ତି ଯେ, ଡିଲରମାନଙ୍କ ଲାଗି ସହାୟତା ପ୍ୟାକେଜ ଘୋଷଣା କରାଯାଇଛି। ଡିଲର ସହଯୋଗୀଙ୍କୁ ଜରୁରିକାଳୀନ ନଗଦ ଅର୍ଥ ଯୋଗାଣ ଦିଗରେ କମ୍ପାନୀ ପଦକ୍ଷେପ ଗ୍ରହଣ କରିଛି। ବ୍ୟବସାୟ ଜାରି ରଖିବା ଏବଂ ନଗଦ ପ୍ରବାହ ଉପରେ ଏହା ସହାୟତା କରିପାରିବ ବୋଲି ଗୁଲେରିଆ ମତବ୍ୟକ୍ତ କରିଛନ୍ତି।

## ପ୍ରିମିୟମ ଦେୟ ସମୟସୀମା କୋହଳକଲା ଏଲ୍‌ଆଇସି

ଭୁବନେଶ୍ୱର,୧୧।୪

କରୋନା ପାଇଁ ଲୋକମାନେ ଏବେ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଲାଇଫ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଲ୍‌ଆଇସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲ ଲାଗି ଦେୟ ସମୟସୀମା ଗୋଟିଏ ମାସ ବୃଦ୍ଧି କରାଯାଇଛି ଅର୍ଥାତ୍ ଏହି ଅବଧି ମଧ୍ୟରେ ଯେଉଁ ପଲିସିଧାରୀମାନେ ପ୍ରିମିୟମ ଭରିବାର ଥିଲା ସେମାନେ ଗୋଟିଏ ମାସ ଅଧିକ ସମୟ ପାଇଛନ୍ତି। ଏଲ୍‌ଆଇସିର ଡିଜିଟାଲ ପେମେଣ୍ଟ ବିକଳ୍ପକୁ ଆଧାରକରି ପଲିସିଧାରୀ ପ୍ରିମିୟମ ପ୍ରଦାନ କରିପାରିବେ। ଏଲ୍‌ଆଇସିର ପେ ଡାଇରେକ୍ଟ ଆପ୍ ଡାଉନ୍‌ଲୋଡ୍ କରି ମଧ ଲୋକମାନେ ପ୍ରିମିୟମ ଦେଇପାରିବେ। ପଲିସି ପ୍ରିମିୟମ ନେଟ୍ ବ୍ୟାଙ୍କିଙ୍ଗ୍, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ପେଟିଏମ୍, ଫୋନ ପେ, ଗୁଗଲ ପେ, ଭୀମ୍ ଏବଂ ୟୁପିଆଇ ଭଳି ପ୍ଲାଟଫର୍ମରେ ମଧ ପ୍ରଦାନ କରାଯାଇ ପାରିବ ବୋଲି ଏଲ୍‌ଆଇସି ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସମୟରେ ଡେଟ୍ କ୍ଲେମ୍‌ଗୁଡିକୁ ଶୀଘ୍ର ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏହା ସୂଚନା ଦେଇଛି।

### ପିଏମ୍ କେୟାର୍ସ ପାଣ୍ଠିକୁ ଦେଲା ୧୦୫ କୋଟି

କୋଭିଡ-୧୯ ଲାଗି ପିଏମ୍ କେୟାର୍ସ ପାଣ୍ଠିକୁ ଏଲ୍‌ଆଇସି ପକ୍ଷରୁ ୧୦୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ରାଶି ମଧ୍ୟରୁ ଏଲ୍‌ଆଇସିର ଗୋଲ୍‌ଡେନ ଜୁବୁଲି ଫଣ୍ଡରୁ ୫ କୋଟି ଅର୍ଥ ରାଶି ମଧ ସାମିଲ ରହିଛି। କରୋନା ଯୋଗୁ ଏବେ ସାରା ବିଶ୍ୱ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲୋକଙ୍କ ମଙ୍ଗଳ ଲାଗି ଏଲ୍‌ଆଇସି ପକ୍ଷରୁ ଏଭଳି ସହାୟତା ରାଶି ଯୋଗାଇ ଦିଆଯାଇଛି ବୋଲି ଏହାର ଅଧ୍ୟକ୍ଷ ଏମ୍.ଆର୍.କୁମାର ସୂଚନା ଦେଇଛନ୍ତି।

## ସେନ୍‌କୋ ଗୋଲ୍ଡ ପକ୍ଷରୁ ଦାନ

**ଭୁବନେଶ୍ୱର,୧୧।୪:** ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ପିଏମ୍ କେୟାର୍ସ ଫଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟ ଜରୁରିକାଳୀନ ପାଣ୍ଠିକୁ ୧.୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗ୍ରୁପ୍‌ର ୨୫୦୦ରୁ ଅଧିକ କର୍ମଚାରୀ ସେମାନଙ୍କ ଗୋଟିଏ ଦିନର ବେତନ ରାଶି ପ୍ରଦାନ କରିଛନ୍ତି। କୋଭିଡ୍‌-୧୯ ବିରୋଧରେ ବିଶ୍ୱ ଜୋର୍‌ଦାର ଲଢ଼େଇ କରୁଛି। ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ସରକାରଙ୍କ ଲଢ଼େଇରେ ସାମିଲ ହୋଇଥିବା କମ୍ପାନୀର ଅଧ୍ୟକ୍ଷ ଶଙ୍କର ସେନ୍ ସୂଚନା ଦେଇଛନ୍ତି।

## ଓଡିଏମ୍ ଲର୍ନିଂ ଆପ୍ଲିକେଶନ ଶୁଭାରମ୍ଭ

**ଭୁବନେଶ୍ୱର,୧୧।୪:** କୋଭିଡ୍‌-୧୯ର ଭୟାବହତାକୁ ନଜରରେ ରଖି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି। ଏହି ସମୟରେ ଛାତ୍ରୀଛାତ୍ର ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷାଲାଭ କରିବାକୁ ସୁଯୋଗ ପାଇପାରୁନାହାନ୍ତି। ଏହାକୁ ଧ୍ୟାନରେ ରଖି ଓଡିଏମ୍ ଏଜୁକେଶନ ଗ୍ରୁପ୍ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନିଆଯାଇଛି। ଛାତ୍ରୀଛାତ୍ରଙ୍କୁ ଘରୁ ଶିକ୍ଷାଦାନର ସୁଯୋଗ ଯୋଗାଇଦେବା ଲାଗି ଓଡିଏମ୍ ପବ୍ଲିକ ସ୍କୁଲ ପକ୍ଷରୁ ଡିଜିଟାଲ ପୋର୍ଟାଲ ଓଡିଏମ୍ ଲର୍ନିଂ ଆପ୍ ଉନ୍ମୋଚନ କରାଯାଇଛି। ବିଦ୍ୟାଳୟର ସିଓଓ ସତ୍ୟମ ସତ୍ୟେନ୍ଦୁଙ୍କ ଦ୍ୱାରା ପରିଚାଳିତ ଉକ୍ତ ଲର୍ନିଂ ଆପ୍‌ରେ ଛାତ୍ରୀଛାତ୍ର ଅତ୍ୟାଧୁନିକ ପ୍ରଣାଳୀରେ ଶିକ୍ଷା ଲାଭ କରିବାକୁ ସକ୍ଷମ ହେବ। ଏହି ପରିପ୍ରେକ୍ଷୀରେ ସତ୍ୟେନ୍ଦୁ କହିଛନ୍ତି ଯେ, ୩ଟି ଦୃଷ୍ଟିକୋଣରୁ ଛାତ୍ରୀଛାତ୍ର ଏହି ଆପ୍‌ରୁ ଲାଭ ଉଠାଇ ପାରିବେ। ଅଭିଜ୍ଞ ଫାକଲ୍‌ଟିଙ୍କ ଦ୍ୱାରା ସିଲାବସ୍ ଅନୁଯାୟୀ ଭିଡିଓ ପାଠ୍ୟକ୍ରମ, ଅଡିଓ, ଭିଡିଓ ଏବଂ ହ୍ୱାଟସ୍‌ଆପ୍ ଦ୍ୱାରା ଶିକ୍ଷକଙ୍କ ସହ ଯୋଗାଯୋଗ କରିବାର ସୁବିଧା ଏବଂ ଅନ୍‌ଲାଇନ ଆସେସ୍‌ମେଣ୍ଟ ସୁବିଧା ମଧ କରାଯାଇଛି। ଏଲ୍‌କେଜିଠାରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଏହାର ଲାଭ ଉଠାଇପାରିବେ।

## ଆବଶ୍ୟକ ସାମଗ୍ରୀ ପରିବହନରେ ରେଲୱେ

**ଭୁବନେଶ୍ୱର,୧୧।୪:** ଲକ୍‌ଡାଉନ ସ୍ଥିତିରେ ଆବଶ୍ୟକ ସାମଗ୍ରୀ ପରିବହନ ଲାଗି ରେଲୱେ ପକ୍ଷରୁ ନିରନ୍ତର ସେବା ଯୋଗାଣ ହେଉଛି। ଶନିବାର ସକାଳୁ ବିଶାଖାପାଟଣା ରେଲଷ୍ଟେଶନରୁ ସ୍ୱତନ୍ତ୍ର ପାର୍ସଲ ଏକ୍ସପ୍ରେସ ଦ୍ୱାରା ଔଷଧ ସାମଗ୍ରୀ ବୋଝେଇ କରି ପଲାସା, ବ୍ରହ୍ମପୁର, ବଲାଙ୍ଗୀର, ବରଗଡ଼, ସମ୍ବଲପୁର ଓ ରାୟଗଡ଼ା ଆଦି ଷ୍ଟେଶନରେ ଖଲାସ କରାଯାଇଛି। ଏହାବାଦ କେସିଙ୍ଗାରେ ମେଡିକାଲ ଯନ୍ତ୍ରପାତି ଖଲାସ କରାଯାଇଛି। ଏହାବାଦ ବିଶାଖାପାଟଣାରୁ ଦୁଗ୍ଧ ପାଉଡର ଏବଂ ଅନ୍ୟାନ୍ୟ ଔଷଧ ସାମଗ୍ରୀ ବ୍ରହ୍ମପୁର ରେଳ ଷ୍ଟେଶନରେ ଖଲାସ କରାଯାଇଛି। ବିଜୟନଗରମରୁ ପଇଡ଼ ବଲାଙ୍ଗୀର ଏବଂ ଟିଟିଲାଗଡ଼ ପଠାଯାଇଛି। ସେହିଭଳି ବିଜୟନଗରମକୁ ଗ୍ରସେରି ରାୟଗଡ଼ା ଆସିଛି। ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ୩୩୬୪ ଟନ୍ ଗହମ ୮୮ଟି ୱାଗନରେ ମଧ୍ୟପ୍ରଦେଶର ଗର୍‌ହା ଷ୍ଟେଶନରୁ କଟକ ଷ୍ଟେଶନ ଆସି ସେଠାରେ ଖଲାସ ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତକୁ ସାମଗ୍ରୀ ପହଞ୍ଚାଇବା ନେଇ ଗୁରୁଦାୟିତ୍ୱ ଗ୍ରହଣ କରିଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଏହି କାର୍ଯ୍ୟ ଲାଗି ରେଳପଥ ମାଲବାହୀ ଟ୍ରେନ, ପାର୍ସଲ ଏକ୍ସପ୍ରେସ ଚଳାଚଳ କରାଉଛି। ଖାଦ୍ୟଶସ୍ୟ, ପେଟ୍ରୋଲିୟମ, କୋଇଲା, ଫଳ, ପନିପରିବା, ଦୁଗ୍ଧ, ଜାଳେଣି ତୈଳ, ଚିନି, ଲୁଣ, ଔଷଧ ଇତ୍ୟାଦି ସାମଗ୍ରୀ ବର୍ତ୍ତମାନ ରେଳପଥ ପକ୍ଷରୁ ପରିବହନ ହେଉଥିବା ସୂଚନା ରହିଛି। ସେହିଭଳି ରେଲୱେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରିଛି।

## 'ଊର୍ଜା ଚାହିଦାର କେନ୍ଦ୍ର ବିନ୍ଦୁ ହୋଇ ରହିବ ଭାରତ'

ନୂଆଦିଲ୍ଲୀ,୧୧।୪

ଭାରତ ପୂର୍ବଭଳି ବିଶ୍ୱ ଊର୍ଜା ଚାହିଦାର କେନ୍ଦ୍ରବିନ୍ଦୁ ହୋଇ ରହିବ। କରୋନା ପରବର୍ତ୍ତୀ ସମୟରେ ମଧ ଊର୍ଜା ଚାହିଦା କ୍ଷେତ୍ରରେ ଭାରତ ଏହାର ପ୍ରମୁଖ ସ୍ଥାନ ବଜାୟ ରଖିବ ବୋଲି ଜି-୨୦ ଶକ୍ତିମନ୍ତ୍ରୀ ସମ୍ମିଳନୀରେ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସାଉଦି ରାଜକୁମାର ଅବଦୁଲ ଅଜିଜ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଧାନ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ଅନ୍ତର୍ଜାତୀୟ ସହଯୋଗ ନେଇ ଗୁରୁତ୍ୱାରୋପ କରିଛନ୍ତି। ଭାରତରେ ୨୧ ଦିନିଆ ଲକ୍‌ଡାଉନ ପାଇଁ ଏଲ୍‌ପିଜି ଛଡ଼ା ଅନ୍ୟ ସବୁ ପେଟ୍ରୋଲିୟମ ସାମଗ୍ରୀର ବ୍ୟବହାର କମିଛି। ଦେଶର ୮୦.୩ ନିୟୁତ ଗରିବ ପରିବାରକୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ମାଗଣା ଏଲ୍‌ପିଜି ଯୋଗାଣ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଭାରତରେ ୨୩ ବିଲିୟନ ଡଲାର ଆର୍ଥିକ ପ୍ୟାକେଜରେ ମାଗଣା ଏଲ୍‌ପିଜି ଯୋଗାଣ ଯୋଗୁ ଏହାର ଚାହିଦା ଦେଶରେ ବଢ଼ିଥିବା ପ୍ରଧାନ ମତ ରଖିଛନ୍ତି।

ଭାରତର ଏଲ୍‌ପିଜି ଚାହିଦାକୁ ମିତ୍ର ରାଷ୍ଟ୍ରଗୁଡ଼ିକ ପୂରଣ କରିଥିବାରୁ ପ୍ରଧାନ ଏଥିଲାଗି ଧନ୍ୟବାଦ ଦେଇଛନ୍ତି। ଏହାବାଦ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ଲାଗି ଉଚିତ ମୂଲ୍ୟ ତଥା କ୍ରୟ କରୁଥିବା ଭାରତ ଭଳି ଦେଶଗୁଡିକ ପାଇଁ କଷ୍ଟ ନ ହେବା ଭଳି ମୂଲ୍ୟ ଉପରେ ସେ ଦେଶର ଏଜେଣ୍ଡାକୁ ଦୋହରାଇଥିଲେ। ବିଶ୍ୱର ତୈଳ ଚାହିଦା କମୁଥିବାରୁ ଆଗାମୀ ଦିନରେ ବିଶ୍ୱର ଇନ୍ଧନ ଚାହିଦା ବଢ଼ାଇବା ସହ ଯୋଗାଣ ବୃଦ୍ଧି ଦ୍ୱାରା ଉତ୍ପାଦନକାରୀ ଦେଶଗୁଡ଼ିକ ମୂଲ୍ୟ କମ୍ ରଖିବା ସମୟର ଆବଶ୍ୟକତା ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଏହି ସମ୍ମିଳନୀରେ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି।



## ସଂକ୍ଷେପରେ

### ବିଶୋଧନ ହେଲା କାର୍ଯ୍ୟାଳୟ




ବଇଣ୍ଡା, ୧୧।୪(ଡି.ଏନ.ଏ.): କିଶୋରନଗର ବ୍ଲକ ନୁନୁକାପଶି, ଗାଁ ବଇଣ୍ଡା, ହଣ୍ଡପା ପଞ୍ଚାୟତର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବିଶୋଧନ କରାଯାଇଛି। ବାମୁର ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ପ୍ରକାଶ କୁମାର ବେହେରା, ଫାୟାରମ୍ୟାନ ସତ୍ୟନାରାୟଣ ମେଣ୍ଡୁଲି, ସୁନୀଲ କୁମାର ବେହେରା, ସୁଶାନ୍ତ ସେଠୀ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଏହି ସାନିଟାଇଜ କରିଥିବାବେଳେ ଗାଁ ବଇଣ୍ଡା ସରପଞ୍ଚ ମାନସ ସାହୁ, ନୁନୁକାପଶି ସରପଞ୍ଚ ଜଳଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମଜୁରିଆଙ୍କୁ ଖାଦ୍ୟ ବଣ୍ଟନ



ପାଲଲହଡ଼ା, ୧୧।୪(ଡି.ଏନ.ଏ.): ପାଲଲହଡା ବ୍ଲକ ଖେମଳା ଭାଜପା ମଣ୍ଡଳ ପକ୍ଷରୁ ଦିନ ମଜୁରିଆଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ମଣ୍ଡଳ ସଭାପତି ଧର୍ମେନ୍ଦ୍ର ସାହୁ, ୨୨ ନଂ ଜୋନ ଜିଲା ପରିଷଦ ସଭ୍ୟା ଶୋଭାଙ୍ଗିନୀ ପ୍ରଧାନ, ପାଲଲହଡା ମଣ୍ଡଳ ସଭାପତି ନୀଳାମ୍ବର ପ୍ରଧାନ, ସାଧାରଣ ସମ୍ପାଦକ ଭୁବନ ଭୁକ୍ତାଙ୍କ ସହଯୋଗରେ ଡିମିରିଆ ପଞ୍ଚାୟତ ଆନନ୍ଦ ସାହିରେ ଖାଦ୍ୟ ବଣ୍ଟନ ସହ ଏକ ସଚେତନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ଚାଷ ଉଜାଡ଼ିଲା କୁଆପଥର

ଢେଙ୍କାନାଳ ଅଫିସ, ୧୧।୪: ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ଅଞ୍ଚଳରେ ଶୁକ୍ରବାର ହୋଇଥିବା ଝଡ଼ବର୍ଷା ଏବଂ କୁଆପଥର ମାଡ଼ରେ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି। କଖାରୁ, ବାଇଗଣ, କ୍ୟାପ୍‌ସିକମ୍, କଞ୍ଚାଲଙ୍କା, ଶାଗ, ଲାଉ, ପୋଇ, ରାଶି, କଲରା, ଭେଣ୍ଡି ଫସଲ ନଷ୍ଟ ହୋଇଥିବା ଚାଷୀ ସନ୍ତୋଷ ନାୟକ, କାର୍ତ୍ତିକ ପ୍ରଧାନ, ପ୍ରଫୁଲ୍ଲ ସାହୁ, ରଣଜିତ ରାଉତ, ସୁନୀଲ ନାୟକ, ଦୁର୍ଲଭ ବିନ୍ଧାଣି ପ୍ରମୁଖ ଅଭିଯୋଗ କରିଛନ୍ତି। କୃଷି ଏବଂ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହୋଇଛି।

### ବ୍ୟବସାୟୀଙ୍କୁ ମାସ୍କ ବଣ୍ଟନ



ଢେଙ୍କାନାଳ ଅଫିସ, ୧୧।୪: ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ବସି ପରିବା ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ମାସ୍କ ବଣ୍ଟନ କରାଯାଇଛି। ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ନେତୃତ୍ୱରେ କର୍ମଚାରୀମାନେ ବିବି ହାଇସ୍କୁଲ ଖେଳପଡ଼ିଆ, ରଥଗଡ଼ା ଏବଂ ଜଗନ୍ନାଥରୋଡ୍ ପୋତା ପୋଖରୀ ନିକଟ ପରିବା ବ୍ୟବସାୟୀଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା। ସାମାଜିକ ଦୂରତା ବଜାୟ ରଖିବା ଦିଗରେ ଯତ୍ନବାନ ହେବାକୁ ନିର୍ବାହୀ ଅଧିକାରୀ ସଚେତନ କରାଇଥିଲେ।

### ୩୨ ଗିରଫ, ଗାଡ଼ି ଜବତ

ଢେଙ୍କାନାଳ ଅଫିସ, ୧୧।୪: ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଢେଙ୍କାନାଳ ଟାଉନ ଥାନା ପୋଲିସ ୩୨ଟି ବାଇକ୍ ଜବତ କରିବା ସହ ୩୨ ଜଣଙ୍କୁ ଗିରଫ କରିଛି। ମୋଟ୍ ୭୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏସ୍‌ପିଙ୍କ ଅନୁପମା ଜେମ୍‌ସଙ୍କ ନିର୍ଦ୍ଦେଶରେ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ନେତୃତ୍ୱରେ ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ସଦଳବଳ ସହର ଉପକଣ୍ଠର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ।

### କ୍ୱାରାଣ୍ଟାଇନରେ ୧୭ ରେଳ କର୍ମଚାରୀ

ଅନୁଗୋଳ ଅଫିସ, ୧୧।୪: ଅନୁଗୋଳ ରେଲୱେ ଷ୍ଟେଶନ୍ ଲୋକୋସେଡ୍‌ରେ କାର୍ଯ୍ୟ କରୁଥିବା ୧୭ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌କୁ ପଠାଯାଇଛି। ଦିଲ୍ଲୀ ନିଜାମଦୀନ ଧର୍ମଗୁରୁଙ୍କ ସଂସ୍ପର୍ଶରେ ଆସିଥିବା ସନ୍ଦେହରେ ପ୍ରଥମେ ଜଣେ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନ୍ କରାଯାଇଥିଲା। ସେହି କର୍ମଚାରୀଙ୍କ ସହ କାମ କରୁଥିବା ଅନ୍ୟ ୧୬ଜଣଙ୍କୁ ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ରୋଜଗାର ମାଗିଲେ ଯାଯାବର

(ଅଜିତ ଧଳ)
ଛେଣ୍ଡିପଦା,୧୧।୪

ଲକ୍‌ଡାଉନ୍ ସମୟରେ ସରକାରୀ ସହାୟତା ନେବାକୁ ବହୁ ଥିଲାବାଲାଙ୍କ ହାତ ଲମ୍ବି ଆସୁଥିବା ବେଳେ ଖାଦ୍ୟ ସାମଗ୍ରୀ ଧରି ଘରଦୁଆରେ ପହଞ୍ଚିଥିବା ପ୍ରଶାସନକୁ ଫେରାଇ ଦେଇଛନ୍ତି ୧୩ ଯାଯାବର ପରିବାର। ୨୧ ଦିନିଆ ଲକ୍‌ଡାଉନ୍ ପାଇଁ ସେମାନେ ପୂର୍ବ ପ୍ରସ୍ତୁତି କରିଥିବାରୁ ସରକାର ସେମାନଙ୍କ ପାଇଁ ଅର୍ଥ ଖର୍ଚ୍ଚ ନ କରି ତାହାକୁ କରୋନା ମୁକାବିଲାରେ ବ୍ୟୟ କରିବାକୁ ପରାମର୍ଶ ଦେଇ ମହାନତା ଦେଖାଇଛନ୍ତି ସମ୍ପୃକ୍ତ ଯାଯାବରମାନେ। ତେବେ ଯେତେଶୀଘ୍ର ସମ୍ଭବ ସରକାର ସେମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରି ସୁଯୋଗ ସୃଷ୍ଟିକରି ରୋଜଗାର ଦେବାକୁ ୧୩ ଯାଯାବର ପରିବାର ଦାବି କରିଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ରାଇଝରଣ ପଞ୍ଚାୟତ ଧୋବାମଳିହାଠାରେ ଦୀର୍ଘ ୬ ବର୍ଷ ହେଲା ରହୁଥିବା ଏହି ଯାଯାବରମାନଙ୍କ ପ୍ରକୃତ ଘର ଛତିଶଗଡର ରାୟଗଡ ଜିଲାରେ। ଛେଣ୍ଡିପଦାର ବିଭିନ୍ନ ଜଙ୍ଗଲରୁ ଖଜୁରି ପିଞ୍ଚ ସଂଗ୍ରହ ସହ ସେଥିରେ ଝାଡୁ, ପଟିଆ ଆଦି ତିଆରି କରି ବିକ୍ରି କରିବା ହେଉଛି ସେମାନଙ୍କ କାମ। କିନ୍ତୁ ଲକ୍‌ଡାଉନ ଯୋଗୁ ସେହି ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଘରେ ରହିଥିବା ହାତ ତିଆରି ସାମଗ୍ରୀ ବିକ୍ରି ହୋଇପାରୁ ନ ଥିବାରୁ ରୋଜଗାର ମଧ୍ୟ ନାହିଁ। ତେବେ ୧୪ ତାରିଖ ଯାଏ ଘରେ ରାଶନ ସାମଗ୍ରୀ ରଖିଥିବାରୁ ଲକ୍‌ଡାଉନ୍ ବୃଦ୍ଧି ଖବର ସେମାନଙ୍କୁ ଚିନ୍ତାରେ ପକାଇଛି। ଶନିବାର ଛେଣ୍ଡିପଦା ବିଡିଓ ସୁନୀଲ କେରକଟା, ରାଇଝରଣ ସରପଞ୍ଚ ସୁଜୋସ୍ନା ଦେହୁରୀ ସେମାନଙ୍କ ନିକଟରେ ପହଞ୍ଚିଥିଲେ। କରୋନା ସମ୍ପର୍କରେ ସଚେତନ କରାଇବା ସହ ସମ୍ପୃକ୍ତ ୧୩ ପରିବାରର ମୋଟ୍ ୪୮ ଜଣ ସଦସ୍ୟଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରିଥିଲେ। ହେଲେ ସମ୍ପୃକ୍ତ ଯାଯାବର ପରିବାରମାନେ ଖାଦ୍ୟ ନେବାକୁ ମନା କରିଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତି ନେଇ ସେମାନେ ଅବଗତ ଓ ପ୍ରସ୍ତୁତ ଅଛନ୍ତି। ତେଣୁ ୧୪ ତାରିଖ ପର୍ଯ୍ୟନ୍ତ ଚଳିବାକୁ ଘରେ ଡାଲି, ଚାଉଳ, ଆଳୁ ମହଜୁଦ ରଖିଛନ୍ତି। ତେଣୁ ସରକାର ସେମାନଙ୍କ ଖାଇବା ଚିନ୍ତା ନ କରି ସେହି ଅର୍ଥ କରୋନା ରୋକିବା ଦିଗରେ ଖର୍ଚ୍ଚ କରିବାକୁ ଯାଯାବରମାନେ ପରାମର୍ଶ ଦେଇଥିଲେ। ଏଥିସହ ସେମାନେ ପ୍ରସ୍ତୁତ କରିଥିବା ଝାଡୁ, ପଟିଆ ଆଦି କିପରି ବିକ୍ରି କରିପାରିବେ ତାହାର ବ୍ୟବସ୍ଥା ସରକାର କଲେ ଲକ୍‌ଡାଉନ୍‌ର ବାକି ଦିନଗୁଡ଼ିକରେ ଚଳିବାରେ ଅସୁବିଧା ହେବନାହିଁ ବୋଲି ଯାଯାବରମାନେ କହିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ଲକ୍‌ଡାଉନ ସମୟରେ ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ତେଣୁ ଯାଯାବର ପରିବାର ତିଆରି କରିଥିବା ସାମଗ୍ରୀ କିଣିବା ସମ୍ଭବ ନୁହେଁ। ବାହାର ରାଜ୍ୟରୁ ଆସିଥିବା ଲୋକମାନଙ୍କୁ ଯେପରି ଖାଦ୍ୟ ଦିଆଯାଉଛି ସେମାନଙ୍କୁ ମଧ୍ୟ ସେହିପରି ଖାଦ୍ୟ ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି।


ଧୋବାମଳିହାଠାରେ ରହୁଥିବା ଯାଯାବର ପରିବାର।

- ସରକାରୀ ଖାଦ୍ୟ ଫେରାଇ ଦେଖାଇଲେ ମହାନତା
- କହିଲେ ୧୪ ତାରିଖ ଯାଏ ଘରେ ପ୍ରସ୍ତୁତି କରିଛୁ
- ହାତ ତିଆରି ସାମଗ୍ରୀ ବିକ୍ରି ବ୍ୟବସ୍ଥା କରିବାକୁ ଦାବି

### ଆମାଜନ ଜଙ୍ଗଲରେ ପହଞ୍ଚିଲା କରୋନା ଭୂତାଣୁ

# ସଙ୍କଟରେ ୟାନୋମାମି ଜନଜାତି

ସାଓ ପାଓଲୋ: କରୋନା ମହାମାରୀ ଜାଲରେ ପଡ଼ି ଛଟପଟ ହେଉଛି ମଣିଷ। ଦିନକୁ ଦିନ ନୂଆ ନୂଆ ସ୍ଥାନରେ ଭୂତାଣୁ ନିଜର ଉପସ୍ଥିତି ଜାହିର କରୁଛି। ୨୧୦ ଦେଶକୁ କଲବଲ କରିବା ପରେ ଏବେ କୋଭିଡ୍-୧୯ ପହଞ୍ଚିଛି ଆମାଜନ ଜଙ୍ଗଲରେ। ବ୍ରାଜିଲ-ଭେନେଜୁଏଲା ସୀମାରେ ରହୁଥିବା ୟାନୋମାମି ଜନଜାତିରେ ପ୍ରଥମ କରୋନା ମୃତ୍ୟୁ ସାମ୍ନାକୁ ଆସିଛି। ଏଥିରେ ୧୫ ବର୍ଷର ଜଣେ ବାଳକଙ୍କ ଜୀବନ ଯାଇଛି। ସମ୍ପୃକ୍ତ ବାଳକଙ୍କ ନିକଟରେ ଗତ ୩ ତାରିଖରେ କରୋନା ଭୂତାଣୁ ଠାବ କରାଯାଇଥିଲା। ହେଲେ ଏଥିପୂର୍ବରୁ ପରୀକ୍ଷାରୁ ତାଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ତେବେ କେତେକ ଗଣମାଧ୍ୟମରେ ଏହି ଜନଜାତିର ୭ଜଣ ସଂକ୍ରମିତ ହୋଇଥିବା କୁହାଯାଉଛି। କରୋନାକୁ ମହାମାରୀ ଘୋଷଣା କରାଯିବା ପରେ ସମ୍ପୃକ୍ତ ବାଳକ ସ୍କୁଲରୁ ମ୍ୟୁକେଜଇ ନଦୀ କୂଳରେ ଥିବା ନିଜ ଘରେ ପହଞ୍ଚିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସାଓ ପାଓଲୋର ଫେଡେରାଲ ୟୁନିଭର୍ସିଟିର ବିଶେଷଜ୍ଞ ଡା. ସୋଫିଆ ମେଣ୍ଡାଙ୍କ୍ କୁହନ୍ତି, ବ୍ରାଜିଲର ୨୦୦ ଗ୍ରାମରେ ୟାନୋମାମି ଜନଜାତିର ବସତି ରହିଛି। କରୋନା ଭାଇରସ୍ ଆଦିବାସୀଙ୍କୁ ନିଜ ପଞ୍ଝାକୁ ନେବା ଆରମ୍ଭ କରିଛି। ଏହାକୁ ରୋକିବା ଲାଗି ଆବଶ୍ୟକ ପଦକ୍ଷେପ ନେବା ଜରୁରୀ। ନ ହେଲେ ବ୍ରାଜିଲର ମୂଳ ଆଦିବାସୀ ବିଲୋପ ହୋଇଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସୂଚନାଯୋଗ୍ୟ, ୧୯୪୦ରେ ବ୍ରାଜିଲ-ଭେନେଜୁଏଲା ସୀମାରେଖା ନିର୍ଣ୍ଣୟ ସମୟରେ ଏହି ଜନଜାତି ସମ୍ପର୍କରେ ପ୍ରଥମେ ତଥ୍ୟ ପଦାକୁ ଆସିଥିଲା। ଏହି ଜନଜାତି ବାହାର ଲୋକଙ୍କ ସହ ସମ୍ପର୍କ ରଖିବାକୁ ଅନିଚ୍ଛୁକ। କୁହାଯାଉଛି, ଏହି ଜନଜାତିଙ୍କ ପୂର୍ବଜ ଏସିଆ ଏବଂ ଆମେରିକାରୁ ୧୫ ହଜାର ବର୍ଷ ପୂର୍ବେ ଏଠାକୁ ଆସିଥିଲେ। ବ୍ରାଜିଲରେ ୧୮,୧୭୬ ସଂକ୍ରମଣ ମାମଲା ସାମ୍ନାକୁ ଆସିଛି। ଏଥିରେ ୯୫୭ ଜଣଙ୍କ ମୃତ୍ୟୁ ହୋଇସାରିଛି।



# ସଙ୍ଗରୋଧରୁ ଘରକୁ ଗଲେ ୩୬ ସଂଖ୍ୟାଲଘୁ

ଅନୁଗୋଳ ଅଫିସ, ୧୧।୪

ଦିଲ୍ଲୀର ନିଜାମୁଦ୍ଦିନ୍ ମରକଜ ଧର୍ମଗୁରୁମାନଙ୍କ ସଂସ୍ପର୍ଶରେ ଆସି କ୍ୱାରାଣ୍ଟାଇନ୍ ବା ସଙ୍ଗରୋଧରେ ଥିବା ଅନୁଗୋଳ ଜିଲାର ୩୬ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ଘରକୁ ପଠାଇ ଦିଆଯାଇଛି। ସେମାନଙ୍କ ସ୍ୱାବ ଓ ରକ୍ତ ନମୁନା ରିପୋର୍ଟ ନେଗେଟିଭ୍ ଆସିବା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତେବେ ଏପ୍ରିଲ ୩୦ ପର୍ଯ୍ୟନ୍ତ ନିଜ ଘରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଦିଲ୍ଲୀ ମରକଜ୍‌ରୁ କେତେଜଣ ମହିଳା ଓ ପୁରୁଷ ଧର୍ମଗୁରୁ ଗତ ମାର୍ଚ୍ଚ ୧୫ରୁ ୨୦ ମଧ୍ୟରେ ଅନୁଗୋଳ, ନାଲ୍‌କୋ ଓ ତାଳଚେର ଅଞ୍ଚଳକୁ ଆସିଥିଲେ। ସେମାନେ କେତେଜଣଙ୍କ ଘରେ ରହିବା ସହ ସ୍ଥାନୀୟ ମସଜିଦ୍‌କୁ ମଧ୍ୟ ଯାଇଥିଲେ। ଏ ନେଇ ଟନାଘନା ପରେ ପ୍ରଶାସନ ସନ୍ଦେହରେ ୩୬ ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିଥିଲା। ଶନିବାର ଅପରାହ୍ନରେ ସେମାନଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ତେବେ ହୋମ୍ କ୍ୱାରାଣ୍ଟାଇନ୍‌ରେ ନ ରହିଲେ ପ୍ରଶାସନ ପୁଣି ସେମାନଙ୍କୁ ଉଠାଇ ଆଣି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିବ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି। ଅପରପକ୍ଷରେ ସମ୍ପୃକ୍ତ ସନ୍ଦିଗ୍ଧମାନଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ଜିଲାବାସୀ ଆଶ୍ୱସ୍ତ ହୋଇଛନ୍ତି।

# କୋଭିଡ-୧୯ କକ୍ଷ ପରିଦର୍ଶନ


ସମ୍ ହସ୍ପିଟାଲର ଏକ ଟିମ୍ ଆଲୋଚନା କରୁଛନ୍ତି।

ତାଳଚେର/ଅନୁଗୋଳ ଅଫିସ,୧୧।୪(ନି.ପ୍ର.)

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲର କୋଭିଡ-୧୯ କକ୍ଷକୁ ଭୁବନେଶ୍ୱର ସମ୍ ହସ୍ପିଟାଲର ଏକ ଟିମ୍ ଶନିବାର ପରିଦର୍ଶନ କରିଛନ୍ତି। ଏହାପରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ମନୋଜ କୁମାର ବେହେରା, ସମ୍ ହସ୍ପିଟାଲରୁ ଆସିଥିବା ଡାକ୍ତର ଅଶୋକ ମହାପାତ୍ର ଓ ତାଙ୍କ ଟିମ୍ ଏକ ବୈଠକ କରିଥିଲେ। ସମ୍ ହସ୍ପିଟାଲ, ଜିଲା ପ୍ରଶାସନ ଓ ଏମ୍‌ସିଏଲ୍‌ର ମିଳିତ ଉଦ୍ୟମରେ ଏଠାରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ-୧୯ ହସ୍ପିଟାଲ ପ୍ରସ୍ତୁତ କରାଯାଇଛି। ଏଥିରେ ୬ଗୋଟି ଆଇସିୟୁ ରହିଛି। ଆସନ୍ତା ୧୩ ତାରିଖରେ ଭିଡିଓ କନଫରେସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବେ ବୋଲି ଡାକ୍ତର ମହାପାତ୍ର ସୂଚନା ଦେଇଛନ୍ତି।

### ଏମ୍‌ପି ଲାଡ୍ ବିଷୟରେ ସମସ୍ତେ ଜାଣନ୍ତୁ

ଢେଙ୍କାନାଳ ଅଫିସ,୧୧।୪

ଏମ୍‌ପିଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପି ଲାଡ୍) ବିନିଯୋଗ ନିୟମ ସମ୍ପର୍କରେ ସାଧାରଣ ଲୋକ ଜାଣିବା ନିତାନ୍ତ ଜରୁରୀ ବୋଲି କହିଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ଏହି ପାଣ୍ଠିରୁ ଅନୁଦାନ କେଉଁ କେଉଁ କାମରେ ଲାଗେ, ଏହା କିପରି ବ୍ୟବହାର କରାଯାଏ ସେ ନେଇ ଲୋକମାନେ ଜାଣିବା ଆବଶ୍ୟକ। କରୋନା ମୁକାବିଲା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ର ସରକାର ୨ ବର୍ଷ ପାଇଁ ଏମ୍‌ପି ଲାଡ୍‌କୁ ସ୍ଥଗିତ ରଖିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ଭିନ୍ନଭିନ୍ନ ମତ ପ୍ରକାଶ ପାଉଛି। ତେଣୁ ଏମ୍‌ପି ଓ ବିଧାୟକ ପାଣ୍ଠିର ବିନିଯୋଗ ଉପରେ ବିଶେଷ ଅନୁଧ୍ୟାନ କରିବାକୁ ଏମ୍‌ପି ସାହୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

# ହୋମ୍ କ୍ୱାରାଣ୍ଟାଇନ୍‌ରେ ୨୩୮

ଢେଙ୍କାନାଳ ଅଫିସ, ୧୧।୪

ଢେଙ୍କାନାଳ ସହରର ଜଣେ ମହିଳାଙ୍କ ସ୍ୱାବ୍‌ରୁ କରୋନା ଭୂତାଣୁ ଚିହ୍ନଟ ହେବା ପରେ ପୌରାଞ୍ଚଳରେ ଘର ଘର ବୁଲି ସ୍ୱାସ୍ଥ୍ୟ ସର୍ଭେ କରାଯାଉଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସର୍ଭେ ରବିବାର ସୁଦ୍ଧା ଶେଷ ହେବ ବୋଲି ପୌରସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୧୨ଜଣଙ୍କ ରିପୋର୍ଟକୁ ଅପେକ୍ଷା କରିଛି ପ୍ରଶାସନ।

ସର୍ଭେରେ ଥଣ୍ଡା, କାଶ, ଜ୍ୱର ଆକ୍ରାନ୍ତଙ୍କୁ ଚିହ୍ନଟ କରିବାକୁ ପ୍ରାଥମିକତା ଦିଆଯାଉଛି। ଆବଶ୍ୟକସ୍ଥଳେ ଡାକ୍ତରୀ ଦଳ ସେମାନଙ୍କ ନିକଟକୁ ଯାଇ ସ୍ୱାବ୍ ସଂଗ୍ରହ କରିବେ। ଶନିବାର ସୁଦ୍ଧା ଅଧିକାଂଶ ୱାର୍ଡରେ ସର୍ଭେ ସରିଛି। ସେହିପରି ରାଜ୍ୟ ବାହାରୁ ଆସିଥିବା ୨,୮୦୩ ଜଣଙ୍କ ମଧ୍ୟରୁ ୨୩୮ଜଣ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ଜିଲା ଏବଂ ବିଦେଶରୁ ସହରକୁ ଆସିଥିବା ୫୬ଜଣଙ୍କ କ୍ୱାରାଣ୍ଟାଇନ ଅବଧି ଶେଷ ହୋଇଯାଇଛି। ଏ ନେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ଆକ୍ରାନ୍ତ ମହିଳାଙ୍କୁ ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ୧୨ଜଣଙ୍କ ରକ୍ତ ନମୁନା ଶୁକ୍ରବାର ପରୀକ୍ଷା ଲାଗି ପଠାଯାଇଥିଲା। ସେମାନଙ୍କ ରିପୋର୍ଟ ଆସିନାହିଁ। ମିନାବଜାର ଅଞ୍ଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ସେହିପରି ସହରର ବିଭିନ୍ନ ଅଞ୍ଚଳରେ ଲକ୍‌ଡାଉନ୍ କଡାକଡି କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।


ଜଣେ ଲୋକଙ୍କ ନିକଟରୁ ତଥ୍ୟ ସଂଗ୍ରହ କରାଯାଉଛି।

- ପୌରାଞ୍ଚଳରେ ସ୍ୱାସ୍ଥ୍ୟ ସର୍ଭେ
- ୧୨ ଜଣଙ୍କ ରିପୋର୍ଟକୁ ଅପେକ୍ଷା

### ନିରାଡ଼ମ୍ବର ହେବ ମେରୁ ଯାତ୍ରା

ବଅଁରପାଳ, ୧୧।୪(ଡି.ଏନ.ଏ.)- ବଅଁରପାଳ ବ୍ଲକ କାମନା ଘରେ ଚଳିତ ବର୍ଷ ମେରୁ ଯାତ୍ରା ନିରାଡମ୍ବର ଭାବେ ଆୟୋଜନ କରାଯିବ। ବିଭିନ୍ନ ଗ୍ରାମରେ ଶନିବାର ଦଣ୍ଡ ଉଠିଥିବା ବେଳେ ରବିବାର ମା'ଙ୍କ ମେରୁ ପର୍ବ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

### କଟକଣା ନ ମାନି ଜଣେ ଗିରଫ

ବଇଣ୍ଡା, ୧୧।୪(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମରେ ଲକ୍‌ଡାଉନ ଉଲ୍ଲଂଘନ ଅଭିଯୋଗରେ ଜଣଙ୍କୁ ପୋଲିସ ଶନିବାର ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୬୪/୨୦ରେ ମାମଲା ରୁଜୁ ହୋଇଛି।

### କାଠ ସହ ଟ୍ରକ୍ ଜବତ

ପାଲଲହଡ଼ା,୧୧।୪(ଡି.ଏନ.ଏ.)- ପାଲଲହଡା ଥାନା ସଇଡା ଗ୍ରାମ ନିକଟ ସଇଡା ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର କାଠ ଚୋରା ଚାଲାଣ ବେଳେ ପାଲଲହଡା ବନ ବିଭାଗ ଏକ ଦଶ ଚକିଆ ଟ୍ରକ୍ (ନଂ. ଓଡି୧୯ସି-୧୨୫୨) ସହ କାଠ ଜବତ କରିଛି। ଏ ନେଇ ବନବିଭାଗ ପକ୍ଷରୁ ନଂ. ୦୨/୨୦ରେ ମାମଲା ରୁଜୁ କରାଯାଇଛି।

### ଏସ୍‌ଏଚ୍‌ଜି ବାଣ୍ଟିଲା ଶୁଖିଲା ଖାଦ୍ୟ


ମହିଳାମାନେ ଶିଖୁଲା ଖାଦ୍ୟ ବଣ୍ଟନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୧୧।୪

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରର ମଝିସାହି ଶକ୍ତି ଓମ୍ ସାଇ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଲକ୍‌ଡାଉନ୍ ସମୟରେ ଦିନମଜୁରିଆମାନେ କାମଧନ୍ଦା ପାଉନାହାନ୍ତି। ସେମାନଙ୍କ ଚଳିବା କଷ୍ଟକର ହୋଇପଡ଼ିଛି। ଏହାକୁ ନଜରରେ ରଖି ଏସ୍‌ଏଚ୍‌ଜି ପକ୍ଷରୁ ଗୋଡ଼ିସାହି, କୁଶୁପଦା, ଖୋଲସାହି, ଶାଗୁଆନ ସାହି, କାଉଚି ସାହିର ୮୦ଜଣଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ଏଚ୍‌ଏଚ୍‌ଜି ସଦସ୍ୟାମାନେ ମିଳିତ ଭାବେ ପାଣ୍ଠି ଆଦାୟ କରି ଏହି କାର୍ଯ୍ୟ କରିଥିଲେ। ଏଥିସହ ହାତ ଧୋଇବା, ମୁହଁରେ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ରକ୍ଷା ଉପରେ ସଚେତନ କରିଥିଲେ। ଏସ୍‌ଏଚ୍‌ଜି ସଭାନେତ୍ରୀ ପଲ୍ଲବୀ ମହାପାତ୍ର, ସମ୍ପାଦିକା ଉର୍ମିଳା ସାହୁ, ନିରୁପମା ସାହୁ, ରାଜେଶ୍ୱରୀ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ।

## ଫଟୋରେ ଖବର


ଢେଙ୍କାନାଳ ଜିଲା ବାଜିଚୌକସ୍ଥିତ ପୁରୁଣା ଜିଲା ଚିକିତ୍ସାଳୟରେ କୋଭିଡ୍-୧୯ ହସ୍ପିଟାଲ ପ୍ରସ୍ତୁତିର ତଦାରଖ କରୁଛନ୍ତି ପ୍ରଶାସନିକ ଅଧିକାରୀମାନେ।


ପାଲଲହଡ଼ା ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଗ୍ୟାସ ଏଜେନ୍ସିରେ ଉପଭୋକ୍ତାମାନେ ସାମାଜିକ ଦୂରତା ରକ୍ଷା କରି ଧାଡ଼ିରେ ଠିଆ ହୋଇଛନ୍ତି।


ତାଳଚେର ବଳରାମ ସେକ୍ଟରର ଡଅଁରା ଟ୍ରକ୍ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷ ଟଙ୍କା ଦାନ କରାଯାଉଛି।

## ସଂକ୍ଷେପରେ

### ପିଡିଏସ୍ ଚାଉଳ ବୋଝେଇ ଟ୍ରକ୍ ନାମରେ ମାମଲା

ଖଇରା,୧୧।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରପେଯ୍ଯା ପଞ୍ଚାୟତର ନିର୍ବାହୀ ଅଧିକାରୀ ବିବେକ ମହାନ୍ତି ଶୁକ୍ରବାର ପଞ୍ଚାୟତରୁ କାମ ସାରି ବ୍ଲକ କାର୍ଯ୍ୟାଳୟକୁ ଫେରୁଥିବା ବେଳେ ପିଡିଏସ୍ ଚାଉଳ ନେଇଯାଉଥିବା ଟ୍ରକ(ନଂ. ଓଆରଏଚ-୦୦୭୧) ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ମହାନ୍ତିଙ୍କ ଗୋଡ ହାତ ଭାଙ୍ଗିଯାଇଛି। ତାଙ୍କୁ ଡୁଙ୍ଗୁରା ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଭଦ୍ରକ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ପଠାଯାଇଥିଲା । ନିର୍ବାହୀ ଅଧିକାରୀ ମହାନ୍ତିଙ୍କ ସ୍ତ୍ରୀ ସଂଯୁକ୍ତା ମହାନ୍ତିଙ୍କ ଲିଖିତ ଅଭିଯୋଗକ୍ରମେ ଖଇରା ପୋଲିସ ଗାଡି ଡ୍ରାଇଭରଙ୍କ ନାମରେ ଏକ ମାମଲା(ନଂ. ୭୧/୨୦) ରୁଜୁ କରିଛି ।

### ମାସ୍କ ପିନ୍ଧି ନ ଥିବାରୁ ୮ ଜଣଙ୍କୁ ଜରିମାନା

ବନ୍ତ,୧୧।୪(ଡି.ଏନ୍.ଏ.): ଭଦ୍ରକ ଜିଲା ବନ୍ତ ବଜାରରେ ଶନିବାର ୮ ଜଣ ବ୍ୟକ୍ତିଙ୍କ ଠାରୁ ମାସ୍କ ବ୍ୟବହାର କରି ନ ଥିବା ଅଭିଯୋଗରେ ପୋଲିସ ୧୬ ଶହ ଟଙ୍କା ଜରିମାନା ଆଦାୟ କରିଛି । କରୋନା ଭାଇରସ ସଂକ୍ରମଣ ରୋକିବା ପାଇଁ ଘରୁ ବାହାରକୁ ବାହାରୁଥିବା ଲୋକେ ମାସ୍କ ବ୍ୟବହାର କରିବାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। ଅତ୍ୟାବଶ୍ୟକ କାର୍ଯ୍ୟରେ ବାହାରକୁ ଆସୁଥିବା ଲୋକେ ମାସ୍କ ବ୍ୟବହାର ନ କଲେ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବାର ନିୟମ ହୋଇଛି । ଏହି ନିୟମକୁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ାକଡ଼ି କରାଯାଇଛି।

### ବଜ୍ରପାତରେ ବୃଦ୍ଧଙ୍କ ଜୀବନ ଗଲା

ତିହିଡି,୧୧।୪(ଡି.ଏନ୍.ଏ.)- ଭଦ୍ରକ ଜିଲା ତିହିଡି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଗୁଡୁପାଳ ଗ୍ରାମରେ ଶନିବାର ବଜ୍ରପାତ ଯୋଗୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦ ମହାଳିକ। ସେ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ତିହିଡି ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଭଦ୍ରକରେ କୋଭିଡ୍-୧୯ ହସ୍ପିଟାଲ କାର୍ଯ୍ୟକ୍ଷମ

ଭଦ୍ରକ ଅଫିସ, ୧୧।୪

ଭଦ୍ରକର ମୋଟେଲ ଛକ ସ୍ଥିତ ସାଳନ୍ଦୀ ହସ୍ପିଟାଲ ପରିସରରେ ଜିଲାର ପ୍ରଥମ କୋଭିଡ୍-୧୯ ହସ୍ପିଟାଲ ଶନିବାର କାର୍ଯ୍ୟକ୍ଷମ ହୋଇଛି। ଏହି ହସ୍ପିଟାଲରେ ୧୨୦ ଶଯ୍ୟା, ୪ ଆଇସିୟୁ ଓ ୪ ଭେଣ୍ଟିଲେଟର ବ୍ୟବସ୍ଥା ରହିଥିବା ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି ହସ୍ପିଟାଲ କରୋନା ସନ୍ଦିଗ୍ଧ ଓ କରୋନା ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବ। ଏଣିକି ଜିଲାରେ ଚିହ୍ନଟ କରୋନା ରୋଗୀଙ୍କୁ ଏହି ହସ୍ପିଟାଲରେ ଚିକିତ୍ସା କରାଯିବ। ସୂଚନା ଥାଉ କି, ବୁଧବାର ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗସ୍ତ କରି ଏହି ଘରୋଇ ହସ୍ପିଟାଲର ସ୍ଥିତାବସ୍ଥା ଓ ଭିତ୍ତିଭୂମି ଯାଞ୍ଚ କରି କରିଥିଲେ। ପରେ ଉକ୍ତ ହସ୍ପିଟାଲ କାର୍ଯ୍ୟକ୍ଷମ କରାଇବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ କରାଯାଇଛି। ଏହି ହସ୍ପିଟାଲ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଜଗନ୍ନାଥ ପହି, ମେଡିକାଲ ମାଲିକ ଡା. ପ୍ରଭାସ କୁମାର ମହାନ୍ତି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିଲା।



କୋଭିଡ-୧୯ ହସ୍ପିଟାଲ କାର୍ଯ୍ୟକ୍ଷମ ଅବସରରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ।

# ପରିବା ବିକ୍ରି ବନ୍ଦକଲେ ବ୍ୟବସାୟୀ

## ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ

ବାରିପଦା ଅଫିସ, ୧୧।୪- ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ କଚେରୀ ବଜାର ପରିବା ମାର୍କେଟକୁ ଶନିବାର ବ୍ୟବସାୟୀମାନେ ବନ୍ଦ କରି ଦେଇଥିଲେ। ଫଳରେ ଲୋକେ ପରିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ବ୍ୟବସାୟୀ ସଂଘ ସହିତ ପୋଲିସ ଅଧିକାରୀମାନେ ଆଲୋଚନା କରି ରବିବାର ପରିବା ମାର୍କେଟ ଖୋଲିବ ବୋଲି ନିଷ୍ପତ୍ତି ହୋଇଛି। ପରିବା ବ୍ୟବସାୟୀ ସଂଘର ସଭାପତି ଉତ୍ତମ କୁମାର ଘଡ଼େଇଙ୍କ କହିବାନୁସାରେ ଲକ ଡାଉନ ପର ଠାରୁ ବ୍ୟବସାୟୀମାନେ ପ୍ରଶାସନର ସମସ୍ତ ନିଷ୍ପତ୍ତିକୁ ପାଳନ କରି ବ୍ୟବସାୟ କରି ଆସୁଛନ୍ତି। ହେଲେ ଶୁକ୍ରବାର ସନ୍ଧ୍ୟାରେ କଚେରୀ ବଜାରରେ ପରିବା ବେପାର କରୁଥିବା ବେଳେ ପୋଲିସ କର୍ମଚାରୀମାନେ ଯାଇ ୪ ଜଣ ବ୍ୟବସାୟୀଙ୍କୁ ସାମାଜିକ ଦୂରତ୍ୱ ପାଳନ କରୁ ନ ଥିବା ଅଭିଯୋଗରେ ଉଠାଇ ଆଣିଥିଲେ। ଏହାର ପ୍ରତିବାଦରେ ଶନିବାର ପରିବା ମାର୍କେଟ ବନ୍ଦ ହୋଇଥିଲା। ରବିବାରଠାରୁ ସାମାଜିକ ଦୂରତା ପାଳନ କରାଯାଇ ପରିବା ବିକ୍ରି କରାଯିବ ବୋଲି ସୂଚନା ମିଳିଛି। ସେହିପରି ପରିବା ବେପାରୀମାନଙ୍କ ପାଇଁ ହୋଇଥିବା ପାସ୍‌କୁ ଦେଖି ପୋଲିସ ସେମାନଙ୍କୁ ହଇରାଣ ନ କରି ଛାଡ଼ି ଦେବା ପାଇଁ ବ୍ୟବସାୟୀ ସଂଘର ସଭାପତି କହିଛନ୍ତି।

## ଜିଲା ଯୋଗାଣ, ଖାଉଟି ବିଭାଗ ପକ୍ଷରୁ ଚଢ଼ାଉ

ବାହାନଗା, ୧୧।୪(ଡି.ଏନ.ଏ.)

ବାହାନଗା ବ୍ଲକର ବିଭିନ୍ନ ଦୋକାନ ଓ ଗୋଦାମ ଉପରେ ଜିଲା ଯୋଗାଣ ଓ ଖାଉଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅସାଧୁ ବ୍ୟବସାୟୀମାନେ ମନଇଚ୍ଛା ଦର କରି ଖାଉଟିମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇ ଆସୁଥିଲା । ବାଲେଶ୍ୱର ଜିଲା ଖାଉଟି ଓ ଯୋଗାଣ ବିଭାଗ ତରଫରୁ ବାହାନଗା ବ୍ଲକର ଗୋପାଳପୁର ଆଳୁଗୋଦାମ, ଗ୍ରୋଶରୀ ଦୋକାନ ଓ ଗୋଦାମ, ବାହନଗା ଆଳୁଗୋଦାମ ଉପରେ ଚଢ଼ାଉ କରି କାଗଜପତ୍ର ତନଖି କରି ସରକାରଙ୍କ ନିର୍ଦ୍ଧାରିତ ଦର ସହିତ ମେଳ ଖାଉଛି କି ନାହିଁ ତାହା ଯାଞ୍ଚ କରିଥିଲେ। ଚଢ଼ାଉରେ ଜିଲା ଏସିଏସ୍‌ଓ ଅନାଦି ଚରଣ ସେଠୀ, ଏମ୍ଆଇଆଇ ରୀତାରାଣୀ ମାଝି ପ୍ରମୁଖ ସାମିଲ ଥିଲେ।

## ୨ବର୍ଷ ପରେ ମାଲିକଙ୍କୁ ଚିହ୍ନିଲା କୁକୁର

କେନ୍ଦୁଝର, ୧୧।୪ (ସ୍ୱ.ପ୍ର.)


କୁକୁର ବ୍ୟାଗକୁ କାମୁଡି ଅଟକାଉଛି।

କରୋନା ପାଇଁ ଶନିବାର କେନ୍ଦୁଝର କଲେଜ ରୋଡରେ ଲୋକଙ୍କ ଚଳପ୍ରଚଳ କମ୍ ଥାଏ। ଏହି ସମୟରେ ହଠାତ୍ ଏକ କୁକୁର ସ୍କୁଟିରେ ଯାଉଥିବା ଜଣେ ମହିଳାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଏହା କେତେକ ଲୋକଙ୍କୁ ଚକିତ କରିଥିଲା। ମହିଳା ଜଣଙ୍କ ନ ଅଟକିବାରୁ କୁକୁର ପଛେ ପଛେ ଧାଇଁ ଧାଇଁ ତାଙ୍କ ଶାଢୀକୁ କାମୁଡି ଟାଣି ଅଟକାଇବାକୁ ଚେଷ୍ଟା କରିଥିଲା। ଏଥିରେ କୁକୁର ବିଫଳ ହେବାରୁ ଗାଡି ହ୍ୟାଣ୍ଡେଲରେ ଝୁଲୁଥିବା ତାଙ୍କ ଭ୍ୟାନିଟି ବ୍ୟାଗ୍‌କୁ କାମୁଡି ଅଟକାଇବାକୁ ଚେଷ୍ଟା କରିଥିଲା। ତେବେ କୁକୁରକୁ ଛାଡିଦେବାକୁ ସେ ଯେତେ କହିଲେ ମଧ୍ୟ ଶୁଣି ନ ଥିଲା। ରାସ୍ତାରେ ଯାଉଥିବା ଅନ୍ୟ ଲୋକମାନେ କୁକୁରଟି ତାଙ୍କୁ କାମୁଡିବାକୁ ଗୋଡାଉଥିବା ଭାବିଥିଲେ। ପରେ ଜଣାପଡିଥିଲା କୁକୁରଟି ତାର ୨ ବର୍ଷର ପୁରୁଣା ମାଲିକଙ୍କୁ ଚିହ୍ନିପାରି ଅଟକାଇବାକୁ ଚେଷ୍ଟା କରୁଛି। ମହିଳାଜଣକ ବିସ୍କୁଟ ଦେବା ପରେ କୁକୁର ଛାଡିଥିଲା।

ମହିଳାଙ୍କ ନାମ ଲିପିକା ଦାସ ପଟ୍ଟନାୟକ। ଘର କଲେଜ ରୋଡ। ସେ ସ୍ୱଚ୍ଛ ସାଥୀ ଭାବେ କେନ୍ଦୁଝର ପୌରପାଳିକାରେ ୧୮ନଂ. ୱାର୍ଡର ସ୍ୱଚ୍ଛତା କାର୍ଯ୍ୟ ତଦାରଖ କରୁଛନ୍ତି। କୁକୁରଟି ଛୁଆ ବେଳଠୁଁ ତାଙ୍କ ଘରେ ରହିଥିଲା । ତେବେ ଦୁଇ ବର୍ଷ ଘରେ ରହିବା ପରେ କୌଣସି କାରଣରୁ ଘରୁ ପଳାଇଥିଲା। ଏଣୁ କୁକୁର ହଠାତ ଚିହ୍ନି ପାରି ତାଙ୍କ ଅଟକାଇଥିଲା। ସେ ତାଙ୍କୁ ପାଖ ଦୋକାନରୁ ବିସ୍କୁଟ କିଣି ଦେବା ପରେ ଛାଡିଥିଲା ।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ହତ୍ୟା କରି ଫିଙ୍ଗିଦିଆଯାଇଥିବା ଅଭିଯୋଗ

ରସାଳପୁର,୧୧।୪(ଡି.ଏନ.ଏ.)

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ସଇପୁର ଗ୍ରାମ ରାସ୍ତାକଡରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ରାସ୍ତାକଡ଼କୁ ଫିଙ୍ଗି ଦିଆଯାଇଥିବା ତାଙ୍କ ବାପା ପରମାନନ୍ଦ ବରିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୧୧/୨୦) ରୁଜୁ କରିବା ସହିତ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ପରମାନନ୍ଦଙ୍କ ଅଭିଯୋଗ ଅନୁଯାୟୀ ଶେଖପାଟଣା ଗ୍ରାମର ଚକ୍ରଧର ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ଶୁକ୍ରବାର ସନ୍ଧ୍ୟାରେ ସେ ସାଙ୍ଗମାନଙ୍କ ସହିତ ପାଖ ଗାଁ ସଇପୁର ଗ୍ରାମରେ ଏକ ଭୋଜି କରୁଥିଲେ। ରାତି ୧୦ଟା ବେଳେ ସଇପୁର ଗ୍ରାମରେ ଥିବା ଏମ୍ଇ ସ୍କୁଲଠାରୁ କିଛି ଦୂରରେ ରାସ୍ତାକଡ଼ରେ ଚକ୍ରଧରଙ୍କ ମୃତଦେହ ପଡ଼ିଥିବା ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବ ଉଦ୍ଧାର କରିବା ସହିତ ତଦନ୍ତ ଜାରି ରଖିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ନିୟମ ଉଲ୍ଲଂଘନ ନେଇ ଦୋକାନ ସିଲ୍

ସଜନାଗଡ଼, ୧୧।୪(ଡି.ଏନ.ଏ.)

କରୋନା ଭୂତାଣୁକୁ ପ୍ରତିହତ କରିବା ଲାଗି ସାମାଜିକ ଦୂରତ୍ୱ ଓ ମୁହଁରେ ମାସ୍କ ଲଗାଇବା ଉପରେ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ମାତ୍ର ବିଭିନ୍ନ ସ୍ଥାନରେ ଏହାକୁ ଅମାନ୍ୟ କରାଯାଉଛି। ଫଳରେ କରୋନା ଭୂତାଣୁ ବ୍ୟାପିବାର ଯଥେଷ୍ଟ ଆଶଙ୍କା ରହିଛି।

ଶନିବାର ବାଲେଶ୍ୱର ଜିଲା ନୀଳଗିରି ବଜାର ଦୋକାନଗୁଡ଼ିକ ସମ୍ମୁଖରେ ଜନଗହଳି ଥିବା ଦେଖିବାକୁ ମିଳିଥିଲା। କେତେକ ବ୍ୟବସାୟୀ ଦୋକାନ ସମ୍ମୁଖରେ ବୃତ୍ତ ଚିହ୍ନ ଦେଇଥିଲେ ମଧ୍ୟ ସାମଗ୍ରୀ ବିକ୍ରି ବେଳେ ସାମାଜିକ ଦୂରତ୍ୱ ପ୍ରତି ଆଦୌ ଧ୍ୟାନ ଦିଆଯାଉ ନ ଥିଲା। ସେହିପରି ଅନେକ ବ୍ୟକ୍ତିଙ୍କ ମୁହଁରେ ମାସ୍କ ନ ଥାଇ ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଥିଲା। ନୀଳଗିରି ପ୍ରଶାସନ ପକ୍ଷରୁ ଖବରପାଇ ତହସିଲଦାର ଅଶେଷ ନାୟକ, ନୀଳଗିରି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକ ଏବଂ ନୀଳଗିରି ପୋଲିସ ଅଧିକାରିଣୀ ମୀନତି ବିଶ୍ୱାଳ ମିଳିତ ଭାବେ ଚଢ଼ାଉ ଆରମ୍ଭ କରିଥିଲେ। ଚଢ଼ାଉରେ ନୀଳଗିରି ବଜାର ଦୁର୍ଗାମଣ୍ଡପ ନିକଟସ୍ଥ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ଗ୍ରୋଶରି ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ତାଙ୍କ ନାମରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନକୁ ନେଇ ମାମଲା ରୁଜୁ କରାଯାଇଛି। ସେହିପରି ନୀଳଗିରି ଏନ୍ଏସି ପକ୍ଷରୁ ନୀଳଗିରି ମାର୍କେଟ୍‌କୁ ମାର୍କେଟିଂ ପାଇଁ ଆସିଥିବା ଜନସାଧାରଣ ମାସ୍କ ପିନ୍ଧି ନ ଥିବା ଯୋଗୁ ୧୦ଜଣଙ୍କ ନିକଟରୁ ୨ଶହ ଟଙ୍କା ଲେଖାଏ ଜରିମାନା ଆଦାୟ ହୋଇଥିଲା।

**ମାସ୍କ ନ ଥିବାରୁ ୧୦ ଜଣଙ୍କୁ ୨ଶହ ଲେଖାଏ ଜରିମାନା**



ନୀଳଗିରି ପ୍ରଶାସନ ପକ୍ଷରୁ ଏକ ଗ୍ରସେରି ଦୋକାନ ସିଲ୍ କରାଯାଉଛି।

# ସରପଞ୍ଚଙ୍କ ସହ ଆଲୋଚନା କଲେ ଜିଲାପାଳ

ଛତ୍ରପୁର,୧୧।୪(ଡି.ଏନ୍.ଏ.)

**ଗ୍ରାଉଣ୍ଡ ଜିରୋରେ କରୋନା ମୁକାବିଲା**

ଗଞ୍ଜାମରେ କରୋନା ମୁକାବିଲାର ସ୍ଥିତି ଜାଣିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସରପଞ୍ଚମାନଙ୍କ ସହିତ ଭିଡିଓ କନଫରେନ୍ସିଂରେ ଆଲୋଚନା କରିଛନ୍ତି। କରୋନା ପ୍ରତିହତ ପାଇଁ ଚାଲିଥିବା ଲଢ଼େଇରେ ସରପଞ୍ଚମାନେ ପ୍ରତ୍ୟେକ୍ଷ ଭାବେ ସାମିଲ ହେବାକୁ ସେ କହିଛନ୍ତି। ଜିଲାର ଯେଉଁମାନେ ବାହାର ରାଜ୍ୟରେ ଅଟକି ରହିଛନ୍ତି ସେମାନେ ଲକ୍‌ଡାଉନ୍ ଉଠିବା ପରେ ଫେରିବାକୁ କୁହାଯିବ। ବାହାରୁ କୌଣସି ଲୋକ ଗାଁକୁ ଆସିଲେ ସରପଞ୍ଚମାନେ ତୁରନ୍ତ ପ୍ରଶାସନକୁ ଜଣାଇବେ। ଲକ୍‌ଡାଉନ ସମୟରେ ଚାଷକାର୍ଯ୍ୟ, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟଚାଷ ଓ କୁକୁଡ଼ା ପାଳନ ଆଦି ଚାଲିବ। ପଞ୍ଚାୟତରେ ଥିବା ସାମୟିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ସମ୍ପୂର୍ଣ୍ଣ ସଜାଗ ରହିବ। ବର୍ତ୍ତମାନ ଯେଉଁ ସମୂହ ସ୍ୱାସ୍ଥ୍ୟ ଯାଞ୍ଚ ଚାଲିଛି, ସେଥିରେ ସହଯୋଗ ପାଇଁ ସରପଞ୍ଚମାନେ ଲୋକଙ୍କୁ ବୁଝାଇବେ। ଯାଞ୍ଚ ବେଳେ ଯେଉଁମାନଙ୍କର ସାମାନ୍ୟ ଲକ୍ଷଣ ଦେଖାଯିବ ତାଙ୍କୁ ଡାକ୍ତରୀ ଦଳ ତୁରନ୍ତ ପରୀକ୍ଷା କରିବେ। ମୁହଁକୁ ଆବୃତ୍ତ କରି ରଖିବା ପାଇଁ ଜନ ସଚେତନ କରାଯିବ। ଏଥିସହ ପୋଖରୀରେ ଗାଧୋଇବା ଓ ବିନା କାରଣରେ ବାହାରେ ବୁଲିବାକୁ ବାରଣ କରାଯିବ। ପଞ୍ଚାୟତରେ ଅସହାୟମାନଙ୍କୁ ରନ୍ଧାଖାଦ୍ୟ ଦିଆଯିବ। ଖାଦ୍ୟର ସ୍ୱଚ୍ଛତା ଗୁଣବତ୍ତା ଉପରେ ଅଧିକ ଧ୍ୟାନ ଦିଆଯିବ। ଭତ୍ତା ଓ ଖାଦ୍ୟ ସୁରକ୍ଷା ଚାଉଳ ବଣ୍ଟନ ସୁଚାରୁ ରୂପେ କରାଯିବ। କୌଣସି ଅସୁବିଧା ହେଲେ ସରପଞ୍ଚମାନେ ଜିଲାପାଳଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି। ଟ୍ରାଫିକ ନିୟମ ନ ମାନି ବାଇକ୍ ଚଲାଇଲେ ବିନା ହେଲମେଟ ପାଇଁ ୫୦୦ଟଙ୍କା, ଡ୍ରାଇଭିଂ ଲାଇସେନ୍ସ ନ ଥିଲେ ୫୦୦ ଟଙ୍କା ଓ ପଲ୍ୟୁଶନ ସାର୍ଟିଫିକେଟ ନ ଥିଲେ ୫୦୦ ଟଙ୍କା ଆଦାୟ କରାଯିବ। ମାସ୍କ ପିନ୍ଧି ନ ଥିବା ଗ୍ରାହକଙ୍କୁ ଦୋକାନୀମାନେ ସଉଦା ଦେବେ ନାହିଁ। କଳାବଜାର ଓ ଅଧିକ ଦାମରେ ଜିନିଷ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ହେବ। ବାହାର ଫେରନ୍ତା ଯେ କୌଣସି ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଚୋରା ମଦ କାରବାର ଉପରେ ନଜର ରଖାଯିବ। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମଧ୍ୟ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଲକ୍‌ଡାଉନକୁ ସମସ୍ତେ ଯେଭଳି ମାନିବେ ସେ ନେଇ ସରପଞ୍ଚମାନେ ଲୋକଙ୍କୁ ବୁଝାଇବେ। ଆଲୋଚନାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସୁଦାମ ଚରଣ ମଣ୍ଡଳ, ଅମିୟ କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଓ ଅନ୍ୟ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ ।

## ବ୍ରହ୍ମପୁର

### ୪ ବଖରା ଜଳିଗଲା

ପାତ୍ରପୁର,୧୧।୪(ଡି.ଏନ.ଏ.): ପାତ୍ରପୁର ବ୍ଲକ ଆମ୍ବପୁର ପଞ୍ଚାୟତ ବନମାଳିପୁର ଗ୍ରାମରେ ଶନିବାର ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟି ୪ ଜଣଙ୍କ ୪ ବଖରା ଭସ୍ମୀଭୂତ ହୋଇଛି। ଏଥିରେ ଦଳିତ ସାହିର ଲକ୍ଷ୍ମୀନାରାୟଣ ନାଇକ, ବୁଧିଆ ନାଇକ, ଗଣେଶ ନାଇକ ଓ ନିରଞ୍ଜନ ନାଇକ କ୍ଷତିଗ୍ରସ୍ତ ହୋଇଛନ୍ତି। ପାତ୍ରପୁର ଅଗ୍ନିଶମ ବାହିନୀ ଓ ଗ୍ରାମବାସୀ ଏକାଠି ହୋଇ ନିଆଁକୁ ଆୟତ କରିଥିଲେ । ଗୁଣ୍ଡୁରା ରାଜସ୍ୱ ନିରୀକ୍ଷକ ସୌରି ନାୟକ କ୍ଷତିଗ୍ରସ୍ତ ପରିବାରକୁ ପାଲ ଯୋଗାଇଛନ୍ତି।

### କ୍ୱାରାଣ୍ଟାଇନ୍‌ରେ ଭୁବନେଶ୍ୱର ଫେରନ୍ତା

ଆସିକା,୧୧।୪(ଡି.ଏନ୍.ଏ.): ଆସିକା ବ୍ଲକ ମଙ୍ଗଳପୁର ପଞ୍ଚାୟତର ୩ ଜଣ ଶନିବାର ଭୋରରେ ଭୁବନେଶ୍ୱରରୁ ଆସି ପହଞ୍ଚିଥିବା ପ୍ରଶାସନକୁ ସୂଚନା ମିଳିଥିଲା । ସେହି ୩ ଜଣଙ୍କ ସହ ରହୁଥିବା ତାଙ୍କ ପରିବାରର ଅନ୍ୟ ୨ଜଣ ସଦସ୍ୟଙ୍କୁ ମିଶାଇ ମୋଟ ୫ଜଣଙ୍କୁ ପଞ୍ଚାୟତ ପକ୍ଷରୁ ଖୋଲାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି ।

# ଏମ୍‌କେସିଜିରେ କରୋନା ସନ୍ଦିଗ୍ଧ

ବ୍ରହ୍ମପୁର ଅଫିସ,୧୧।୪

କରୋନା ଭୂତାଣୁ ଏବେ ସାରା ବିଶ୍ୱରେ ବ୍ୟାପି ଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ଏଯାବତ କୌଣସି ଟିକା ବାହାରିନାହିଁ। ଅନ୍ୟପଟେ ଏମ୍‌କେସିଜି ମେଡିକାଲରେ ଦିନକୁ ଦିନ କରୋନା ସନ୍ଦିଗ୍ଧ ଭର୍ତ୍ତି ହେଉଛନ୍ତି। ପ୍ରଥମ ଥର ପାଇଁ ବ୍ରହ୍ମପୁର ଗାନ୍ଧିନଗର ଅଞ୍ଚଳର ଜଣେ ସନ୍ଦିଗ୍ଧ ଶନିବାର ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି। ସେ ଗତ ୨୬ ତାରିଖରେ ବିଶାଖାପାଟଣାରୁ ଘରକୁ ଫେରିଥିଲେ। ହଠାତ ସେ ଶନିବାର ସକାଳେ କାଶ ସହ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତିକରାଯାଇଛି। ରବିବାର ତାଙ୍କର ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼.ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ଉକ୍ତ ମେଡିକାଲର ସ୍ୱତନ୍ତ୍ର କରୋନା ୱାର୍ଡରେ ୬ ଜଣ ସନ୍ଦିଗ୍ଧ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ଏବେ ସୁଦ୍ଧା ଆସି ନ ଥିବା ଅଧୀକ୍ଷକ କହିଛନ୍ତି।

## ବ୍ୟବସାୟୀଙ୍କୁ ଆକ୍ରମଣ, ସୁନାଚେନ ଲୁଟ

ବ୍ରହ୍ମପୁର ଅଫିସ,୧୧।୪

ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିରେ ଶୁକ୍ରବାର ରାତିରେ ଜଣେ ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ସହ ଆକ୍ରମଣ ହୋଇଛି। ଏପରିକି ଦୁର୍ବୃତ୍ତମାନେ ତାଙ୍କ ସୁନା ଚେନ ଲୁଟି ନେଇଛନ୍ତି। ପୋଲିସ ବ୍ୟବସାୟୀ ବି.ହାଡୁ ପାତ୍ରଙ୍କ ଅଭିଯୋଗ କ୍ରମେ ନଂ.୮୫/୨୦ ରେ ଏକ ମାମଲା ରୁଜୁ କରିଛି। ଲୁଟେରା ଗଣେଶ ନଗରର ପ୍ରଦୀପ ସାହୁ ଓ ତାଙ୍କ ସହଯୋଗୀ ହଳଦିଆପଦରର କାଳିଆ ସାହୁ ବୋଲି ପୋଲିସ ଚିହ୍ନଟ କରିଛି। ବିଜେଡି ନାରୀ ନେତ୍ରୀ ସ୍ୱର୍ଗତ ମୀନାକ୍ଷୀ ମିଶ୍ରଙ୍କ ପୁଅ ରାଜା ଓରଫ କୃତ୍ତିବାସଙ୍କୁ ଆକ୍ରମଣ ଘଟଣାରେ ପ୍ରଦୀପ ସାହୁ ଗିରଫ ହୋଇ ଜେଲ ଯାଇଥିଲେ। ନିକଟରେ ସେ ଜାମିନରେ ଫେରି ପୁଣି ଥରେ ଅପରାଧ ଘଟାଇଛନ୍ତି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ବାରଣ ସତ୍ତ୍ୱେ ଘରକୁ ଫେରୁଛନ୍ତି ବହିରାଗତ

ଦାରିଙ୍ଗବାଡ଼ି,୧୧।୪(ଡି.ଏନ.ଏ.)

**୭ ଭୁବନେଶ୍ୱର ଫେରନ୍ତା କ୍ୱାରାଣ୍ଟାଇନ୍‌ରେ**

କରୋନା ପାଇଁ ସମସ୍ତ ଜିଲା ସୀମାକୁ ସିଲ୍ କରାଯାଇଛି। ପ୍ରଶାସନର ବାରଣ ସତ୍ତ୍ୱେ ବିଭିନ୍ନ ସ୍ଥାନରୁ ପାସ୍ ହାସଲ କରି ଭଡ଼ାଗାଡ଼ି ନେଇ ଲୋକେ ଘରକୁ ଫେରୁଛନ୍ତି। ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ଗୋଟିଏ ପରିବାରର ୬ଜଣ ଏକ କାର ଭଡାକରି ଆସି ଦାରିଙ୍ଗବାଡ଼ିରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀ ଓ ୨ ଶିଶୁ ରହିଛନ୍ତି। ଗର୍ଭବତୀଙ୍କ ସ୍ୱାସ୍ଥ୍ୟପରୀକ୍ଷାରେ ସମସ୍ୟା ହେବାରୁ ପାସ୍ କରି ନିଜ ଗ୍ରାମ କେରୁବାଡ଼ିକୁ ଫେରିଥିଲେ। ଗ୍ରାମରେ ପହଞ୍ଚିବା ପୂର୍ବରୁ ପୋଲିସ ଉଦ୍ଧାର କରି ଡବେରୀଠାରେ କରାଯାଇଥିବା କ୍ୱାରାଣ୍ଟାଇନ୍ ଗୃହରେ ରଖିଥିବା ଦାରିଙ୍ଗବାଡ଼ି ବିଡିଓ ଜଗଦୀଶ ଷଡଙ୍ଗୀ କହିଛନ୍ତି। ସେହିପରି ସିର୍କାବର୍ଗ ଅଞ୍ଚଳର ଜଣେ ୨୬ ବର୍ଷୀୟ ଯୁବତୀ ମଧ୍ୟ ଭୁବନେଶ୍ୱରରୁ ସ୍କୁଟିରେ ଆସି ଦାରିଙ୍ଗବାଡ଼ିରେ ପହଞ୍ଚିଥିବା ଦାରିଙ୍ଗବାଡ଼ି ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୋକନାଥ ପଟ୍ଟନାୟକ କହିଛନ୍ତି। ସମସ୍ତ ୭ଜଣଙ୍କୁ ଉକ୍ତ ସଙ୍ଗରୋଧ ପ୍ରକୋଷ୍ଠରେ ରଖାଯାଇଛି।

## ଆସିକାରେ ସରିଲା ସ୍ୱାସ୍ଥ୍ୟ ଯାଞ୍ଚ

ଆସିକା,୧୧।୪ (ଡି.ଏନ୍.ଏ.)

ଆସିକା ବ୍ଲକ ଓ ଏନ୍ଏସି ଇଲାକାରେ ଗତ ଗୁରୁବାରଠାରୁ ଚାଲିଥିବା ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ସରିଛି । ବ୍ଲକର ୨୭ ପଞ୍ଚାୟତ ଓ ଏନଏସିର ୧୮ ୱାର୍ଡରେ ମୋଟ ୩୭୪ ଜଣ କାଶ, ଶ୍ୱାସ, ଜ୍ୱର, ଥଣ୍ଡାରେ ଆକ୍ରାନ୍ତ ହୋଇଥିବା ରିପୋର୍ଟରୁ ଜଣାପଡିଛି । ଆସିକା ବ୍ଲକର ୨୭ ପଞ୍ଚାୟତରେ ଯାଞ୍ଚ ହୋଇଥିବା ୩୪,୭୧୯ ପରିବାରର ୧,୩୯,୬୬୫ଜଣଙ୍କ ମଧ୍ୟରୁ ୩୪୨ଜଣ ଏଭଳି ଲକ୍ଷଣ ଚିହ୍ନଟ ହୋଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ସେହିପରି ଏନଏସିର ୧୮ଟି ୱାର୍ଡରେ ୪,୯୯୦ ପରିବାରର ୧୯,୧୮୫ ଜଣଙ୍କ ମଧ୍ୟରୁ ୩୨ଜଣଙ୍କ ଠାରେ ଉପରୋକ୍ତ ଲକ୍ଷଣ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## କଣମଣାକୁ ସାନିଟାଇଜ୍ କଲା ଆଇଆର୍ଇ

ଛତ୍ରପୁର,୧୧।୪(ଡି.ଏନ୍.ଏ.)

ଭାରତୀୟ ବିରଳ ମୃତ୍ତିକା (ଆଇଆର୍ଇ) ପ୍ଲାଣ୍ଟ ପକ୍ଷରୁ ନିକଟସ୍ଥ ଗାଁକୁ ସାନିଟାଇଜ କରିବା ନିମନ୍ତେ ଏକ ବୈଠକରେ ସିଜିଏମ୍ ଏ. ଜେ. ଜନାର୍ଦ୍ଦନ ଓ ଡିଜିଏମ୍ ଗତିକୃଷ୍ଣ ନାୟକ ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ କଣମଣାକୁ ଆଇଆର୍ଇର ୨ଟି ଫାୟାର ଟମ୍ ସାନିଟାଇଜ କରିଥିଲେ। ସିନିୟର ମ୍ୟାନେଜର ପି. କେ. ରାଉତ ଏହାର ମନିଟରିଂ କରିଥିଲେ। ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, ସମିତିସଭ୍ୟା ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ଏଭଳି ସାନିଟାଇଜ କାର୍ଯ୍ୟ ଜାରି ରହିବ ବୋଲି ଆଇଆରଇର ସୁରେଶ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

## ମାସ୍କ ନ ପିନ୍ଧିବାରୁ ୩୫ ଜଣଙ୍କୁ ଜରିମାନା

ଫୁଲବାଣୀ ଅଫିସ, ୧୧।୪

କରୋନା ସଂକ୍ରମଣ ରୋକିବା ପାଇଁ ଏବେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଫୁଲବାଣୀରେ ଶନିବାର ନିୟମ ଉଲ୍ଲଂଘନକାରୀଙ୍କୁ ୨୦୦ ଟଙ୍କା ଲେଖାଏ ଜରିମାନା ଦେବାକୁ ପଡ଼ିଛି। ଉପ ଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଅନିତା ସାହୁ ତାଙ୍କ ଟିମ୍ ସହ ଫୁଲବାଣୀ ସହରର ବିଭିନ୍ନ ସ୍ଥାନ ବୁଲି ମାସ୍କ ପିନ୍ଧି ନ ଥିବା ୩୫ ଜଣଙ୍କଠାରୁ ୭ ହଜାର ଟଙ୍କା ଆଦାୟ କରିଛନ୍ତି। ଏଥିରେ କେତେଜଣ ପୋଲିସ କର୍ମଚାରୀ ବି ଅଛନ୍ତି।

## ସାଇରନ ଶୁଣି ଧାଇଁବାବେଳେ ହୃଦ୍‌ରୋଗୀଙ୍କ ମୃତ୍ୟୁ

ବେଗୁନିଆପଡା,୧୧।୪(ଡି.ଏନ୍.ଏ.)

ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ତିରିଡା ଗ୍ରାମରେ ଗାଡି ସାଇରନ୍ ଶୁଣି ପୋଲିସ ଆସୁଥିବା ଭାବି ଧାଇଁବାବେଳେ ପଡିଯାଇ ଜଣଙ୍କର ମୃତ୍ୟୁ ଘଟିଛି । ସେ ହେଲେ କୃଷ୍ଣ ବେହେରା (୫୧)। କୃଷ୍ଣ ଶନିବାର ଘରଠାରୁ କିଛି ଦୂରରେ ବସିଥିବାବେଳେ ଏକ ଆମ୍ବୁଲାନ୍ସ ସାଇରନ୍ ଦେଇ ଅତିକ୍ରମ କରିଥିଲା। ପିସିଆର୍ ଆସୁଛି ଭାବି ଦୌଡି ଘରକୁ ପଶିଯିବା ପରେ ସେଠାରେ ପଡିଯାଇ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ କୃଷ୍ଣ ଜଣେ ହୃଦ୍‌ରୋଗୀ।

## ଭୂତ ବେଶରେ ସଚେତନତା

କବିସୂର୍ଯ୍ୟନଗର, ୧୧।୪ (ଡି.ଏନ୍.ଏ.) କରୋନାକୁ ମୁକାବିଲା କରିବାକୁ ଲକ୍‌ଡାଉନ୍ ହିଁ ଏକମାତ୍ର ବିକଳ୍ପ। ତେଣୁ ଏକ ନିଆରା ଢଙ୍ଗରେ ସଚେତନତା କରୁଛନ୍ତି କବିସୂର୍ଯ୍ୟନଗର ଅଞ୍ଚଳର ସମାଜସେବୀ ଏ.ବ୍ରହ୍ମାନନ୍ଦ। ଭୂତବେଶରେ ଗାଁ ଗାଁ ବୁଲି ଲୋକଙ୍କୁ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେବାକୁ ବୁଝାଉଛନ୍ତି।



ଭୂତ ବେଶରେ ସଚେତନତାର ବାର୍ତ୍ତା।

## ଭୁବନେଶ୍ୱରରୁ ଭଞ୍ଜନଗର ବ୍ଲକ ଆସିଲେଣି ୧୩୬ ଜଣ

ଭଞ୍ଜନଗର,୧୧।୪(ଡି.ଏନ.ଏ.)

କରୋନା ଯୋଗୁ ଭୁବନେଶ୍ୱରରୁ କେତେଜଣ ଚାଲିଚାଲି ଭଞ୍ଜନଗର ଅଞ୍ଚଳକୁ ଫେରୁଛନ୍ତି। ଏଥିପାଇଁ ସମ୍ପୃକ୍ତ ଗ୍ରାମଗୁଡ଼ିକରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି । ବେଲଗୁଣ୍ଠା ବ୍ଲକ ବଡ଼ବୋରସିଙ୍ଗି ପଞ୍ଚାୟତକୁ ଶନିବାର ସକାଳେ ପ୍ରାୟ ୧୦ ଭୁବନେଶ୍ୱରରୁ ଚାଲିଚାଲି ଆସିଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ସେମାନଙ୍କୁ ଗ୍ରାମ ଭିତରକୁ ନ ଛାଡ଼ି ଏକ ବିଦ୍ୟାଳୟରେ ରଖିଥିଲେ। ପରେ ପ୍ରଶାସନ ପହଞ୍ଚି ସେମାନଙ୍କୁ ଉକ୍ତ ବିଦ୍ୟାଳୟରେ କ୍ୱାରାଣ୍ଟାଇନ୍‌ରେ ରଖିଥିଲା। ଗତ ଏକ ସପ୍ତାହ ମଧ୍ୟରେ ୧୩୬ ଜଣ ଭୁବନେଶ୍ୱରରୁ ଭଞ୍ଜନଗର ବ୍ଲକ ଅଞ୍ଚଳକୁ ଫେରିଥିବା ସୂଚନା ମିଳିଛି । ସେମାନଙ୍କ ଉପରେ ପ୍ରଶାସନ ସ୍ୱତନ୍ତ୍ର ନଜର ରଖିଛି।

**ପିଇଓଙ୍କୁ ମାଡ଼: ସରପଞ୍ଚ ଗିରଫ**

ବିଞ୍ଝାରପୁର,୧୧।୪(ଡି.ଏନ.ଏ.): ବିଞ୍ଝାରପୁର ଥାନା ଉଡ଼ରଙ୍ଗ ପଞ୍ଚାୟତରେ କରୋନା ଜନିତ ସରକାରୀ ଅର୍ଥ ବଣ୍ଟିବାକୁ ଯାଇଥିବା ପିଇଓ ପ୍ରଶାନ୍ତ କରଙ୍କୁ ଉଡ଼ରଙ୍ଗ ସରପଞ୍ଚଙ୍କ ସମର୍ଥକ ମାଡ଼ ମାରିଥିଲେ। ଏନେଇ ପିଇଓ କର ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ସଂଖ୍ୟା: ୧୦୬/୨୦ ରୁଜୁ କରି ସରପଞ୍ଚ ନିଗମାନନ୍ଦ ଭଦ୍ରଙ୍କୁ ଗିରଫ କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବୃଦ୍ଧଙ୍କୁ ମାଡ଼ ମାରି କନ୍‌ଷ୍ଟେବଲ ନିଲମ୍ବିତ

**ଜଗତ୍‌ସିଂହପୁର ଅଫିସ,୧୧।୪:** କରୋନା ଭୂତାଣୁର ଦ୍ରୁତ ସଂକ୍ରମଣ ଯୋଗୁ ଦେଶ ଲକ୍‌ଡାଉନ କରାଯାଇଛି। ଏହି ସମୟରେ ପୋଲିସ କର୍ମଚାରୀମାନେ କଟକଣା ମାନୁ ନ ଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ପୋଲିସର କର୍ତ୍ତବ୍ୟ ପରାୟଣତାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। କିନ୍ତୁ କେତେଜଣ ପୋଲିସ କର୍ମଚାରୀଙ୍କ ମାତ୍ରାଧିକ କାର୍ଯ୍ୟକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଯାହାର ଜ୍ୱଳନ୍ତ ପ୍ରମାଣ ଜଗତ୍‌ସିଂହପୁର ଜିଲାର ବାଲିକୁଦା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଗତ ୧୦ ତାରିଖରେ ଏହି ଥାନା ତରାସାହିର ଜଣେ ବୃଦ୍ଧ ତାଙ୍କ ଅସୁସ୍ଥ ସ୍ତ୍ରୀଙ୍କ ପାଇଁ ଔଷଧ ଆଣିବାକୁ ନିକଟସ୍ଥ ଦୋକାନକୁ ଯାଇଥିବାବେଳେ ପୋଲିସ ମାଡରେ ଲହୁଲୁହାଣ ହୋଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ଏସ୍‌ପି ପ୍ରକାଶ ଆର୍‌ ଶନିବାର ଏହି ଥାନାର କନ୍‌ଷ୍ଟେବଲ ଶିବପ୍ରସାଦ ନାୟକଙ୍କୁ ନିଲମ୍ବିତ କରିଛନ୍ତି।

ସୂଚନା ଅନୁଯାୟୀ, ତରାସାହିର ବସନ୍ତ ସେଠୀ(୬୧) ସ୍ତ୍ରୀଙ୍କ ଔଷଧ ପାଇଁ ଚାଲିଚାଲି ଯାଉଥିଲେ। ରାସ୍ତାରେ ଥିବା ପୋଲିସ କର୍ମଚାରୀମାନେ କାହିଁକି ଏବଂ କୁଆଡେ ଯାଉଛନ୍ତି ବୋଲି ପ୍ରଶ୍ନ ନ କରି ହଠାତ୍ ମାଡ ଆରମ୍ଭ କରି ଦେଇଥିଲେ। ବସନ୍ତ ତଳେ ପଡି ଯାଇଥିଲେ ସୁଦ୍ଧା ସମ୍ପୃକ୍ତ କନଷ୍ଟେବଲ ତାଙ୍କୁ ଛାଡି ନ ଥିଲେ। ପୋଲିସ ମାଡ଼ରେ ବସନ୍ତଙ୍କ ହାତ, ପିଠି, ଗୋଡ ଆଦି ଫାଟି ରକ୍ତସ୍ରାବ ହୋଇଥିଲା। ସେ ଜୀବନ ବିକଳରେ ଚିତ୍କାର କରିବାରୁ ଆଗାମୀ ଦିନରେ ଘରୁ ବାହାରିଲେ ଏହିଭଳି ପରିଣାମ ଭୋଗିବାକୁ ପଡିବ ବୋଲି ସମ୍ପୃକ୍ତ କନଷ୍ଟେବଲ ତାଙ୍କୁ ଚେତାବନୀ ଦେଇଥିବା ବସନ୍ତ ଶନିବାର ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, କନଷ୍ଟେବଲ ମାଡ ମାରିଲାବେଳେ ଜଣେ ସହୃଦୟ ବ୍ୟକ୍ତି ପହଞ୍ଚିବାରୁ ରକ୍ଷା ପାଇ ଯାଇଥିଲେ। ପରେ ଘରକୁ ଯାଇଥିଲେ ସୁଦ୍ଧା ରକ୍ତସ୍ରାବ ବନ୍ଦ ନ ହେବାରୁ ୧୦୮ ସହାୟତାରେ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ। ସେଠାରେ ଚିକିତ୍ସିତ ହେଲା ପରେ ଘରକୁ ଫେରି ଥାନାରେ ଅଭିଯୋଗ କରିଥିଲେ।

## ବିଲରେ ଶଢୁଛି ପନିପରିବା

**ବରୀ,୧୧।୪(ସ୍ୱ.ପ୍ର.):** ଲକଡାଉନ କଡ଼ାକଡ଼ି କରାଯାଇଥିବାରୁ ଚାଷୀ ବିଲକୁ ଯାଇପାରୁ ନାହିଁ। ଯଦ୍ୱାରା ପନିପରିବା ତୋଳା ହୋଇ ନ ପାରି ବିଲରେ ନଷ୍ଟ ହେଉଛି। ବରୀ ନିର୍ବାଚନମଣ୍ଡଳୀରେ ୬ହଜାର ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଥିଲା। ରୁଦ୍ରପୁର, ଖରିପଡ଼ିଆ, କୁସଟ, ଗୋଲକୁଣ୍ଡ, ଚନ୍ଦନପୁର, ଅଲିହାବାଦ, ବଦୁଅ, ଏରବାଙ୍ଗ, ବ୍ରହ୍ମବରଦା, ଅଙ୍ଗଲୋ, ଧାରପୁର ଆଦି ଗ୍ରାମର ଚାଷୀମ ତରଭୁଜ, ଟମାଟୋ, ପୋଟଳ, କଲରା, ଭେଣ୍ଡି ଆଦି ଅମଦାନି କରିପାରୁ ନାହାନ୍ତି। ଫଳରେ ତାହା ବିଲରେ ପଡ଼ି ପଡ଼ି ନଷ୍ଟ ହେଉଛି। ୫୦ଲକ୍ଷ ଟଙ୍କାର ପନିପରିବା ଅଦ୍ୟାବଧି ନଷ୍ଟ ହୋଇସାରିଲାଣି ବୋଲି ବରିଷ୍ଠ କୃଷକ ମୁକୁନ୍ଦ ସାମଲ କହିଛନ୍ତି। ସେହିପରି ରୁଦ୍ରପୁର, ଇନ୍ଦରୋଇରେ ବନ୍ଧାକୋବି, ଫୁଲକୋବି ତୋଳିବା ସମୟରେ ଲାକଡାଉନ ଲାଗୁ ହେବାରୁ ଚାଷୀ ଏସବୁ ତୋଳି ପାରି ନାହାନ୍ତି। ଫସଲ ନଷ୍ଟ ହୋଇଯାଉଥିବା ଦେଖି ଚାଷୀ ଭାଙ୍ଗି ପଡିଛି। ଲାକଡାଉନ ଏପ୍ରିଲ ୩୦ଯାଏ ବଢିବ ଜାଣିବା ପରେ ଚାଷୀ ନିରାଶ ହୋଇପଡ଼ିଛନ୍ତି। ପନିପରିବା ଗାଁ ଗହଳିରେ ଶସ୍ତାରେ ବିକ୍ରି ହେଉଥିଲାବେଳେ ସହରକୁ ପନିପରିବା ଯାଇପାରୁ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଦରଦାମ୍ ବୃଦ୍ଧି ସାଙ୍ଗକୁ ଶ୍ରମିକଙ୍କ ଦରମା ବନ୍ଦ

- ୨ରୁ ୩ ମାସ ହେଲା କାରଖାନା କର୍ତ୍ତୃପକ୍ଷ ନୀରବ
- କାର୍ଯ୍ୟକାରୀ ହେଉନି ସରକାରଙ୍କ ନିର୍ଦ୍ଦେଶ

**ଯାଜପୁର ଅଫିସ,୧୧।୪**

ଲକ୍‌ଡାଉନ୍ ସମୟରେ କୌଣସି ଶ୍ରମିକ, କର୍ମଚାରୀଙ୍କୁ ଛଟେଇ ଓ ଦରମା ଦେବାରେ ଯେପରି ଅବହେଳା ନ ହେବ ସେନେଇ ରାଜ୍ୟ ଓ କେନ୍ଦ୍ର ସରକାର କଡ଼ା ତାଗିଦ କରିଥିଲେ। ଏହାସହ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି, ଅଭାବି ବିକ୍ରୀ ପରିସ୍ଥିତି ସୃଷ୍ଟି ନ ହେବା ଆଦି ସଂକ୍ରାନ୍ତରେ ଦୃଷ୍ଟିଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ହେଉଥିବାବେଳେ ବିଭିନ୍ନ କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ଦରମା ମିଳୁନାହିଁ। ଯାଜପୁର ଜିଲାରେ ଦୁଇ ଅସାଧୁ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରେ ବି ଦରଦାମ ବୃଦ୍ଧି ପରିଚାଳନାଗତ ଅଭାବକୁ ଦର୍ଶାଉଛି ବୋଲି ମତପ୍ରକାଶ ପାଇଛି।

ସମ୍ପ୍ରତି କରୋନା ମୁକାବିଲାରେ ସାଧାରଣ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଉପଯୁକ୍ତ ଦରରେ ଯୋଗାଇ ଦେବାରେ ପ୍ରଶାସନ ବିଫଳ ହୋଇଛି। ସହରର ବିଭିନ୍ନ ସ୍ଥାନରେ ପରିବା ସମେତ ଆଳୁ, ପିଆଜ, ଡାଲି, ତେଲ ଆଦି ସାମଗ୍ରୀର ଦର ମଧ୍ୟରେ ପାର୍ଥକ୍ୟ ରହୁଛି। ଗତ ୧ ମାସ ମଧ୍ୟରେ ପ୍ରତ୍ୟେକ ସାମଗ୍ରୀ ଦର ୧୦ରୁ ୧୫ ଟଙ୍କା ଯାଏ ବୃଦ୍ଧି ଘଟିଛି। ଏଭଳି ପରିସ୍ଥିତିକୁ ସହରବାସୀ ସହଜରେ ଗ୍ରହଣ କରାଯାଇପାରୁ ନାହାନ୍ତି। ଜିଲାରେ ଅନେକ ମୁନାଫାଖୋର ବ୍ୟବସାୟୀ ଖାଦ୍ୟ ସାମଗ୍ରୀକୁ ମହଜୁଦ ରଖି ବଜାରରେ ଏହାର ଅଭାବିବିକ୍ରୀ ପରିସ୍ଥିତି ସୃଷ୍ଟି କରୁଛନ୍ତି। ତୁରନ୍ତ ଏହି କ୍ଷେତ୍ରକୁ ଦୃଷ୍ଟିକୁ ନେଇ ପଦକ୍ଷେପ ଜରୁରୀ ହୋଇପଡ଼ିଛି।

ଦରଦାମ ବୃଦ୍ଧି, କାମ ନ ମିଳିବା ଓ ଦରମା ବନ୍ଦ ଶ୍ରମିକଙ୍କ ଜୀବନଚର୍ଯ୍ୟାକୁ ଦୁର୍ବିଷହ କରିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା କେତେକ ଷ୍ଟିଲ ଓ ଅନ୍ୟାନ୍ୟ କାରଖାନାର କର୍ମଚାରୀମାନେ ୨ରୁ ୩ ମାସ ହେଲା ଦରମା ପାଇନାହାନ୍ତି। ଲକ୍‌ଡାଉନ ପାଇଁ ଛଟେଇ କର୍ମଚାରୀମାନେ ଘରକୁ ଫେରି ନ ପାରି ଆଖପାଖ ଅଞ୍ଚଳରେ ରହିଯାଇଛନ୍ତି। ଏକ ସିମେଣ୍ଟ କାରଖାନାରେ ଠିକାଦାର ଅଧୀନରେ କାମ କରୁଥିବା ୫୦ ରୁ ୬୦ ଜଣ ଶ୍ରମିକ ୩ ମାସର ଦରମା ନ ପାଇ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଶ୍ରମିକମାନେ ଏସ୍‌ପି ଚରଣସିଂ ମୀନାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି। ମିଲଟାରୀ ଛକ ନିକଟରେ ଥିବା ଏକ ଅସ୍ଥାୟୀ କଲୋନୀରେ ରହି ଅଭାବ ଅନଟନର ସେମାନେ ଶିକାର ହେଉଛନ୍ତି। ଏପରିକି କାମଧନ୍ଦା ବନ୍ଦ ହେତୁ ନଗଦ ଟଙ୍କାର ଅଭାବ ଦେଖା ଦେଇଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ ସେ କହିଛନ୍ତି, ଦରଦାମ ବୃଦ୍ଧି ଅଭିଯୋଗ ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟିକୁ ଆଣି ଉଚିତ ପଦକ୍ଷେପ ଗ୍ରହଣ କରାଯିବ। ସେଥିପ୍ରତି ଯୋଗାଣ ବିଭାଗ ସତର୍କ ରହିଛି।



ଲକ୍‌ଡାଉନ୍ ବେଳେ ଯାଜପୁର ବ୍ଲକର ମାଳଆନନ୍ଦପୁରରେ ଏକ ବେଆଇନ ଇଟାଭାଟିକୁ ପ୍ରଶାସନ ପକ୍ଷରୁ ନଷ୍ଟ କରାଯାଉଛି।

## କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୧୨୫୦ ଶଯ୍ୟା ପ୍ରସ୍ତୁତ

**କେନ୍ଦ୍ରାପଡ଼ା ଅଫିସ, ୧୧।୪**

କେନ୍ଦ୍ରାପଡ଼ା ବ୍ଲକ ପକ୍ଷରୁ କରୋନା ସଂକ୍ରମଣ ରୋକିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ଲକ ଅଧୀନ ଇନ୍ଦୁପୁର ବିରୂପା କଲେଜରେ କରୋନା ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ୧୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ସନ୍ଦିଗ୍ଧଙ୍କୁ ଆଇସୋଲେଶନ ଗୃହରେ ରଖିବା ପାଇଁ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଖୋଲାଯାଇଥିବା ବେଳେ ବ୍ଲକ ଅଧୀନ ୨୭ ପଞ୍ଚାୟତରେ ୧୨୫୦ ଶଯ୍ୟା ବ୍ୟବସ୍ଥା କରାଯାଇଛି। ଶନିବାର ସୁଦ୍ଧା ବ୍ଲକର ୨୨ଟି ପଞ୍ଚାୟତରେ ୨୨ ଏସ୍‌ଏଚ୍‌ଜି ସଦସ୍ୟାମାନେ ରନ୍ଧା ଖାଦ୍ୟ ବଣ୍ଟନ କରୁଛନ୍ତି। ଅନ୍ୟପଟେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଦିନ ୨ଟି ଗାଡିରେ ଡାକବାଜି ଯନ୍ତ୍ର ଯୋଗେ ବିଭିନ୍ନ ସଚେତନତା ସମ୍ପର୍କରେ ପ୍ରଚାର କରାଯାଉଛି। ସେହିପରି ବ୍ଲକର ସମସ୍ତ ପଞ୍ଚାୟତରେ ୪ମାସର ଭତ୍ତା ବାବଦକୁ ୧୮,୪୦୮ ହିତାଧିକାରୀଙ୍କୁ ୩,୭୫,୨୩,୨୦୦ ଟଙ୍କା ବଣ୍ଟନ କରାଯାଇଛି। ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ଲକର ମୋଟ ୩୨,୧୨୭ ହିତାଧିକାରୀଙ୍କୁ ୨୯,୫୫୭ କୁଇଣ୍ଟାଲ ଚାଉଳ ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ତତ୍ତ୍ୱାବଧାନରେ ବ୍ଲକର ୨୭ ପଞ୍ଚାୟତରେ ସରକାରୀ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ବିଡିଓ ସୁଧୀର କୁମାର ସିଂ ସୂଚନା ଦେଇଛନ୍ତି।

## ଘରଡିହକୁ କେନ୍ଦ୍ରକରି ବୃଦ୍ଧଙ୍କୁ ଆକ୍ରମଣ ୨ ଦିନ ପରେ ମୃତ୍ୟୁ, ୩ ଅଭିଯୁକ୍ତ ଗିରଫ

**ରଣପୁର,୧୧।୪(ସ୍ୱ.ପ୍ର.):** ରଣପୁର ଥାନା ଗୋପାଳପୁର ବୁଢାଲିଙ୍ଗ ସାହିରେ ଘରଡିହକୁ କେନ୍ଦ୍ର କରି ଜଣେ ବୃଦ୍ଧଙ୍କୁ ଗତ ବୁଧବାର ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ୨ଦିନ ପରେ ଅର୍ଥାତ୍ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଗେନ୍ଦ୍ର ବାରିକ (୭୦)। ଯୋଗେନ୍ଦ୍ରଙ୍କ ପୁଅ ସନ୍ତୋଷ କୁମାର ବାରିକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୦୧/୨୦) ରୁଜୁ କରି ଅଭିଯୁକ୍ତ ନଟବର ସାହୁ ଏବଂ ତାଙ୍କ ଦୁଇପୁଅ ରଜନିକାନ୍ତ ସାହୁ ଓ ପ୍ରଭାତ ସାହୁଙ୍କୁ ଗିରଫ କରିଛି।

## ଲକ୍‌ଡାଉନ ନେଲା ଶ୍ରମିକ ଜୀବନ

- ଗ୍ରାମକୁ ଫେରିଲା ମୃତଦେହ

**ରଣପୁର, ୧୧।୪ (ସ୍ୱ.ପ୍ର.):** ରଣପୁର ବ୍ଲକ ଆମ୍ବଝର ଗ୍ରାମର ଭାସ୍କର ବଳିୟାରସିଂହ (୪୦)। ଉତ୍ତରପ୍ରଦେଶରେ ଶ୍ରମିକ ଭାବେ କାମ କରୁଥିବା ଭାସ୍କର ଲକ୍‌ଡାଉନ ଯୋଗୁ ଗ୍ରାମକୁ ଫେରିପାରି ନ ଥିଲେ। ସେଠାରେ ଖାଇବା ରହିବାରେ ଅସୁବିଧା ହେବାରୁ ସେ ଅସୁସ୍ଥ ହୋଇପଡିଥିଲେ। କିଛିଦିନ ଡାକ୍ତରଖାନାରେ ଚିକିତ୍ସିତ ପରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ଶନିବାର ସକାଳେ ତାଙ୍କ ମୃତଦେହ ଗ୍ରାମରେ ଆସି ପହଞ୍ଚିଥିଲା। ପୁଅର ମୃତଦେହ ଦେଖି ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

ଭାସ୍କର ୬ ମାସ ତଳେ ଉତ୍ତରପ୍ରଦେଶ ଯାଇଥିଲେ। ସେଠାରେ ଏକ କମ୍ପାନୀରେ କାମ କରି ନିଜେ ଚଳିବା ସହ କିଛି ଅର୍ଥ ଗ୍ରାମକୁ ପଠାଉଥିଲେ। ସେହି ଅର୍ଥରେ ତାଙ୍କର ବାପ, ମାଆ, ସ୍ତ୍ରୀ ଓ ଛୋଟ ପୁଅଝିଅ ଚଳୁଥିଲେ। ଏପରିସ୍ଥଳେ କରୋନା ସଂକ୍ରମଣ ଯୋଗୁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିଲା। ଘରକୁ ଆସିବା ପାଇଁ ସେ ଚେଷ୍ଟା କରିଥିଲେ ମଧ୍ୟ ସେଠାରୁ ଆସିପାରି ନ ଥିଲେ। ଖାଇବା ରହିବା ଅସୁବିଧା ଯୋଗୁ ତାଙ୍କ ଦେହ ଅସୁସ୍ଥ ହୋଇ ପଡିଥିଲା। ଅବସ୍ଥା ଗୁରୁତର ହେବାରୁ କିଛି ଲୋକ ତାଙ୍କୁ ଉତ୍ତରପ୍ରଦେଶ କାନପୁରସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଠିକ୍ ଭାବେ ଚିକିତ୍ସା କରା ନ ଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କମ୍ପାନୀ ତରଫରୁ ତାଙ୍କ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ପଠାଇ ଦିଆଯାଇଥିଲା। ଶନିବାର ସକାଳେ ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ବେସାହାରା ହୋଇପଡିଛନ୍ତି। ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସାହାଯ୍ୟ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପଣା ସଂକ୍ରାନ୍ତି, ଝାମୁଯାତ୍ରାରେ ୧୪୪ ଧାରା ଜାରି

**ଜଗତ୍‌ସିଂହପୁର ଅଫିସ,୧୧।୪:** ସମ୍ପ୍ରତି କରୋନା ଭୂତାଣୁ (କୋଭିଡ୍-୧୯)ର ଦ୍ରୁତ ସଂକ୍ରମଣ ଯୋଗୁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏ ସମୟରେ ବିଶେଷକରି ପ୍ରମୁଖ ଦେବଦେବୀ ମନ୍ଦିରରେ ଭିଡ ହେଲେ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲାର କେତେକ ପ୍ରମୁଖ ମନ୍ଦିରରେ ୧୪୪ ଧାରା ଜାରି କରିଛନ୍ତି। ସେଗୁଡିକ ହେଲା ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ମା' ଶାରଳା ମନ୍ଦିର, ବାଲିକୁଦା ବ୍ଲକ ପରହାଟର ମା' ଭଗବତୀ ମନ୍ଦିର, ପାରାଦୀପର ରାମଘାଟ ହନୁମାନ ମନ୍ଦିର, ନୂଆବଜାର ତାରିଣୀ ମନ୍ଦିର, ଷଣ୍ଢକୁଦ କାଳୀ ମନ୍ଦିର, ନାଉଗାଁ ବ୍ଲକ ଗାରୋଇ ଜଗନ୍ନାଥ ମନ୍ଦିର ଏବଂ ବିରିଡ଼ି ଧାନକୁଦ ଜଗନ୍ନାଥ ମନ୍ଦିର। ଏହିସବୁ ମନ୍ଦିରରେ କେବଳ ସେବା ନିଯୋଗରେ ନିୟୋଜିତ ପାଳିଆ ସେବାୟତ ଓ ପୂଜକମାନେ ନୀତିକାନ୍ତି କାର୍ଯ୍ୟ କରିପାରିବେ। କୌଣସି ପ୍ରକାର ସାମାଜିକ ପର୍ବପର୍ବାଣୀ ଓ କର୍ମକର୍ମାଣୀ ଆୟୋଜନ ହୋଇପାରିବ ନାହିଁ। ଏହି ୧୪୪ ଧାରା ରବିବାରଠାରୁ ୧୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ୪ ଜଣରୁ ଅଧିକ ଏକାଠି ହୋଇପାରିବେ ନାହିଁ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

# କର୍ମଚାରୀ ଛଟେଇ କଲା ମିଶ୍ରିଲାଲ କମ୍ପାନୀ

**କାଳିଆପାଣି,୧୧।୪(ଡିଏନଏ)**



MISRILALL MINES PRIVATE LIMITED

Ref No: MMPL (SCM)/ADMIN/2020 Date: 08.04.2020

To,
Sri Bikash Barik
At/Po- Singhpur
Dist- Jajpur, Pin- 755016
Odisha
Email: bikashbarik92@gmail.com

Sub: Termination of your consultancy/professional services

You are aware about the fact that our Chromite Lease has been terminated and auctioned by the Government of Odisha w.e.f 1.4.2020.

Hence, your service will be no longer required.

We are grateful to you for your contribution given to our company.

Thanking you,
For M/s Misrilall Mines Pvt. Ltd.
Sidhartha Jain
(Director)

Copy to: The Chief Executive Officer (Mining), Saruabil Chromite Mines, M/s Misrilall Mines Pvt. Ltd.

ଲକ୍‌ଡାଉନବେଳେ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ଛଟେଇ କରାଯାଇ ପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ମାତ୍ର ଏହି ନିର୍ଦ୍ଦେଶନାମାକୁ ଏଡ଼ାଇ ଯାଇ ମିଶ୍ରିଲାଲ କମ୍ପାନୀ ପ୍ରାଥମିକ ପର୍ଯ୍ୟାୟରେ ୧୦ ନିୟମିତ କର୍ମଚାରୀଙ୍କୁ ଛଟେଇ କରିଛି। ଏହି ଛଟେଇ ନୋଟିସ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ମାରିବା ସହ ତୁରନ୍ତ ଦସ୍ତଖତ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଜାରି କରିଛି। କ୍ରୋମାଇଟ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ମିଶ୍ରିଲାଲ ମାଇନ୍ସ କମ୍ପାନୀ କଅଁସ ପଞ୍ଚାୟତର ସାରୁଆବିଲରେ ଖଣି ଲିଜ ପାଇ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ କରିଆସୁଛି। ୨୦୨୦ ମାର୍ଚ୍ଚ ୩୧ରେ କମ୍ପାନୀର ଲିଜ ଅବଧି ଶେଷ ହୋଇଛି। ପୁନଃ ଖଣି ଲିଜ ଡକାଯାଇଥିବାବେଳେ ଅନ୍ୟ କମ୍ପାନୀ ହାତକୁ ଲିଜ ଚାଲିଯାଇଥିଲା। ଫଳରେ କମ୍ପାନୀ ତା'ର କର୍ମଚାରୀଙ୍କୁ କମ୍ପାନୀ ଛଟେଇ ପ୍ରକ୍ରିୟା ଆରମ୍ଭ କରିଛି। ଏନେଇ ଅସନ୍ତୋଷ ଦେଖାଦେଇଛି। କମ୍ପାନୀ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ବନ୍ଦ ହେଉଥିବାରୁ କମ୍ପାନୀରୁ ସମ୍ପୂର୍ଣ୍ଣ ଛଟେଇ କରାଯିବା ନେଇ ନୋଟିସ ଲଗାଯାଇଛି। ଏପରି ନିଷ୍ପତ୍ତି ବିରୋଧରେ ଶ୍ରମବିଭାଗ ମୁଖ୍ୟଙ୍କ ନିକଟକୁ କର୍ମଚାରୀ ଚିଠି ଲେଖିଥିବା ଛଟେଇ କର୍ମଚାରୀ ପ୍ରତାପ ଚନ୍ଦ୍ର ପଣ୍ଡା, ବିକାଶ ବାରିକ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କମ୍ପାନୀ ନିର୍ଦ୍ଦେଶକ ସିଦ୍ଧାର୍ଥ ଜୈନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।

## ହୋଣ୍ଡା ଶୋ'ରୁମ୍ ପକ୍ଷରୁ ୧.୧୧ ଲକ୍ଷ ପ୍ରଦାନ

**ଯାଜପୁର ଅଫିସ,୧୧।୪:** ଯାଜପୁରରୋଡସ୍ଥିତ ତେଜ୍ ହୋଣ୍ଡା ଶୋ'ରୁମ ପକ୍ଷରୁ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଶନିବାର ୧ଲକ୍ଷ ୧୧ହଜାର ଟଙ୍କା ପ୍ରଦାନ କରାଯାଇଛି। ଶୋ'ରୁମ ମାଲିକ ରାଜେଶ ରାଉତ ଯାଜପୁର ଜିଲାପାଳ ରଞ୍ଜନ ଦାସଙ୍କୁ ଭେଟି ଏହାର ଚେକ ପ୍ରଦାନ କରିଛନ୍ତି। ପୂର୍ବରୁ କମ୍ପାନୀ ପକ୍ଷରୁ କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ଅନୁପ୍ରାଣିତ ହୋଇ ତେଜ୍ ହୋଣ୍ଡା ଶୋ'ରୁମ୍ ତରଫରୁ ସେ ଉପରୋକ୍ତ ରାଶି ପ୍ରଦାନ କରିଥିବା ରାଉତ କହିଛନ୍ତି। ପୂର୍ବରୁ ତେଜ ହୋଣ୍ଡାର ମାଲିକ ପୋଲିସ, ପ୍ରଶାସନ ଓ ପରିବା ବିକାଳିଙ୍କୁ ସାନିଟାଇଜର, ଛତା, ପ୍ରଭୃତି ପ୍ରଦାନ କରିଛନ୍ତି। ଭୋକିଲା ଲୋକଙ୍କୁ ଶୁଖିଲା ଖାଦ୍ୟ ଦେବା ସହ ଜିଲାପାଳଙ୍କ ପାଣ୍ଠିକୁ ୨୦ ହଜାର ଟଙ୍କା ମଧ୍ୟ ପ୍ରଦାନ କରିଛନ୍ତି।

# ବମିଖାଲରୁ ଲୁଚି ପଳାଇ ଆସିଛନ୍ତି ଦମ୍ପତି, ଭୟରେ ଅଞ୍ଚଳବାସୀ

**ରସୁଲପୁର,୧୧।୪(ଡିଏନଏ)**

**ଡମଣାରୁ ମଧ୍ୟ ଆସିଛନ୍ତି ୪ଜଣ**

ଓଡ଼ିଶାରେ କରୋନା ଆକ୍ରାନ୍ତ ସଂଖ୍ୟା ୫୦ରେ ପହଞ୍ଚିଛି। ଏଥିରେ ସର୍ବାଧିକ ଆକ୍ରାନ୍ତ ଭୁବନେଶ୍ୱର ଅଞ୍ଚଳର ବୋଲି ଜଣାପଡିଛି। ଏହି ସହରର ସତ୍ୟନଗର, ବମିଖାଲ, ସୁନ୍ଦରପଦା, ଖାରପଡ଼ା ଭଳି ଅଞ୍ଚଳରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଏହିସବୁ ଅଞ୍ଚଳକୁ ସିଲ କରିଦିଆଯାଇଛି। ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନଭାବେ ଗ୍ରହଣ କରାଯାଇଛି। ଏହି ସମୟରେ ଚିହ୍ନଟ ଜୋନର ସୀମା ବାହାର ଓ ଭିତରକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଏଥିପାଇଁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ଏତେସବୁ କଟକଣା ପରେ ବି ବମିଖାଲରୁ ଜଣେ ଦମ୍ପତି ଆସି ଯାଜପୁର ଜିଲା ରସୁଲପୁର ବ୍ଲକର ସାମନ୍ତରାପୁର ପଞ୍ଚାୟତରେ ପହଞ୍ଚି ଯାଇଛନ୍ତି। ଏହି ଦମ୍ପତି ଆସିବା ପରେ ଭୁବନେଶ୍ୱରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଣ୍ଟେନମେଣ୍ଟ ଜୋନରୁ ଆସିଥିବା ଦମ୍ପତି ଶୁକ୍ରବାର ରାତିରେ ଏହି ପଞ୍ଚାୟତର ମହାରଣା ସାହିର ପୈତୃକ ଘରେ ରହିଥିଲେ। ଏ ସମ୍ପର୍କରେ ଖବର ପାଇ ସରପଞ୍ଚ ଅଭିମନ୍ୟୁ ମହାଲିକ ଉକ୍ତ ଦମ୍ପତିଙ୍କ ନିକଟରେ ପହଞ୍ଚିବା ସହ ସେମାନଙ୍କୁ ନେଇ ପଞ୍ଚାୟତର କ୍ୱାରେଣ୍ଟାଇନ ସେଣ୍ଟରରେ ରଖିଛନ୍ତି। ହେଲେ ସେ ଘରେ ଅବସ୍ଥାନ କରୁଥିବା ସମୟରେ ପରିବାରର ଅନ୍ୟ ସଦସ୍ୟଙ୍କ ସହ ମିଶିଛନ୍ତି। ତେବେ ଏହି ଦମ୍ପତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ତୁରନ୍ତ କ୍ୱାରେଣ୍ଟାଇନ କେନ୍ଦ୍ରରେ ରଖାଯିବା ସହ ସେମାନଙ୍କଠାରୁ ନମୁନା ସଂଗ୍ରହ ପାଇଁ ଦାବି ହେଉଛି। ପ୍ରକାଶ ଥାଉକି, ଯାଜପୁର ଜିଲାରେ ପ୍ରଥମ କରୋନା ରୋଗୀ ରସୁଲପୁର ବ୍ଲକର ବ୍ରହ୍ମବରଦା ଅଞ୍ଚଳରୁ ଚିହ୍ନଟ ହୋଇଥିଲା। ଉକ୍ତ ଆକ୍ରାନ୍ତ ସୁସ୍ଥ ହୋଇଥିବା ଖବର ଆସିଥିବାବେଳେ ଏକ ସଂକ୍ରମିତ ଅଞ୍ଚଳରୁ ଦମ୍ପତି ବ୍ରହ୍ମବରଦା ନିକଟସ୍ଥ ସାମନ୍ତାରପୁର ପଞ୍ଚାୟତକୁ ପଳାଇ ଆସିବା ପୁଣି କରୋନା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ସେହିପରି ଡମଣା ଅଞ୍ଚଳରୁ ୪ଜଣ ରାହାମ୍ବା ପଞ୍ଚାୟତ କୁରାଂଶ ଗ୍ରାମକୁ ଚାଲିଆସିଥିବା ମଧ୍ୟ ଜଣାପଡ଼ିଛି। ବ୍ଲକ ପ୍ରଶାସନ ସେମାନଙ୍କୁ କ୍ୱାରେଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଥିଲେ ମଧ୍ୟ ସେମାନେ ଶୁଣୁ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ଉକ୍ତ ଗ୍ରାମରେ ଭୟ ଓ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି।

# ମାଙ୍କଡ଼, କୁକୁରଙ୍କ ସାହାରା ଭୋଗଦୋକାନୀ

**ରଘୁନାଥପୁର, ୧୧।୪ (ଡି.ଏନ୍.ଏ.)**

କରୋନା ଭାଇରସ୍ ସଂକ୍ରମଣକୁ ନେଇ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଥିବା ବେଳେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ଗୋରଖନାଥ ପୀଠ ମଧ୍ୟ ବନ୍ଦ ରହିଛି। ଫଳରେ ଏଠାକୁ ଶ୍ରଦ୍ଧାଳୁଙ୍କ ଆଗମନ ବନ୍ଦ ରହିବା ସହ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଲାମ ଦିଆଯାଇଥିବା ଭୋଗ ଓ ଦୀପ ଦୋକାନ ବନ୍ଦ ରହିଛି। ଏଥିଯୋଗୁ ପୀଠ ମଧ୍ୟରେ ରହୁଥିବା ମାଙ୍କଡ଼, କୁକୁର ଓ ଷଣ୍ଢ ଖାଇବାକୁ ପାଉନାହାନ୍ତି। ଏହି ଅସମୟରେ ସେମାନଙ୍କ ସାହାରା ସାଜିଛନ୍ତି ପୀଠ ପରିସରରେ ଥିବା ଭୋଗ ଦୋକାନୀମାନେ। ପୀଠରେ କଟକଣା ଲାଗିବା ପରେ ଭୋଗ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଫେଣି, ଗଜା, ଲଡୁ ଆଦି ଅନ୍ୟାନ୍ୟ ଭୋଗ ବିକ୍ରି ହୋଇ ନ ପାରି ରହିଯାଇଛି। ତେବେ ଖାଦ୍ୟ ସଙ୍କଟରେ ଥିବା ପଶୁମାନଙ୍କୁ ପ୍ରତିଦିନ ସକାଳ ଓ ଅପରାହ୍ନରେ ଦୋକାନର ତତ୍ତ୍ୱାବଧାରକ ରମେଶଚନ୍ଦ୍ର ସାହୁ ଓ ଅନ୍ୟ ଦୋକାନୀମାନେ ବିକ୍ରି ହୋଇପାରି ନ ଥିବା ଶୁଖିଲା ଭୋଗ ଖାଇବାକୁ ଦେଉଛନ୍ତି। ଏପରିକି ସେମାନେ ମନ୍ଦିରକୁ ପ୍ରବେଶ କରିବା ମାତ୍ରେ ପୀଠ ମଧ୍ୟରେ ଥିବା ମାଙ୍କଡ଼, କୁକୁର ଓ ଷଣ୍ଢ ଘେରି ଯାଉଛନ୍ତି। ସେମାନଙ୍କର ଏଭଳି ଭଲ ପାଇବା ଆତ୍ମସନ୍ତୋଷ ପ୍ରଦାନ କରିଛି ବୋଲି ରମେଶ କହିଛନ୍ତି।

## ଔଷଧ ଦୋକାନ ସିଲ୍ ପରେ ବଢ଼ିଲା ଭୟ

**ନୟାଗଡ଼ ଅଫିସ,୧୧।୪:** ନୟାଗଡ଼ ଜିଲା ସଦର ମହକୁମାଠାରେ ମାତୃଶକ୍ତି କ୍ଲିନିକ୍‌କୁ ପ୍ରଶାସନ ପକ୍ଷରୁ ସିଲ୍ କରାଯିବା ପରେ ଭୟ ବଢ଼ିଛି। ସାମାଜିକ ଦୂରତ୍ୱକୁ ଅଣଦେଖା କରୁଥିବା ବ୍ୟବସାୟୀମାନେ ଭୟଭୀତ ହୋଇ ଗ୍ରାହକଙ୍କୁ ସଚେତନ କରିଛନ୍ତି। ଏପରି କି ପ୍ରଶାସନ ପକ୍ଷରୁ କରାଯାଇଥିବା ଗୋଲେଇ ଚିହ୍ନ ମଧ୍ୟରେ ରହିବାକୁ କହୁଛନ୍ତି। ଅନ୍ୟପକ୍ଷେ ସିଲ୍ ଭୟରେ କେତେକ ବ୍ୟବସାୟୀ ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ସମୟରେ ଦୋକାନ ବନ୍ଦ କରିଥିବା ଶନିବାର ଦେଖିବାକୁ ମିଳିଛି। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସହରରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହୁଛି। ଯେଉଁ କେତେଜଣ ବ୍ୟବସାୟୀ ଦୋକାନ ଖୋଲା ରଖୁଥିଲେ ତାହା ଶନିବାର ବନ୍ଦ ହୋଇ ଯାଇଛି। ତେବେ ଗ୍ରାମାଞ୍ଚଳରେ ଏହାର ପ୍ରଭାବ ପଡୁନି।

**ରାଇପଡାର ୨ ଆଦିବାସୀଙ୍କୁ ହତ୍ୟା ଘଟଣା**

# ୩୬ଘଣ୍ଟା ପରେ ପୋଲିସ ହାତ ଖାଲି

**ନୟାଗଡ ଅଫିସ/ରଣପୁର,୧୧।୪(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ତହସିଲ ଚାନ୍ଦପୁର ଥାନା ରାଇପଡା ଗାଁରେ କାଜୁ ଜଙ୍ଗଲକୁ ନେଇ ୨ ଆଦିବାସୀଙ୍କ ହତ୍ୟା ଘଟଣା ୩୬ ଘଣ୍ଟା ବିତିଯାଇଛି । ହେଲେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇ ନାହିଁ। ଅଭିଯୁକ୍ତଙ୍କୁ ଗିରଫ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଆଦିବାସୀମାନେ ଶନିବାର ଅପରାହ୍ନ ୪ଟାରେ ଚାନ୍ଦପୁର ଥାନା ସମ୍ମୁଖରେ ବିରଞ୍ଚି ପ୍ରଧାନଙ୍କ ମୃତଦେହ ରଖି ଧାରଣା ଦେଇଥିଲେ। ଘଟଣାସ୍ଥଳରେ ନୟାଗଡ ଉପଜିଲାପାଳ ଲଗ୍ନଜିତ ରାଉତ, ରଣପୁର ତହସିଲଦାର ସଞ୍ଜୟ ସାମନ୍ତ, ଶରଣକୁଳ ଏସଡିପିଓ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା ବ୍ୟବସ୍ଥା, ଗୃହ, ଭତ୍ତା ପରି ସରକାରୀ ଯୋଜନାରେ ସାମିଲ, ରେଡକ୍ରସରୁ ୧୦ ହଜାର ଲେଖାଏ ସହାୟତା,



ଥାନା ଆଗରେ ଆଦିବାସୀମାନେ ଧାରଣା ଦେଇଛନ୍ତି।

- ମୃତଦେହ ରଖି ଥାନା ସମ୍ମୁଖରେ ଧାରଣା
- ଡିଆଇଜିଙ୍କ ଚାନ୍ଦପୁର ଥାନାରେ ସମୀକ୍ଷା

ମରଣସହ ଲଢୁଥିବା ରାଜୁ ପ୍ରଧାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟା ୭ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ଚାନ୍ଦପୁର ଥାନାକୁ ଆସି ଏସ୍‌ପି ପ୍ରତ୍ୟୁଷ ଦିୱାକର, ଶରଣକୁଳ ଏସଡିପିଓ, ଚାନ୍ଦପୁର ଥାନା ଆଇଆଇସିଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏସ୍‌ପି ଗାଁକୁ ଯାଇ ଆଦିବାସୀଙ୍କ ସହ କଥା ହୋଇ ହତ୍ୟାକାରୀଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର କାଜୁ ଜଙ୍ଗଲ ବିବାଦ ନେଇ ନୂଆସାହି ଲୋକଙ୍କ ଆକ୍ରମଣରେ ଆଦିବାସୀ ସାହିର ଦୁର୍ଗା ପ୍ରଧାନ ଓ ବିରଞ୍ଚି ପ୍ରଧାନ ପ୍ରାଣ ହରାଇଥିଲେ। ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଣ ହରାଇଥିବା ଦୁର୍ଗାଙ୍କ ମୃତଦେହ ପଞ୍ଚାୟତ ସମ୍ମୁଖରେ ରାତିରେ ରଖି ଆଦିବାସୀମାନେ ଧାରଣା ଦେଇଥିଲେ। ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା।

### ହତ୍ୟାକାରୀଙ୍କ ଗିରଫ ଦାବି

ତୁରନ୍ତ ହତ୍ୟାକାରୀଙ୍କ ଗିରଫ, ମୃତକଙ୍କ ପରିବାରକୁ କ୍ଷତିପୂରଣ, ଆହତଙ୍କ ମାଗଣା ଚିକିତ୍ସା ଯୋଗାଇବା ସହ ଆଦିବାସୀଙ୍କୁ କାଜୁ ଜଙ୍ଗଲର ଅଧିକାର ଦେବାକୁ ସିପିଆଇ (ଏମ୍) ଦାବି କରିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକ ହସ୍ତକ୍ଷେପ କରି ଆଦିବାସୀଙ୍କୁ ନ୍ୟାୟ ଦେବାକୁ ସିପିଆଇ (ଏମ) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଦାବି କରି ସ୍ମାରକପତ୍ର ଦେଇଛନ୍ତି। ହତ୍ୟା ଘଟଣାକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି।

### ଘର ଭାଙ୍ଗି ଲୁଟ୍ ଅଭିଯୋଗ

ରାଇପଡାରେ ୨ ଆଦିବାସୀଙ୍କ ହତ୍ୟା ପରେ ନୂଆସାହି ମହିଳା ଓ ପୁରୁଷଶୂନ୍ୟ ହୋଇ ପଡିଛି। ଏଭଳିସ୍ଥଳେ କିଛି ଆଦିବାସୀ ନୂଆସାହିର ୩ଜଣଙ୍କ ଘରେ ପଶି ଲୁଟ୍ କରିବା ସହ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ଜଣେ ମହିଳା ଏହି ଅଭିଯୋଗ ଆଣିବା ସହ ସମ୍ପୃକ୍ତ ଆଦିବାସୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ରବିବାର, ୧୨ ଏପ୍ରିଲ, ୨୦୨୦



## ସଂକ୍ଷେପରେ

### ଶୀତଳଷଷ୍ଠୀ ଯାତ୍ରା କମିଟିର ଦାନ

ସମ୍ବଲପୁର, ୧୧।୪ (ବ୍ୟୁରୋ): ବିଶ୍ୱ ବ୍ୟାପି କରୋନା ଭୂତାଣୁ ସଂକ୍ରମଣ ହୋଇଛି । ଏହି ପରିସ୍ଥିତିରେ ମୁକାବିଲା ଲାଗି ସମ୍ବଲପୁର ବଡବଜାର ଶ୍ରୀ ଶ୍ରୀ ଶିତଳେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛି। ଉଭୟ ପାଣ୍ଠିକୁ କମିଟି ୨୫ ହଜାର ଟଙ୍କା ଲେଖାଏଁ ଚେକ୍ ମାଧମରେ ଦେଇଛି। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଏବଂ ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କୁ ଏହା ପ୍ରଦାନ କରାଯାଇଛି। ଯାତ୍ରା କମିଟି ସଭ୍ୟ ପଞ୍ଚାନନ ତ୍ରିପାଠୀ, ସୁରେନ୍ଦ୍ର ମହାନ୍ତି, ସଞ୍ଜୀବ ନନ୍ଦ, ସରୋଜ ସାହୁ, ଘନ ପଟେଲ, ଭବେଶ ଚାନ୍ଦ, ସଞ୍ଜୟ ଷଡଙ୍ଗୀ ପ୍ରମୁଖ ସାମିଲ ଥିଲେ।

### ଅନ୍‌ଲାଇନ ଶିକ୍ଷାଦାନକୁ ବୁର୍ଲା ଡିଏଭିର ଗୁରୁତ୍ୱ

ସମ୍ବଲପୁର, ୧୧।୪ (ବ୍ୟୁରୋ): କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ପ୍ରତିଷେଧକ ଭାବେ ଦେଶରେ ଲକ୍ ଡାଉନ କରାଯାଇଛି । ଓଡିଶା ରାଜ୍ୟ ସରକାର ମଧ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଲକ୍ ଡାଉନ କରିବାକୁ ଘୋଷଣା କରିଛନ୍ତି । କରୋନା ଭୂତାଣୁକୁ ରୋକିବା ପାଇଁ ସବୁ ସ୍ତରରେ କାର୍ଯ୍ୟ କରାଯାଉଛି। ତେଣୁ ସ୍କୁଲ, କଲେଜ ଗୁଡିକ ଜୁନ ୧୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ଏହାକୁ ଦୃଷ୍ଟିରେ ରଖି ବୁର୍ଲାସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଅନ୍ ଲାଇନ ଜରିଆରେ ଶିକ୍ଷାଦାନ କରୁଛି । ଶୁକ୍ରବାର ସ୍କୁଲ ଅଧକ୍ଷା ରଶ୍ମି ମିଶ୍ର କହିଛନ୍ତି ଯେ, ଲକ୍ ଡାଉନକୁ ସମ୍ମାନ ଜଣାଇ ସ୍କୁଲରେ ଶିକ୍ଷାଦାନ ବନ୍ଦ ରହିଛି । କିନ୍ତୁ ଡିଜିଟାଲ ବୈଷୟିକ ଶିକ୍ଷା ପଦ୍ଧତିକୁ ଆଧାର କରି ଛାତ୍ରୀଛାତ୍ରଙ୍କୁ ସମୟସାରଣୀ ଅନୁସାରେ କ୍ରମାଗତ ଶିକ୍ଷାଦାନ କରାଯାଉଛି । ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଧାରା ବନ୍ଦ ହେବ ନାହିଁ । ସେମାନଙ୍କ ମନରେ ଆହୁରି ଉତ୍ସାହ ଦେଖା ଦେବ ବୋଲି ସେ କହିଛନ୍ତି।

### ନିୟମ ମାନୁ ନାହାନ୍ତି ବାଇକ୍ ଚାଳକ

ରାଉରକେଲା ଅଫିସ,୧୧। ୪: ରାଉରକେଲାରେ ଅମାନିଆ ବାଇକ ଚାଳକ ବାଟକୁ ଆସୁ ନାହାନ୍ତି। ଘର ପାଖରେ ସମସ୍ତ ସୁବିଧା ସତ୍ତ୍ୱେ ରାସ୍ତାରେ ମାଳ ମାଳ ବାଇକ୍ ବୁଲୁଛି। ଇସ୍ପାତ ସହରର ଶିକ୍ଷିତ ଯୁବ ବର୍ଗଙ୍କ ମତି ଗତିରେ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ଆସି ପାରୁନି। ପୂର୍ବ ପରି ବାଇକ୍ ଧରି ବିଭିନ୍ନ ସାମଗ୍ରୀ କିଣା ବାହାନାରେ ରାସ୍ତାରେ ବୁଲୁଛନ୍ତି। ଶନିବାର ସେକ୍ଟର- ୨୨ ମିନି ଷ୍ଟାଡିୟମକୁ ସ୍ଥାନାନ୍ତରିତ ହୋଇଥିବା ପରିବା ବଜାରକୁ ଶତାଧିକ ବାଇକ ଚାଳକଙ୍କ ଯା ଆସ ଲାଗି ରହିଥିଲା। ଯୁବକମାନେ ବାଇକ୍ ଧରି ଘର ପାଖ ବଜାରକୁ ଯାଇଥିଲେ, ଯାହା ସାମାଜିକ ଦୂରତାର ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଥିଲା।

# ନୂଆ ମୋଡ଼ ନେଲା ବିବାଦ

**-ପୋଲିସକୁ ପ୍ରଶାସନିକ ଅଧିକାରୀଙ୍କ ଦୁର୍ବ୍ୟବହାର**
**-ଏସ୍‌ପିଙ୍କ ଦ୍ୱାରସ୍ଥ ହେଲା ହାବିଲଦାର, କନଷ୍ଟେବଳ ସଂଘ**

ଝାରସୁଗୁଡା ଅଫିସ,୧୧।୪

କରୋନା ଭୂତାଣୁ ସଂକ୍ରମଣରୁ ଲୋକଙ୍କୁ ଦୂରେଇ ରଖିବା ପାଇଁ ସମଗ୍ର ଦେଶରେ ଲକ୍ ଡାଉନ୍ କଟକଣା ଜାରି କରାଯାଇଛି। ଏହି ଲକଡାଉନ କଟକଣାକୁ କଡାକଡି ଭାବେ ପାଳନ କରିବା ପାଇଁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଝାରସୁଗୁଡାରେ ଶନିବାର ଲକଡାଉନ କଟକଣା ପାଳନ ପାଇଁ କାର୍ଯ୍ୟରତ ଜଣେ ପ୍ରଶାସନିକ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଛି। ଜଣେ ପ୍ରଶାସନିକ ଅଧିକାରୀ (ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀ) ପୋଲିସ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରଛନ୍ତି। ଏ ନେଇ ଜିଲା କନଷ୍ଟେବଳ ଓ ହାବିଲଦାର ସଂଘ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛି। ଏହି ପ୍ରଶାସନିକ ଅଧିକାରୀଙ୍କ ଏଭଳି ବ୍ୟବହାର କାର୍ଯ୍ୟରତ ପୋଲିସ କର୍ମଚାରୀମାନଙ୍କୁ ନିରୁତ୍ସାହିତ କରୁଥିବା ସଂଘ ଏସ୍‌ପିଙ୍କୁ ଅଭିଯୋଗ କରିଛି।

ସୂଚନା ମୁତାବକ ଝାରସୁଗୁଡା ସହରର କିଶାନ ଛକ, ବସଷ୍ଟାଣ୍ଡ ଛକ, ରେଳ ଷ୍ଟେସନ ଛକ, ଥାନା ଛକ ଆଦି ବିଭିନ୍ନ ଛକରେ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ସହରକୁ ଯିବା ଆସିବା କରୁଥିବା ଏବଂ ବିନା କାରଣରେ ବୁଲାବୁଲି କରୁଥିବା ଲୋକଙ୍କୁ ଯାଞ୍ଚ କରୁଛନ୍ତି। ଶନିବାର ସକାଳ ୮ଟା ବେଳେ ସହରର କିଶାନ ଛକରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଗାଡି ମୋଟରକୁ ପୋଲିସ କର୍ମଚାରୀମାନେ ଯାଞ୍ଚ କରୁଥିଲେ । ଏହି ସମୟରେ ଏକ ଗାଡିକୁ ଉପରୋକ୍ତ ପ୍ରଶାସନିକ ଅଧିକାରୀ ଅଟକାଇ ମାଡ ମାରିବାକୁ ପୋଲିସ କର୍ମଚାରୀମାନଙ୍କୁ କହିଥିଲେ। ତେବେ ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ଗାଡି ଚାଳକଙ୍କୁ ପଚରାଉଚୁରା କରିଥିଲେ। ଏଥିରେ ପ୍ରଶାସନିକ ଅଧିକାରୀ ଉତ୍କ୍ଷିପ୍ତ ହୋଇଯାଇ ପୋଲିସ କର୍ମଚାରୀମାନଙ୍କୁ ଗାଳି ଗୁଲଜ କରିଥିଲେ। ସମ୍ପୃକ୍ତ ଗାଡି ଚାଳକଙ୍କୁ ଯଦି ପୋଲିସ ନ ବାଡେଇବ ତାହା ହେଲେ ସେ ପୋଲିସକୁ ବାଡେଇବେ ବୋଲି ଧମକେଇଥିଲେ ବୋଲି ଜଣେ ପୋଲିସ କର୍ମଚାରୀ ନିଜ ନାଁ ଗୁପ୍ତ ରଖି କହିଛନ୍ତି। ଏହା ପରେ ପୋଲିସ କର୍ମଚାରୀମାନେ ଉପରୋକ୍ତ ପ୍ରଶାସନିକ ଅଧିକାରୀଙ୍କୁ ବିରୋଧ କରିଥିଲେ। ଏଥିରେ ଜିଲା ହାବିଲଦାର ଓ କନଷ୍ଟେବଳ ସଂଘ ହସ୍ତକ୍ଷେପ କରି ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତିଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲା। ପରେ ଏସ୍‌ପି ମହାନ୍ତି ଜିଲା ପ୍ରଶାସନ ସହିତ ଆଲୋଚନା କରି ଘଟଣାର ସମାଧାନ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପିଙ୍କ ମତାମତ ଲୋଡିବାରୁ ଘଟଣାକୁ ସେ ପରୋକ୍ଷରେ ସ୍ୱୀକାର କରିଛନ୍ତି। ଏହା ପୋଲିସର ଆଭ୍ୟନ୍ତର କଥା ହୋଇଥିବାରୁ କିଛି ମତାମତ ଦେଇ ପାରିବେ ନାହିଁ ବୋଲି କହିଥିଲେ।

ପ୍ରକାଶଯୋଗ୍ୟ, କିଛି ଦିନ ତଳେ ଝାରସୁଗୁଡା ସହରରେ ବିଚାରପତି ଓ ପ୍ରଶାସନିକ ଅଧିକାରୀ (ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀ)ମାନଙ୍କ ମଧ୍ୟରେ ଲକ୍ ଡାଉନ୍ କଟକଣାକୁ ନେଇ ବିବାଦ ଦେଖା ଦେଇଥିଲା। ଏପରିକି ପ୍ରଶାସନିକ ଅଧିକାରୀମାନେ ସମୂହ କାର୍ଯ୍ୟ ବନ୍ଦ ମଧ୍ୟ କରିଥିଲେ। ଜିଲାପାଳଙ୍କ ହସ୍ତକ୍ଷେପ ପରେ ମାମଲାର ସମାଧାନ ହୋଇଥିଲା। ଅନ୍ୟପକ୍ଷରେ ଉପରୋକ୍ତ ପ୍ରଶାସନିକ ଅଧିକାରୀଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଜଣେ କଲେଜ ଛାତ୍ର ଏକ ଭିଡିଓ ଭାଇରାଲ କରି ପୋଲିସ ଦ୍ୱାର ଅଟକ ଥିଲେ।

## ଚିତ୍ରକଳାରେ କରୋନା ସଚେତନତା



କରୋନା ସଚେତନତା ଉପରେ ଶିକ୍ଷକ ଦୁଃଖିସେବକ ସାହୁଙ୍କ ଚିତ୍ରକଳା ।

ବରଗଡ଼ ଅଫିସ୍,୧୧।୪

କରୋନା (କୋଭିଡ୍-୧୯) ଭୂତାଣୁ ସାରା ବିଶ୍ୱରେ କାୟା ବିସ୍ତାର କରି ଚାଲିଛି। ଏହାକୁ ଦମନ କରିବା ପାଇଁ ଠୋସ୍ ଔଷଧ ଏପର୍ଯ୍ୟନ୍ତ ବାହାରି ପାରି ନ ଥିବାବେଳେ ସଚେତନତା, ସତର୍କତା ହିଁ ଏକମାତ୍ର ମାଧ୍ୟମ ହୋଇଛି । ଏଥିପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ ହୋଇଛି । ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି । ତେବେ ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଜଣେ ଶିକ୍ଷକ ଦୁଃଖିସେବକ ସାହୁ ଏକ ନିଆରା ଢ଼ଙ୍ଗରେ କରୋନା ସଚେତନତା ସୃଷ୍ଟି ପାଇଁ ନିଜ ପ୍ରୟାସ ଆରମ୍ଭ କରିଛନ୍ତି । ସେ ନିଜର ଚିତ୍ରକଳା ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟିଛନ୍ତି। ଶିକ୍ଷକ ସାହୁଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

**ଶିକ୍ଷକଙ୍କ ନିଆରା ପ୍ରୟାସ**

# କରୋନା ବିଗାଡୁଛି ବେଉସା

**ହାତ ବନ୍ଦ କରି ବସିଛନ୍ତି ୧୦ହଜାର କୁମ୍ଭକାର**

ନୂଆପଡା ଅଫିସ,୧୧।୪

ଚାରିଆଡେ କରୋନା ଆତଙ୍କିତ କରି ରଖିଛି । ଏହାକୁ କିପରି ମୁକାବିଲା କରାଯାଇ ପାରିବ ସେଥିପାଇଁ ଉଭୟ ସରକାରୀ ଏବଂ ବେସରକାରୀସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ଅଣ୍ଟା ଭିଡିଛନ୍ତି ଲୋକେ। ଏଥିପାଇଁ ସରକାର ଲକଡାଉନ ଭଳି କଡା ପଦକ୍ଷେପ ମଧ୍ୟ ନେବାକୁ ବାଧ୍ୟ ହୋଇଛନ୍ତି। ଏଥିରେ ପ୍ରଭାବିତ ହେଉଥିବା ଲୋକଙ୍କୁ ବିଭିନ୍ନ ମାଧ୍ୟମରେ ସରକାରୀ ସହାୟତା ପ୍ରଦାନ କରାଯାଉଛି। ହେଲେ ଏହି ସମୟରେ ନୂଆପଡା ଜିଲାରେ ଥିବା କୁମ୍ଭକାର ସମ୍ପ୍ରଦାୟର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିଗୋଚର ହେଉଛି। ବର୍ଷ ସାରା ମାଟିପାତ୍ରର ଚାହିଦା ରହିଥିବା ବେଳେ ଗ୍ରୀଷ୍ମ ଚାରିମାସ କୁମ୍ଭକାର ବେଶ ଦ୍ୱିପଇସା ରୋଜଗାର କରିଥାନ୍ତି। ହେଲେ ଏହି ସମୟରେ ଜାରି ହୋଇଛି ଲକଡାଉନ । କଞ୍ଚାମାଲ ପାଇଁ ଘରୁ ବାହାରି ପାରୁ ନାହାନ୍ତି କିମ୍ବା ବିକ୍ରି କରିବାକୁ ବଜାର ନାହିଁ। ଏବେ ଘୋର ଆର୍ଥିକ ସଙ୍କଟ ମଧ୍ୟରେ ସେମାନେ କାଳାତିପାତ କରୁଛନ୍ତି । ଜିଲା ସଦର ମହକୁମାଠାରୁ ୧୦କିମି ଦୂର ସମରସିଂ ପଞ୍ଚାୟତର ସଦର ଗାଁର ପୁରୁଷାନୁକ୍ରମେ ମାଟିପାତ୍ର ନିର୍ମାଣ କରିଆସୁଥିବା ରାଜୀବ ରଣାଙ୍କ କହିବାନୁସାରେ ପରିବାରର ସମସ୍ତ ସଦସ୍ୟ ମାଟିପାତ୍ର ନିର୍ମାଣ କାମରେ ନିୟୋଜିତ ହୋଇଥାଉ। ଆର୍ଥିକ ଅନଟନରେ ମଧ୍ୟ କେବେ ଦାଦନ ଖଟିଯାଇ ନାହୁଁ। ହେଲେ ଏଥର କରୋନା ପରିବାର ପାଇଁ ଦୁଃଖ ଆଣିଦେଇଛି। ମାସେ ହେବ କାମ ବନ୍ଦ। ଘରୁ ବାହାରିଲେ କରୋନା ଭୟ, ନ ବାହାରିଲେ ଭୋକରେ ଜୀବନ ଯାଉଛି ବୋଲି କହିଥିଲେ। ଏହି ପରିସ୍ଥିତିରେ ସରକାର କୁମ୍ଭକାରମାନଙ୍କୁ ସହାୟତା ରାଶି ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।


କୁମ୍ଭକାର ପରିବାର ମାଟିପାତ୍ର ନିର୍ମାଣରେ ମାତିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଭାଲୁ ମୃତ

କୋକସର/ଜୟପାଟଣା, ୧୧।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଘଣ୍ଟିଗୁଡା ଗ୍ରାମ ଜଙ୍ଗଲ ନିକଟରେ ଥିବା ଚାଷ ଜମିରେ ଛିଣ୍ଡି ପଡିଥିବା ୧୧ କେଭି ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଭାଲୁର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ, ଉଛୁଳା- ଘଣ୍ଟିଗୁଡା ଜଙ୍ଗଲ ନିକଟରେ ଥିବା ଚାଷଜମି ଉପରେ ଦୀର୍ଘଦିନ ହେଲା ଓହଳି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ଶୁକ୍ରବାର ରାତିରେ ଛିଣ୍ଡି ପଡିଥିଲା। ଏହି ସମୟରେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏକ ଭାଲୁ ଛିଣ୍ଡି ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଜୟପାଟଣା ପ୍ରାଣୀ ଚିକିତ୍ସକ ମୃତ ଭାଲୁର ମୃତଦେହ ବ୍ୟବଚ୍ଛେଦ କରିବା ପରେ ପୋତି ଦିଆଯାଇଥିବା ଜୟପାଟଣା ରେଞ୍ଜର କେଶବ ଚନ୍ଦ୍ର ଶବର ସୂଚନା ଦେଇଛନ୍ତି। ତେବେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗଁ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସବୁ ଓହଳି ରହିଥିବା ଅଳ୍ପ ପବନ ହେଲେ ଛିଣ୍ଡି ପଡୁଥିବା ରୁ ଏପରି ଘଟଣା ଘଟୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ଘର ଭାଙ୍ଗିଲା, ବୃଦ୍ଧାଙ୍କୁ ଦଳି ମାରିଲା ହାତୀ

ଖପ୍ରାଖୋଲ, ୧୧।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ବ୍ଲକ ଅନ୍ତର୍ଗତ ହନୁପାଲି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ଜୀବନ ଯାଇଛି। ମୃତା ହେଲେ ବେଲମତୀ ବରିହା(୯୦)। ହାତୀ ଆକ୍ରମଣରୁ ତାଙ୍କ ପୁଅ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ବିଳମ୍ବିତ ରାତିରେ ହାତୀ ବେଲମତୀଙ୍କ ଘର ଭାଙ୍ଗି ଥିଲା। ଏହି ସମୟରେ ସେ ଘରେ ଶୋଇଥିବାବେଳେ ତାଙ୍କୁ ଦଳି ଦେଇଥିଲା ହାତୀ। କାନ୍ଥ ଭାଙ୍ଗି ପଡିବା ଶବ୍ଦ ଶୁଣି ଘରେ ଶୋଇଥିବା ତାଙ୍କ ପୁଅ ଦୌଡି ପ୍ରାଣ ବିକଳରେ ପଳାଇଥିଲେ। ପରେ ହାତୀ ଘରେ ଥିବା ଧାନ, ଚାଉଳ ଖାଇ ସେଠାରୁ ପଳାଇ ଯାଇଥିଲା। ଖବର ପାଇ ସ୍ଥାନୀୟ ଲୋକେ ଏବଂ ବନ ବିଭାଗ କର୍ମଚାରୀ ବୃଦ୍ଧାଙ୍କୁ ଉଦ୍ଧାର କରି ପ୍ରଥମେ ଖପ୍ରାଖୋଲ ଡାକ୍ତରଖାନା ଏବଂ ପରେ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କିଛି ଦିନ ତଳେ ଖପ୍ରାଖୋଲ ସୀମାନ୍ତ ପଦ୍ମପୁର ଅଞ୍ଚଳରେ ହାତୀପଲ ୪ଜଣଙ୍କୁ ଦଳି ମାରିଥିବାବେଳେ ଏବେ ଗନ୍ଧମାର୍ଦ୍ଦନ ପାହାଡ ତଳି ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ଏ ନେଇ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କୁ ପଚାରିବାରୁ ଶୁକ୍ରବାର ଭାନପୁର ଅଞ୍ଚଳରେ ହାତୀ ଥିବା ଜାଣି ପାଟ୍ରୋଲିଂ କରିଥିଲୁ। ରାତିରେ ହନୁପାଲିରେ ହାତୀ ଆକ୍ରମଣ ଜାଣି ସେଠାକୁ ଯିବା ସହ ଗୁରୁତର ବୃଦ୍ଧାଙ୍କୁ ଚିକିତ୍ସା ପାଇଁ ନେଇଥିଲୁ । ହାତୀପଲଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖାଯାଇଛି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ବନ ବିଭାଗ ପକ୍ଷରୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।


ହାତୀ ଭାଙ୍ଗି ଦେଇଥିବା ବେଲମତୀଙ୍କ ଘର।

# ୨.୭୫ ଲକ୍ଷ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମିଳିବ ଏଲ୍‌ପିଜି ସିଲିଣ୍ଡର

ବଲାଙ୍ଗୀର ଅଫିସ, ୧୧।୪

ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଏପ୍ରିଲ ପହିଲାରୁ ଆଗାମୀ ତିନି ମାସ ପାଇଁ ୩ଟି ସିଲିଣ୍ଡର ମାଗଣାରେ ବଣ୍ଟନ କରିବାକୁ ଭାରତ ସରକାର ଘୋଷଣା କରିଛନ୍ତି । ଏହି ଯୋଜନାରେ ବଲାଙ୍ଗୀର ଜିଲାର ୨ ଲକ୍ଷ ୭୫ ହଜାର ଉଜ୍ଜ୍ୱଳା ହିତାଧିକାରୀ ମାଗଣାରେ ଏଲପିଜି ସିଲିଣ୍ଡର ପାଇବେ । ପ୍ରତ୍ୟେକ ହିତାଧିକାରୀଙ୍କୁ ଆଗାମୀ ଦିନରେ ୩ଟି ସିଲିଣ୍ଡର ଯୋଗାଇ ଦିଆଯିବ । ଏଲପିଜି ବିତରଣ ସମୟରେ କରୋନା ସଂକ୍ରମଣ ବା ପ୍ରଭାବରେ କାର୍ଯ୍ୟରତ କର୍ମଚାରୀ ଯଥା ଶୋରୁମ୍ ଷ୍ଟାଫ୍, ଗୋଦାମ କିପର, ମେକାନିକ୍ ଓ ଡେଲିଭରି ବୟେଙ୍କ ମୃତ୍ୟୁ ଘଟିଲେ ସେମାନଙ୍କୁ ସହାୟତା ସ୍ୱରୂପ ୫ ଲକ୍ଷ ଟଙ୍କା ଦିଆଯିବ ବୋଲି ଦେଶର ତୈଳ ବିପଣନ କମ୍ପାନୀ ଆଇଓସିଏଲ, ବିପିସିଏଲ ଏବଂ ଏଚ୍‌ପିସିଏଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

# ଅସହାୟ ବୃଦ୍ଧଙ୍କ ମୃତଦେହ ଦାହକଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୧୧।୪

ବରଗଡ଼ର ନିଷ୍ଠା ପରିବାର ପକ୍ଷରୁ ଶନିବାର ଜିରା ନଦୀ କୂଳ ସ୍ୱର୍ଗଦ୍ୱାରରେ ଜଣେ ଅସହାୟ ବୃଦ୍ଧଙ୍କ ମୃତଦେହକୁ ସତ୍କାର କରାଯାଇଛି। ଗତ ପ୍ରାୟ ଦୁଇମାସ ତଳେ ବୃଦ୍ଧ ଜଣକ ଅସହାୟ ଅବସ୍ଥାରେ ବରଗଡ଼ର ଏକ ଘରୋଇ ନର୍ସିଂହୋମ ପାଖରେ ପଡ଼ିଥିଲେ। ସେତେବେଳେ ନିଷ୍ଠା ପରିବାର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୀର୍ଘ ଦେଢ଼ମାସ ଧରି ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏହାପରେ ତାଙ୍କୁ ବିଜେପୁର ବ୍ଲକ ସମଲେଇପଦରସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ରଖାଯାଇଥିଲା। ତେବେ ଗତ ୮ତାରିଖରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ୭୨ଘଣ୍ଟା ପରେ ମଧ ମୃତକଙ୍କ କେହି ଦାବିଦାର ନ ଆସିବାରୁ ପୋଲିସର ଅନୁମତି କ୍ରମେ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଶବଦାହ କରିଥିଲେ ।


ସ୍ୱେଚ୍ଛାସେବୀମାନେ ମୃତଦେହ ଦାହ କରୁଛନ୍ତି ।

## ବନ୍ଧବାହାଲ ଏମ୍‌ସିଏଲ୍ ହସ୍ପିଟାଲର ଉନ୍ନତି କରାଯିବ

ଲଖନପୁର,୧୧।୪(ଡି.ଏନ୍.ଏ.)

ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ କୋଭିଡ୍ ଚିକିତ୍ସାଳୟକୁ ଶନିବାର ପୂର୍ବାହ୍ନରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ପରିଦର୍ଶନ କରିଛନ୍ତି। ୫୦ ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟକୁ ୧୦୦ଶଯ୍ୟା ବିଶିଷ୍ଟ କରିବା, ବିଭିନ୍ନ ବିଭାଗର ଡାକ୍ତର ଓ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ଆଦି ନିଯୁକ୍ତି କରିବାକୁ ନେଇ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହିତ ଆଲୋଚନା କରିବେ ବୋଲି ପୂଜାରୀ କହିଛନ୍ତି। ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହ, ଏପିଏମ୍ ସଞ୍ଜୀବ ଭରଦ୍ୱାଜ, ଡା. ୱାଇ ସି ରାଓ, ଡା.ଅରବିନ୍ଦ କୁମାର ପ୍ରମୁଖଙ୍କ ସହିତ ସେ ଆଲୋଚନା କରିଥିଲେ। ଏହାପରେ ସେ ବେଲପାହାଡ, ବ୍ରଜରାଜନଗର ପୌରାଞ୍ଚଳ ଆଦି ପରିଦର୍ଶନ କରି କରୋନା ନିୟନ୍ତ୍ରଣ ସମ୍ପର୍କରେ ପଚାରି ବୁଝିଥିଲେ। ସରକାରଙ୍କ ତରଫରୁ ଅସହାୟ ଲୋକଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ କେନ୍ଦ୍ର ମଧ୍ୟ ଯାଇ ପରିଦର୍ଶନ କରିଥିଲେ। ବେଲପାହାଡ ପୌରାଞ୍ଚଳ ଅଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ଓ ବ୍ରଜରାଜନଗର ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଦିଲ୍ଲୀପ ପଟେଲ ପ୍ରମୁଖଙ୍କ ସହିତ ସେ ଆଲୋଚନା କରିଥିଲେ। ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ବିଶ୍ୱଜିତ ଷଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୃତ୍ତି ଅଧ୍ୟାପନା, ନିଶା ସମାଜସେବା

**ପଲ୍ଲୀର ନାୟିକା**

ବିଜେପୁର, ୧୧।୪ (ଡି.ଏନ.ଏ)

ସାମାଜିକ ମୂଲ୍ୟବୋଧକୁ ବଜାୟ ରଖିବା ଲକ୍ଷ୍ୟ ନେଇ ନିଜର ପହିଲି ଦରମାରେ ନିସହାୟ ଲୋକଙ୍କୁ ମାସ୍କ ବାଣ୍ଟିବା ତଥା ଗାଁକୁ କରୋନା ମୁକ୍ତ ରଖିବାକୁ ସଚେତନତା କମିଟିର ମଙ୍ଗ ଧରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ବେଲମତୀ କୁମୁରା। ସେ ବରଗଡ ଜିଲା ବିଜେପୁର ବ୍ଲକର କ୍ଷୁଦ୍ର ପଲ୍ଲୀ ଚାରପାଲିର ଜଗନ୍ନାଥ ଓ ଜାନକୀଙ୍କ ଜ୍ୟେଷ୍ଠା କନ୍ୟା । ବହୁ ଅଭାବ ଅନଟନ ମଧ୍ୟରେ ତାଙ୍କର ବାଲ୍ୟ ଜୀବନ ଅତିବାହିତ ହୋଇଥିଲେ ସୁଦ୍ଧା ସେ କେବେ ଭାଙ୍ଗି ପଡି ନ ଥିଲେ। ସାଧନା ଓ ଅଧ୍ୟବସାୟ ବଳରେ ଅଧୁନା ସେ କୁଚିଣ୍ଡା ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ଭାବେ କାର୍ଯ୍ୟରତ । ବିଜେପୁର ମହାବିଦ୍ୟାଳୟରେ ସେ ଅଧ୍ୟୟନ କରିବା ବେଳେ ଅଧ୍ୟାପିକା ଡ. ସୁବ୍ରତାରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସରେ ସାମିଲ ହୋଇ ସାମାଜିକ ସଚେତନତା ମୂଳକ କାର୍ଯ୍ୟକ୍ରମରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ଫଳସ୍ୱରୂପ ସେ ଜାତୀୟସ୍ତରରେ ରାଷ୍ଟ୍ରପତିଙ୍କ ନିକଟରୁ ସମ୍ବର୍ଦ୍ଧିତ ହୋଇଥିଲେ । ଏହାପରଠାରୁ ସେ ଆଉ କେବେ ପଛକୁ ଫେରି ଚାହିଁ ନାହାନ୍ତି । କରୋନା ଯୋଗୁ ମହାବିଦ୍ୟାଳୟ ବନ୍ଦ ହୋଇଯିବାରୁ ସେ ଗାଁକୁ ଫେରିଥିଲେ । ସାମାଜିକ ଦୂରତ୍ୱ ବଜାୟ ରଖିବା କରୋନାକୁ ପ୍ରତିହତ କରିବାର ଏକ ବଳିଷ୍ଠ ମାଧ୍ୟମ ଏହାକୁ ସେ କାର୍ଯ୍ୟରେ ପରିଣତ କରିବାକୁ ଅଣ୍ଟା ଭିଡିଥିଲେ । ସରପଞ୍ଚ ଦେବେନ୍ଦ୍ର ସାହୁ, ଅଙ୍ଗନୱାଡି କର୍ମୀ ସନ୍ତୋଷିନୀ ପଧାନଙ୍କ ସହଯୋଗକ୍ରମେ ସେ ଗାଁର ପ୍ରତି ପଡାର ଜଣେ ଶିକ୍ଷିତ ଯୁବକ, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ନେଇ କରୋନା ସଚେତନତା କମିଟି ଗଠନ କରିଥିଲେ । ଗାଁର ଉଭୟ ମୁଣ୍ଡର ରାସ୍ତାକୁ ଅବରୋଧ କରିବା ସହ ପାଳିକରି ଜଗିବାକୁ ଯୁବକମାନଙ୍କୁ ସେ ନିୟୋଜିତ କଲେ । ଘରର ସବିଶେଷ ପରିଷ୍କାର ପରିଚ୍ଛନ୍ନ ରହିବା, ନିର୍ଦ୍ଧାରିତ ସମୟ ଯାଏ ଗୁଜୁରାତି, ଅଣ୍ଡା, ମାଂସ ଦୋକାନ ଖୋଲିବା, ଜରୁରୀ କାମ ନ ଥିଲେ ପଦାକୁ ନ ବାହାରିବା, ନଳକୂପକୁ ପାଣି ନେବାକୁ ଯିବା ବେଳେ ସାବୁନରେ ହାତ ଧୋଇବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ଏହାର ଉଲଂଘନ କଲେ ଜରିମାନା ଆଦାୟ କରିବା ଆଦି ଉକ୍ତ ସଚେତନତା କମିଟି ପକ୍ଷରୁ ପଦକ୍ଷେପ ନିଆଯାଉଛି । ମାସ୍କ ପିନ୍ଧିବା ନିହାତି ଆବଶ୍ୟକ ହୋଇଥିବାରୁ ସେ ନିଜ ପହିଲି ଦରମାରୁ ନିଜେ ସିଲେଇ କରି ସ୍ୱେଚ୍ଛାସେବୀ ସାଥି ଓ ନିଃସହାୟ ଲୋକଙ୍କୁ ମାଗଣାରେ ବାଣ୍ଟୁଛନ୍ତି। ଗତ ବୁଧବାରଠାରୁ ଶନିବାର ଯାଏ ସେ ଦୁଇ ଶହ ମାସ୍କ ବିତରଣ କରିଛନ୍ତି । ଏ ସମ୍ପର୍କରେ ଅଧ୍ୟାପିକା ବେଲମତୀ କୁମୁରାଙ୍କୁ ପଚାରିବାରୁ ସେ କହିଛନ୍ତି, ପହିଲି ଦରମାକୁ ସମାଜ ସେବାରେ ଖର୍ଚ୍ଚ କରିବାକୁ ମୋର ମାତାପିତାଙ୍କ ଇଚ୍ଛା ଥିଲା । ତେଣୁ କିଛି ଭଲ ଭଲ ପୁସ୍ତକ କିଣି ଏହି ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ବାଣ୍ଟିବାକୁ ଯୋଜନା କରିଥିଲି । ହେଲେ କରୋନା ପ୍ରତିହତ ପାଇଁ ନିଃସହାୟ, ଗରିବ ଲୋକଙ୍କୁ ମାସ୍କ କିଣିବା ସମ୍ଭବ ନୁହେଁ । ଫଳରେ ନିଜ ହାତରେ ମାସ୍କ ତିଆରି କରି ବାଣ୍ଟୁଛି । ଏକ ହଜାର ମାସ୍କ ବାଣ୍ଟିବାକୁ ଲକ୍ଷ୍ୟ ରଖିଛି । ସଚେତନତା କମିଟିର ନେତୃତ୍ୱ ନେବା ତଥା ମାସ୍କ ବାଣ୍ଟିବା କାର୍ଯ୍ୟରେ ମୋର ମାତାପିତା ଓ ଭଉଣୀ ବେଦମତୀ କୁମୁରା ଉତ୍ସାହିତ କରୁଛନ୍ତି ।


ମାସ୍କ ପ୍ରସ୍ତୁତିରେ ବ୍ୟସ୍ତ ବେଲମତୀ ।

**ସଂକ୍ଷେପରେ**

## ଲ୍ୟାମ୍ପରେ ଭିଡ଼ ଲଗାଇଛନ୍ତି ଚାଷୀ

ଜୟପୁର,୧୧।୪(ଡି.ଏନ୍.ଏ.)-ମଣ୍ଡିରେ ରବିଧାନ ବିକ୍ରି ପାଇଁ କୋରାପୁଟ ଜିଲାର ବିଭିନ୍ନ ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କ ପଞ୍ଜୀକରଣ ସମୟ ୭ରୁ ୧୪ ତାରିଖକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। କିନ୍ତୁ ପଞ୍ଜିକରଣ ଫର୍ମ ଓ ଅନ୍ୟ ଆବଶ୍ୟକ କାଗଜପତ୍ର ଲ୍ୟାମ୍ପ କାର୍ଯ୍ୟାଳୟରେ ହିଁ ସଂଗ୍ରହ କରାଯାଉଛି। ଫଳରେ ଗୋଟିଏ ଲ୍ୟାମ୍ପ ଅଧୀନସ୍ଥ ଏକାଧିକ ପଞ୍ଚାୟତର ଚାଷୀ ଜମା ହେବା ଯୋଗୁ ଗହଳି ହେଉଛି। ଲ୍ୟାମ୍ପ କର୍ତ୍ତୃପକ୍ଷ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରୁ ଏହି ଫର୍ମ ସଂଗ୍ରହ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ବର୍ତ୍ତମାନ ଲକ୍ ଡାଉନ ଓ ସାମାଜିକ ଦୂରତା ରକ୍ଷା ନିୟମ କଡ଼ାକଡ଼ି ପାଳନ କରାଯାଉଛି। ଆସନ୍ତା ସୋମବାର ଓ ମଙ୍ଗଳବାର ସମସ୍ତ ଚାଷୀଙ୍କ ଫର୍ମ ସଂଗ୍ରହ କରାଯିବାକୁ ଥିବାବେଳେ ଏନେଇ ଆଶଙ୍କା ଦେଖାଦେଇଛି। ଜୟପୁର ବ୍ଲକର ଉମୁରୀ ଲ୍ୟାମ୍ପର ୮ଟି ପଞ୍ଚାୟତର ୩ ହଜାରରୁ ଅଧିକ ଚାଷୀ ରହିଛନ୍ତି। ଶନିବାର ସୁଦ୍ଧା ମାତ୍ର ୯ ଜଣଙ୍କ ପଞ୍ଜିକରଣ ଫର୍ମ ସଂଗ୍ରହ ହୋଇପାରିଛି। ଲକ୍ ଡାଉନ ଯୋଗୁ ପୋଲିସ ଭୟରେ ଚାଷୀମାନେ ପଞ୍ଜିକରଣ ପାଇଁ ଡଙ୍ଗରଛିଞ୍ଚିସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ପାରୁନାହାନ୍ତି।

## ଗରିବଙ୍କୁ ମାଗଣାରେ ମାସ୍କ



ଚିତ୍ରକୋଣ୍ଡା,୧୧।୪(ଡି.ଏନ୍.ଏ.)-ଲକ୍‌ଡାଉନ କଡ଼ାକଡ଼ି ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବା ପରେ ମାସ୍କ ତିଆରିରେ ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ହୋଇଛନ୍ତି। ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଓଡ଼ିଶା ଜୀବିକା ମିଶନ ସହାୟତାରେ ବିଏଲ୍‌ସି ସୋମନାଥ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଈଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମଦର ଟେରେସା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାସ୍କ ତିଆରି କରୁଛନ୍ତି। ଗତ ୨ ଦିନରେ ଉଭୟ ଗୋଷ୍ଠୀ ୧ହଜାର ମାସ୍କ ତିଆରି କରିଛନ୍ତି। ଏହାକୁ ସେମାନେ ବିଭିନ୍ନ ପଞ୍ଚାୟତରେ ଗରିବ ଲୋକଙ୍କୁ ମାଗଣା ବାଣ୍ଟୁଛନ୍ତି। ଅନ୍ୟ ସମସ୍ତ ଜନସାଧାରଣଙ୍କୁ ୧୫ ଟଙ୍କାରେ ବିକ୍ରି କରୁଛନ୍ତି। ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତରେ ଥିବା ଗରିବ ଅସହାୟ ବ୍ୟକ୍ତିଙ୍କୁ ମାଗଣାରେ ମାସ୍କ ଯୋଗାଇବେ ବୋଲି ଈଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି କେ. କଳାବତୀ, ସମ୍ପାଦିକା ହେମାଙ୍ଗିନୀ ଖରା, ମଦର ଟେରେସା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି କୁନ୍ତଳା ସୁନା, ସମ୍ପାଦିକା ରିଙ୍କି ଖରା ପ୍ରକାଶ କରିଛନ୍ତି। ଏହାକୁ ବିପିଏମ୍ ପର୍ଶୁରାମ ବେହେରା ପରିଚାଳନା କରୁଛନ୍ତି। ସେହିପରି ନୂଆଗୁଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ସହାୟତାରେ ୧୫ଶହ ଲୋକଙ୍କୁ ମାଗଣାରେ ମାସ୍କ ବଣ୍ଟନ କରାଯାଇଛି। ୧ହଜାର ଲୋକଙ୍କୁ ସାବୁନ ବଣ୍ଟନ କରାଯାଇଛି।

## ସହାୟତା ଦେଲା ମୁଥୁଟ୍

ଜୟପୁର,୧୧।୪(ନି.ପ୍ର.): ଜୟପୁର ମୁଥୁଟ୍ ଫାଇନାନ୍ସ ଲକ ଡାଉନରେ ପ୍ରଭାବିତ ଗରିବ, ଖଟିଖିଆ, ଶ୍ରମଜୀବୀ ଓ ଦିନ ମଜୁରିଆଙ୍କୁ ସହାୟତାର ହାତ ବଢ଼ାଇଛି। ଉପଜିଲାପାଳ ଲୋକନାଥ ଦଳ ବେହେରାଙ୍କ ଉତ୍ସାହ କ୍ରମେ ୧୦୦ ଜଣ ଅସହାୟ ଗରିବଙ୍କୁ ଚାଉଳ, ଡାଲି, ଚିନି, ସର୍ଫ ପାଉଡର, ବିସ୍କୁଟ, ଚା ପତି, ପେଷ୍ଟ, ବ୍ରଶ, ମାସ୍କ, ସାବୁନ, ତେଲ ଭଳି ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବାଣ୍ଟିଛି ସଂସ୍ଥା। ଜୟପୁର ଗଙ୍ଗାନଗରସ୍ଥିତ ଗଙ୍ଗା ମା' ମନ୍ଦିରରେ ମୁଥୁଟ୍ ଗ୍ରୁପ୍ ଜୟପୁର ଶାଖା ପରିଚାଳକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ଶାଖା ପରିଚାଳକ ଭବାନି ପ୍ରସାଦ ରଥ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ମାସ୍କ ବାଣ୍ଟିଲା କଂଗ୍ରେସ

କୁନ୍ଦୁରା,୧୧।୪(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ କଂଗ୍ରେସର କର୍ମୀମାନେ ଶନିବାର ବିଭିନ୍ନ ସ୍ଥାନରେ ମାସ୍କ ବାଣ୍ଟିଛନ୍ତି। ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବା ପରେ କଂଗ୍ରେସର ଦିବଂଗତ ନେତା ତ୍ରିପତି ଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗରିବଙ୍କୁ ମାସ୍କ ବଣ୍ଟାଯିବା ସହ କରୋନା ସମ୍ପର୍କିତ ସଚେତନ କରାଯାଇଛି। କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ବ୍ଲକ କଂଗ୍ରେସ ସମ୍ପାଦକ ଦୈତାରୀ ମଲ୍ଲିକ ଓ ସ୍ୱର୍ଗତ ତ୍ରିପତି ଗୁରୁଙ୍କ ପରିବାର କୁନ୍ଦୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମାସ୍କ ବାଣ୍ଟିଥିଲେ।

# ନବରଙ୍ଗପୁରରେ ୨୦୦ ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍ପିଟାଲ

### ନାଲ୍‌କୋ ସହ ଏମ୍‌ଓୟୁ ସ୍ୱାକ୍ଷର

ନବରଙ୍ଗପୁର,୧୧।୪(ବି.ପ୍ର.)

ନବରଙ୍ଗପୁରଠାରେ କୋଭିଡ୍-୧୯ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ପାଇଁ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି । ଏମ୍‌ଓୟୁ ସ୍ୱାକ୍ଷର ପରେ ନାଲ୍‌କୋ ପ୍ରତିନିଧି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରବି ଦାଶ, ଡାକ୍ତର ସନ୍ତୋଷ ନାଗ, ଜିଲାପାଳ ଡ. ଅଜିତ କୁମାର ମିଶ୍ର, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଡାଇରେକ୍ଟର ଦାସ କହିଛନ୍ତି ନାଲ୍‌କୋ ସର୍ବଦା ସାମାଜିକ କଲ୍ୟାଣ ପାଇଁ ପଦକ୍ଷେପ ନେଇ ଆସୁଛି। ଏବେ ମିଳିଥିବା ଦାୟିତ୍ୱ ସୁଚାରୁରୂପେ ତୁଲାଇବୁ। ନବରଙ୍ଗପୁରଠାରେ କୋଭିଡ୍-୧୯ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ପାଇଁ ଯାହା ଖର୍ଚ୍ଚ ହେବ ନାଲ୍‌କୋ ପକ୍ଷରୁ ବହନ କରାଯିବ। ତେବେ ୬ରେ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲ ଅଧକ୍ଷ ଡାକ୍ତର ସନ୍ତୋଷ ନାଗଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆପୋସ ବୁଝାମଣା ମଧ୍ୟରେ ଏହି ଡାକ୍ତରଖାନା ପରିଚାଳନା କରାଯିବାକୁ ଚୁକ୍ତି ହୋଇଥିବା ଜିଲାପାଳ କହିଛନ୍ତି। ୨ ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସ୍ଥାପନ କରାଯାଉଛି। ସେଠାରେ ଆଇସୋଲେଶନ ଭାବେ ସନ୍ଦିଗ୍ଧ ଓ ଆକ୍ରାନ୍ତ ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯିବ । କରୋନା ଭାଇରସ ଦ୍ୱାରା ସଂକ୍ରମିତ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ମଧ୍ୟ ପ୍ରଦାନ କରାଯିବ । ଲାବ୍ ସହ ଭେଣ୍ଟିଲେଟର ଆଦି ସୁବିଧା ରହିବ । ୩ୟ ସ୍ତରର ରୋଗୀଙ୍କ ପାଇଁ ଏଠାରେ ଚିକିତ୍ସା ବ୍ୟବସ୍ଥା ରହିବ ନାହିଁ। ସେମାନଙ୍କୁ ରେଫର କରାଯିବ । ଏନେଇ ଡାକ୍ତର ଓ ନର୍ସଙ୍କୁ ତାଲିମ ମିଳିଛି। ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ, ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର ପ୍ରମୁଖ ଉପସ୍ଥିତ ଥିଲେ ।



ଅଧିକାରୀମାନେ କୋଭିଡ୍- ୧୯ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ।

## ଯୋଗାଣ ସହାୟକ ନିଲମ୍ବିତ

### କାର୍ଯ୍ୟରେ ଅବହେଳା

କାଳିମେଳା,୧୧।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଗୁମୁକା ପଞ୍ଚାୟତର ଯୋଗାଣ ସହାୟକ ସୁବଲ ବର୍ମନ ନିଜ କାର୍ଯ୍ୟରେ ଅବହେଳାକରି ନିଲମ୍ବିତ ହୋଇଛନ୍ତି। ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚିଠି ନଂ. ୧୧୮୮/ତା ୧୦।୪।୨୦ରେ ବିଡିଓ ଉମାଶଙ୍କର ଦଳାଇ ସୁବଲଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି। ତାଙ୍କ ସ୍ଥାନରେ ନିକଟସ୍ଥ ମାନ୍ଦାପାଲିପଞ୍ଚାୟତର ଯୋଗାଣ ସହାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଖବରରୁ ଜଣାପଡିଛି ବର୍ତ୍ତମାନ କରୋନା ସମୟରେ ରାଜ୍ୟର ସମସ୍ତ ରାଶନକାର୍ଡଧାରୀଙ୍କୁ ଅଗ୍ରିମ ୩ ମାସର ଚାଉଳ ଓ କାର୍ଡ ପିଛା ୧ହଜାର ଟଙ୍କା ପ୍ରଦାନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଗୁମୁକା ପଞ୍ଚାୟତର ଯୋଗାଣ ସହାୟକ ସୁବଲ ପଞ୍ଚାୟତ ଅନ୍ତର୍ଗତ ତଟିଗୁଡା,ଭାଲୁଗୁଡା,ରାମଗୁଡ଼ା ଆଦି ଗ୍ରାମବାସୀଙ୍କୁ ଚାଉଳ ଓ ୧ ହଜାର ଟଙ୍କା ଦେବା ସମୟରେ ଗରିବ ଲୋକଙ୍କଠାରୁ ୧ଶହରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଥିସହ କେତେଜଣ ଲୋକଙ୍କୁ ଚାଉଳ ଦେଇ ନ ଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଗ୍ରାମବାସୀ ଏନେଇ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଅବଗତ କରାଇଥିଲେ। ଜିଲାପାଳ କାଳିମେଳା ବିଡିଓଙ୍କୁ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଯୋଗାଣ ନିରୀକ୍ଷକଙ୍କ ଦ୍ୱାରା ଅଭିଯୋଗର ତଦନ୍ତ କରି ଯୋଗାଣ ସହାୟକ ସୁବଲଙ୍କୁ ନିଲମ୍ବନ କରିଛନ୍ତି । ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ଯୋଗାଣ ସହାୟକ ଚାଉଳ ନ ଦେବା ସହ ଟଙ୍କା ହେରଫେର କରିବା ନେଇ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ନିଜ ସୋସିଆଲ ଆକାଉଣ୍ଟରେ ପୋଷ୍ଟ କରିଥିବା ଦେଖିବାକୁ ମିଳିଥିଲା ।

## ବନ୍ଦ କରିବାରୁ ପୋଲିସକୁ ଆକ୍ରମଣ

### ଲକ୍ ଡାଉନ ବେଳେ ନାଚଗୀତ

- ଥାନା ଏସ୍‌ଆଇ, ଫାଣ୍ଡି ଅଧିକାରୀ ଆହତ
- ୧୫ ଗ୍ରାମବାସୀଙ୍କୁ ଗିରଫ କଲା ପୋଲିସ

ଟିକିରି,୧୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ବାରିଆଗୁଡ଼ାରେ ଲକ୍ ଡାଉନ ବେଳେ ବୁଧବାର ରାତିରେ ନାଚଗୀତ ଚାଲିଥିବା ଖବର ପାଇ ପୋଲିସ ଏହାକୁ ବନ୍ଦ କରିଛି। ଏଥିରେ ଉତ୍ତ୍ୟକ୍ତ ଗ୍ରାମବାସୀ ପୋଲିସ ଉପରକୁ ଆକ୍ରମଣ କରିଛନ୍ତି। ଫଳରେ ଜଣେ ଏସ୍‌ଆଇ ଗୁରୁତର ହୋଇଥିବା ଜଣାପଡ଼ିଛି। ନାଚଗୀତ ଚାଲିଥିବା ଖବର ପ୍ରଥମେ ପାଇବା ପାଟ୍ରୋଲିଂରେ ଥିବା ଦୋରାଗୁଡ଼ା ଥାନା ଏସ୍‌ଆଇ ବିଶ୍ୱରଞ୍ଜନ ଦାଶ, ଡଙ୍ଗାସିଲ ଫାଣ୍ଡି ଅଧିକାରୀ ସଦାନନ୍ଦ ପ୍ରଧାନ ପୋଲିସ ଟିମ୍ ସହ ବାରିଆଗୁଡ଼ାରେ ପହଞ୍ଚିଥିଲେ। ସେଠାରେ ନାଚଗୀତ ବନ୍ଦ କରାଯିବା ସହ ପୋଲିସ ଗ୍ରାମବାସୀଙ୍କୁ ନିଜ ନିଜ ଘରକୁ ଫେରିବା ପାଇଁ ବୁଝାଇଥିଲା। କିନ୍ତୁ ଉତ୍ତ୍ୟକ୍ତ ଗ୍ରାମବାସୀ ଠେଙ୍ଗା, ପଥରରେ ପୋଲିସକୁ ଆକ୍ରମଣ କରିଥିଲେ। ଏଥିରେ ଏସ୍‌ଆଇ ବିଶ୍ୱରଞ୍ଜନ ଦାଶଙ୍କ ମୁଣ୍ଡ ଫାଟିଯାଇଥିଲା। ଫାଣ୍ଡି ଅଧିକାରୀ ପ୍ରଧାନଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ପୋଲିସ ସେଠାରୁ ଫେରିଆସିବା ପରେ ପୁନର୍ବାର ଗାଁରେ ଚଢ଼ାଉ କରି ୧୫ ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୪୨ ହଜାର ମାସ୍କ ବାଣ୍ଟିଲା ୟୁଏଆଇଏଲ୍

ରାୟଗଡ଼ା ଅଫିସ,୧୧।୪:

ରାୟଗଡ଼ା ଜିଲା କାଶୀପୁର ଦୋରାଗୁଡ଼ାସ୍ଥିତ ଆଦିତ୍ୟ ବିର୍ଲା ଗ୍ରୁପ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ଼ (ୟୁଏଆଇଏଲ) ଏହାର ଆଖପାଖ ଗ୍ରାମରେ ୪୨୦୦୦ ମାସ୍କ ବାଣ୍ଟିଛି। ଟିକିରି ଗ୍ରାମରେ ଥିବା କମ୍ପାନୀର ନିଜସ୍ୱ ପୋଷାକ ପ୍ରସ୍ତୁତ କେନ୍ଦ୍ରରେ ପ୍ରାୟ ୧୨୦୦୦ ମାସ୍କ ପ୍ରସ୍ତୁତ କରାଯାଇଥିଲା। ଅବଶିଷ୍ଟ ମାସ୍କ ବାହାରୁ କିଣାଯାଇ ଲୋକଙ୍କୁ ଦିଆଯାଇଥିଲା। ଏସମ୍ପର୍କରେ ୟୁଏଆଇଏଲର ୟୁନିଟ ମୁଖ୍ୟ ଏନ୍. ନାଗେଶ କହିଛନ୍ତି, ଆମ ଜିଲା ଆଖପାଖ ଅଞ୍ଚଳକୁ ଆମେ ସଚେତନ କରି ନିରାପଦରେ ରଖିବା ପାଇଁ ଏହି ପ୍ରୟାସ କରାଯାଉଛି।

## ମାସ୍କ ନ ପିନ୍ଧି ଗଣିଲେ ଦଣ୍ଡ

### ଜଣଙ୍କଠାରୁ ୨୦୦ ଲେଖାଏଁ ୨୫,୬୦୦ ଟଙ୍କା ଜରିମାନା ଆଦାୟ

ରାୟଗଡ଼ା ଅଫିସ/ଗୁଣପୁର, ୧୧।୪ (ଡି.ଏନ.ଏ.)

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ଗତ ୯ ତାରିଖରୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଏନେଇ ଲୋକଙ୍କୁ ଅବଗତ କରାଇଥିଲେ ମଧ୍ୟ କେତେକ ଅମାନିଆ ଲୋକ ଏବେସୁଦ୍ଧା ସଚେତନ ହୋଇପାରି ନାହାନ୍ତି। ମାସ୍କ ପିନ୍ଧି ଘରୁ ବାହାରୁ ନାହାନ୍ତି ଓ କିଛି ବାହାନା କରି ଏଥିରୁ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଗୁରୁବାର ରାତିରୁ ଏଯାବତ୍ ୫୦ ଜଣଙ୍କଠାରୁ ୨୦୦ ଟଙ୍କା ଲେଖାଏଁ ସମୁଦାୟ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା କହିଛନ୍ତି, ଲୋକଙ୍କୁ ସଂକ୍ରମଣରୁ ରୋକିବା ପାଇଁ ଏପରି ପଦକ୍ଷେପ ହୋଇଛି। ସେମାନେ ଏହାକୁ ବୁଝିବା ଜରୁରୀ ଓ ଘରୁ ବାହାରିବା ସମୟରେ ମାସ୍କ ପିନ୍ଧିବା ଉଚିତ୍। ମାସ୍କ ନ ଥିଲେ, ଓଢ଼ଣୀ କିମ୍ବା ରୁମାଲକୁ ଦୁଇ ପରସ୍ତ କରି ବାନ୍ଧିପାରିବେ ବୋଲି ଜିଲାପାଳ କହିଛନ୍ତି। ସହରର ପ୍ରମୁଖ ସ୍ଥାନ ଷ୍ଟେଟ ବ୍ୟାଙ୍କ ଛକ, କପିଳାସ ଛକରେ ଏହି ଚେକିଂ କରାଯାଇ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ସେହିପରି ଗୁଣପୁରଠାରେ ମଧ୍ୟ ମାସ୍କ ପିନ୍ଧୁ ନ ଥିବା ବ୍ୟକ୍ତିଙ୍କ ପ୍ରତି କଡ଼ା ଆଭିମୁଖ୍ୟ ରଖିଛି ପ୍ରଶାସନ। ଶନିବାର ୩୯ ଜଣଙ୍କଠାରୁ ୭୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ଲକ୍ଷ୍ମୀନାରାୟଣ ସାବତ ପୋଲିସ ଉପସ୍ଥିତିରେ ଗୁଣପୁର ସହରର ବିଭିନ୍ନ ସ୍ଥାନରେ ରହି ଏହି ଜରିମାନା ଆଦାୟ କରିଥିଲେ। ଶନିବାର ୪ଟା ସୁଦ୍ଧା ରାୟଗଡ଼ା ଜିଲାରେ ମୋଟ ୨୫,୬୦୦ ଟଙ୍କା ଜରିମାନା ଆଦାୟ ହୋଇଛି।

## ତାମିଲନାଡୁରେ ଫସିଛନ୍ତି ୧୮ ଶ୍ରମିକ

### ଫେରାଇ ଆଣିବାକୁ ପ୍ରଶାସନକୁ ନିବେଦନ

ପାପଡାହାଣ୍ଡି, ୧୧।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡୁମ୍ବର୍ଲା ପଞ୍ଚାୟତ ଚାନ୍ଦିଲି ଗ୍ରାମର ୧୮ ଜଣ ଦାଦନ ଶ୍ରମିକ ତାମିଲନାଡୁ କାମ କରିବାକୁ ଯାଇ ଫସି ରହିଛନ୍ତି। ଲକ୍‌ଡାଉନ ଯୋଗୁ ସେମାନେ ସେଠାରେ ବହୁ ଅସୁବିଧାରେ ରହିଥିବା ବେଳେ ସେମାନଙ୍କୁ ଓଡ଼ିଶା ଫେରାଇ ନେବାକୁ ନିବେଦନ କରିଛନ୍ତି। ତାମିଲନାଡୁ ପ୍ରଶାସନ ସେମାନଙ୍କୁ କୌଣସି ସହାୟତା ପ୍ରଦାନ କରିନି। ଏପରିକି ସେମାନେ ଭୋକ ଉପବାସରେ ଦିନ କାଟୁଛନ୍ତି। ଗତ ମାର୍ଚ୍ଚ ୧୪ରେ ଚାନ୍ଦିଲି ଗ୍ରାମର ହେମନ୍ତ ହରିଜନ, ଈଶ୍ୱର ହରିଜନ, ପ୍ରତାପ ହରିଜନ, ସତ୍ୟାନନ୍ଦ ହରିଜନ, ସିଦ୍ଧାନ୍ତ ହରିଜନ, ଘାସିରାମ ହରିଜନ, ସାମୁଏଲ ହରିଜନ, ସିମନ ହରିଜନ, ପ୍ରଫୁଲ୍ଲ ଗୋରଡ଼ା, ଦେବରାଜ ହରିଜନଙ୍କ ସମେତ ୧୮ ଜଣ ତାମିଲନାଡୁର କଟିପୁରମ ଜିଲା ମଧୁରାନାଥଗମ ଥାନା ବେଦାବକମ ଗ୍ରାମକୁ କାମ କରିବାକୁ ଯାଇଥିଲେ। ସେଠାରେ ସେମାନେ ବିଭିନ୍ନ ଗାଡ଼ିର ପାର୍ଟସ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ କମ୍ପାନୀ ବନ୍ଦ ହୋଇଯାଇଛି। ଗାଡ଼ି ମୋଟର ଚଳାଚଳ ବନ୍ଦ ଥିବାରୁ ସେମାନେ ଘରକୁ ଫେରି ନ ପାରି ଭୋକ ଉପବାସରେ ପଡି ରହିଛନ୍ତି। ସେମାନଙ୍କୁ ଫେରାଇ ନେବାକୁ ପ୍ରଶାସନ ପଦକ୍ଷେପ ନେବା ଲାଗି ଉପରୋକ୍ତ ଶ୍ରମିକମାନେ ନିବେଦନ କରିଛନ୍ତି।



ଫସି ରହିଥିବା ଶ୍ରମିକ ।

## ୩ ସ୍ଥାନ ବିଶୋଧନ ହେଲା

ମାଲକାନଗିରି,୧୧।୪(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାର ବିଭିନ୍ନ ସ୍ଥାନକୁ ଶନିବାର ବିଶୋଧନ କରାଯାଇଛି। ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଅଗ୍ନିଶମ ସେବା ବିଭାଗ କର୍ମଚାରୀ ଦମକଳ ଗାଡ଼ିରେ ଜିଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ଆଦର୍ଶ ଥାନା, ଉପ କାରାଗାରକୁ ସାନିଟାଇଜ କରିଛନ୍ତି। ଆଗାମୀ ଦିନରେ ଜିଲା ପ୍ରଶାସନ ଯେଉଁ ସ୍ଥାନକୁ ଚିହ୍ନଟ କରିବ ସେ ସ୍ଥାନ ସାନିଟାଇଜ କରାଯିବ ବୋଲି ଅଗ୍ନିଶ୍ରମ ସେବା ଅଧିକାରୀ ସରୋଜ କୁମାର ବେହେରା କହିଛନ୍ତି।

## ଜିଲାର ଏସ୍‌ଏଚ୍‌ଜିକୁ ମାସ୍କ ଦାୟିତ୍ୱ

ମାଲକାନଗିରି,୧୧।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଜୀବିକା ମିଶନ ଓ ଓର୍‌ମାସ ସହାୟତାରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମାସ୍କ ପ୍ରସ୍ତୁତକରି ବିଭିନ୍ନ ବ୍ଲକରେ ବଣ୍ଟନ ଲାଗି ଦାୟିତ୍ୱ ପ୍ରଦାନ କରାଯାଇଛି। କୋରୁକୋଣ୍ଡା ବ୍ଲକର ଏମ୍‌ଭି-୩୬ସ୍ଥିତ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏସ୍‌ଜି)କୁ ୧୫୦୦ ମାସ୍କ ତିଆରି କରି କୋରୁକୋଣ୍ଡା ବ୍ଲକରେ ବଣ୍ଟନ କରିବା ଲାଗି କୁହାଯାଇଛି। ସେହିପରି ଏମ୍‌ଭି-୪୮ସ୍ଥିତ ଶିବଶକ୍ତି ଏସ୍‌ଏସ୍‌ଜିକୁ ୮ଶହ, ମାଥିଲିର ମା' ଭବାନୀ ଏସ୍‌ଏସ୍‌ଜିକୁ ୫୦୦ ମାସ୍କ ପ୍ରସ୍ତୁତକରି ମାଥିଲି ବିଡିଓଙ୍କୁ ହସ୍ତାନ୍ତର କରିବା ଲାଗି ନିର୍ଦ୍ଦେଶ ହୋଇଛି। ଜଗତଜନନୀ ଏସ୍‌ଏସ୍‌ଜିକୁ ୫୫୦, ପଡ଼ିଆ ବ୍ଲକ ପାଇଁ ପ୍ରଜ୍ଞା ଏସ୍‌ଏସ୍‌ଜିକୁ ୧ହଜାର ମାସ୍କ ପ୍ରସ୍ତୁତ କରି ସିଡିଏମ୍‌ଓ ଓ ବିଡିଓଙ୍କୁ, କାଳିମେଳା ବ୍ଲକର ମଧୁମତୀ ଏସ୍‌ଏସ୍‌ଜକୁ ୬ଶହ ମାସ୍କ କରି ବିଡିଓଙ୍କୁ ଦେବାକୁ କୁହାଯାଇଛି। ସେହିପରି ଶାନ୍ତିମାତା ଏସ୍‌ଏସ୍‌ଜିକୁ ୮ଶହ ମାସ୍କ, ମା' ଦୁର୍ଗା ଏସ୍‌ଏସ୍‌ଜକୁ ୫ଶହ ମାସ୍କ କରି କାଳିମେଳା ଷ୍ଟେଟ ବ୍ୟାଙ୍କକୁ ଦେବାକୁ କୁହାଯାଇଛି। ଖଇରପୁଟ ବ୍ଲକର ମା' ସମଲେଶ୍ୱରୀ ଏସ୍‌ଏସ୍‌ଜକୁ ୧୨୦୦ ମାସ୍କ ସ୍ଥାନୀୟ ଲୋକଙ୍କୁ ବିତରଣ କରିବା ପାଇଁ ଏବଂ କୁଡୁମୁଲୁଗୁମ୍ମାର ମା' ମଙ୍ଗଳା ଏସ୍‌ଏସ୍‌ଜକୁ ୮ଶହ ମାସ୍କ ତିଆରି କରି ଖଇରପୁଟ ବିଡିଓଙ୍କୁ ଦେବାକୁ କୁହାଯାଇଛି। ଖଇରପୁଟ ବ୍ଲକର ସ୍ମିତିରିତା ଏସ୍‌ଏସ୍‌ଜିକୁ ୫୫୦ଟି ମାସ୍କ ଖଇରପୁଟ ବିଡିଓଙ୍କୁ ଏବଂ ପୋଡ଼ାବରାସ୍ଥିତ ଭାରତମାତା ଏସ୍‌ଏସ୍‌ଜକୁ ୨୪ଶହ ମାସ୍କ ମାଲକାନଗିରି ଏସ୍‌ପି,ସିଡିଏମ୍‌ଓ ଓ ବିଡିଓଙ୍କୁ ଦେବାକୁ ନିର୍ଦ୍ଦେଶ ହୋଇଛି। ଏହି ଗୋଷ୍ଠୀଗୁଡିକ ଜିଲାରେ ଶନିବାର ସୁଦ୍ଧା ୧୧ହଜାର ୨୦୦ ମାସ୍କ ବଣ୍ଟନ କରିଛନ୍ତି। ଜିଲାର ଅନ୍ୟ ଏସ୍‌ଏସ୍‌ଜିକୁ ଜୀବିକା ମିଶନ ଓ ଓର୍‌ମାସ ପକ୍ଷରୁ ୫୦ ହଜାର ମାସ୍କ ପ୍ରସ୍ତୁତି ପାଇଁ କୁହାଯାଇଛି।

## ୨୦ ଜେଲ ଅନ୍ତେବାସୀ ଆର୍. ଉଦୟଗିରି ସ୍ଥାନାନ୍ତର

ପାରଳାଖେମୁଣ୍ଡି, ୧୧।୪ (ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଉପକାରାଗାରରେ କରୋନା ଆଶଙ୍କାରେ ୨୦ ଅନ୍ତେବାସୀଙ୍କୁ ଆର୍.ଉଦୟଗିରି ଉପକାରାଗାରକୁସ୍ଥାନାନ୍ତରିତ କରାଯାଇଛି। କରୋନାକୁ ମୁକାବିଲା କରିବାପାଇଁ ମୁଖ୍ୟତଃ ସାମାଜିକ ଦୂରତା ପାଳନ କରାଯିବା ଜରୁରୀ ହୋଇଥିବାରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପାରଳାଖେମୁଣ୍ଡି ଉପକାରାଗାର ପକ୍ଷରୁ ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ଛୋଟ ଛୋଟ ମକଦ୍ଦମାରେ ଉପକାରାଗାରରେ ଥିବା ୧୭ ଅନ୍ତେବାସୀଙ୍କୁ ଅଦାଲତରୁ ଜାମିନରେ ପଠାଯାଇଛି। ବର୍ତ୍ତମାନ ଉପ କାରାଗାରରେ ୧୧୦ ଜଣ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ କାରାଗାର ପରିସରକୁ ସାନିଟାଇଜର ଦ୍ୱାରା ପ୍ରତିଦିନ ପରିଷ୍କାର ପରିଚ୍ଛନ୍ନ କରାଯାଉଛି । ସମସ୍ତ ଅନ୍ତେବାସୀ ଯେପରି ଭାବେ ବାରମ୍ବାର ହାତ ଧୋଇବେ ସେମାନଙ୍କୁ ସୁବିଧା କରାଯାଇଛି ବୋଲି ଅଧୀକ୍ଷକ କହିଛନ୍ତି। ସେ କହିଛନ୍ତି ଯେ, କରୋନା ମୁକାବିଲା ପାଇଁ କାରାଗାରର ଅନ୍ତେବାସୀଙ୍କ ସୁରକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଉଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି ।

# ଗଡୁନି ଗାଡ଼ି: ଚିନ୍ତାରେ କ୍ଷୁଦ୍ର ବ୍ୟବସାୟୀ, ଚାଷୀ

**ଲକ୍ ଡାଉନ ପ୍ରଭାବ**

ବୈପାରୀଗୁଡ଼ା,୧୧।୪(ଡି.ଏନ୍.ଏ.)

ଲକ୍ ଡାଉନ ପାଇଁ ଦେଶବ୍ୟାପୀ ଯାନବାହାନ ଚଳାଚଳ ଉପରେ କଟକଣା ରହିଛି। ଲୋକେ ଖାଲି ପାଦରେ ଆସି ସଉଦା କିଣୁଛନ୍ତି। ଖିଲାପ କଲେ ବାଇକ୍ ଜବତ ସହ ମାମଲା ରୁଜୁ କରାଯାଉଛି। ଗାଡ଼ି ନ ଗଡ଼ିବା ଯୋଗୁ ଗାଁ ଗହଳିର କ୍ଷୁଦ୍ରଚାଷୀ ଓ ବ୍ୟବସାୟୀ ଗୁରୁତର ପ୍ରଭାବିତ ହୋଇଛନ୍ତି।

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଆଦିବାସୀମାନେ ଘରର ଯାବତୀୟ ସଉଦା ପାଇଁ ନିକଟସ୍ଥ ସାପ୍ତାହିକ ହାଟ ଉପରେ ନିର୍ଭର କରିଥାନ୍ତି। ଲକ୍ ଡାଉନ ପୂର୍ବରୁ ବ୍ଲକର ସମସ୍ତ ସାପ୍ତାହିକ ହାଟକୁ ବନ୍ଦ କରାଯାଇଛି। ଗାଡ଼ି ଚଳାଚଳ ବନ୍ଦ। ଏ ଅଞ୍ଚଳର ବହୁ ଆଦିବାସୀ ଚାଷୀ ବିଭିନ୍ନ ସାପ୍ତାହିକ ହାଟ ସମେତ ବୈପାରୀଗୁଡ଼ା ତଥା ଜୟପୁର ସହରକୁ ପରିବା ନେଇ ବିକୁଥିଲେ। ଜୟପୁର ସହର ବାସିନ୍ଦା ପନିପରିବା ପାଇଁ ବୈପାରୀଗୁଡ଼ା ବ୍ଲକ ଚାଷୀଙ୍କ ଉପରେ ନିର୍ଭରଶୀଳ। ଏବେ ଲକ୍ ଡାଉନରେ ହାଟ କିମ୍ବା ଜୟପୁର ସହରକୁ ପନିପରିବା ଯାଇପାରୁ ନାହିଁ। ବୈପାରୀଗୁଡ଼ା ହିଁ ପ୍ରମୁଖ ବଜାର ସାଜିଛି। ଦିନ ୧୧ଟା ଯାଏ ବଜାର ବସିବା ପାଇଁ ପ୍ରଶାସନ ସମୟସୀମା ଧାର୍ଯ୍ୟ କରିଛି। ଫଳରେ ଦୂର ଦୂରାନ୍ତରୁ ଚାଷୀମାନେ ବାଇକ୍‌ରେ ପନିପରିବା ନେଇ ବୈପାରୀଗୁଡ଼ା ବଜାରକୁ ଆଣୁଛନ୍ତି। ସେମାନଙ୍କ ଅଭିଯୋଗ ପରିବା ବୋଝେଇ ଦେଖିଲେ ପୋଲିସ ଛାଡ଼ିଦେଉଛି। କିନ୍ତୁ ପରିବା ବିକି ଖାଲି ବାଇକ୍‌ରେ ଘରକୁ ଫେରିବା ବେଳେ ଚାଷୀ ପରିଚୟ ଦେଲେ ମଧ୍ୟ ପୋଲିସ ସହଜରେ ବିଶ୍ୱାସକୁ ନେଉନାହିଁ। ଫଳରେ ଗୁରୁବାର ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଥିବା ବାଇକ୍ ଆରୋହୀଙ୍କ ଭିତରେ କେତେକ ପରିବା ଚାଷୀ ବଳି ପଡ଼ିଛନ୍ତି। କେତେଜଣ ଚାଷୀ ଅଧାବାଟରେ ବାଇକ୍ ଛାଡ଼ି ପରିବା ପସରା ମୁଣ୍ଡେଇ ବଜାରକୁ ଆସିବାକୁ ବାଧ୍ୟ ହୋଇଛନ୍ତି। ଗାଁ ଗହଳିର ତେଜରାତି ଦୋକାନୀ ଜିନିଷ ସରିଲେ ମଧ୍ୟ ଭୟରେ ମାଲ୍ ଆଣୁନାହାନ୍ତି। ଏମିତି ପରିସ୍ଥିତିରେ ଗାଁ ଗହଳିରେ ଖାଦ୍ୟ ପଦାର୍ଥ ମିଳିବାରେ ନିଅଣ୍ଟିଆ ପରିସ୍ଥିତି ଦେଖାଯାଉଥିବା ବେଳେ ଦରଦାମ୍ ମଧ୍ୟ ବୃଦ୍ଧି ପାଉଛି। କ୍ଷୁଦ୍ର ବ୍ୟବସାୟୀ ଓ ପରିବା ଚାଷୀଙ୍କୁ ଟୋକନ ଦେବାକୁ ଦାବି ହେଉଛି। କିନ୍ତୁ ବ୍ୟସ୍ତତା ଭିତରେ ବହୁ ସଂଖ୍ୟକ ଲୋକଙ୍କୁ ପାସ୍ ଦେବା ପୋଲିସ ପକ୍ଷେ ସମ୍ଭବ ନୁହେଁ ବୋଲି କୁହାଯାଉଛି।

## ଅମଳ ସତ୍ତ୍ୱେ ବିକିପାରୁ ନାହାନ୍ତି

ପଟ୍ଟାଙ୍ଗି,୧୧।୪ (ଡି.ଏନ୍.ଏ.)

ଲକ୍ ଡାଉନ ଲାଗୁ ହେବାର ୧୯ ଦିନ ବିତିଲାଣି। ଏହାରି ଭିତରେ ପନିପରିବା ଅଭାବ ଦେଖାଦେଲାଣି। ଅନ୍ୟପକ୍ଷରେ ଚାଷକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତର ସିପାଇପୁଟ, ମାଲକାରବନ୍ଧ, ଏରାସାନ୍ତାଗୁଡ଼ା ସମେତ ଉକ୍ତ ପଞ୍ଚାୟତର ସଦର ଗ୍ରାମ, ପୁକାଲି ପଞ୍ଚାୟତର ମାଳିଗୁଡ଼ା ଓ ଦେଓପଟ୍ଟାଙ୍ଗିର ଚାଷୀ ନିଜ ଅମଳ ପନିପରିବା ନିକଟସ୍ଥ କୁନ୍ଦୁଲି ସାପ୍ତାହିକ ହାଟ, ଭୁବନେଶ୍ୱର, ପଡ଼ୋଶୀ ଆନ୍ଧ୍ରକୁ ରପ୍ତାନୀ କରି ଭଲ ରୋଜଗାର କରନ୍ତି। କିନ୍ତୁ ଚଳିତ ବର୍ଷ କରୋନା ଆତଙ୍କ ଓ ଲକ୍ ଡାଉନ ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଦୋହଲିଗଲାଣି। ସିପାଇପୁଟ ଗ୍ରାମର ଚାଷୀ ଭଗବାନ ଗୋଲରି, ତ୍ରିନାଥ ଖରା, ମାଧବ ଖରା, ଲାଛନା ଖରା, ଦଶରଥ ଗେମେଲ, ବୈଦ୍ୟନାଥ ଗେମେଲ ନିଜ ଜମିର ୨୦ରୁ ୪୦ ସେଣ୍ଟରେ ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରି ଧନିଆପତ୍ର ଚାଷ କରିଥିଲେ। ଅମଳ ସତ୍ତ୍ୱେ ସେମାନେ ଏହାକୁ ବିକିପାରୁ ନାହାନ୍ତି। ଗ୍ରାମର ମୋଟ ୧୫ରୁ ୨୦ ଏକର ଜମିରେ ହୋଇଥିବା ଧନିଆପତ୍ର ଅମଳକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ସେହିପରି ବାଇଗଣ, ବିନ୍‌ସ, ଫୁଲକୋବି ଚାଷକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି।



ଅମଳକ୍ଷମ ଚାଷଜମିକୁ ଦେଖାଉଛନ୍ତି ଦୁଇ ଚାଷୀ ।

# ଏମାନେ ବି ଯୋଦ୍ଧା

**'କରୋନା' ଲଢେଇରେ ପ୍ରଶାସନ ସହ ସାମିଲ ହୋଇଛନ୍ତି ଅନେକ ଯୁବପିଢି। ଏହି ମହାମାରୀର ମୁକାବିଲା ପାଇଁ ଯୋଦ୍ଧା ଭଳି ଆଗେଇ ଆସିଥିବା କେତେକ ଯୁବପିଢିଙ୍କ ସମ୍ପର୍କରେ...**


ଅନନ୍ତ ବଳିଆ ସେବା ସଂଘ


ସଂକଳ୍ପ ପରିବାର

ସାରା ବିଶ୍ୱ ପାଇଁ ଏବେ ବଡ଼ ବିପତ୍ତି ହୋଇଛି କରୋନା। ଏହାର ମୁକାବିଲା ନିମନ୍ତେ ପ୍ରଶାସନ ତା'ର ପ୍ରୟାସ ଜାରି ରଖିଛି। କିନ୍ତୁ ଲୋକଙ୍କୁ ସାହାଯ୍ୟ ପାଇଁ ଏ ସମୟରେ ଆଗେଇ ଆସିଛନ୍ତି ଆମ ଯୁବପିଢି। ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଏମାନେ କାମ କରି ସ୍ୱାତନ୍ତ୍ର ପ୍ରତିପାଦନ କରୁଛନ୍ତି। କରୋନା ମୁକାବିଲାରେ ଆମ ରାଜ୍ୟର ବିଭିନ୍ନ କ୍ଲବଗୁଡ଼ିକ ବି ବିଭିନ୍ନ ପ୍ରକାରର ସେବା କାମ ଜାରି ରଖିଛନ୍ତି। ସେ ସମ୍ପର୍କରେ ଉପସ୍ଥାପନା...

**ବାପୁଜୀ ଯୁବ ପରିଷଦ, ସିମୁଳିଆ, ବାଲେଶ୍ୱର :** କରୋନାର ବ୍ୟାପକ ଭୟାବହତାର ମୁକାବିଲା କରିବା ପାଇଁ ବିଭିନ୍ନ ଯୁବଗୋଷ୍ଠୀ ଆଗକୁ ଆସିଛନ୍ତି। ବାଲେଶ୍ୱରର ସିମୁଳିଆ ବ୍ଲକ ଚାଲୁଣି ଗାଁ ପଞ୍ଚାୟତରେ ୧୯୯୬ ମସିହାରୁ ସ୍ଥାନୀୟ ଅଞ୍ଚଳର ୭୦ଜଣ ଯୁବକଙ୍କୁ ନେଇ ଗଢା ହୋଇଛି ବାପୁଜୀ ଯୁବ ପରିଷଦ। କରୋନା ପାଇଁ ସରକାର ଲକ୍‌ଡାଉନ୍ ଘୋଷଣା ପରେ ସାଧାରଣ ଦିନମଜୁରିଆ, ଗରିବ, ଅସହାୟ, ଭିକାରି ଓ ରାସ୍ତାରେ ବୁଲୁଥିବା ମାନସିକ ବିକୃତମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ଅସହାୟ ଜନସାଧାରଣଙ୍କ ପାଇଁ ବାପୁଜୀ ଯୁବ ପରିଷଦର ଯୁବକମାନେ ଦେବଦୂତ ସାଜିଛନ୍ତି।

ସରକାରଙ୍କ ବିନା ସହାୟତାରେ ଯୁବକମାନେ ବ୍ୟକ୍ତିଗତ ରୂପେ ପ୍ରତିଦିନ ପ୍ରତ୍ୟେକ ଦିନ ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ଓ ସନ୍ଧ୍ୟାରେ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି। ଏହା ବ୍ୟତୀତ କରୋନା ସଚେତନତା ପାଇଁ ମାସ୍କ ବଣ୍ଟନ କରିଛନ୍ତି। ଏ ସମ୍ପର୍କରେ ଏହି ଅନୁଷ୍ଠାନର ସଭାପତି ଅଜୟ କୁମାର ଦାସ କହନ୍ତି, ଭଦ୍ରକ ଜିଲାର ବୋତଡ଼ା, ଚାଲୁଣି ଗାଁ ସମେତ ସୋର ବ୍ଲକର କିଛି ଅଞ୍ଚଳକୁ ଯାଇ ଖାଦ୍ୟ ବଣ୍ଟନ କରୁଛନ୍ତି।

**ଶ୍ରୀଜଗନ୍ନାଥ ଚାରିଟେବଲ ଟ୍ରଷ୍ଟ- କେନ୍ଦ୍ରାପଡ଼ା :** କେନ୍ଦ୍ରାପଡ଼ାର ବଳଦେବଜୀଉ ମନ୍ଦିର ନିକଟରେ ଆଖପାଖ ଗାଁର ପ୍ରାୟ ୨୫ଜଣ ଯୁବକଙ୍କୁ ନେଇ ୨୦୧୮ ମସିହାରେ ଗଢା ଯାଇଥିଲା ଶ୍ରୀଜଗନ୍ନାଥ ଚାରିଟେବଲ ଟ୍ରଷ୍ଟ। କ୍ଲବର ପିଲାମାନେ କରୋନା ମୁକାବିଲା ପାଇଁ ନିଜସ୍ୱ ଉଦ୍ୟମରେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ମାସ୍କ ବାଣ୍ଟୁଛନ୍ତି। ଏହି କ୍ଲବର ସଭାପତି ଦମନ କୁମାର ମହାନ୍ତିଙ୍କ ମିଳିତ ନିଷ୍ପତ୍ତି ଅନୁସାରେ ଲୋକଙ୍କ ସହିତ ପୋଲିସମାନଙ୍କୁ ବି ମାସ୍କ ବଣ୍ଟା ହେଉଛି। କ୍ଲବ ତରଫରୁ ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ଖାଇବାକୁ ଦିଆଯାଉଛି। ଲକ୍‌ଡାଉନ୍ ସମୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇପାରୁ ନ ଥିବାରୁ କ୍ଲବ ପିଲାମାନେ ଡାକ୍ତରଖାନାକୁ ଯାଇ ସ୍ୱେଚ୍ଛାକୃତଭାବେ ରକ୍ତଦାନ ବି କରୁଛନ୍ତି।





ବାପୁଜୀ ଯୁବ ପରିଷଦ

**ନିଶାମୁକ୍ତ ଯୁବ ସଙ୍କଳ୍ପ ମିଶନ, ଅରିଲୋ :** ଯୁବପିଢିଙ୍କ ଚରିତ୍ର ଗଠନ କରି ସେମାନଙ୍କୁ ଉତ୍ତମ ନାଗରିକଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଜଗତ୍‌ସିଂହପୁର ତିର୍ତ୍ତୋଲ ଅନ୍ତର୍ଗତ ଅରିଲୋ ଗାଁରେ ପ୍ରଥମେ ଗଢା ହୋଇଥିଲା ନିଶାମୁକ୍ତ ଯୁବ ସଙ୍କଳ୍ପ ମିଶନ ନାମକ କ୍ଲବ। ଏବେ କରୋନା ମହାବିପତ୍ତି ସମୟରେ କ୍ଲବର ପ୍ରାୟ ୨୦ ଜଣ ସଦସ୍ୟ ଅସହାୟ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଯଥାସମ୍ଭବ ଉଦ୍ୟମ ଜାରି ରଖିଛନ୍ତି। କରୋନା ସମୟରେ ଲୋକଙ୍କ ଅସୁବିଧାକୁ ଲକ୍ଷ୍ୟ କରି ଏହି ପିଲାମାନେ ଆଖପାଖ ଗାଁରେ ଲୋକଙ୍କୁ ଆବଶ୍ୟକ ଅନୁସାରେ ମାସ୍କ ବାଣ୍ଟିବା ସହ ବିଭିନ୍ନ ସ୍ଥାନରେ ଗରିବ ଲୋକଙ୍କୁ ଖାଦ୍ୟ ସାମଗ୍ରୀର ପୁଡିଆ ବି ଦେଉଛନ୍ତି। କରୋନା ପାଇଁ କ୍ଲବ ପିଲାମାନେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ମାସ୍କ ପିନ୍ଧିବା, ତଥା ସାମାଜିକ ଦୂରତ୍ୱ ରକ୍ଷା କରିବା ଆଦି ସଚେତନତ ବାର୍ତ୍ତା ପ୍ରଚାର କରୁଛନ୍ତି। ତେବେ କ୍ଲବର ସଭାପତି ଗୋପାଳ ଦାସଙ୍କ କହିବା ଅନୁସାରେ ସେମାନେ ସରକାରଙ୍କ ବିନା ସାହାଯ୍ୟରେ ଲୋକଙ୍କ ସେବା କରୁଛନ୍ତି ତେଣୁ ବ୍ୟକ୍ତିଗତ ସ୍ତରରେ ଯଥେଷ୍ଟ ପାଣ୍ଠି ନ ଥିବାରୁ ଇଚ୍ଛା ଥିଲେ ବି ଆହୁରି ଅନେକ କାମ କରିହେଉନି।


ଶ୍ରୀଜଗନ୍ନାଥ ଚାରିଟେବଲ ଟ୍ରଷ୍ଟ


ନିଶାମୁକ୍ତ ଯୁବ ସଙ୍କଳ୍ପ ମିଶନ

**ଅନନ୍ତ ବଳିଆ ସେବା ସଂଘ, ତାଳଚେର:** କରୋନା ପାଇଁ ସବୁଆଡେ ଲକ୍‌ଡାଉନ୍ ହୋଇଥିବାରୁ ଅଧିକାଂଶ ଲୋକେ ଜୀବିକା ଉପାର୍ଜନର ମାଧ୍ୟମ ହରାଇଛନ୍ତି। ସେଥିପାଇଁ ସେମାନଙ୍କ ପାଖରେ ଦି'ଓଳି ଦି'ମୁଠା ପେଟପୂରା ଖାଇବାକୁ ବି ମିଳୁନି। ତେବେ ଏ ସମୟରେ ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ କରିବାକୁ ଆଗେଇ ଆସିଛି ତାଳଚେର ଷ୍ଟେସନ ପାଖରେ ଥିବା 'ଅନନ୍ତ ବଳିଆ ସେବା ସଂଘ'। ଏହି କ୍ଲବର ଯୁବକମାନେ ଷ୍ଟେସନ ନିକଟରେ ଥିବା ବିଭିନ୍ନ ବସ୍ତି ଅଞ୍ଚଳ ବୁଲି ଗରିବ ଲୋକଙ୍କୁ ରନ୍ଧା ଖାଦ୍ୟ ବାଣ୍ଟୁଛନ୍ତି। କିଛି ଅଞ୍ଚଳରେ ଲୋକଙ୍କୁ ସେମାନେ ଖାଦ୍ୟ ସାମଗ୍ରୀ ସହ ସାଧାରଣ ଥଣ୍ଡା ଓ ଅନ୍ୟ କେତେକ ରୋଗ ପାଇଁ ଔଷଧ ମଧ୍ୟ ବାଣ୍ଟୁଛନ୍ତି। ଏହା ବ୍ୟତୀତ କେତେକ ସ୍ଥାନରେ ଏହି କ୍ଲବର ସଦସ୍ୟମାନେ ଗୋରୁଙ୍କୁ ବି ଖାଦ୍ୟ ବାଣ୍ଟୁଛନ୍ତି।

**ଭଦ୍ରକ ସୋସିଆଲ ସର୍ଭିସ :** ଭଦ୍ରକ ସହରରେ ଏକ ପରିଚିତ ନାମ 'ମିଶନ ସଣ୍ଡେ'। ପ୍ରତି ରବିବାରକୁ ଅନେକ ଛୁଟିଦିନ ଭାବେ କଟାଇଥାନ୍ତି କିନ୍ତୁ ଏହି ମିଶନ ସଣ୍ଡେ ଏକ ବ୍ୟତିକ୍ରମ। ସେମାନେ ଆସି ପ୍ରତି ରବିବାରରେ ଏକ ଭିନ୍ନ ଲକ୍ଷ୍ୟରେ ଗୋଟିଏ ଜାଗାରେ ଏକାଠି ହୁଅନ୍ତି। ଅସହାୟ ଶିଶୁ, ମହିଳା, ବେସାହାରାଙ୍କୁ ଭେଟି ଖାଦ୍ୟ,ବସ୍ତ୍ର ବାଣ୍ଟିବା ସାଙ୍ଗକୁ ଶିକ୍ଷାନୁଷ୍ଠାନର ଗରିବ ପିଲାଙ୍କୁ ପାଠ୍ୟ ଉପକରଣ ଯୋଗାଇଥାନ୍ତି। ଏବେ ମହାମାରୀ କରୋନା କଟକଣା ଥାଇ ମଧ୍ୟ ପାଶ୍ ଆଣି ଏହି ସେବାରେ ଲାଗିଛନ୍ତି ଯୁବଗୋଷ୍ଠୀମାନେ। ହାତଗଣତି ୫ରୁ ୭ ଜଣ ଯୁବକ ନିରାଶ୍ରୟ, ଖଟିଖିଆ, ଦିନ ମଜୁରିଆଙ୍କ ନିକଟରେ ଦୈନିକ ପହଞ୍ଚି ମଧ୍ୟାହ୍ନଭୋଜନ ସାଙ୍ଗକୁ ରାତ୍ରିଭୋଜନ ବାଣ୍ଟୁଛନ୍ତି । ୨୦୧୭ ସେପ୍ଟେମ୍ବର ୩ ତାରିଖରେ ମାତ୍ର ୭ ଜଣ ସଦସ୍ୟ ସହରରେ ସେବା କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖି ଭଦ୍ରକ ସୋସିଆଲ ସର୍ଭିସ୍ ସଙ୍ଗଠନ ଆରମ୍ଭ କରିଥିଲେ। ବର୍ତ୍ତମାନ ଏହାର ସଦସ୍ୟ ସଂଖ୍ୟା ଶତାଧିକ ଛୁଇଁଲାଣି। ସେମାନଙ୍କ ମଧ୍ୟରେ ପ୍ରାୟ ୩୦ ସକ୍ରିୟ ସଦସ୍ୟ ରହିଛନ୍ତି। ସଞ୍ଜିତ୍ କୁମାର ନାୟକ, ଟୁକୁନା ସ୍ୱାଇଁ ମୁଖ୍ୟ ପୁରୋଧା ଭାବେ କାର୍ଯ୍ୟ କରୁଥିବା ବେଳେ ମନୋଜ କୁମାର କର, ଅଭିଷେକ ପୁହାଣ, ସନ୍ତୋଷ ବେହେରା, ପ୍ରଶାନ୍ତ ସିଂ ପ୍ରମୁଖ ଏଥିରେ ସହାୟତା କରୁଛନ୍ତି । ସହରରେ ରେଳଷ୍ଟେଶନ ଓ ବନ୍ତ ଛକ ପାଲ ତଳେ ଘୂରି ବୁଲୁଥିବା ଅସହାୟ ଶିଶୁ, ମହିଳା, ରୋଗୀ ସେମାନଙ୍କ ନଜରରୁ ବାଦ୍ ପଡ଼ନ୍ତି ନାହିଁ। ସେମାନଙ୍କୁ ସହାୟତା ସହ ମେଡିକାଲ ପଠାଇବା, ରକ୍ତଦାନ କରିବା ଆଦି ସଙ୍ଗଠନର ମୂଳଲକ୍ଷ୍ୟ ବୋଲି କୁହନ୍ତି ଟୁକୁନା ସ୍ୱାଇଁ।

**ସଂକଳ୍ପ ପରିବାର, ବରଗଡ:** ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ବରଡ଼ୋଲ ଗ୍ରାମର ଏକ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର (ସଭାପତି- ରୋହିତ ଜୟସ୍ୱାଲ, ସମ୍ପାଦକ- ଟିକେଲାଲ ପ୍ରଧାନ, କୋଷାଧ୍ୟକ୍ଷ- ଲିଙ୍ଗରାଜ ସାହୁ, ସଂଯୋଜକ- ବିକାଶ ଅଗ୍ରୱାଲ) । ଅସହାୟଙ୍କୁ ସେବା ହିଁ ଏହି ଅନୁଷ୍ଠାନର ଲକ୍ଷ୍ୟ । ଦୁଇବର୍ଷ ପୂର୍ବେ ଗଢ଼ି ଉଠିଥିବା ଏହି ସଂକଳ୍ପ ପରିବାରର ସଦସ୍ୟ ସଂଖ୍ୟା ହେଉଛି ୩୦ । ରକ୍ତଦାନ, ରାସ୍ତାଘାଟରେ ବୁଲାବୁଲି କରୁଥିବା ତଥା ଦୁର୍ଘଟଣାଗ୍ରସ୍ତ ଅସହାୟଙ୍କୁ ଉଦ୍ଧାର ସହିତ ଡାକ୍ତରଖାନା ପହଞ୍ଚାଇବା, ଶବ ସଂସ୍କାର ଭଳି ସାମାଜିକ କାର୍ଯ୍ୟ କରି ଆସୁଥିବା ସମ୍ପର୍କ ପରିବାର ଏବେ କରୋନା ପ୍ରତିହତ ପାଇଁ ସଚେତନତା ସୃଷ୍ଟି ସହିତ ଅସହାୟଙ୍କୁ ସହାୟତାର ହାତ ବଢ଼ାଇଛି । ଲକ୍ ଡାଉନ୍ କଟକଣା ପରେ ସଂକଳ୍ପ ପରିବାର ପକ୍ଷରୁ ଆରମ୍ଭ ହୋଇଛି 'ଅମୃତ ଆହାର-ଭୋକିଲା ପେଟକୁ ମୁଠାଏ ଅନ୍ନ' ଅଭିଯାନ । ଏହି ଅଭିଯାନରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ବରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ରହିଥିବା ଅସହାୟ ପରିବାରର ୨୫୦ରୁ ୩୦୦ ଜଣଙ୍କୁ ସାମାଜିକ ଦୂରତ୍ୱ ଅବଲମ୍ବନ କରି ଦି ଓଳି ରନ୍ଧାଖାଦ୍ୟ ଦିଆଯାଉଛି। ଅନୁଷ୍ଠାନର ପ୍ରତ୍ୟେକ ସଭ୍ୟ ନିଜ ମଧ୍ୟରେ ପାଣ୍ଠି ସଂଗ୍ରହ କରି ସେଥିରୁ ରାଶନ ସାମଗ୍ରୀ, ପରିବା ଆଦି କିଣି ତାହା ନିଜେ ପ୍ରସ୍ତୁତ କରି ବିତରଣ କରୁଛନ୍ତି । ସେହିପରି ଲକ୍ ଡାଉନ୍ ପୂର୍ବରୁ ଉକ୍ତ ଅନୁଷ୍ଠାନର ସଭ୍ୟମାନେ ଏଠାକାର ବିଭିନ୍ନ ଅଞ୍ଚଳ ବୁଲି କରୋନା ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ତା' ସହ ଏମାନଙ୍କର ସଦସ୍ୟମାନେ ମଧ୍ୟ ମାସ୍କ ତିଆରିରେ ନିଜକୁ ନିୟୋଜିତ ରଖୁଛନ୍ତି। ଏହା ସହିତ ଇତିମଧ୍ୟରେ ଲକ୍ ଡାଉନ୍ ଯୋଗୁ ଶବ ଘରକୁ ପହଞ୍ଚି ନ ପାରିବାରୁ ଏଠାରେ ମୃତ୍ୟୁବରଣ କରିଥିବା ଜଣେ ଛତିଶଗଡ଼ ବାସିନ୍ଦାଙ୍କ ମୃତଦେହକୁ ଅନୁଷ୍ଠାନର ସଭ୍ୟମାନେ ଚାରିକାନ୍ଧ ଦେଇ ଶବ ସଂସ୍କାର କରିଥିଲେ । ସେହିପରି ଛତିଶଗଡ଼ରୁ ଦାଦନ ଖଟିବା ପାଇଁ ଏଠାକୁ ଆସିଥିବା ଜଣେ ଶ୍ରମିକଙ୍କ ଶିଶୁ ଗୁରୁତର ଅସୁସ୍ଥ ହୋଇ ପଡ଼ିବା ପରେ ତାକୁ ଡାକ୍ତରଖାନା ପହଞ୍ଚାଇ ସଂକଳ୍ପ ପରିବାରର ସଭ୍ୟମାନେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ସଂକଳ୍ପ ପରିବାରର ଏଭଳି ସାମାଜିକ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ।

**-ସସ୍ମିତା ନାୟକ**

**ତଥ୍ୟ ସହାୟତା :** ପ୍ରେମାନନ୍ଦ ଖମାରୀ, ବିଭୁ ପ୍ରସାଦ ବେହେରା, ସନ୍ତୋଷ ନାୟକ

## ଏ ସପ୍ତାହର ପ୍ରଶ୍ନ

୧- ଏନ୍‌ଆଇଏଫ୍‌ଟିଆଇର ଫୁଲଫର୍ମ.................................... ?
୨- ବିଶ୍ୱ ଜଳ ଦିବସ.................................. ତାରିଖରେ ପାଳନ କରାଯାଏ ?
୩- ମଣିଷ ଶରୀରର କ୍ଷୁଦ୍ରତମ କୋଷିକା.................................... ?
୪- ପୃଥିବୀର ବୃହତ୍ତମ ତୈଳ ବିଶୋଧନାଗାର.................................... ?
୫- ଜାମିନି ରଏ ହେଉଛନ୍ତି ଜଣେ ପ୍ରସିଦ୍ଧ .................................... ?

## ଗତ ଥରର ଉତ୍ତର

୧ ଜମ୍ମୁ ଏବଂ କଶ୍ମୀର
୨ ବହିର୍ବ୍ୟାପାର ମନ୍ତ୍ରଣାଳୟ
୩ ଥନୁ ପଦ୍ମନାଭନ
୪ ଟ୍ରେନ୍ ୧୮
୫ ବନ୍ଦର

## ଉତ୍ତର ଦାତା


ଶେଖ୍ ୟାକୁବ୍, ଗୋପ


ବିନୋଦ ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦
### ପୃଥିବୀର ଉଚ୍ଚତମ ଚର୍ଚ୍ଚ



୧- ଅମ୍ ମିନ୍‌ଷ୍ଟର(ଜର୍ମାନୀ)........................................ ୫୩୦ ଫୁଟ
୨- ଆୱାର ଲେଡି ଅଫ୍ ପିସ୍ ବାସିଲିକା(ଆଫ୍ରିକା)...................... ୫୧୮ ଫୁଟ
୩- କୋଲନ କ୍ୟାଥେଡ୍ରାଲ(ଜର୍ମାନୀ).................................... ୫୧୬ ଫୁଟ
୪- ରୌଏନ୍ କ୍ୟାଥେଡ୍ରାଲ(ଫ୍ରାନ୍ସ)...................................... ୪୯୫ ଫୁଟ
୫- ଚର୍ଚ୍ଚ ଅଫ୍ ସେଣ୍ଟ ନିକୋଲାସ୍(ଜର୍ମାନୀ).............................. ୪୮୩ ଫୁଟ
୬- ଷ୍ଟ୍ରାସ୍‌ବର୍ଗ କ୍ୟାଥେଡ୍ରାଲ(ଫ୍ରାନ୍ସ)...................................... ୪୬୬ ଫୁଟ
୭- ବାସିଲିକା ଅଫ୍ ଆୱାର ଲେଡି ଅଫ୍ ଲିଚେନ( ପୋଲାଣ୍ଡ)........... ୪୬୪ଫୁଟ
୮- ସେନ୍‌ଟ ପିଟର୍ସ ବାସିଲିକା(ଭାଟିକାନ୍ ସିଟି)........................ ୪୪୮ ଫୁଟ
୯- ସେଣ୍ଟ ଷ୍ଟିଫେନ୍‌ସ କ୍ୟାଥେଡ୍ରାଲ୍(ଅଷ୍ଟ୍ରେଲିଆ)........................ ୪୪୮ ଫୁଟ
୧୦- ନ୍ୟୁ କ୍ୟାଥେଡ୍ରାଲ୍(ଅଷ୍ଟ୍ରେଲିଆ).................................... ୪୪୦ ଫୁଟ

# ଟିକ୍ ଟକ୍ ଭିଡିଓ କରିବା ପୂର୍ବରୁ...

**ସାରା ଦେଶରେ ଲକ୍ ଡାଉନ୍ ପାଇଁ ଘରେ ରହି ବୋର୍ ହେଉଛନ୍ତି ଯୁବପିଢି। ଏମିତିରେ ଟାଇମ୍ ପାସ୍‌ର ଏକ ମୁଖ୍ୟ ମାଧ୍ୟମ ହୋଇଛି ସ୍ମାର୍ଟଫୋନ୍। ହ୍ୱାଟ୍ସଆପ୍, ଫେସ୍‌ବୁକ୍, ଟ୍ୱିଟର ଇନଷ୍ଟାଗ୍ରାମ ଆଦି ବିଭିନ୍ନ ସୋସିଆଲ୍ ମିଡିଆ ହିଁ ଯୁବପିଢିଙ୍କୁ ବ୍ୟସ୍ତ ରଖିବାରେ ମୁଖ୍ୟ ଭୂମିକା ନେଉଛି। ତେବେ ଏଇ ସମୟରେ ଅନେକ ଏବେ ଟିକ୍ ଟକ୍‌ରେ ଭିଡିଓ କରି ସେୟାର କରୁଛନ୍ତି। ଆପଣ ଯଦି ଟିକ୍ ଟକ୍‌ରେ ଭିଡିଓ ତିଆରି କରୁଛନ୍ତି ତାହେଲେ ଏସବୁ କଥା ଜାଣି ରଖନ୍ତୁ....**




▶ଏବେ ଆପଣଙ୍କ ପାଖରେ ବ୍ୟାଣ୍ଡ ବାଜାର ସୁବିଧା ନାହିଁ କି ମନପସନ୍ଦର ଜାଗାକୁ ଯିବାର ସୁବିଧା ନାହିଁ। ତେଣୁ ଅଧିକ ଲୋକଙ୍କୁ ଆକୃଷ୍ଟ କରିବାକୁ ହେଲେ ଆପଣଙ୍କୁ ଏକ ସୁନ୍ଦର ବିଷୟ ବାଛିବାକୁ ହେବ।

▶ନିଜ ସହିତ ଘରର ଅନ୍ୟ କୌଣସି ବରିଷ୍ଠ ସଦସ୍ୟ କିମ୍ବା ଛୋଟପିଲାଙ୍କୁ ଟିକ୍ ଟକ୍ ଭିଡିଓରେ ରଖନ୍ତୁ। ଏହା ଆପେ ଆପେ ଫନି ଲାଗିବ।

▶ବର୍ତ୍ତମାନ ସମୟରେ କେହି ବି ଟିପ୍ ଟପ୍ କିମ୍ବା ଟ୍ରେଣ୍ଡି ଆଉଟଫିଟ୍ ଦେଖିବାକୁ ପସନ୍ଦ କରିବେ ନାହିଁ। ତେଣୁ ଆପଣ ନିଜ ଘରପିନ୍ଧା ଡ୍ରେସରେ କେଶରେ ମେହେନ୍ଦି ଲଗାଇଥିବାବେଳେ, ନିଦ ଆସୁଥିବାବେଳେ ସେଇ ସବୁ ଲୁକରେ ଭିଡିଓ କରନ୍ତୁ, ଫନି ଲାଗିବ ଓ ଲୋକେ ବେଶ୍ ପସନ୍ଦ କରିବେ।

▶ଆପଣ ନିଜ ଘରର ବାଲକୋନି କିମ୍ବା କମ୍ ବ୍ୟବହାର ହେଉଥିବା ସ୍ଥାନରେ ଭିଡିଓ କରନ୍ତୁ। ଏସବୁ ସ୍ଥାନରେ ଘରୋଇ ଉପକରଣ ଥିଲେ ବି ଭଲ ଲାଗିବ।

▶ଟିକ୍ ଟକ୍ ଭିଡିଓଟି ଖୁବ୍ କମ୍ ସମୟର ହୋଇଥିବା ଦରକାର। ଲୋକ ବେଶ୍ ପସନ୍ଦ କରିବେ ଏବଂ ହୁଏତ ଆପଣ ବି ଟିକ୍ ଟକ୍ ଷ୍ଟାର୍ ହୋଇଯିବେ।

## ଜାଣନ୍ତୁ ଦୁନିଆ

# ଅଜବ ପ୍ରଥା

**ପୃଥିବୀର ପ୍ରତିଟି ସ୍ଥାନରେ ବିଭିନ୍ନ ପ୍ରକାରର ଲୋକେ ରହୁଛନ୍ତି। ସେମାନଙ୍କର ଜାତି, ଧର୍ମ, ଭାଷା ଭଳି ପରମ୍ପରା ତଥା ପ୍ରଥା ମଧ୍ୟ ଭିନ୍ନ ଭିନ୍ନ। ତେବେ ଆସନ୍ତୁ ଜାଣିବା କେତେକ ସ୍ଥାନରେ ଚଳି ଆସୁଥିବା କିଛି ଅଜବ ପରମ୍ପରା ବିଷୟରେ .....**

➔ଦକ୍ଷିଣ କୋରିଆରେ ଲାଲ୍ ରଙ୍ଗରେ ନାଁ ଲେଖିବା ମନା। କାରଣ ସେଠାରେ ମୃତ ବ୍ୟକ୍ତିଙ୍କ ନାମ ଲାଲ୍ ରଙ୍ଗରେ ଲେଖାଯିବାର ପରମ୍ପରା ରହିଛି।

➔ଚାଇନାର ୱଲିଙ୍ଗ୍ ପର୍ବତାଞ୍ଚଳରେ ରହୁଥିବା ଫୁଜି ସମ୍ପ୍ରଦାୟର ଝିଅମାନେ ବାହା ହେଲେ ଏକ ମାସ ପର୍ଯ୍ୟନ୍ତ କାନ୍ଦିବାର ପ୍ରଥା ଏବେବି ଚଳିଆସୁଛି।

➔ବ୍ରାଜିଲ୍ ଏବଂ ଭେନେଜୁଆଲାରେ ରହୁଥିବା ୟାନୋମନି ଜନଜାତିରେ ଯଦି କାହାର ମୃତ୍ୟୁ ହୁଏ ତେବେ ମୃତଦେହ ଜାଳିବା ପରେ ସେଥିରୁ ଅସ୍ଥି ଏବଂ ପାଉଁଶ ସଂଗ୍ରହ କରାଯାଏ। ଏହାକୁ ଗୁଣ୍ଡ କରି ଏକ ପାଲେନ୍‌ଟାଇନ ସୁପ୍ ପ୍ରସ୍ତୁତ କରାଯାଇ ସେଥିରେ ମିଶାଯାଏ। ଶବ ସତ୍କାର ବେଳେ ଯୋଗ ଦେଇଥିବା ସମସ୍ତ ବ୍ୟକ୍ତି ଏହି ସୁପ୍ ପିଅନ୍ତି ଏବଂ ଏହାଦ୍ୱାରା ଉକ୍ତ ଆତ୍ମାର ସଦ୍‌ଗତି ହେବ ବୋଲି ସେମାନେ ବିଶ୍ୱାସ କରନ୍ତି।



➔ ଗ୍ରୀସ୍‌ରେ ବିବାହ ସମୟରେ ନୂଆ ବୋହୂ ଉପରେ ଛେପ ପକାଇବାର ଏକ ଅଜବ ପରମ୍ପରା ରହିଛି। ଏହାଦ୍ୱାରା ଭୂତପ୍ରେତ କିମ୍ବା କୌଣସି ଦୁଷ୍ଟଶକ୍ତିର ପ୍ରଭାବ ପଡି ନ ଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି । ତେବେ ଧିରେ ଧିରେ ଉପସ୍ଥିତ ଅତିଥି ନୂଆ ବୋହୂ ଉପରେ ଛେପ ପକାଇବା ପ୍ରଥା ବନ୍ଦ ହୋଇ କେବଳ ଆତ୍ମୀୟଙ୍କ ମଧ୍ୟରେ ଏହା ସୀମିତ ହୋଇଗଲାଣି।

➔ସମୟାନୁବର୍ତ୍ତିତା ଏକ ଏଭଳି ଗୁଣ, ଯାହାକି ଜଣଙ୍କୁ ଭଲ ମଣିଷର ପରିଚୟ ଦେବାରେ ସାହାଯ୍ୟ କରେ। ହେଲେ ପୃଥିବୀରେ ଏମିତିବି ଏକ ସ୍ଥାନ ରହିଛି ଯେଉଁଠି ସମୟ ପୂର୍ବରୁ କିମ୍ବା ଯଥା ସମୟରେ ପହଞ୍ଚିବା ନିମନ୍ତ୍ରିତ ଅତିଥିଙ୍କୁ ଗର୍ବି ତଥା ଅହଙ୍କାରୀର ପରିଚୟ ଦେଇଥାଏ। ଏହି ଅଜବ ପ୍ରଥା ଦେଖିବାକୁ ମିଳିଥାଏ ଭେନେଜୁଆଲାରେ। ତେଣୁ ସେଠାରେ ସାଧାରଣତଃ ନିମନ୍ତ୍ରଣ ସମୟର ୧୦-୧୫ ମିନିଟ୍ ପରେ ଅତିଥି ପହଞ୍ଚିଥାଆନ୍ତି।

# ‘ରୋଷେଇ ଶିଖୁଛି, ବାପାଙ୍କ କଥା ବୁଝୁଛି’

## କରୋନା ପ୍ରଭାବରେ ଗୃହାବଦ୍ଧ ଶ୍ରଦ୍ଧାଞ୍ଜଳିଙ୍କ ମନକଥା



**ଭୁବନେଶ୍ୱର, ୧୧।୪(କ୍ରୀଡ଼ା ପ୍ରତିନିଧି)**

କୋଭିଡ୍-୧୯ର କରାଳ କାୟା ସମଗ୍ର ବିଶ୍ୱ ସମୁଦାୟର ନିଦ ହଜାଇ ଦେଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୋଜନାବଦ୍ଧଭାବେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଭିନ୍ନଭିନ୍ନ ରଣନୀତିରେ କାର୍ଯ୍ୟ କରୁଛନ୍ତି। ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଭାରତ ଏବେ ଲକ୍‌ଡାଉନ୍‌ରେ ଅଛି। ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ ଏବେ ସମସ୍ତଙ୍କ ମୁହଁରେ। ନିହାତି ଆବଶ୍ୟକ ନ ଥିଲେ ଏବେ ସମସ୍ତେ ଘରେ ରହିବାକୁ ହିଁ ପସନ୍ଦ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାଭାବିକଭାବେ କ୍ରୀଡ଼ା ଜଗତ ସ୍ଥାଣୁ ଅବସ୍ଥାକୁ ଆସି ଯାଇଛି। କେଉଁଠି କିଛି ଖେଳ ନାହିଁ କିମ୍ବା କେବେ ଖେଳ ଆରମ୍ଭ ହେବ ତାକୁ ନେଇ କିଛି ଆକଳନ ମଧ୍ୟ କରି ହେଉନାହିଁ। କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସକୁ ଏକ ବର୍ଷ ପାଇଁ ଘୁଞ୍ଚାଇ ଦିଆ ଯାଇଛି। ତେବେ ନୂଆ ତାରିଖରେ ମଧ୍ୟ ଅଲିମ୍ପିକ୍ସ ଯେ ହୋଇ ପାରିବ ତାହାର ମଧ୍ୟ କିଛି ଗ୍ୟାରେଣ୍ଟି ନାହିଁ। ଏପରି ସ୍ଥିତିରେ ଆମ ରାଜ୍ୟର କ୍ରୀଡ଼ାବିତ୍‌ମାନେ ଗୃହାବଦ୍ଧ ହୋଇ ସମୟ କଟାଉଛନ୍ତି। ଖେଳ ତ ସମ୍ଭବ ନୁହେଁ, ତେଣୁ ଏବେ ଅନ୍ୟ କାର୍ଯ୍ୟପ୍ରତି ମନ ବଳାଉଛନ୍ତି। ନିଜକୁ ଫିଟ୍ ରଖିବା ପାଇଁ ଘର ଭିତରେ ଯେତିକି ସମ୍ଭବ ବ୍ୟାୟାମ କରିବା ବ୍ୟତୀତ କିଏ ଘର ଲୋକଙ୍କୁ କାମରେ ସାହାଯ୍ୟ କରୁଛନ୍ତି ତ ଆଉ କେହି ରୋଷେଇ ପ୍ରତି ମନ ବଳାଉଛନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମହିଳା ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବେ ଘର ଭିତରେ ବାପା ନେତ୍ରାନନ୍ଦ ସାମନ୍ତରାୟଙ୍କ ସହିତ ସମୟ କଟାଉଛନ୍ତି। ନୂଆ ନୂଆ ରୋଷେଇ ଶିଖିବା ସହ ବାପାଙ୍କ କଥା ବୁଝୁଛନ୍ତି ବୋଲି ପ୍ରକାଶ କରିଛନ୍ତି।

‘‘ଖେଳ ମୋର ଜୀବନ। ପିଲାଟି ଦିନରୁ ଫୁଟବଲ ଓ ପଢ଼ିଆ ଛଡ଼ା ମୁଁ ଅନ୍ୟକିଛି ଚିନ୍ତା କରେନାହିଁ । ମାତ୍ର ଏବେ କରୋନା ଭାଇରସ ସଂକ୍ରମଣ ଜନିତ କଟକଣା କାରଣରୁ ଘର ଭିତରେ ହିଁ ରହିବାକୁ ପଡୁଛି। ମୋ ଖେଳ ଜୀବନରେ ଏହା ସବୁଠାରୁ କଷ୍ଟକର ସମୟ। ତେବେ ଲୋକଙ୍କ ପାଇଁ ଯାହା ହିତକର କେନ୍ଦ୍ର ଓ ରାଜ୍ୟ ସରକାର ସେପରି ନିଷ୍ପତ୍ତି ହିଁ ନେଉଛନ୍ତି। ଏଥିରେ ମୋର ପୂରା ସମର୍ଥନ ରହିଛି। କାରଣ ଏହା ବ୍ୟତୀତ ଅନ୍ୟ ଉପାୟ ହିଁ କିଛି ନାହିଁ। ଲୋକମାନେ ସରକାରଙ୍କ ନିର୍ଦ୍ଦେଶକୁ ମାନି ଚଳନ୍ତୁ ବୋଲି ମୁଁ ଏହି ଅବସରରେ ନିବେଦନ କରିବାକୁ ଚାହୁଁଛି । ଫିଟ୍‌ନେସ ପାଇଁ ମୁଁ ଏବେ ଯେତିକି ସମ୍ଭବ ବ୍ୟାୟାମ କରୁଛି। ଅବଶିଷ୍ଟ ସମୟ ରୋଷେଇ ଶିଖୁଛି ଏବଂ ବାପାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଉଛି । ପ୍ରକୃତରେ ମୁଁ ବେଶିକିଛି ରୋଷେଇ ଶିଖି ନ ଥିଲି। ସତ କହିବାକୁ ଗଲେ ଏଥିପ୍ରତି ଧ୍ୟାନ ହିଁ ନ ଥିଲା । ଦୀର୍ଘ ଖେଳ ଜୀବନପରେ କୋଚିଂ ଏବଂ ଜାତୀୟ ଚୟନକର୍ତ୍ତାଭାବେ କାମ କରି ଆସିଛି। ଏବେ ଘରେ ରହୁଥିବାରୁ କିଛି ନୂଆ ରୋଷେଇ କରିବାକୁ ଇଚ୍ଛା ହେଉଛି। ରୋଷେଇ ସମୟରେ ବଡ଼ ଭଉଣୀ (ଓଡ଼ିଶାର ପ୍ରଥମ ମହିଳା ଫୁଟବଲ ଅଧିନାୟିକା) ଗୀତାଞ୍ଜଳି ସାମନ୍ତରାୟଙ୍କଠାରୁ ପରାମର୍ଶ ନେଉଛି । ଅନ୍ୟତମ ବଡ଼ ଭଉଣୀ ପୁଷ୍ପାଞ୍ଜଳି ସାମନ୍ତରାୟ ମଧ୍ୟ ମୋତେ ଏ କ୍ଷେତ୍ରରେ ବହୁତ ସାହାଯ୍ୟ କରୁଛନ୍ତି। ବାପା ମୋତେ ଅନେକ ସମୟରେ ଆବଶ୍ୟକ ପରାମର୍ଶ ଦେଉଛନ୍ତି । ନୂଆ ନୂଆ ପ୍ରକାର ଖାଦ୍ୟ କରି ନିଜେ ଖାଇବା ଏବଂ ବାପାଙ୍କୁ ଖୁଆଇବାରେ ଭିନ୍ନ ଆନନ୍ଦ ମିଳୁଛି’’ ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି । ନିକଟରେ ରହୁଥିବା ଭଉଣୀ ଏବଂ ପୁତୁରା ସମୟ ମିଳିଲେ ସନ୍ଧ୍ୟାବେଳେ ଆସିଥାନ୍ତି। ଆମେ ସାଥିହୋଇ ଛାତ ଉପରେ କିଛି ସମୟ ଫୁଟବଲ ଓ ବ୍ୟାଡ୍‌ମିଣ୍ଟନ ଖେଳିଥାଉ। ଏହା ବ୍ୟତୀତ ଘର ଭିତରେ ଲୁଡୁ ଖେଳି ମଧ୍ୟ ସମୟ କଟିଯାଏ ବୋଲି ନାଲ୍‌କୋରେ କାର୍ଯ୍ୟରତ ଶ୍ରଦ୍ଧାଞ୍ଜଳି କହିଛନ୍ତି ।

ପ୍ରକାଶ ଯୋଗ୍ୟ ଯେ ଦୀର୍ଘ ୨୮ ବର୍ଷ ଧରି ଫୁଟ୍‌ବଲ ସହିତ ଜଡ଼ିତ ରହି ଆସିଥିବା ଶ୍ରଦ୍ଧାଞ୍ଜଳି ଅନ୍ତର୍ଜାତୀୟ ସ୍ତରରେ ଜଣେ ସୁନାମଧନ୍ୟ ଖେଳାଳି ରହିବା ସହ ବିଭିନ୍ନ ସମୟରେ ଜାତୀୟ କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ଫୁଟ୍‌ବଲକୁ ସର୍ବୋତ୍କୃଷ୍ଟ ସମ୍ମାନ ଦେଇ ସେ ବିବାହ ବନ୍ଧନରୁ ଦୂରରେ ରହିଛନ୍ତି। ୧୯୯୨ରେ ରାଜ୍ୟରେ ମହିଳା ଫୁଟବଲର ଅସ୍ତିତ୍ୱ ନ ଥିବାବେଳେ ମା’ ରଶ୍ମି ସାମନ୍ତରାୟ ଓ ବାପା ନେତ୍ରାନନ୍ଦଙ୍କ ପ୍ରେରଣାରେ ସେ ଓ ଗୀତାଞ୍ଜଳି ଆଗକୁବଢ଼ି ଓଡ଼ିଶାରେ ମହିଳା ଫୁଟବଲର ଭିତ୍ତି ସ୍ଥାପନ କରିଥିଲେ। ଏହାର ସୁଫଳ ପରେ ରାଜ୍ୟକୁ ମିଳିଥିଲା । ବର୍ତ୍ତମାନ ମହିଳା ଫୁଟବଲରେ ଓଡ଼ିଶା ଜାତୀୟ ସ୍ତରରେ ବେଶ୍ ପ୍ରତିଷ୍ଠାଲାଭ କରିଛି। ୨୦୦୪ରେ ଭିଏତ୍‌ନାମର ହାନୋଇଠାରେ ଅନୁଷ୍ଠିତ ଏଏଫସି କପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ଶ୍ରଦ୍ଧାଞ୍ଜଳି। ୧୯୯୭ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତ ପକ୍ଷରୁ ମହିଳା ଏସିଆନ ଫୁଟବଲ, ଏସିଆନ ଗେମ୍ସ, ଏଏଫ୍‌ସି କପ୍, ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଏବଂ ଅଲିମ୍ପିକ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଏହା ବ୍ୟତୀତ ନିଜ ନେତୃତ୍ୱରେ ସେ ରାଜ୍ୟକୁ ଜାତୀୟ ସିନିୟର ମହିଳା ଫୁଟବଲ ଏବଂ ଜାତୀୟ କ୍ରୀଡ଼ାରେ ଚାମ୍ପିୟନ କରାଇଛନ୍ତି। ଖେଳ ଜୀବନପରେ ଜାତୀୟ କୋଚ୍ ଏବଂ ଚୟନକର୍ତ୍ତାଭାବେ ଦାୟିତ୍ୱ ସମ୍ପନ୍ନ କରି ଆସୁଛନ୍ତି। ୨୦୧୭ ମେ’ ୪ରେ ମା’ଙ୍କ ପରଲୋକ ପରେ ଭୁବନେଶ୍ୱରସ୍ଥିତ ଆଇଆରସି ଭିଲେଜ ବାସଭବନରେ ପିତା ନେତ୍ରାନନ୍ଦଙ୍କ ସହିତ ରହୁଛନ୍ତି। କେବେ ବିଶ୍ୱରୁ ସଙ୍କଟ ଟଳିବ ଏବଂ କ୍ରୀଡ଼ା ଜଗତ ପୁଣି ସକ୍ରିୟ ହେବ ସେହି ଚିନ୍ତାରେ ରହୁଛନ୍ତି ଏହି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଫୁଟବଲ ତାରକା ।



ପରିବାର ସଦସ୍ୟଙ୍କ ସହ ଶ୍ରଦ୍ଧାଞ୍ଜଳି

# କୋଭିଡ୍ ହେଲ୍ପଲାଇନ୍‌ରେ କାର୍ଯ୍ୟ କରୁଛନ୍ତି ଭିନିଥ୍

**ନୂଆଦିଲ୍ଲୀ, ୧୧।୪ (ପି.ଟି.):** କେରଳ ରାଜ୍ୟର ଲୋକପ୍ରିୟ ଫୁଟ୍‌ବଲର ସି.ଏସ୍, ଭିନିଥ୍ ସରକାରଙ୍କ ଏକ ହେଲ୍ପଲାଇନ୍ ସେଣ୍ଟରରେ ଯୋଗ ଦେଇଛନ୍ତି। କୋଭିଡ୍-୧୯ ମହାମାରୀ କିଭଳି ସାମ୍ନା କରିବାକୁ ହେବ ସେ ନେଇ ସେ ଲୋକମାନଙ୍କୁ ପରାମର୍ଶ ହେଉଛନ୍ତି। ୱିଙ୍ଗର ଭିନିଥ୍ ଜାତୀୟ ଦଳ ତରଫରୁ ଖେଳିଥାନ୍ତି। ୨୦୧୯-୨୦ ଇଣ୍ଡିଆନ ସୁପର ଲିଗ୍‌ରେ ସେ ଜାମ୍‌ସେଦପୁର ଏଫ୍‌ସି ଦଳ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। କନ୍ନୁର ସ୍ଥିତ ହେଲ୍ପଲାଇନ୍‌ରେ କାର୍ଯ୍ୟ କରିବା ଲାଗି କେରଳ ସ୍ପୋର୍ଟ୍ସ କାଉନ୍‌ସିଲ ତାଙ୍କ ସହ ଯୋଗାଯୋଗ କରିଥିଲା। ସେ ସଙ୍ଗେ ସଙ୍ଗେ ଏଥିରେ ରାଜି ହୋଇଯାଇଥିଲେ। ୩୧ବର୍ଷୀୟ ଭିନିଥଙ୍କର କେରଳରେ ବହୁ ସମର୍ଥକ ଅଛନ୍ତି। କେରଳ ଫେରିବା ପରେ ସେ ମାର୍ଚ୍ଚ ୨୮ରେ ହେଲ୍ପଲାଇନ୍ ସେଣ୍ଟରରେ ଯୋଗ ଦେଇଛନ୍ତି। ବିପଦ ହଟିବା ସହ ଲକ୍‌ଡାଉନ୍ ଉଠିବା ପର୍ଯ୍ୟନ୍ତ ସେ ଏହି କାର୍ଯ୍ୟକରିବେ ବୋଲି କହିଛନ୍ତି। କଲ୍ ସେଣ୍ଟରେ ଆମକୁ ସରକାରଙ୍କ ଗାଇଡ୍ ଲାଇନ୍ ଅନୁସାରେ କାର୍ଯ୍ୟ କରିବାକୁ ହେଉଛି। କଲ୍ ସେଣ୍ଟରରେ କାର୍ଯ୍ୟକରୁଥିବା ଆମ ସମସ୍ତଙ୍କୁ ବ୍ୟବହାର ପାଇଁ ଗ୍ଲୋଭ୍ସ, ମାସ୍କ ଏବଂ ସାନିଟାଇଜର ଯୋଗାଇ ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଆମ ଯିବା ଆସିବା ଘର ଓ ଅଫିସ୍ ମଧ୍ୟରେ ସୀମିତ ରହିଛି।



ହେଲ୍ପଲାଇନ୍ ସେଣ୍ଟରରେ ସିଏସ୍ ଭିନିଥ୍ (ମଝି)।

# ଏଆଇଏଫ୍‌ଏଫ୍ ଅଧ୍ୟକ୍ଷ ହେବାକୁ ଭୂଟିଆ ଆଗ୍ରହୀ

**ନୂଆଦିଲ୍ଲୀ, ୧୧।୪(ପି.ଟି.):** ଭବିଷ୍ୟତରେ ଦିନେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢିବି ବୋଲି ପୂର୍ବତନ ଭାରତୀୟ ଫୁଟବଲ ଅଧିନାୟକ ବାଇଚୁଙ୍ଗ୍ ଭୂଟିଆ କହିଛନ୍ତି। ଭାରତ ପାଇଁ ଦୀର୍ଘ ଏକ ଦଶନ୍ଧି ଧରି ଫୁଟବଲ ଖେଳିଆସିଥିବା ଓ ଭାରତୀୟ ଫୁଟବଲର ପୋଷ୍ଟର ବଏ ବିବେଚିତ ହୋଇ ଆସୁଥିବା ଭୂଟିଆ ୨୦୧୧ରେ ଅବସର ଘୋଷଣା କରିଥିଲେ। ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ସେ ଭବିଷ୍ୟତରେ ଏହି ପଦ ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି କହିଛନ୍ତି। ଏବେ ଦେଶରେ ତୃଣମୂଳ ସ୍ତରରେ କିପରି ଫୁଟବଲର ଉନ୍ନତି ହେବ ସେ ନେଇ ପ୍ରୟାସ ଜାରି ରଖିବି। ବାଇଚୁଙ୍ଗ ଭୂଟିଆ ଫୁଟବଲ ସ୍କୁଲ, ୟୁନାଟେଡ ସିକ୍କିମ କ୍ଲବ ଓ ଜିଲାସ୍ତରରେ ତୃଣମୂଳସ୍ତରରେ ଫୁଟବଲ ଉନ୍ନତି ପାଇଁ ଏବେ ଫୋକସ କରୁଛି ବୋଲି ସେ କହିଛନ୍ତି।

ଏବେ ୨୦୦୮ରୁ ପ୍ରଫୁଲ୍ଲ ପଟେଲ ଏଆଇଏଫ୍‌ଏଫ୍ ଅଧ୍ୟକ୍ଷଭାବେ କାର୍ଯ୍ୟ କରିଆସୁଛନ୍ତି। ପ୍ରିୟରଞ୍ଜନ ଦାସ ମୁନ୍‌ସୀ ଅସୁସ୍ଥ ହେବା ପରେ ସେ ଏହି ଗୁରୁ ଦାୟିତ୍ୱ ବହନ କରି ଆସୁଛନ୍ତି। ସେ ୨୦୧୨ରେ ଓ ପରେ ୨୦୧୬ରେ ଏଆଇଏଫ୍‌ଏଫ୍ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ତେବେ ସେ ଦେଶରେ ଲାଗୁ ହୋଇଥିବା ସ୍ପୋର୍ଟ୍ସ କୋଡ୍ ଯୋଗୁଁ ଚଳିତ ବର୍ଷ ପୁଣି ଥରେ ନିର୍ବାଚନ ନ ଲଢିବା ନିଶ୍ଚିତ ହୋଇଛି। ଭାରତ ପ୍ରଥମ ଫୁଟବଲ ଭାବେ ୪୩ ବର୍ଷୀୟ ଭୂଟିଆ ୧୦୦ ଅନ୍ତର୍ଜାତୀୟ ଫୁଟବଲ ମ୍ୟାଚ୍ ଖେଳି ରେକର୍ଡ କରିଥିଲେ। ନିଜର ଗୋଲ ସ୍କୋରିଂ କୌଶଳ ପାଇଁ ଭୂଟିଆ ବେଶ୍ ଜଣାଶୁଣା ଥିଲେ। ଏବେ ଭାରତୀୟ ଦଳ ତଥା ଏଫ୍‌ସି ଗୋଆ ଖେଳାଳି ବ୍ରାଣ୍ଡନ ଫର୍ନାଣ୍ଡିଜ୍ ଦେଶର ଶ୍ରେଷ୍ଠ ମିଡ୍ ଫିଲ୍ଡର ବୋଲି ଭୂଟିଆ କହିଛନ୍ତି। ଫର୍ନାଣ୍ଡିଜଙ୍କ ଖେଳ ମୋତେ ପ୍ରଭାବିତ କରିଛି। ଗୋଆ ପାଇଁ ସେ ଭଲ ପ୍ରଦର୍ଶନ କରୁଛନ୍ତି। ମିଡ୍‌ଫିଲ୍ଡରେ ସେ ପ୍ରଭାବୀ ପ୍ରଦର୍ଶନ କରି ଦଳକୁ ଏକାଧିକବାର ଜିତାଉଛନ୍ତି ବୋଲି ଭୂଟିଆ କହିଛନ୍ତି। ଫୁଟବଲର ଉନ୍ନତି ପାଇଁ ଉତ୍ତରପୂର୍ବାଞ୍ଚଳର ଯୁବ ବ୍ୟବସାୟୀମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିବେ ବୋଲି ସେ କହିଛନ୍ତି। କ୍ଲବ୍‌ଗୁଡିକୁ ପ୍ରାୟୋଜକ ମିଳିବା, ଖେଳାଳିମାନଙ୍କୁ ସମର୍ଥନ ଦେବା ସହ କ୍ରୀଡ଼ା ସରଞ୍ଜାମ ଓ ଟ୍ରେନିଂ ଦିଆଗଲେ ଉତ୍ତରପୂର୍ବାଞ୍ଚଳରେ ଫୁଟବଲର ଉନ୍ନତି ଆହୁରି ହୋଇପାରିବ ବୋଲି ସେ ମତ ଦେଇଛନ୍ତି।





# କ୍ରୁନାଲ, ହାର୍ଦ୍ଦିକଙ୍କ ପ୍ରତିଭାକୁ ଚିହ୍ନିଥିଲେ ରାଇଟ୍

**ନୂଆଦିଲ୍ଲୀ, ୧୧।୪:** ପାଣ୍ଡ୍ୟା ବ୍ରଦର୍ସଭାବେ ପରିଚିତ କ୍ରୁନାଲ ଏବଂ ହାର୍ଦ୍ଦିକ ଭାରତୀୟ କ୍ରିକେଟରେ ଦୁଇ ପରିଚିତ ନାମ। ଦୁହେଁ ଅଲରାଉଣ୍ଡର। କ୍ରୁନାଲ ସ୍ପିନର ହୋଇଥିବାବେଳେ ହାର୍ଦ୍ଦିକ ମିଡିୟମ ପେସର। ତେବେ ଫର୍ମରେ ଥିବାବେଳେ କଷ୍ଟସାଧ୍ୟ ପରିସ୍ଥିତିରେ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ବିପଦରୁ ଉଦ୍ଧାର କରିବାରେ ଉଭୟ ମାହିର। ଏହି ଦୁଇ ଭାଇ ସୟଦ ମୁସ୍ତାକ ଅଲୀ କ୍ରିକେଟ ଟୁର୍ନାମେଣ୍ଟରୁ ଆବିଷ୍କୃତ ହୋଇଥିଲେ। ପୂର୍ବତନ କୋଚ୍ ଜନ୍ ରାଇଟ୍ ଏହି ଦୁଇଭାଇଙ୍କ ପ୍ରତିଭାକୁ ଚିହ୍ନି ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସୁଯୋଗ ଦେଇଥିଲେ। ପରେ ପ୍ରଦର୍ଶନ ଭିତ୍ତିରେ ଦୁହେଁ ଜାତୀୟ ଦଳରେ ପ୍ରବେଶ କରିଥିଲେ। ପିଠିରେ ଯନ୍ତ୍ରଣା ଯୋଗୁ ହାର୍ଦ୍ଦିକ କିଛିଦିନଧରି କ୍ରିକେଟରୁ ଦୂରେଇ ରହିଛନ୍ତି। ଗତବର୍ଷ ଅଗଷ୍ଟରେ ସେ ଅସ୍ତ୍ରୋପଚାର ମଧ୍ୟ କରାଇଛନ୍ତି। କ୍ରୁନାଲ ଭାରତୀୟ ଟି୨୦ ଦଳର ଜଣେ ନିୟମିତ ସଦସ୍ୟ ପାଲଟିଛନ୍ତି। ଗତ ମାସରେ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ହାର୍ଦ୍ଦିକଙ୍କ ପାଇଁ ପ୍ରତ୍ୟାବର୍ତ୍ତନ ସୁଯୋଗ ଥିଲା। ମାତ୍ର କରୋନା ଭାଇରସ୍ ସଂକ୍ରମଣର ପ୍ରଭାବରୁ ଏହି ସିରିଜ ବାତିଲ ହୋଇଗଲା । ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲରେ) ଦୁଇଭାଇ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥାନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଜନ୍ ରାଇଟ ପରେ ମୁମ୍ବାଇ ଇଣ୍ଡିଆନ୍ସର ମଧ୍ୟ କୋଚ୍ ଥିଲେ । ଏହି ଅବସରରେ ସେ ସୟଦ ମୁସ୍ତାକ ଅଲୀ କ୍ରିକେଟ ଟୁର୍ନାମେଣ୍ଟରେ କ୍ରୁନାଲ ଓ ହାର୍ଦ୍ଦିକଙ୍କ ପ୍ରଦର୍ଶନକୁ ଦେଖି ପ୍ରଭାବିତ ହୋଇଥିଲେ । ଏ ସମ୍ପର୍କରେ ଅତୀତକୁ ମନେ ପକାଇଛନ୍ତି କ୍ରୁନାଲ। ‘‘ଅତୀତରେ ଏକଦା ସ୍ୱିଡ୍ ପୋଷ୍ଟ ସରକାରୀ ଚାକିରି ଟ୍ରାଏଲ ପାଇଁ ମୋତେ ପତ୍ର ମିଳିଥିଲା। ବାପା କହିଥିଲେ ଯେ, ଏହା ଏକ ଭଲ ସୁଯୋଗ। ମାସକୁ ୧୫ରୁ ୨୦ ହଜାର ଟଙ୍କା ମିଳିବ, ତେଣୁ ତୁମେ ଏଥିପାଇଁ ଚେଷ୍ଟା କରିବା ଉଚିତ। ମାତ୍ର ସେହି ସମୟରେ ମୋତେ ବରୋଦା ଟିମ୍ ପକ୍ଷରୁ ସୟଦ ମୁସ୍ତାକ ଅଲୀ ଟ୍ରଫି ପାଇଁ ମଧ୍ୟ ଟ୍ରାଏଲ ସୁଯୋଗ ମିଳିଥିଲା। ମୁଁ ପୂର୍ବ ୨-୩ ବର୍ଷ ଧରି କଠିନ ପରିଶ୍ରମ କରିଥିବାରୁ ଜଣେ ଖେଳାଳି ହେବାକୁ ଉଚିତ ମନେକଲି। ମୁଁ ବରୋଦା ଟିମ୍ ଟ୍ରାଏଲକୁ ଗଲି ଏବଂ ଭଲ ପ୍ରଦର୍ଶନ କରି ଚୟନ ହେଲି । ହାର୍ଦ୍ଦିକ ପୂର୍ବରୁ ଟିମ୍‌ରେ ଥିଲେ। ଆମେ ସାଥୀହୋଇ ସୟଦ ମୁସ୍ତାକ ଅଲୀ ମ୍ୟାଚ ମୁମ୍ବାଇରେ ଖେଳିଲୁ। ମୁମ୍ବାଇ ଇଣ୍ଡିଆନ୍ସ କୋଚ୍ ଜନ ରାଇଟ ଆମ ଦୁଇ ଭାଇଙ୍କ ପ୍ରତିଭାରେ ପ୍ରଭାବିତ ହେଲେ ଏବଂ ଆମ ନିକଟରେ ବହୁ ପ୍ରତିଭାଥିବା କଥା କହିଲେ। ସେ ଆମ ଦୁହିଁଙ୍କୁ ଚୟନ କଲେ ଏବଂ ଆମ ଜୀବନଶୈଳୀ ବଦଳି ଗଲା’’ ବୋଲି ହାର୍ଦ୍ଦିକ ପ୍ରକାଶ କରିଛନ୍ତି। ଯଦି ସେତେବେଳେ ମୁଁ ବରୋଦା ଦଳର ଟ୍ରାଏଲକୁ ନ ଆସି ସ୍ୱିଡ୍ ପୋଷ୍ଟ ଚାକିରି ଟ୍ରାଏଲକୁ ଯାଇଥାନ୍ତି ତେବେ ସମ୍ଭବତଃ ଆମ ଜୀବନଶୈଳୀ ଭିନ୍ନ ହୋଇଥାନ୍ତା ବୋଲି କ୍ରୁନାଲ କହିଛନ୍ତି।

# ଅଶ୍ୱିନଙ୍କ ତୁଳନାରେ ଲିୟନ ଉନ୍ନତ ଅଫ୍ ସ୍ପିନରଃ ବ୍ରାଡ୍ ହଗ୍

**ନୂଆଦିଲ୍ଲୀ, ୧୧।୪ (ପି.ଟି.):** ରବିଚନ୍ଦ୍ରନ ଅଶ୍ୱିନ ଜଣେ ଉଚ୍ଚକୋଟୀର ଅଫ୍‌ସ୍ପିନର ଓ ତାଙ୍କର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ। ତେବେ ଅଶ୍ୱିନଙ୍କଠାରୁ ନିଜ ଦେଶର ନାଥନ ଲିୟନ ଭଲ ଅଫ୍‌ସ୍ପିନର ବୋଲି ଅଷ୍ଟ୍ରେଲିଆର ପୂର୍ବତନ ବୋଲର ବ୍ରାଡ ହଗ୍ କହିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ ଅଶ୍ୱିନଙ୍କୁ ପଛରେ ପକାଇଛନ୍ତି ହଗ୍ ବୋଲି ସେ କହିଛନ୍ତି। ସାରା ବିଶ୍ୱ ଏବେ ଲକ୍‌ଡାଉନ୍‌ରେ ଥିବା ବେଳେ ପ୍ରଶଂସକଙ୍କ ଉତ୍ତର ଦେବା ବେଳେ ୪୯ ବର୍ଷୀୟ ହଗ୍ ଏହି କଥା କହିଛନ୍ତି। ହଗ୍ ଅଷ୍ଟ୍ରେଲିଆ ପାଇଁ ୭ଟି ଟେଷ୍ଟ ଓ ୧୨୩ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟ କ୍ରିକେଟ ଅଶ୍ୱିନ ଓ ଲିୟନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ବୋଲି ଜଣେ ପ୍ରଶଂସକ ପ୍ରଶଂସା କରିଥିଲେ। ଗତ କେତେବର୍ଷ ହେବ ଲିୟନ ଅଶ୍ୱିନଙ୍କଠାରୁ ଜଣେ ଅଫ୍ ସ୍ପିନର ଭାବେ ଅଧିକ ଭଲ ପ୍ରଦର୍ଶନ କରିଆସୁଛନ୍ତି। ତେବେ ଦୁଇଜଣ ବୋଲର ଯେପରି ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରୁଛନ୍ତି ତାହା ପ୍ରଶଂସନୀୟ। ବିଦେଶରେ ଅଶ୍ୱିନଙ୍କ ସଫଳତା ହାର କମ୍। ବୋଧହୁଏ ଏହାକୁ ଲକ୍ଷ୍ୟ କରି ହଗ୍ ଏହି ମତ ଦେଇପାରନ୍ତି। ତେବେ ଲିୟନ ସବୁ ପ୍ରକାର ପରିସ୍ଥିତିରେ ଉଇକେଟ ହାସଲ କରିବାରେ ସଫଳ ହୋଇଛନ୍ତି। ଅଶ୍ୱିନ ୭୧ଟି ଟେଷ୍ଟ ଖେଳି ୩୬୫ଟି ଉଇକେଟ ହାସଲ କରିଛନ୍ତି। ସେହିପରି ଲିୟନ ୯୬ ଟେଷ୍ଟ ଖେଳି ୩୯୦ ଉଇକେଟ ପାଇଛନ୍ତି।



# ‘ଅବସର ପାଇଁ ଧୋନୀଙ୍କୁ ବାଧ କରା ନ ଯାଉ’

**ମୁମ୍ବାଇ, ୧୧।୪(ପି.ଟି.):** ଭାରତୀୟ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଅବସର ନେବାକୁ ବାଧ କରାଯିବା ଉଚିତ ନୁହଁ। ଏକଥା କହିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସିର ହୁସେନ। ଧୋନୀଙ୍କ ଭଳି ଖେଳାଳି ଗୋଟିଏ ପିଢିରେ ଥରେ ଆସିଥାନ୍ତି। ଆଉଥରେ ଧୋନୀଙ୍କ ଭଳି ଜଣେ ଖେଳାଳି ଆସିବେ ନାହିଁ। ତେଣୁ ଅବସର ନେଇ ତାଙ୍କୁ ବାଧ କରିବା ପୂର୍ବରୁ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତୀୟ କ୍ରିକେଟ ପାଇଁ ସେ ଆହୁରି କିଛି ଅବଦାନ ଦେଇପାରିବେ। ୩୮ ବର୍ଷୀୟ ଧୋନୀଙ୍କ ନିକଟରେ ଏବେ ବି କ୍ରିକେଟ ବାକି ଅଛି ବୋଲି ସେ କହିଛନ୍ତି।

ଥରେ ଧୋନୀ ଚାଲିଗଲେ, ଆଉ ଆସିବେ ନାହିଁ। ଅବସର ନେଇ କେବଳ ଧୋନୀଙ୍କୁ ନିଷ୍ପତ୍ତି ନେବାର ସ୍ୱାଧୀନତା ଦେବା ଆବଶ୍ୟକ। ଅବସର କେବେ ନେବାକୁ ହେବ ତାହା ଧୋନୀ ହିଁ ଜାଣିଛନ୍ତି ବୋଲି ୫୨ ବର୍ଷୀୟ ହୁସେନ କହିଛନ୍ତି। ଗତ ଜୁଲାଇରେ ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଧୋନୀ ଶେଷଥର ଭାରତ ପାଇଁ ଖେଳିଥିଲେ। ଏହାପରଠାରୁ ସେ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ମ୍ୟାଚ୍ ଖେଳିନାହାନ୍ତି। ତେବେ ଧୋନୀ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଏବେ କଷ୍ଟକର ବୋଲି ପୂର୍ବତନ କ୍ରିକେଟର ସୁନୀଲ ଗାଭାସ୍କର ଓ କପିଳ ଦେବ ପୂର୍ବରୁ କହିସାରିଛନ୍ତି।

ତେବେ ଧୋନୀ ଏବେ ବି ଭାରତୀୟ ଦଳ ପାଇଁ ଖେଳିବାର କ୍ଷମତା ରଖିଛନ୍ତି। ଭାରତ ପାଇଁ ସେ ଆହୁରି ବହୁ ପରିମାଣରେ କ୍ରିକେଟ ଖେଳିପାରିବେ। ତେବେ ଗତ ବିଶ୍ୱକପ୍‌ରେ ଧୋନୀ ଏକାଧିକ ତ୍ରୁଟି କରିଥିବା କଥା ହୁସେନ କହିଛନ୍ତି।



# ଡାଲ୍‌ଗ୍ଲିଶ କରୋନା ପଜିଟିଭ୍

**ଲଣ୍ଡନ, ୧୧।୪(ଏଏଫ୍‌ପି):** ଲିଭରପୁଲ କିମ୍ବଦନ୍ତୀ ଫୁଟବଲର କେନି ଡାଲଗ୍ଲିଶ୍ କୋଭିଡ୍-୧୯ ପଜିଟିଭ୍ ବୋଲି ଜଣାପଡିଛି। ୬୯ ବର୍ଷୀୟ ଏହି ପୂର୍ବତନ ଫୁଟବଲର ତଥା ଅନ୍ତର୍ଜାତୀୟ ଷ୍ଟ୍ରାଇକର ସେଲ୍‌ଟିକ କ୍ଲବ ତରଫରୁ ଖେଳି କ୍ୟାରିୟର ଆରମ୍ଭ କରିଥିଲେ। ବୁଧବାର ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା ଓ ସେ ମଧ୍ୟ ଆଦୌ ଅସୁସ୍ଥ ନ ଥିଲେ। ତେବେ ଏହା ସତ୍ତ୍ୱେ ସେ କରୋନା ପଜିଟିଭ ଥିବା ଜଣାପଡିଥିଲା। ହସ୍ପିଟାଲରେ ଭର୍ତ୍ତି ହେବା ପୂର୍ବରୁ ସେ ସେଲ୍ଫ ଆଇସୋଲେଶନରେ ନିଜକୁ ରଖି ସାମାଜିକ ଦୂରତ୍ୱ ରକ୍ଷା କରିଥିଲେ। ଡଲଗ୍ଲିଶ୍ ୧୯୭୭ରେ ଲିଭରପୁଲ କ୍ଲବ୍‌ରେ ଯୋଗଦେଇଥିଲେ। ତେବେ ଏହାପୂର୍ବରୁ ସେ ସେଲଟିକ ତରଫରୁ ଖେଳି ୪ଥର ସ୍କଟିଶ ଲିଗ୍ ଟାଇଟଲ ଜିତିଥିଲେ। ନିଜର ସ୍ୱର୍ଣ୍ଣିମ ୧୩ ବର୍ଷର କ୍ୟାରିୟରରେ ସେ ୮ଟି ଇଂଲିଶ ଲିଗ୍ ଟାଇଟଲ, ୩ ଫିଫା କପ୍ ଓ ୩ ୟୁରୋପିଆନ୍ କପ୍ ଟାଇଟଲ ହାସଲ କରିଥିଲେ।



# ସମସ୍ତ ଖେଳାଳିଙ୍କ କରୋନା ଟେଷ୍ଟ ହେବ

**ଲଣ୍ଡନ, ୧୧।୪ (ଏଏଫ୍‌ପି):** କରୋନା ଭାଇରସ ପାଇଁ ସମସ୍ତ ଫୁଟ୍‌ବଲରଙ୍କ ଟେଷ୍ଟ ହେବା ପରେ ଯାଇ ଇଂଲିଶ ସିଜନର ପୁନଃ ଆରମ୍ଭ ହେବ। ଲିଗ୍ ମ୍ୟାନେଜର୍ସ ଆସୋସିଏଶନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ରିଚାର୍ଡ ବେଭାନ ପ୍ରକାଶ କରିଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ବ୍ରିଟେନରେ ପାଖାପାଖି ୯,୦୦୦ ଲୋକ ମୃତ୍ୟୁ ବରଣ କରିସାରିଲେଣି। ଏକମାସ ହେଲା ଫୁଟ୍‌ବଲ ଖେଳ ହୋଇ ନାହିଁ। ସ୍ଥିତିର ସୁଧାର ଆସିଲେ ଯଦି ଖେଳ ପୁନଃ ଆରମ୍ଭ ହୁଏ ତେବେ ସିଜନକୁ ୫୬ ଦିନରେ ଶେଷ କରାଯାଇପାରିବ ବୋଲି ଫୁଟ୍‌ବଲ ଲିଗ୍ ମୁଖ୍ୟମାନେ କହୁଛନ୍ତି। ବେଭାନ କହିଛନ୍ତି, ଏପ୍ରିଲ ମାସ ଶେଷ ପର୍ଯ୍ୟନ୍ତ ଲିଗ୍‌ର ପୁନଃ ଆରମ୍ଭ ନେଇ କୌଣସି ପୂର୍ବାନୁମାନ କରିବା ସମ୍ଭବପର ନୁହେଁ। ଜର୍ମାନୀ କଥା ଯଦି ଦେଖିବା ତେବେ ଏହି ଦେଶରେ ବର୍ତ୍ତମାନ ଦୈନିକ ୫୦,୦୦୦ କରୋନା ଭାଇରସ୍ ଟେଷ୍ଟ ହେଉଛି। ସେ ତୁଳନାରେ ଆମ ଦେଶରେ ଏହି ସଂଖ୍ୟା ଦୈନିକ ୧୦,୦୦୦ ରହିଛି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଆମକୁ କୋଚ୍ ଏବଂ ମ୍ୟାନେଜରମାନଙ୍କ ମତାମତକୁ ଧ୍ୟାନ ଦେବାକୁ ପଡ଼ିବ। ପଡ଼ିଆକୁ ଫେରିବାକୁ ହେଲେ ଖେଳାଳିମାନଙ୍କୁ ଅତି କମ୍‌ରେ ୩ ସପ୍ତାହ ଟ୍ରେନିଂ ନେବାକୁ ପଡ଼ିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସ୍ୱାସ୍ଥ୍ୟ। ଜଣେ ଖେଳାଳି ସମ୍ପୂର୍ଣ୍ଣ ଫିଟ୍ ନ ହେଲେ ପଡ଼ିଆକୁ ଫେରିବା ଠିକ୍ ହେବ ନାହିଁ।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ